ଧରିତ୍ରୀ 51 Years

ପୃଷ୍ଠା–୮+୮

# ଧରିତ୍ରୀ DHARITRI

ଭୁବନେଶ୍ୱର, ସୋମବାର, ସେପ୍ଟେମ୍ବର ୨୨/୨୦୨୫ (୮+୮=୧୬ ପୃଷ୍ଠା) | Bhubaneswar, Monday, September 22/2025 | Page 16 | ₹ 7.00

୫୧ଶ ଭାଗ ୨୯୮ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 51 ISSUE 298 | ମୂଲ୍ୟ ₹୭/-






| ପୁରୁଣା ଏକ୍ସ-ଶୋ'ରୁମ୍ | GST ବେନିଫିଟ୍ସ | ନୂଆ ଏକ୍ସ-ଶୋ'ରୁମ୍ |
|---|---|---|
| ₹80 716* ରୁ ଆରମ୍ଭ | ₹6 309 | ₹74 407* ରୁ ଆରମ୍ଭ |

ଡାଉନ୍ ପେମେଣ୍ଟ ₹1999^ ରୁ ଆରମ୍ଭ

ଦିନ ପିଚ୍ଛା EMI ₹69^ ରୁ ଆରମ୍ଭ

ତତକ୍ଷଣାତ୍ ରିହାତି ₹10 000^ ପର୍ଯ୍ୟନ୍ତ HDFC BANK FESTIVE TREATS କ୍ରେଡିଟ୍ କାର୍ଡ Powered by pine labs

5 crore+ HAPPY CUSTOMERS

Splendor+ WORLD'S NO.1 MOTORCYCLE

INDIA'S FIRST 5 YEAR WARRANTY* *Conditions apply

Hero GoodLife 100% କ୍ୟାସବ୍ୟାକ୍ | ସ୍ୱର୍ଣ୍ଣ ମୁଦ୍ରା ଜିତିବାର ସୁଯୋଗ ଏବଂ ଆହୁରି ଅନେକ ସୁନିଶ୍ଚିତ ଲାଭ ପାଆନ୍ତୁ#

Also available on Flipkart amazon.in

Hero MotoCorp Ltd, Regd. Office: The Grand Plaza, Plot No.2, Nelson Mandela Road, Vasant Kunj Phase - IL. New Delhi - 110070, India. | CIN: L35911DL1984PLC0173541. For further information, contact your nearest Hero MotoCorp authorised outlet or CALL TOLL-FREE 1800 266 0018 or visit us on www.heromotocorp.com . Accessories and features shown may not be a part of standard fitment. Always wear a helmet while riding a two-wheeler. As per cumulative dispatch numbers till August 2025. 5 crore customers as per the cumulative dispatch numbers of the Splendor family series of motorcycles till March 2025. ^Finance offers are at the sole discretion of the financier, subject to its respective T&Cs. Hero MotoCorp reserves the rights to modify or withdraw any or all the offers without prior notice. #Limited period offer, T&C apply. *Ex-showroom prices are applicable in Odisha.

TOLL FREE 1800 266 0018

**Authorized Dealers: Baripada:** Aditya Hero, Ph: 7799766370, **Bhadrak:** Sanjib Hero, Ph: 9289922608, **Cuttack:** J.m.g. Hero, Ph: 9289922178, Sunny Hero, Ph: 9289922697, Essen Hero, Ph: 9289923078, **Jagatsinghpur:** Sunny Autobikes, Ph: 9289233592, **Bhubaneswar:** Rohan Hero, Ph: 9289922474, Bharat Hero, Ph: 9289922180, Dd Hero, Ph: 0674,2747448 / 9439650824, Arundhati Hero, Ph: 9289923183, Vishal Hero, Ph: 9289922984, **Nayagarh:** Bhagabati Hero, Ph: 9289922687, **Puri:** Sanjib Hero, Ph: 9289923107, **Chandikhol:** S. K. Hero, Ph: 9289922900, **Jajpur Road:** Soumik Hero, Ph: 9289922611, **Authorized Herosure Dealers: Bhubaneshwar:** Arundhati Motobikes, Ph: 7682841658, **Associate Dealers: Telkoi:** Panchamukhi Motors, Ph: 9717004926, **Barbil:** Wheels Motors, Ph: 9776931870, **Rairangpur:** Maa Sakambari Motors, Ph: 7008581719, **Mayurbhanj:** J.K. Motors, Ph: 9040909925, **Mayurbhanj:** Mahaveer Motors, Ph: 7326872255/9853290346, **Basudevpur:** Bidyalalita Automobile, Ph: 9827487072, **Kamrda:** Siddhivinayak Motors, Ph: 7208675074, **Rahama:** Sarala Automobiles, Ph: 9937018532, **Kendrapara:** Baishnabi Motors, Ph: 9437000437, **Pattamundai:** Mishra Auto, Ph: 9853843713, **Narsinghpur:** Ambika Motocorp, Ph: 9861811411, **Nimapara:** Basudev Automobiles, Ph: 9861020724, **Pipili:** Shri Ram Motors, Ph: 9437110789, **Balugaon:** Mahamayee Motors, Ph: 9437004624, **Khurdha:** Dinesh Trading Co., Ph: 9778097876, **Sakhigopal:** Sai Motors, Ph: 9439765820, **Begunia:** Rashmi Automobiles, Ph: 9178316145, **Balipatna:** M/S Jagannath Motors, Ph: 7064309702, **Chandpur:** Apsara, Ph: 9861418161, **Khuakia:** Binayak Automobiles, Ph: 9090444379, **Jajpur Town:** Ayush Automobiles, Ph: 9556189870, **Champus:** S.K. Motors, Ph: 9437200263, **Banamalipur:** Duladei Motors, Ph: 7735425890, **Sunderpada:** Basudev Motors, Ph: 6371525029, **Nakhra:** S.G. Automobiles, Ph: 9778779778, **Balichandanpur:** Tarini Motocorp, Ph: 9437118933, **Nischitakoili:** Ajs Automobiles, Ph: 9439754039, **Katikata:** Naaz Automobiles, Ph: 9866243937, **Tangi:** Sanam Motors, Ph: 9438703786, **Turmunga:** Maa Tarini Motors, Ph: 9777780823, **Harichandanpur:** Kalindi Motors, Ph: 9938989407.

RS/Hero/09/25




| ପୁରୁଣା ଏକ୍ସ ଶୋ-ରୁମ | GST ଫାଇଦା | ନୂଆ ଏକ୍ସ ଶୋ-ରୁମ |
|---|---|---|
| ଆରମ୍ଭ ₹91,999# ରୁ | ₹7,191 | ଆରମ୍ଭ ₹84,808# ରୁ |

ଡାଉନ୍ ପେମେଣ୍ଟ ₹1,999^ ରୁ ଆରମ୍ଭ

ଦିନ ପିଛା ଇଏମଆଇ ₹79^ ଟଙ୍କାରୁ ଆରମ୍ଭ

ତତକ୍ଷଣାତ୍ ରିହାତି ₹10,000^ ଟଙ୍କା ପର୍ଯ୍ୟନ୍ତ
HDFC BANK FESTIVE TREATS କ୍ରେଡିଟ୍ କାର୍ଡ
Powered by pine labs

ଅଧିକ ଜାଣିବା ପାଇଁ ସ୍କାନ କରନ୍ତୁ

INDIA'S FIRST 5 YEAR WARRANTY* *Conditions apply

Hero GoodLife — Stand a chance to win 100% Cashback | 24 Carat Gold Coin and many more assured benefits^

Also available on Flipkart amazon.in

Hero MotoCorp Ltd. Regd. Office: The Grand Plaza, Plot No.2, Nelson Mandela Road, Vasant Kunj Phase - II, New Delhi - 110070, India. I CIN: L35911DL1984PLC017354 I For further information, contact your nearest Hero MotoCorp authorised outlet or visit us on www.HeroMotoCorp.com. Accessories and features shown may not be a part of standard fitment. Always wear a helmet while riding a two-wheeler. 125M is as per the cumulative dispatch number till Aug 2025. *Based on the data available in the public forum for products in 125cc Motorcycle segment. AERA Tech is Advanced Electronic Ride Assist Technology. ^Finance offer is at the sole discretion of the financier, subject to its respective T&Cs. Available at select dealerships. #Ex-showroom price of Glamour X Drum variant in Bhubaneshwar.

ଟୋଲ ଫ୍ରି ନମ୍ବର 1800 266 0018

Authorised Dealers: , Baripada: Aditya Hero, Ph: 7799766370, Bhadrak: Sanjib Hero, Ph: 9289922608, Cuttack: JMG Hero, Ph: 9289922178, Sunny Hero, Ph: 9289922697, Essen Hero, Ph: 9289923078, Jagatsinghpur: SUNNY AUTOBIKES , Ph: 9289233592, Bhubaneswar: Rohan Hero, Ph: 9289922474, Bharat Hero, Ph: 9289922180, DD Hero, Ph: 0674-2747448 / 9439650824, Arundhati Hero, Ph: 9289923183, Vishal Hero, Ph: 9289922984, Nayagarh: Bhagabati Hero, Ph: 9289922687, Puri: Sanjib Hero, Ph:9289923107,Chandikhol: S. K. Hero, Ph: 9289922900, , Jajpur Road: Soumik Hero, Ph: 9289922611 Authorised HeroSure Dealers: Bhubaneshwar: Arundhati Motobikes ,Ph- 7682841658 Associate Dealers: Telkoi:Panchamukhi Motors-9717004926, Barbil:Wheels Motors-9776931870 Rairangpur:Maa Sakambari Motors-7008581719, Mayurbhanj:Jk Motors-9040909925, Mayurbhanj:Mahaveer Motors-7326872255/9853290346, BasudevPur:Bidyalalita Automobile-9827487072, Kamrda:Siddhivinayak Motors-7208675074 , Rahama:Sarala Automobiles-9937018532, Kendrapara: Baishnabi Motors-9437000437 Pattamundai:Mishra Auto-9853843713, Narsinghpur:Ambika Motocorp-9861811411, Nimapara:Basudev Automobiles-9861020724, Pipili:Shri Ram Motors-9437110789, Balugaon: Mahamayee Motors-9437004624, Khurdha:Dinesh Trading Co.-9778097876, Sakhigopal:Sai Motors-9439765820, Begunia:Rashmi Automobiles-9178316145, Balipatna:M/S Jagannath Motors-7064309702, Chandpur:Apsara-9861418161, Khuakia:Binayak Automobiles-9090444379 Jajpur Town:Ayush Automobiles-9556189870, Champus: SK Motors- 9437200263, Banamalipur: Duladei Motors- 7735425890, Sunderpada:Basudev Motors- 6371525029, Nakhra: S.G. Automobiles- 9778779778, Balichandanpur: Tarini Motocorp- 9437118933, Nischitakoili: AJS Automobiles- 9439754039, , Katikata: Naaz Automobiles- 9866243937, Tangi: Sanam Motors- 9438703786, Turmunga: Maa Tarini Motors- 9777780823, Harichandanpur: Kalindi Motors- 9938989407.

FCB INTERFACE/8486/SEP25/ORIYA

ଧରିତ୍ରୀ 51 Years
DHARITRI
ଭୁବନେଶ୍ୱର, ସୋମବାର, ସେପ୍ଟେମ୍ବର ୨୨/୨୦୨୫ | Bhubaneswar, Monday, September 22/2025


# ଜିଏସ୍‌ଟି ସଂସ୍କାର ବିକାଶକୁ ତ୍ୱରାନ୍ୱିତ କରିବ

**ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦେଶବାସୀଙ୍କୁ ବିଦେଶୀ ସାମଗ୍ରୀ ବ୍ୟବହାର ବନ୍ଦ କରି 'ସ୍ୱଦେଶୀ' ଆପଣାଇବାକୁ ରବିବାର ପରାମର୍ଶ ଦେଇଛନ୍ତି। ସାମଗ୍ରୀ ଓ ସେବା ଟିକସ (ଜିଏସ୍‌ଟି)ର ନୂଆ ହାର ଲାଗୁ ହେବାର ଦିନକ ପୂର୍ବରୁ ପ୍ରଧାନମନ୍ତ୍ରୀ ଜାତିଉଦ୍ଦେଶ୍ୟରେ ସମ୍ବୋଧିତ କରି କହିଛନ୍ତି, ପରବର୍ତ୍ତୀ ପିଢ଼ି ଜିଏସ୍‌ଟି ସଂସ୍କାର ଭାରତର ବିକାଶ କାହାଣୀକୁ ତ୍ୱରାନ୍ୱିତ କରିବ। ଏହା ବିଜ୍‌ନେସରେ ସହଜତା ଆଣିବା ସହ ଅଧିକରୁ ଅଧିକ ନିବେଶକଙ୍କୁ ଆକର୍ଷିତ କରିବ। ଏତିକି ନୁହେଁ, ଏକ ମଜଭୁତ ଆତ୍ମନିର୍ଭରଶୀଳ ଭାରତ ଗଠନ ଦିଗରେ ଏହି ପ୍ରୟାସ ସହାୟକ ହେବ ବୋଲି ସେ ମତ ରଖିଛନ୍ତି।**

## ସ୍ୱଦେଶୀ ଆପଣାଇବାକୁ ପ୍ରଧାନମନ୍ତ୍ରୀଙ୍କ ପରାମର୍ଶ

### ଆଜିଠୁ ଶସ୍ତା ହେବ ୩୭୫ ସାମଗ୍ରୀ





**ନୂଆଦିଲ୍ଲୀ,୨୧।୯(ପି.ଟି.)** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରବିବାର ଦେଶବାସୀଙ୍କୁ ଏକ ଟେଲିଭିଜନ ବାର୍ତ୍ତାରେ କହିଛନ୍ତି, ସୋମବାର ନବରାତ୍ରିର ପ୍ରଥମ ଦିବସ। ଏହି ଦିନଠାରୁ ଏକ 'ଜିଏସ୍‌ଟି ସଞ୍ଚୟ ଉତ୍ସବ' ଆରମ୍ଭ ହେବ। ଅଧିକାଂଶ ଲୋକଙ୍କ ପାଇଁ ଆୟକର ଛାଡ଼ ସହ ଏହା ଡବଲ ଲାଭ ହେବାକୁ ଯାଉଛି। ବିକାଶ ଦୌଡ଼ରେ ସବୁ ରାଜ୍ୟ ସମାନ ଭାବେ ସହଭାଗୀ ହେବେ। ରାଜ୍ୟଗୁଡ଼ିକ ସ୍ୱଦେଶୀ ଅଭିଯାନକୁ ଧ୍ୟାନଦେଇ 'ଆତ୍ମନିର୍ଭର ଭାରତ' ପାଇଁ ବିନିର୍ମାଣକୁ ଗତିଶୀଳ କରାନ୍ତୁ ବୋଲି ପ୍ରଧାନମନ୍ତ୍ରୀ ଜୋର୍ ଦେଇଛନ୍ତି। ନବରାତ୍ରିର ପ୍ରଥମ ଦିନ ଆତ୍ମନିର୍ଭରଶୀଳ ଭାରତ ପାଇଁ ନୂତନ ସୂର୍ଯ୍ୟୋଦୟ ହେବାକୁ ଯାଉଥିବା ମୋଦି କହିଛନ୍ତି। ଆପଣମାନେ ନିଜ ପସନ୍ଦର ସାମଗ୍ରୀ ଆହୁରି ସହଜରେ କିଣିବାକୁ ସମର୍ଥ ହେବେ। ଗରିବ, ମଧ୍ୟବିତ୍ତ ଓ ନବ-ମଧ୍ୟବିତ୍ତ, ଯୁବ, କୃଷକ, ମହିଳା, ବ୍ୟବସାୟୀ ଏବଂ ଦୋକାନୀମାନେ ଏଥିରୁ ଲାଭାନ୍ୱିତ ହେବେ। ଚଳିତ ପାର୍ବଣ ଋତୁରେ ସମସ୍ତଙ୍କ ଖୁସି ବଢ଼ିବ। ନୂଆ ଜିଏସ୍‌ଟିକୁ ନେଇ ପ୍ରଧାନମନ୍ତ୍ରୀ ସମସ୍ତଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ପ୍ରଧାନମନ୍ତ୍ରୀଙ୍କ ଏହି ଆହ୍ୱାନ ଏଭଳି ସମୟରେ ଆସିଛି, ଯେତେବେଳେ କି ଆମେରିକାର ଉଚ୍ଚ ଟାରିଫ୍ ଯୋଗୁ ବିଶ୍ୱର ସର୍ବବୃହତ୍ ଅର୍ଥନୀତିକୁ ଭାରତୀୟ ସାମଗ୍ରୀ ରପ୍ତାନି ବାଧାପ୍ରାପ୍ତ ହୋଇଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଭାରତ ଉପରେ ୨୫% ଆମଦାନୀ ଶୁଳ୍କ ସହ ରୁଷୀୟ ତୈଳ କ୍ରୟ ବାବଦକୁ ଅତିରିକ୍ତ ୨୫% ଜରିମାନା କଷିବା ପରଠୁ ମୋଦି ସ୍ୱଦେଶୀ ସାମଗ୍ରୀ ଆପଣାଇବା ପାଇଁ ଦେଶବାସୀଙ୍କୁ ପରାମର୍ଶ ଦେଇଆସୁଛନ୍ତି। ଦୀପାବଳି ପୂର୍ବରୁ ଜିଏସ୍‌ଟି ସଂସ୍କାର ଜରିଆରେ ଘରୋଇ ଉପଭୋକ୍ତାଙ୍କ କ୍ରୟଶକ୍ତି ବୃଦ୍ଧି ପାଇଁ ପ୍ରଧାନମନ୍ତ୍ରୀ ପୂର୍ବରୁ ସଙ୍କେତ ଦେଇଥିବାବେଳେ ସେପ୍ଟେମ୍ବର ୩ରେ ନୂଆଦିଲ୍ଲୀରେ ଅନୁଷ୍ଠିତ ୫୬ତମ ଜିଏସ୍‌ଟି କାଉନ୍‌ସିଲ ବୈଠକରେ ଟିକସର ପୂର୍ବ ବ୍ୟବସ୍ଥାକୁ ଉଚ୍ଛେଦ କରି ୫% ଓ ୧୮% ଦୁଇଟି ସ୍ଲାବ୍ ପ୍ରଚଳନ ପାଇଁ ସହମତି ପ୍ରକାଶ ପାଇଥିଲା। ଏହାବାଦ୍ ତମାଖୁ ଓ ସୌଖୀନ ସାମଗ୍ରୀଗୁଡ଼ିକ ଉପରେ ୪୦% ଜିଏସ୍‌ଟି ବସାଇବାକୁ ନିଷ୍ପତ୍ତି ହୋଇଥିଲା, ଯାହାକି ସୋମବାରଠାରୁ ଲାଗୁ ହେବ। ଏହି ଦୃଷ୍ଟିରୁ ପ୍ରଧାନମନ୍ତ୍ରୀଙ୍କ ଉପରୋକ୍ତ ପରାମର୍ଶ ବିଶେଷ ତାତ୍ପର୍ଯ୍ୟପୂର୍ଣ୍ଣ। ପ୍ରଧାନମନ୍ତ୍ରୀ ଆହୁରି କହିଛନ୍ତି, ଭାରତ ୨୦୧୭ରେ ଜିଏସ୍‌ଟି ସଂସ୍କାର କ୍ଷେତ୍ରରେ ଏକ ପଦକ୍ଷେପ ନେଇଥିଲା। ଇତିହାସ ରଚିବା ପାଇଁ ନୂଆ ଅଧ୍ୟାୟ ଆରମ୍ଭ ହୋଇଥିଲା। ପୂର୍ବରୁ ଟିକସ ଜାଲ ଉଭୟ ବ୍ୟବସାୟୀ ଓ ଉପଭୋକ୍ତାଙ୍କ ପାଇଁ କଠିନ ପରିସ୍ଥିତି ଉପୁଜାଇଥିବାବେଳେ ଜିଏସ୍‌ଟି ଏହାକୁ ଦୂର କରି 'ଏକ ଦେଶ ଏକ ଟିକସ' ସ୍ୱପ୍ନକୁ ସାକାର କରିଛି। ସେହିପରି ୧୨ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଆୟ ଉପରେ ଟିକସ ଛାଡ଼ ଏବଂ ଜିଏସ୍‌ଟି ସଂସ୍କାର ଗରିବ, ମଧ୍ୟବିତ୍ତ ଓ ନୂଆ ମଧ୍ୟବିତ୍ତଙ୍କ ପାଇଁ ଏକ 'ଦୋହରା ଲାଭ' ପାଲଟିଛି। ଏଥିରୁ ଏମ୍‌ଏସ୍‌ଏମ୍‌ଇ ସେକ୍ଟରକୁ ମଧ୍ୟ ବଡ଼ ଲାଭ ମିଳିବାକୁ ଯାଉଛି। ଦେଶବାସୀ ସ୍ୱଦେଶୀ ସାମଗ୍ରୀ ବିକିବା ଓ କିଣିବାରେ ଗର୍ବ ଅନୁଭବ କରିବା ଉଚିତ। ସ୍ୱଦେଶୀ ଆନ୍ଦୋଳନ ଯୋଗୁ ଦେଶର ସ୍ୱାଧୀନତାକୁ ଯେପରି ବଳ ମିଳିଥିଲା, ଠିକ୍ ସେହିପରି 'ସ୍ୱଦେଶୀ' ମନ୍ତ୍ର ଦ୍ୱାରା ଭାରତର ସମୃଦ୍ଧି ଆହୁରି ସଶକ୍ତ ହେବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

ରୋଷେଇ ଘର ସାମଗ୍ରୀଠାରୁ ନେଇ ବୈଦ୍ୟୁତିକ ଉପକରଣ, ଔଷଧଠୁ ଅଟୋମୋବାଇଲ ଯାଏ ଜିଏସ୍‌ଟି ଦର ହ୍ରାସ ଯୋଗୁ ସୋମବାରଠାରୁ ୩୭୫ ଆଇଟମ୍ ଶସ୍ତା ହେବ। ଏହି ସାମଗ୍ରୀଗୁଡ଼ିକ ମଧ୍ୟରେ ରହିଛି ଘିଅ, ପନିର, ଲହୁଣି, ନମ୍‌କିନ୍, କେଚ୍‌ଅପ୍, ଜାମ୍, ଡ୍ରାଏ ଫୁଡ୍, କଫି, ଟିଭି, ଏସି ଏବଂ ୱାଶିଂମେଶିନ୍।

### ଦେଶବ୍ୟାପୀ 'ଜିଏସ୍‌ଟି ସଞ୍ଚୟ ଉତ୍ସବ'

- ନବରାତ୍ରିର ପ୍ରଥମ ଦିନରୁ (ସୋମବାରଠାରୁ) ସାରା ଦେଶରେ 'ଜିଏସ୍‌ଟି ସଞ୍ଚୟ୍ ଉତ୍ସବ' ପାଳନ କରାଯିବ। ଏହି ଅବସରରେ ଦେଶ 'ଆତ୍ମନିର୍ଭରଶୀଳ ଭାରତ' ଦିଗରେ ଏକ ନୂଆ ପଦକ୍ଷେପ ନେବାକୁ ଯାଉଛି।
- ଜିଏସ୍‌ଟି ସଂସ୍କାର ନିବେଶ ବୃଦ୍ଧି ସହ ଲୋକଙ୍କ ସଞ୍ଚୟ୍ ଓ ସୁଖସମୃଦ୍ଧି ବୃଦ୍ଧି ଘଟାଇବ। ଏହା ଭାରତର ବିକାଶ କାହାଣୀକୁ ଅଧିକ ଗତିଶୀଳ କରାଇବ।
- ଆୟକର ଛାଡ଼ ସୀମା ବୃଦ୍ଧି ସହ ଜିଏସ୍‌ଟି ସଂସ୍କାର ଦେଶବାସୀଙ୍କୁ ୨.୫ ଲକ୍ଷ କୋଟି ଟଙ୍କା ସଞ୍ଚୟ୍ କରିବାରେ ସହାୟକ ହେବ।
- ଗରିବ, ମଧ୍ୟବିତ୍ତ ଓ ନବ-ମଧ୍ୟବିତ୍ତ ଶ୍ରେଣୀର ଲୋକଙ୍କ ପାଇଁ ଏହା ଡବଲ ବୋନାଞ୍ଜା ସଦୃଶ। ଏହି ସବୁ ସଂସ୍କାର 'ନାଗରିକ ଦେବୋ ଭବଃ' ମନ୍ତ୍ରକୁ ପ୍ରତିଫଳିତ କରୁଛି।
- ଏମ୍‌ଏସ୍‌ଏମ୍‌ଇଠାରୁ ଅନେକ ଆଶା ଆକାଂକ୍ଷା ରହିଛି। ଭାରତ ସମୃଦ୍ଧିର ଶୀର୍ଷକୁ ଛୁଇଁବାର ଆଧାରଶୀଳା ହେଉଛି ଏମ୍‌ଏସ୍‌ଏମ୍‌ଇ, ଯାହାକୁ ପୁନଃ ହାସଲ କରିବାର ଆବଶ୍ୟକତା ରହିଛି।

# ବାଣ ଗୋଦାମରେ ବିସ୍ଫୋରଣ: ଉଡ଼ିଲା ଛାତ



ବାଣ ବିସ୍ଫୋରଣ ପରେ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଥିବା ଗୋଦାମ ଘର ।

- **ଦିବ୍ୟାଙ୍ଗ ମୃତ, ୧୨ ଗୁରୁତର**
- **କ୍ଷତିପୂରଣ ଦାବିରେ ରାଜପଥ ଅବରୋଧ**
- **ଘଟଣାସ୍ଥଳରେ ପ୍ରଶାସନିକ ଅଧିକାରୀଙ୍କ ତଦନ୍ତ**

**ବୌଦ୍ଧ/ହରଭଙ୍ଗା,୨୧।୯(ଅଜିତ କୁମାର ବାରିକ/ନରେନ୍ଦ୍ର କୁମାର ସାହୁ)** ବୌଦ୍ଧ ଜିଲା ହରଭଙ୍ଗା ବ୍ଲକ ପୁରୁଣାକଟକ ଥାନା ଜିଆକଟା ଗ୍ରାମରେ ରବିବାର ଏକ ବାଣ ଗୋଦାମରେ ବିସ୍ଫୋରଣ ହେବା ଯୋଗୁ ଜଣଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ଲକ୍ଷ୍ମୀଧର ବେହେରା(୪୨)। ଏହି ଦୁର୍ଘଟଣାରେ ୧୨ ଜଣ ଗୁରୁତର ହୋଇଛନ୍ତି। ସମସ୍ତ ଗୁରୁତରଙ୍କୁ ସ୍ଥାନୀୟ ଡାକ୍ତରଖାନାରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଛି। ବିସ୍ଫୋରଣ ଏତେ ଭୟଙ୍କର ଥିଲା ଯେ ପୁରୁଣାକଟକ ବଜାର ଥରି ଉଠିଥିଲାବେଳେ ବାଣ ଗୋଦାମ ଘର ସମ୍ପୂର୍ଣ୍ଣ ମାଟିରେ ମିଶିଯାଇଥିଲା। ଏଥିସହ ଆଖପାଖ ଘରଗୁଡିକରେ ମଧ୍ୟ ☞ପୃଷ୍ଠା-୨

# ପ୍ରଦୀପ ଜେନା ଭୁବନେଶ୍ୱର କ୍ଲବ୍ ସଭାପତି



**ଭୁବନେଶ୍ୱର, ୨୧।୯ (ରବିନାରାୟଣ ଜେନା)** ଭୁବନେଶ୍ୱର କ୍ଲବ ନିର୍ବାଚନରେ ପୂର୍ବତନ ମୁଖ୍ୟ ଶାସନ ସଚିବ ତଥା 'ଓଇଆରସି'ର ଅଧ୍ୟକ୍ଷ ପ୍ରଦୀପ ଜେନା ରବିବାର ସଭାପତି ଭାବେ ନିର୍ବାଚିତ ହୋଇଛନ୍ତି। ସେ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ତଥା ପୂର୍ବତନ ମୁଖ୍ୟ ଶାସନ ସଚିବ ଅସିତ କୁମାର ତ୍ରିପାଠୀଙ୍କୁ ୧୮ଖଣ୍ଡ ଭୋଟରେ ପରାଜିତ କରିଛନ୍ତି। ସେହିପରି ଉପସଭାପତି ଭାବେ ପ୍ରଗତି କୁମାର ମହାନ୍ତି ନିର୍ବାଚିତ ହୋଇଛନ୍ତି। ସେ ତାଙ୍କର ନିକଟତମ ପ୍ରତିଦ୍ୱନ୍ଦ୍ୱୀ ☞ପୃଷ୍ଠା-୨

**ଆଜିର ସମ୍ପାଦକୀୟ**
ଏଚ୍‌୧ବି ଭିଜା



## ଘରେ ପଶି ସ୍ତ୍ରୀ ଆଗରେ ସ୍ୱାମୀଙ୍କୁ ହତ୍ୟା

ଆନନ୍ଦପୁର,୨୧ା୯ (ସୁଶାନ୍ତ କୁମାର ସାହୁ): କେନ୍ଦୁଝର ଜିଲା ଆନନ୍ଦପୁର ଥାନା ସୁନ୍ଦୁରିଆ ଗାଁରେ ଏକ ଅଭାବନୀୟ ଘଟଣା ଘଟିଯାଇଛି। ଶନିବାର ରାତିରେ ଜଣେ ଦୁର୍ବୃତ୍ତ ଘରେ ପଶି ସ୍ତ୍ରୀ ଆଗରେ ସ୍ୱାମୀଙ୍କୁ ହାଣି ହତ୍ୟା କରିଛନ୍ତି। ମୃତକ ହେଲେ ଗ୍ରାମର ଜଗବନ୍ଧୁ ଦେଓଗାମ। ଏ ନେଇ ମୃତକଙ୍କ ସ୍ତ୍ରୀ ତୁଳସୀ ଦେଓଗାମଙ୍କ ଅଭିଯୋଗ ଆଧାରରେ ପୋଲିସ ଏକ ହତ୍ୟା ମାମଲା (ନଂ.୨୪୮/୨୫) ରୁଜୁ କରି ତଦନ୍ତ ଆରମ୍ଭ କରିଛି। ପାରିବାରିକ କଳହରୁ ହତ୍ୟାକାଣ୍ଡ ଘଟିଥିବା କୁହାଯାଉଛି।

# ଆଜି କ'ଣ କେଉଁଠି

### ଭୁବନେଶ୍ୱର
- ଶ୍ରୀଶ୍ରୀ ମହାବୀର ପୂଜା କମିଟି ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ଶ୍ରୀଶ୍ରୀ ଆଖଣ୍ଡଳମଣୀ ସେବା ସଂସଦ ପ୍ରାଙ୍ଗଣ, ନୂଆସାହି, ନୟାପଲ୍ଲୀ, ସମୟ: ପୂର୍ବାହ୍ନ ୧୧ଟା।
- ସୈନିକ ସ୍କୁଲ୍ ବଞ୍ଚାଅ ଓ ଅଳିଆ ଗଦା ହଟାଅ ଅଭିଯାନ ପକ୍ଷରୁ ଧାରଣା, ସ୍ଥାନ: ଚନ୍ଦକା ଶିଳ୍ପାଞ୍ଚଳସ୍ଥ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଆଞ୍ଚଳିକ କାର୍ଯ୍ୟାଳୟ ସମ୍ମୁଖ, ସମୟ: ପୂର୍ବାହ୍ନ ୧୧ଟା ୩୦।
- ସର୍ବ ଭାରତୀୟ ମହିଳା ସାଂସ୍କୃତିକ ସଂଗଠନ ଜିଲା କମିଟି ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ, ସ୍ଥାନ ମାଷ୍ଟର କ୍ୟାଣ୍ଟିନ୍ ଛକ, ସମୟ: ପୂର୍ବାହ୍ନ ୧୧ଟା ୩୦।
- ପୁସ୍ତକ 'କ୍ୟାରିୟର ମନ୍ତ୍ର' ଓ 'ପିଲାଙ୍କୁ କିପରି ଗଢ଼ିବା' ଲୋକାର୍ପଣ ଉତ୍ସବ, ସ୍ଥାନ: ସିଆଇଏମ୍ଏଫ୍ କଲେଜ, ମଞ୍ଚେଶ୍ୱର, ସମୟ: ଅପରାହ୍ନ ୨ଟା।
- ଅଭୁଲା ଦିନର ଓଡ଼ିଆ ଚଳଚ୍ଚିତ୍ର ଗୀତ କାର୍ଯ୍ୟକ୍ରମ, ସ୍ଥାନ: ଗୀତଗୋବିନ୍ଦ ସଦନ, ସମୟ: ଅପରାହ୍ନ ୫ଟା ୩୦।
- ଓଡ଼ିଶା ନାଟ୍ୟ ସଂଘ ପକ୍ଷରୁ ୪ର୍ଥ ଜାତୀୟ ପ୍ରେକ୍ଷାଳୟ ଉତ୍ସବ ୨୦୨୫, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୭ଟା।

### କଟକ
- ଡିଗିରିଆ–ଆଠଗଡ ଭାଜପା ପକ୍ଷରୁ ପ୍ରସନ୍ନମଣିଙ୍କ ମନ୍ଦିର ପରିସର ସଫେଇ ଓ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଫଳବଣ୍ଟନ, ସ୍ଥାନ: ମନ୍ଦିର ପରିସର ଓ ସ୍ୱାସ୍ଥ୍ୟ କେନ୍ଦ୍ର ପରିସର ନିଜିଗଡ, ଡିଗିରିଆ, ସମୟ: ସକାଳ ୭ଟା ୩୦।
- ଡିଗିରିଆ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଏମ୍‌ବିକେ ଓ ସିଆରପିଙ୍କ ତରଫରୁ ତାଲା ବନ୍ଦ ଆନ୍ଦୋଳନ, ସ୍ଥାନ: ଡିଗିରିଆ ବ୍ଲକ କାର୍ଯ୍ୟାଳୟ, ସମୟ: ସକାଳ ୯ଟା।
- ଓଡ଼ିଶା କ୍ରିକେଟ ଆସୋସିଏଶନ ପକ୍ଷରୁ ଓଡ଼ିଶା ପ୍ରୋ ଟି୨୦ ଲିଗ୍‌ର ଷଷ୍ଠ ଦିବସ, ସ୍ଥାନ: ବାରବାଟୀ ଷ୍ଟାଡିୟମ, ସମୟ: ଅପରାହ୍ନ ୨ଟା।
- ନୂଆପାଟଣାରେ ଦୁର୍ଗାପୂଜା ପାଇଁ ନଅ ମୌଜା ଶାନ୍ତି କମିଟି ବୈଠକ, ସ୍ଥାନ: ନୂଆପାଟଣା ନୋଡାଲ ଉପ୍ରା ବିଦ୍ୟାଳୟ, ଡିଗିରିଆ,ସମୟ: ଅପରାହ୍ନ ୪ଟା ।

### ପୁରୀ
- ବିଚ୍ କ୍ଲିନିଂ ଡେ', ସ୍ଥାନ: ଦିଗବାରେଣୀ ବେଳାଭୂମି, ସମୟ: ସକାଳ ୬ଟା।
- ଓଡ଼ିଶା କଳା ଓ କ୍ରୀଡ଼ା ଶିକ୍ଷକ ସଂଘର ବୈଠକ, ସ୍ଥାନ: କୁଳମଣି ଭବନ, ସମୟ: ପୂର୍ବାହ୍ନ ୧୧ଟା।
- ସ୍ୱାକ୍ଷର ସଂକଳ୍ପ ଦିବସ, ସ୍ଥାନ: ସଙ୍ଗୀତ ପରିଷଦ, ସମୟ: ପୂର୍ବାହ୍ନ ୧୧ଟା।

### ବାଲେଶ୍ୱର
- ମହିଳା ଗୋଷ୍ଠୀଙ୍କ ୫ ଦିନିଆ ଗଣଧାରଣା ଆରମ୍ଭ,ସ୍ଥାନ:ବିଡିଓଙ୍କ କାର୍ଯ୍ୟାଳୟ ସମ୍ମୁଖ, ଖଇରା,ସମୟ:ପୂର୍ବାହ୍ନ ୧୦ଟା।
- ତମାଖୁ ବର୍ଜନ ସଚେତନତା କର୍ମଶାଳା,ସ୍ଥାନ:ଡ. ଯଦୁନାଥ ମହାବିଦ୍ୟାଳୟ, ରସାଳପୁର, ବାଲେଶ୍ୱର,ସମୟ: ପୂର୍ବାହ୍ନ ୧୧ଟା।

### ଭଦ୍ରକ
- କାଞ୍ଚନ ଗଣେଶ ଭସାଣି, ସ୍ଥାନ: କୁଆଁସ, ଭଦ୍ରକ, ସମୟ: ଅପରାହ୍ନ ୪ଟା।
- ୮୩ତମ ଶହୀଦ ଦିବସ ପାଳନ, ସ୍ଥାନ: ଶହୀଦନଗର, ଧାମନଗର, ସମୟ: ଅପରାହ୍ନ ୫ଟା।

### କେନ୍ଦୁଝର
- ଜିଲାପାଳଙ୍କ ମିଳିତ ଜନଶୁଣାଣି, ସ୍ଥାନ: ହାଟଡ଼ିହୀ ବ୍ଲକ୍, ଛେନାପଦି, ସମୟ: ପୂର୍ବାହ୍ନ ୧୦ଟା।
- ସୁସ୍ଥ ନାରୀ ଶସକ୍ତ ପରିବାର ଅଭିଯାନ, ସ୍ଥାନ: ପାଟଣା ମୁଖ୍ୟାଳୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସଭାଗୃହ, ସମୟ: ପୂର୍ବାହ୍ନ ୧୦ଟା।

### ମୟୂରଭଞ୍ଜ
- ମିଳିତ ଜନଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ, ଉଦଳା, ସମୟ: ପୂର୍ବାହ୍ନ ୧୦ଟା।

### ବ୍ରହ୍ମପୁର
- ବୁଢ଼ୀ ଠାକୁରାଣୀଙ୍କ ନବରାତ୍ର ପୂଜା, ସ୍ଥାନ: ହଳଦିଆପଦର, ସମୟ: ସକାଳ ୮ଟା।
- ବିଦ୍ୟାଳୟ ସୁରକ୍ଷା କମିଟି ପକ୍ଷରୁ ଗଣଧାରଣା, ସ୍ଥାନ: ଜିଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।

### ଗଞ୍ଜାମ
- ଓଡ଼ିଶା କୃଷକ ସଭାର ଅଷ୍ଟାଦଶ ଗଞ୍ଜାମ ଜିଲା ସମ୍ମିଳନୀ ସ୍ଥାନ: ଦିଗପହଣ୍ଡି ସ୍ଥିତ ଗୁଣ୍ଡିଚା ମନ୍ଦିର ଛକ, ସମୟ: ଅପରାହ୍ନ ୪ ଟା।

### କନ୍ଧମାଳ
- ନବରାତ୍ରି ଉପଲକ୍ଷେ କଳସ ଯାତ୍ରା ଓ ପୂଜା ଆରମ୍ଭ. ସ୍ଥାନ: ବାଲିଗୁଡ଼ା ମା'ପାଟଖଣ୍ଡା ମନ୍ଦିର ପରିସର, ସମୟ: ସକାଳ ୯ ଟା ୩୦ ।

### ଢେଙ୍କାନାଳ
- ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: କଙ୍କଡାହାଡ ବ୍ଲକ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ଅଗ୍ନି ନିରାପତ୍ତା ସଚେତନତା, ସ୍ଥାନ: ଶିଳ୍ପ ବାଣିଜ୍ୟ ପ୍ରତିଷ୍ଠାନ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୧ଟା।

### ଜଗତ୍‌ସିଂହପୁର
- ଯୁଗ୍ମ ଜନଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ନାଉଗାଁ ବ୍ଲକ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ପାରାଦୀପ ବିଶ୍ୱକର୍ମା ପୂଜା ମଣ୍ଡପ ପାଇଁ ପୌରପରିଷଦ ପକ୍ଷରୁ ପୁରସ୍କାର ବିତରଣ କାର୍ଯ୍ୟକ୍ରମ, ପୌରସୂଚନା ଭବନ, ବଡ଼ପଡ଼ିଆ, ପାରାଦୀପ, ସମୟ: ସନ୍ଧ୍ୟା ୮ଟା।

### କେନ୍ଦ୍ରାପଡ଼ା
- ପ୍ରଶାସନିକ ମିଳିତ ଜନଶୁଣାଣି ଶିବିର, ସ୍ଥାନ: ପଞ୍ଚାୟତ ସମିତି ଗୃହ, ଡେରାବିଶ, ସମୟ: ପୂର୍ବାହ୍ନ ୧୦ଟା।
- ମେଡିକାଲ କଲେଜ ପ୍ରତିଷ୍ଠା ଦାବିରେ ମିଳିତ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଗଣଧାରଣା, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ, କେନ୍ଦ୍ରାପଡ଼ା, ସମୟ: ପୂର୍ବାହ୍ନ ୧୦ଟା।

### ଯାଜପୁର
- ଜିଲାପାଳଙ୍କ ଜନଶୁଣାଣି ଶିବିର, ସ୍ଥାନ–ବରୀ ବ୍ଲକ କାର୍ଯ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୦ଟା।

### ନୟାଗଡ଼
- ସୁସ୍ଥ ନାରୀ, ସଶକ୍ତ ପରିବାର ଅଭିଯାନର ୬ଷ୍ଠ ଦିବସ, ସ୍ଥାନ:ଓଡଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର, ସମୟ: ସକାଳ ୮ଟା ।
- ଜିଲାପାଳଙ୍କ ମିଳିତ ଅଭିଯୋଗ ଶୁଣାଣି, ସ୍ଥାନ: ନୂଆଗାଁ ବ୍ଲକ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।

### ରାୟଗଡ଼ା
- ଅଲ୍ ଓଡ଼ିଶା ଜିପିଏଲଏଫ୍ କର୍ମୀ ସଂଘ ପକ୍ଷରୁ ଗଣଧାରଣା, ସ୍ଥାନ: ମୁନିଗୁଡ଼ା ବ୍ଲକ୍ କାର୍ଯ୍ୟାଳୟ ସମ୍ମୁଖ ଏବଂ ଗୁଡାରି ବ୍ଲକ କାର୍ଯ୍ୟାଳୟ ସମ୍ମୁଖ ସମୟ: ପୂର୍ବାହ୍ନ ୧୦ଟା।

### ନବରଙ୍ଗପୁର
- ଯୁଗ୍ମ ଅଭିଯୋଗ ଶୁଣାଣି, ସ୍ଥାନ: ତେନ୍ତୁଳିଖୁଣ୍ଟି, ସମୟ: ପୂର୍ବାହ୍ନ ୧୦ଟା।
- ପୂର୍ବତନ ଏମ୍‌ପି ପ୍ରଦୀପ ମାଝୀଙ୍କର ନବରଙ୍ଗପୁର ଭିଜିଲାନ୍ସ ଅଧିକାରୀଙ୍କ ସହିତ ଆଲୋଚନା, ସ୍ଥାନ: ନବରଙ୍ଗପୁର, ସମୟ: ପୂର୍ବାହ୍ନ ୧୧ଟା।

### କୋରାପୁଟ
- ଜିଲାରେ ମାଛ ଚାଷ ନେଇ ସମୀକ୍ଷା ବୈଠକ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ ଗୃହ, କୋରାପୁଟ, ସମୟ: ଅପରାହ୍ନ ୫ଟା।

### ମାଲକାନଗିରି
- ମା 'ନବରାତ୍ରୀଙ୍କ ପୂଜା ନିମନ୍ତେ କଳସଯାତ୍ରା, ପୂଜାକାର୍ଯ୍ୟ ଆରମ୍ଭ, ସ୍ଥାନ: ବାଲିମେଳା ସହରର ନୂତନ ବସଷ୍ଟାଣ୍ଡ ନିକଟ, ସମୟ: ସକାଳ ୮ଟା।

### ସମ୍ବଲପୁର
- ମା' ସମଲେଇଙ୍କ ଧବଳମୁଖି ବେଶ ଦର୍ଶନ ନୀତି, ସ୍ଥାନ: ସମଲେଶ୍ୱରୀ ମନ୍ଦିର, ସମୟ: ପ୍ରାତଃ ୫ଟା ।
- ପଶ୍ଚିମାଞ୍ଚଳ ଏକତା ମଞ୍ଚ ପକ୍ଷରୁ ସମ୍ବଲପୁରୀ ଭାଷା ମାନ୍ୟତାକୁ ନେଇ ଆଲୋଚନାଚକ୍ର, ସ୍ଥାନ: ଜିଲା ସାମ୍ବାଦିକ ଭବନ, ସମୟ: ପୂର୍ବାହ୍ନ ୧୦ଟା ୩୦।

### ବଲାଙ୍ଗୀର
- ଲୋଇସିଂହା ମାରୱାଡ଼ି ଯୁବା ମଞ୍ଚ ଆନୁକୂଲ୍ୟରେ ଅଗ୍ରସେନ ଜୟନ୍ତୀ, ସ୍ଥାନ: ଅଗ୍ରସେନ ଭବନ, ସମୟ:ସନ୍ଧ୍ୟା ୭ଟା।

### ରାଉରକେଲା
- ନବରାତ୍ରି ପୂଜା ଆରମ୍ଭ, ସ୍ଥାନ: ଜଗଦା ମା' ବାଟ ମଙ୍ଗଳା ମନ୍ଦିର, ସମୟ: ସନ୍ଧ୍ୟା ୬ଟା।
- ବିଏମ୍ଏସ୍ ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ସେକ୍ଟର–୪ କାର୍ଯ୍ୟାଳୟ, ସମୟ: ଅପରାହ୍ନ: ୫ଟା ୪୫।

### ସୁନ୍ଦରଗଡ଼
- ଜିଲାପାଳଙ୍କ ଯୁଗ୍ମ ଜନ ଅଭିଯୋଗ ଶୁଣାଣୀ ଶିବିର,ସ୍ଥାନ:ଗୁରୁଣ୍ଡିଆ ବ୍ଲକ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ,ସମୟ: ପୂର୍ବାହ୍ନ୧୦ଟା।

### ବରଗଡ଼
- ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର,ସ୍ଥାନ:ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷ, ଝାରବନ୍ଧ,ସମୟ: ପୂର୍ବାହ୍ନ ୧୦ଟା।

### କଳାହାଣ୍ଡି
- ସେବାପକ୍ଷ ଉପଲକ୍ଷେ ଭାଜପା ପକ୍ଷରୁ ରକ୍ତଦାନ ଶିବିର, ସ୍ଥାନ: ଥୁଆମୂଳ ରାମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ସମୟ: ପୂର୍ବାହ୍ନ ୧୦ଟା।
- ମା' ମାଣିକେଶ୍ୱରୀଙ୍କ ଖଣ୍ଡାବସା ପର୍ବ, ସ୍ଥାନ: ମା' ମାଣିକେଶ୍ୱରୀଙ୍କ ମୂଳପୀଠ ଥୁଆମୂଳ ରାମପୁର, ସମୟ: ରାତି ୮ଟା ୩୦।

### ବୌଦ୍ଧ
- ଜିଲାପାଳଙ୍କ ଯୁଗ୍ମ ଜନଶୁଣାଣି ଶିବିର, ସ୍ଥାନ: ଘିକୁଣ୍ଡି ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ, କଣ୍ଟାମାଳ ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା।

### ଦେବଗଡ଼
- ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି, ସ୍ଥାନ: ତିଲେଇବଣି ବ୍ଲକ କେନ୍ଦେଇଝୁରି ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।

### ସୁବର୍ଣ୍ଣପୁର
- ସୁରେଶ୍ୱରୀଙ୍କ ପୀଠରେ ଚଣ୍ଡୀଯଜ୍ଞ ଅବସରରେ ଚଣ୍ଡୀପାଠ ଓ ଘୃତନାର୍ଦ୍ଧ ଆରମ୍ଭ, ସ୍ଥାନ: ଯଜ୍ଞ ମଣ୍ଡପ ପରିସର, ସମୟ: ସକାଳ ୮ଟା।
- ବୀରମହାରାଜପୁର ଦୁର୍ଗା ମନ୍ଦିର ନବରାତ୍ରି ପୂଜା ଆରମ୍ଭ, ସ୍ଥାନ: ପୂଜା ମଣ୍ଡପ, ସମୟ: ସକାଳ ୮ଟା।

### ନୂଆପଡ଼ା
- ସୁସ୍ଥ ନାରୀ ସଶକ୍ତ ପରିବାର ଅଭିଯାନ ଷଷ୍ଠ ଦିବସ, ସ୍ଥାନ: ଜିଲା ମୁଖ୍ୟ ଚିକିତ୍ସାଳୟ ନୂଆପଡା, ସମୟ: ପୂର୍ବାହ୍ନ ୧୧ଟା।
- ଜିଲାପାଳଙ୍କ ବର୍ଦ୍ଧିତ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: କୋମନା ବ୍ଲକ ତରବୋଡ ପଞ୍ଚାୟତ କାର୍ଯ୍ୟାଳୟ, ସମୟ: ଅପରାହ୍ନ ୩ଟା।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା–ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଯେ ଲୋକ ପାଇକ ସାଜେ**
**ତା ମୁଣ୍ଡେ ଠେଙ୍ଗା ବାଜେ ।**

ସାଧାରଣତଃ ପରିବାରର ବା କୌଣସି ଅନୁଷ୍ଠାନର ନେତୃତ୍ୱ ନେଉଥିବା ବ୍ୟକ୍ତିକୁ ସବୁ ଦାୟିତ୍ୱ ସମ୍ଭାଳିବାକୁ ପଡ଼ିଥାଏ। ନେତୃସ୍ଥାନୀୟ ବ୍ୟକ୍ତି ଯେହେତୁ ସକଳ ଦାୟିତ୍ୱ ସମ୍ଭାଳିଥାନ୍ତି ତେଣୁ କୌଣସି କିଛି ଅପ୍ରୀତିକର ଘଟଣା ପାଇଁ ସେମାନେ ଉତ୍ତରଦାୟୀ ହେବାକୁ ବାଧ ହୋଇଥାନ୍ତି। ଅଘଟଣ ବା ଭୁଲ ପାଇଁ ଦାୟିତ୍ୱ ସମ୍ଭାଳୁଥିବା ବ୍ୟକ୍ତି ମୁଣ୍ଡରେ ସବୁ ଦୋଷ ଲଦି ଦିଆଯିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଯାହା ବାପ ଚଢ଼େ ଘୋଡ଼ା**
**ତା' ପୁଅ ଥୋଡ଼ା ଥୋଡ଼ା ।**

ବଂଶର ଗୁଣ ଅନୁସାରେ ସନ୍ତାନର ଗୁଣ ମଧ୍ୟ ପ୍ରସ୍ଫୁଟିତ ହୋଇଥାଏ। କୂଳ ଅନୁସାରେ ଗୁଣ ଫୁଟି ଉଠେ। କଥାରେ ଅଛି ଛାଟ ଘର ପିଲା ଛାଟ, ଭାଟ ଘର ପିଲା ଭାଟ। ପିତା ବା ପୂର୍ବପୁରୁଷ ଯେଉଁ ଗୁଣ ଓ ପ୍ରତିଭାର ଅଧିକାରୀ ହୋଇଥାନ୍ତି ତାଙ୍କ ସନ୍ତାନ ଉତ୍ତରାଧିକାର ସୂତ୍ରରେ ସେଇ ଗୁଣ ଓ ପ୍ରତିଭାର ଅଂଶୀଦାର ହେଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ୍ ପବ୍ଲିଶର୍ସ

# ନୂଆପଡ଼ାର ସର୍ବାଙ୍ଗୀନ ବିକାଶ ମୋ ଦାୟିତ୍ୱ: ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର/ନୂଆପଡ଼ା, ୨୧ା୯**
**(ରବିନାରାୟଣ ଜେନା/ ମକାରୁ ବେମାଲ)**


ନୂଆପଡ଼ାକୁ ଥରେ କି ଦୁଇଥର ନୁହେଁ, ବାରମ୍ବାର ଆସିବି। ନୂଆପଡ଼ାର ସର୍ବାଙ୍ଗୀନ ବିକାଶ ମୋର ଦାୟିତ୍ୱ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ନୂଆପଡ଼ା ଜିଲା ଖରିଆର ରୋଡ୍ ଏଫ୍‌ସିଆଇ ଗୋଦାମ ପରିସର ପଡିଆଠାରେ ରବିବାର ପୂର୍ବତନ ମନ୍ତ୍ରୀ ତଥା ବିଧାୟକ ସ୍ୱର୍ଗତ ରାଜେନ୍ଦ୍ର ପ୍ରସାଦ ଢୋଲକିଆଙ୍କ ଜିଲାସ୍ତରୀୟ ଶ୍ରଦ୍ଧାଞ୍ଜଳି ସଭାରେ ମୁଖ୍ୟମନ୍ତ୍ରୀ ଯୋଗଦେଇ କହିଥିଲେ, ନୂଆପଡ଼ା ଜିଲା ଭୁବନେଶ୍ୱରରୁ ବହୁ ଦୂରରେ ଥିଲେ ମଧ ତାଙ୍କ ଫୋକସ୍‌ରେ ରହିଛି। ତେଣୁ ଜିଲାକୁ ବାରମ୍ବାର ଆସି ଏହାର ସର୍ବାଙ୍ଗୀନ ଉନ୍ନତି ପାଇଁ ସଦାସର୍ବଦା ଚେଷ୍ଟା କରିବେ।

ମୁଖ୍ୟମନ୍ତ୍ରୀ କହିଥିଲେ, ଢୋଲକିଆଙ୍କ ରାଜନୈତିକ ପ୍ରତିଦ୍ୱନ୍ଦ୍ୱୀ ଥାଇପାରନ୍ତି କିନ୍ତୁ ତାଙ୍କର କେହି ରାଜନୈତିକ ଶତ୍ରୁ ନ ଥିଲେ। ତାଙ୍କ ବିୟୋଗରେ ନୂଆପଡ଼ା ତଥା ଓଡ଼ିଶା ଜଣେ ସୁଦକ୍ଷ ଦରଦୀ ରାଜନେତାଙ୍କୁ ହରାଇଲା ବୋଲି ସେ କହିଥିଲେ। ମୁଖ୍ୟମନ୍ତ୍ରୀ କହିଥିଲେ, ୨୦୧୯ରେ ଢୋଲକିଆଙ୍କୁ ରାଜ୍ୟ କ୍ୟାବିନେଟ ମନ୍ତ୍ରୀ ଦାୟିତ୍ୱ ମିଳିଥିଲା। ତାଙ୍କର ଲୋକପ୍ରିୟତା କେବଳ ନୂଆପଡ଼ା ଜିଲା ନୁହେଁ, ସାରା ରାଜ୍ୟରେ ରହିଛି। ସେ ନୂଆପଡ଼ା ଜିଲାର ବିକାଶର ବିନ୍ଧାଣୀ ଥିଲେ। ତାଙ୍କ ସହିତ ୨୦୦୭, ୨୦୧୯ ଓ ୨୦୨୪ରେ ବିଧାୟକ ଭାବରେ ମିଶି କାର୍ଯ୍ୟ କରିବାର ସୁଯୋଗ ପାଇଥିଲି । ଶେଷରେ ସେ ଆମକୁ ଶୋକସାଗରରେ ଭସାଇ ଚାଲିଗଲେ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ସେ ଆହୁରି କହିଥିଲେ, ଢୋଲକିଆ ବୃଦ୍ଧାବୃଦ୍ଧ, ଦିବ୍ୟାଙ୍ଗ, ଗରିବ, ଅସହାୟମାନଙ୍କ ସେବା କରୁଥିଲେ। ପିଲାମାନଙ୍କୁ କ୍ରିକେଟ ବ୍ୟାଟ, ଫୁଟ୍‌ବଲ, ଭଲିବଲ ଭଳି ଖେଳ ସାମଗ୍ରୀ ପ୍ରଦାନ କରୁଥିବାରୁ ଛୋଟ ପିଲାମାନେ ସ୍ନେହରେ ତାଙ୍କୁ 'ରାଜୁ ଭାଇ' ବୋଲି ସମ୍ବୋଧନ କରୁଥିଲେ। ଢୋଲକିଆ ୧୯୯୭ରେ ରାଜନୀତି ମଇଦାନକୁ ଓହ୍ଲାଇ ୩ଥର ଖରିଆର ରୋଡ୍ ଏନ୍ଏସି ଅଧକ୍ଷ ହୋଇଥିଲେ। ୨୦୦୪ରେ ସେ ସ୍ୱାଧୀନ ଭାବେ ଲଢ଼ି ବିଧାୟକ ହୋଇଥିଲେ। ଏହା ପରଠାରୁ ଲଗାତର ୩ଥର ବିଜେଡି ଟିକେଟରେ ବିଜୟୀ ହୋଇ ବିଧାୟକ ହୋଇଥିଲେ। ଏହି ସଭାରେ ବିଜୁ ଜନତା ଦଳର ବହୁ ବରିଷ୍ଠ ନେତା ଯଥା ନିରଞ୍ଜନ ପୂଜାରୀ, ସ୍ନେହାଙ୍ଗିନୀ ଛୁରିଆ, ଦେବୀ ପ୍ରସାଦ ମିଶ୍ର, ଅଧିରାଜ ମୋହନ ପାଣିଗ୍ରାହୀ, କଳିକେଶ ନାରାୟଣ ସିଂଦେଓ, ଦିବ୍ୟଶଙ୍କର ମିଶ୍ର, ପ୍ରଦୀପ ଦିଶାରି, ରମେଶ ଚନ୍ଦ୍ର ମାଝି, ପୁଷ୍ପେନ୍ଦ୍ର ସିଂଦେଓ, ପ୍ରସନ୍ନ ଆଚାର୍ଯ୍ୟ, ଗୋବର୍ଦ୍ଧନ ଦାସ, ରଜନୀକାନ୍ତ ସିଂ, ଲମ୍ବୋଦର ନିଆଲ, ଡଲି ମାଝି, ଅବନୀ ରଞ୍ଜନ ଯୋଶୀ, ମନୋଜ କୁମାର ମିଶ୍ର ପ୍ରମୁଖ ଯୋଗଦେଇ ସ୍ୱର୍ଗତ ଢୋଲକିଆଙ୍କ ସ୍ମୃତିଚାରଣ କରିଥିଲେ ।

ସୂଚନାଯୋଗ୍ୟ, ଏକ ସ୍ୱତନ୍ତ୍ର ବିମାନ ଯୋଗେ ମୁଖ୍ୟମନ୍ତ୍ରୀ ଭୁବନେଶ୍ୱରରୁ ଆସି ଗୋତମା ଉଡାଜାହାଜ ପଡ଼ିଆରେ ପହଞ୍ଚିବା ପରେ ଜିଲାପାଳ ମଧୁସୂଦନ ଦାଶ, ଜିଲା ଆରକ୍ଷୀ ଅଧୀକ୍ଷକ ଅମୃତ ପାଲ ସିଂ, ପୂର୍ବତନ କଳାହାଣ୍ଡି ଏମ୍‌ପି ବସନ୍ତ କୁମାର ପଣ୍ଡା, ଭାଜପା ଜିଲା ସଭାପତି କମଲେଶ ଦୀକ୍ଷିତ ପ୍ରମୁଖ ତାଙ୍କୁ ସ୍ୱାଗତ କରିଥିଲେ।



ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପୂର୍ବତନ ମନ୍ତ୍ରୀ ତଥା ବିଧାୟକ ସ୍ୱର୍ଗତ ରାଜେନ୍ଦ୍ର ପ୍ରସାଦ ଢୋଲକିଆଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରୁଛନ୍ତି।



ରବିବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

## ପ୍ରଥମ ପୃଷ୍ଠାରୁ...

### ପ୍ରଦୀପ ଜେନା...

ଡ. ପିଭି ମୋହନଙ୍କୁ ୬୦ଖଣ୍ଡ ଭୋଟରେ ପରାଜିତ କରିଥିବାବେଳେ ପୂର୍ବତନ ଆଇପିଏସ୍ ଅଧିକାରୀ ଲଳିତ ଦାସ ଭୁବନେଶ୍ୱର କ୍ଲବ ସମ୍ପାଦକ ଭାବେ ନିର୍ବାଚିତ ହୋଇଛନ୍ତି। ଲଳିତ ତାଙ୍କର ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଟୁଟୁଲ କିଶୋର ଦାସଙ୍କୁ ୭୬ଖଣ୍ଡ ଭୋଟ ବ୍ୟବଧାନରେ ପରାଜିତ କରିଥିବାବେଳେ ସମ୍ବିତ ମହାନ୍ତି ୬୮ଖଣ୍ଡ ଭୋଟ ବ୍ୟବଧାନରେ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ପ୍ରଶାନ୍ତ ନାଥଙ୍କୁ ପରାଜିତ କରି ଯୁଗ୍ମସମ୍ପାଦକ ଭାବେ ବିଜୟୀ ହୋଇଛନ୍ତି।

ସୂଚନାଯୋଗ୍ୟ ଯେ, ଚଳିତଥର ଭୁବନେଶ୍ୱର କ୍ଲବ ନିର୍ବାଚନରେ ସଭାପତି ପଦ ପାଇଁ ପୂର୍ବତନ ମୁଖ୍ୟ ଶାସନ ସଚିବ ଅସିତ ଏବଂ ପ୍ରଦୀପଙ୍କ ମଧ୍ୟରେ କଡ଼ା ମୁକାବିଲା ଦେଖିବାକୁ ମିଳିଥିଲା। ଚଳିତଥର ଇ–ଭୋଟିଂ ସହିତ ପ୍ରତ୍ୟକ୍ଷ ନିର୍ବାଚନ କରାଯାଇଥିଲା। ପ୍ରାୟ ୯ଟି ପର୍ଯ୍ୟାୟ ଯାଏ କଡ଼ା ଟକ୍କର ଦେଖିବାକୁ ମିଳିଥିଲା। ଏହି ଅବସରରେ ନବନିର୍ବାଚିତ ସଭାପତି ପ୍ରଦୀପ କହିଛନ୍ତି ଯେ, ଚଳିତଥର ନିର୍ବାଚନରେ ଭଲ ଲଢ଼େଇ ହୋଇଥିଲା। ଏହା ତାଙ୍କ ଜୀବନକାଳ ମଧ୍ୟରେ ଦ୍ୱିତୀୟ ନିର୍ବାଚନ। କେନ୍ଦୁଝର କଲେଜରେ ଛାତ୍ରାବାସ ମୁଖପତ୍ରର ସମ୍ପାଦକ ପାଇଁ ନିର୍ବାଚନ ଲଢ଼ିଥିଲେ। ତେବେ ଏହି ନିର୍ବାଚନରେ କୌଣସି ବଡ଼ ପ୍ରଚାର ହୋଇ ନ ଥିଲା, କେବଳ ଫୋନ୍ ଯୋଗେ ୧୬ ଶହ ସଦସ୍ୟଙ୍କ ସହ ସେ କଥା ହୋଇଥିଲେ । ସେ ତାଙ୍କ ଚିନ୍ତାଧାରା ସମସ୍ତଙ୍କୁ ଜଣାଇଥିଲେ ବୋଲି କହିଛନ୍ତି। ସେମାନେ ଯେଉଁ ସମର୍ଥନ ଦେଇଛନ୍ତି ସେମାନଙ୍କୁ ସେ ସମ୍ମାନ ଜଣାଇଥିବା ପ୍ରଦୀପ କହିଛନ୍ତି। ସେ ପୁଣି କହିଛନ୍ତି ଯେ, ଭୁବନେଶ୍ୱର କ୍ଲବର ସଭାପତି ଓ ସମ୍ପାଦକ ଜୀବନ କାଳମଧ୍ୟରେ ଦୁଇ ଥରରୁ ଅଧିକ କେହି ଯେପରି ରହିପାରିବେ ନାହିଁ ସେନେଇ କାର୍ଯ୍ୟନିର୍ବାହୀ ପରିଷଦର ପ୍ରଥମ ବୈଠକରେ ପ୍ରସ୍ତାବ ଦିଆଯିବ। ଏହାପରେ ସାଧାରଣ ପରିଷଦ ବୈଠକରେ ଏହାକୁ ଅନୁମୋଦିତ କରାଯିବ। ଏହି ନିର୍ବାଚନ ପ୍ରଥମ ଥର ପାଇଁ ଦୁଇ ଦିନ ଧରି ଅନୁଷ୍ଠିତ ହୋଇଥିଲା, ଯେଉଁଥିରେ ଶନିବାର ଇ–ଭୋଟିଂ ଏବଂ ରବିବାର ବାଲଟ୍ ଭୋଟିଂ ହୋଇଥିଲା। କ୍ଲବରେ ମୋଟ ୨,୩୨୧ ଭୋଟର ଥିବା ବେଳେ ୧,୯୨୨ ବ୍ୟକ୍ତିଗତ ଏବଂ ୩୯୯ କର୍ପୋରେଟ ସଦସ୍ୟ ଭୋଟ ଦେଇଥିଲେ। ରବିବାର ପୂର୍ବାହ୍ନ ୧୧ଟାରୁ ଅପରାହ୍ନ ୫ଟା ପର୍ଯ୍ୟନ୍ତ କ୍ଲବ ପରିସରରେ ୫ଟି ବୁଥ୍‌ରେ ବାଲଟ୍ ଭୋଟିଂ ହୋଇଥିଲା ଏବଂ ସନ୍ଧ୍ୟା ପରେ ଫଳାଫଳ ଘୋଷଣା କରାଯାଇଥିଲା। ଅସିତ ପୂର୍ବରୁ ଦୁଇ ଥର ସଭାପତି ହୋଇଥିବା ବେଳେ ଏଥର ତୃତୀୟ ଥର ପାଇଁ ପ୍ରାର୍ଥୀ ହୋଇଥିଲେ ଏବଂ ତାଙ୍କର ନିର୍ବାଚନ ସ୍ଲୋଗାନ୍ ଥିଲା ବିକାଶ ଏକ ଯାତ୍ରା ବୋଲି ପ୍ରଦୀପ କହିଛନ୍ତି।

ଚଳିତ ନିର୍ବାଚନରେ ଅସିତଙ୍କ ପ୍ୟାନେଲରୁ ଉପସଭାପତି ଭାବେ ପ୍ରଗତି କୁମାର ମହାନ୍ତି ଏବଂ ଯୁଗ୍ମ ସମ୍ପାଦକ ଭାବେ ସମ୍ବିତ ମହାନ୍ତି ଜିତିଥିବାବେଳେ ସମ୍ପାଦକ ପଦବୀ ପାଇଁ ହୋଇଥିବା ନିର୍ବାଚନରେ ଟୁଟୁଲ କିଶୋର ଦାସ ପରାଜିତ ହୋଇଛନ୍ତି। ଅନ୍ୟପକ୍ଷରେ ପ୍ରଦୀପଙ୍କ ପ୍ୟାନେଲରୁ ଉପସଭାପତି ଭାବେ ଲଢୁଥିବା ଡକ୍ଟର ପି.ଭି. ମୋହନ ଏବଂ ଯୁଗ୍ମ ସମ୍ପାଦକ ଭାବେ ଲଢୁଥିବା ପ୍ରଶାନ୍ତ ନାଥ ପରାଜିତ ହୋଇଥିବା ବେଳେ ସମ୍ପାଦକ ଭାବେ ଆଇପିଏସ ଅଫିସର ଲଳିତ ଦାସ ବିଜୟ ଲାଭ କରିଛନ୍ତି। ତେବେ ଉଭୟ ପ୍ୟାନେଲରୁ ୬ ଜଣ ଲେଖାଏଁ କାର୍ଯ୍ୟକାରୀ କମିଟି ସଦସ୍ୟ ପଦ ପାଇଁ ପ୍ରାର୍ଥୀ ହୋଇଥିଲେ। ଜିତିଥିବା ପ୍ରାର୍ଥୀମାନେ ହେଲେ ଅଶୋକ ଡିଞ୍ଜେଲା, ରାଜଦୀପ ମହାନ୍ତି, ଅନିଲ କୁମାର ସାମଲ, ଡ. ଦେବବ୍ରତ ବିଶ୍ୱାଳ, ମାନସ ରଞ୍ଜନ ଦାଶ ଓ ସଞ୍ଜୟ ଲାଠ୍।

### ବାଣ ଗୋଦାମରେ ...

ଫାଟ ସୃଷ୍ଟି ହୋଇଥିବା ଜଣାପଡିଛି। ଖବର ପାଇ ପ୍ରଶାସନିକ ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି। ପୁରୁଣାକଟକ ପୋଲିସ ବାଣ ରଖିଥିବା ଆଲୋକ କାଣ୍ଡିଙ୍କ ପୁରୁଣାକଟକସ୍ଥିତ ଘରେ ମଧ୍ୟ ରେଡ୍ କରିଛି। ଏପଟେ ମୃତାହତ ପରିବାରଙ୍କୁ କ୍ଷତିପୂରଣ ପ୍ରଦାନ ଦାବିରେ ପରିବାର ଲୋକେ ଏବଂ ଗ୍ରାମବାସୀ ଖୋର୍ଦ୍ଧା–ବଲାଙ୍ଗୀର ଜାତୀୟ ରାଜପଥ ଅବରୋଧ କରିଥିଲେ। ମିଳିଥିବା ସୂଚନା ଅନୁସାରେ, ପୁରୁଣାକଟକର ଆଲୋକ ଜିଆକଟା ଗ୍ରାମର ମାଗି ବେହେରାଙ୍କ ଏକ ଘରକୁ ଭଡ଼ାରେ ନେଇ ବାଣ ଗୋଦାମ କରି ଦୀର୍ଘଦିନ ହେବ ବ୍ୟବସାୟ କରିଆସୁଥିଲେ। ରବିବାର ପୂର୍ବାହ୍ନ ୧୧ଟା ବେଳେ କୌଣସି କାରଣରୁ ବାଣ ଗୋଦାମରେ ଅଗ୍ନିକାଣ୍ଡ ଘଟି ପ୍ରଚଣ୍ଡ ବିସ୍ଫୋରଣ ହୋଇଥିଲା। ଏହି ବିସ୍ଫୋରଣରେ ବାଣ ଗୋଦାମଠାରୁ କିଛି ଦୂର ରାସ୍ତାରେ ଥିବା ଦିବ୍ୟାଙ୍ଗ ଲକ୍ଷ୍ମୀଧରଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଥିଲା। ବିସ୍ଫୋରଣ ଏତେ ଭୟଙ୍କର ଥିଲା ଯେ ବାଣ ଗୋଦାମ ସମ୍ପୂର୍ଣ୍ଣ ଭାଙ୍ଗିଯାଇଥିଲା। ସେହିପରି ଗାଁ ଥରି ଉଠିବା ସହ ରାସ୍ତାରେ ଯାଉଥିବା ଶ୍ରୀମନ୍ତ ବାଘ, ଅନନ୍ତ ବେହେରା, ଶାନ୍ତି ବାଘ, ମୋହନ ବେହେରା, କୁମୁଦିନୀ ବେହେରା, ଖଗେଶ୍ୱର ବେହେରା, ପ୍ରବାସୀ ବେହେରା, ଚନ୍ଦ୍ରିକା ବେହେରା, ରେଖା ବେହେରା, ଭଗବାନ ବେହେରା, ଦେବେନ୍ଦ୍ର ବେହେରା ପ୍ରମୁଖ ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକମାନେ ତୁରନ୍ତ ଗୁରୁତରମାନଙ୍କୁ ଉଦ୍ଧାର କରି ପୁରୁଣାକଟକ ଡାକ୍ତରଖାନାକୁ ନେଇଥିଲେ। ଅବସ୍ଥା ସଙ୍କଟାପନ୍ନ ହେବାରୁ ସେମାନଙ୍କ ମଧ୍ୟରୁ ୨ ଜଣଙ୍କୁ ଫୁଲବାଣୀ ଏବଂ ୬ଜଣଙ୍କୁ ବୌଦ୍ଧ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ଅନ୍ୟ ୪ଜଣ ପୁରୁଣାକଟକ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ଖବର ପାଇ ବୌଦ୍ଧ ଏସ୍‌ପି ରାହୁଲ ଗୋଏଲ, ଅତିରିକ୍ତ ଜିଲାପାଳ ଅନିରୁଦ୍ଧ ପଧାନ, ଉପଜିଲାପାଳ ବିନୟ କୁମାର ଭୋଇ, ହରଭଙ୍ଗା ତହସିଲଦାର ବଳଦେବ ବେହେରା ଓ ପୁରୁଣାକଟକ ପୋଲିସ, ଆଇଆର୍‌ବି ଯବାନ, ଦମକଳ ବାହିନୀ ଓ ଓଡ୍ରାଫ୍ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିବା ସହ ଉଦ୍ଧାର କାର୍ଯ୍ୟ କରିଥିଲେ। ପୋଲିସ ପକ୍ଷରୁ ଘଟଣାସ୍ଥଳରେ ଡଗ୍ ସ୍କ୍ୱାଡ୍ ଓ ବୋମା ନିଷ୍କ୍ରିୟକାରୀ ଦଳ ସାହାଯ୍ୟରେ ମଧ ତଦନ୍ତ କରାଯାଇଥିଲା। ତେବେ ବାଣ ଥିବା ଗୋଦାମ ସଂଲଗ୍ନ ଅନ୍ୟ ଘର ଗୁଡିକରେ କିଛି ଫେରିବାଲା ଭଡାରେ ରହୁଥିବା ବେଳେ ସେମାନଙ୍କର କ୍ଷୟକ୍ଷତି ହୋଇ ନ ଥିବା ସୂଚନା ମିଳିଛି।

ଅନ୍ୟପକ୍ଷେ ଏହି ଘଟଣାର ଅଭିଯୁକ୍ତମାନଙ୍କୁ ତୁରନ୍ତ ଗିରଫ କରିବା ସହ କ୍ଷତିପୂରଣ ଦାବିରେ ମୃତାହତଙ୍କ ପରିବାର ଓ ଗ୍ରାମବାସୀ ଖୋର୍ଦ୍ଧା–ବଲାଙ୍ଗୀର ଜାତୀୟ ରାଜପଥ ଅବରୋଧ କରିଥିଲେ। ଫଳରେ ରାସ୍ତାର ଉଭୟ ପାର୍ଶ୍ୱରେ ଶହ ଶହ ସଂଖ୍ୟାରେ ଗାଡ଼ିମୋଟର ଅଟକି ରହିଥିଲା। ପ୍ରଶାସନ ପକ୍ଷରୁ କ୍ଷତିପୂରଣ ଦିଆଯିବା ପ୍ରତିଶ୍ରୁତି ମିଳିବାରୁ ଦୀର୍ଘ ତିନି ଘଣ୍ଟା ପରେ ରାସ୍ତା ଅବରୋଧ ହଟିଥିଲା। ଏ ନେଇ ପୁରୁଣାକଟକ ଥାନାଧିକାରୀ ଅରୁଣ କୁମାର ସିଂଙ୍କୁ ପଚାରିବାରୁ ବାଣ ବିସ୍ଫୋରଣ ଘଟଣାରେ ବର୍ତ୍ତମାନ ପୋଲିସର ଏକ ଟିମ୍ ଗଠନ କରି ତଦନ୍ତ ଆରମ୍ଭ ହୋଇଥିବା ସୂଚନା ଦେଇଛନ୍ତି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** – ପାରିବାରିକ ଓ କର୍ମକ୍ଷେତ୍ରର ପାରିପାର୍ଶ୍ୱିକ ପରିସ୍ଥିତି ବିଶେଷ ଭଲ ରହିବ। ଶୁକ୍ରଙ୍କ ପ୍ରଭାବରେ ବିଳାସ ଉପକରଣ ଓ ଅର୍ଥ ଲାଭ ସାଙ୍ଗକୁ ଶାରୀରିକ ସୁସ୍ଥତା ଫେରି ପାଇବେ। ଅବୁଝା ବନ୍ଧୁଙ୍କୁ ମନ ବୁଝିଲା ଭଳି କଥା କହି ପରିସ୍ଥିତିକୁ ସୁଧାରି ନେବେ। ଯାତ୍ରା, ବାଣିଜ୍ୟ, କ୍ରୟ ବିକ୍ରୟ, ଆନୁଷ୍ଠାନିକ ତଥା ମାଙ୍ଗଳିକ କାର୍ଯ୍ୟରେ ବ୍ୟସ୍ତତା ବୃଦ୍ଧି ପାଇପାରେ।

**ବୃଷ** – ଧନାଧିପତି କୋଣଭାବରେ ରହିଥିବାରୁ ଆଶା କରୁଥିବା ଦିଗରୁ ଅର୍ଥ ପାଇ ଖୁସି ହେବେ। ବନ୍ଧୁଙ୍କଠାରୁ ପ୍ରେରଣା ପାଇ ଦୁଃସାଧ କାର୍ଯ୍ୟ ସାଧନ କରିପାରନ୍ତି। ବିଶିଷ୍ଟବ୍ୟକ୍ତିଙ୍କ ଦ୍ୱାରା ଆଲୋଚନା କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବାକୁ ପଡିପାରେ। କର୍ମକ୍ଷେତ୍ରରେ ପଦୋନ୍ନତି ଘଟିବା ସାଙ୍ଗକୁ ବ୍ୟବସାୟ ଓ ପରିବହନ ମନ୍ଦ ହେବ ନାହିଁ।

**ମିଥୁନ** – ସମସ୍ତ ପ୍ରକାରର ସୁବିଧାଥିଲେ ମଧ ଖର୍ଚ୍ଚାନ୍ତ ହୋଇ କାମ ହାସଲ କରିବାକୁ ପଡ଼ିପାରେ। ନିଜ ସୁଖ ସୁବିଧାକୁ ଜଳାଞ୍ଜଳି ଦେଇ ଯେତେ ଭଲ କାମ କଲେ ମଧ ପରିବାର ଭିତରୁ ସମାଲୋଚିତ ହେବାକୁ ପଡ଼ିପାରେ। ସମ୍ପର୍କୀୟଙ୍କ ଦ୍ୱାରା ଭୋଗ ବିଳାସର ମଉକା ଜୁଟିପାରେ। ପ୍ରତିଯୋଗିତାମୂଳକ କାର୍ଯ୍ୟରେ ସଫଳତା ଅବଶ୍ୟ ପାଇବେ।

**କର୍କଟ** – ବିବାଦୀୟ ପରିସ୍ଥିତିର ସମ୍ମୁଖୀନ ହୋଇ ହଠାତ୍ କୌଣସି ନିଷ୍ପତ୍ତି ନେଇପାରିବେ ନାହିଁ। ଦୂରରେ ରହୁଥିବା ବନ୍ଧୁଙ୍କ ନିକଟରୁ ଆଶା କରୁଥିବା ଶୁଭ ଖବର ଶୁଣି ଖୁସି ହେବେ। କର୍ମକ୍ଷେତ୍ରରେ ଉଚ୍ଚବର୍ଗଙ୍କ ସାହାଯ୍ୟ ଓ ବନ୍ଧୁମିଳନରୁ ଉତ୍ସାହିତ ହେବେ। ଗୁପ୍ତ ଶତ୍ରୁମାନଙ୍କର ସକ୍ରିୟତା ବୃଦ୍ଧି ହେତୁ ସତର୍କତା ଅବଲମ୍ବନ କରିବା ଭଲ ହେବ।

**ସିଂହ** – ପ୍ରତିକୂଳ ପରିସ୍ଥିତି ଯୋଗୁ ଇଚ୍ଛା ଥିଲେ ମଧ କେତେକ କାମ କରିବା ଦିଗରେ ପଛେଇ ଯାଇପାରନ୍ତି। ଜମିଜମା, ଆରକ୍ଷୀ ମାମଲା ତଥା ବହୁତ ଦିନରୁ ଖୋଜୁଥିବା ଜିନିଷ ପ୍ରାପ୍ତି ହେବ। ଅସମ୍ପୂର୍ଣ୍ଣ କାମକୁ ସମ୍ପୂର୍ଣ୍ଣ କରିବା ଦିଗରେ ଆଜି ଦିନଟିର ଅଧିକାଂଶ ସମୟ ବିତିବ। ଶାରିରିକ ସ୍ୱାସ୍ଥ୍ୟ ସମସ୍ୟା ନେଇ ଚିନ୍ତା ପ୍ରକଟ କରିପାରନ୍ତି।

**କନ୍ୟା** – ଆଜି ଏକାଧାରରେ ଅର୍ଥ, ସମ୍ମାନ ଲାଭ ସାଙ୍ଗକୁ ବନ୍ଧୁଙ୍କ ଆତିଥ୍ୟ ଗ୍ରହଣ କରିବେ। କେତେକ ଅପୂରଣୀୟ ଆଶା ମନରେ ବିଭିନ୍ନ ପ୍ରକାର ଆଶଙ୍କା ସୃଷ୍ଟି କରିପାରେ। ପାରିବାରିକ କ୍ଷେତ୍ରରେ ଯେସାକୁ ତେସା ନୀତିରେ କାମ କରିପାରନ୍ତି। ପରକଥାରେ ପଡି ଭୁଲ୍ ମାର୍ଗ ଅନୁସରଣ କରି ଅନୁତାପ କରିବାକୁ ପଡ଼ିପାରେ।

**ତୁଳା** – ବନ୍ଧୁଙ୍କ ସମ୍ମୁଖରେ ମନର ଭାବକୁ ପ୍ରକାଶ କରିବାରେ ପଛେଇ ଯିବେ। ମାମଲାମକଦ୍ଦମାରେ ଆପୋସ ଆଲୋଚନା ଦ୍ୱାରା ସମସ୍ୟାର ସରଳ ସମାଧାନ ହୋଇଯିବ। ଶିଳ୍ପ, ବାଣିଜ୍ୟ ବ୍ୟବସାୟ ଓ ପରିବହନରେ ସମସ୍ୟା ଲାଗିରହିବ। କର୍ମକ୍ଷେତ୍ରରେ ଅତ୍ୟଧିକ କାର୍ଯ୍ୟବ୍ୟସ୍ତତା ଅଶାନ୍ତିର କାରଣ ହୋଇପାରେ।

**ବିଛା** – କର୍ମକ୍ଷେତ୍ରରେ ବିଭିନ୍ନ ପ୍ରକାରର ସମସ୍ୟା ଚିନ୍ତାକରି ମନ ଭାରାକ୍ରାନ୍ତ ରହିବ। ଖଳଲୋକଙ୍କ ପ୍ରରୋଚନାରେ ନୀଚ ସଂସର୍ଗରୁ ଦୂରେଇ ରହିବା ଭଲ, ଅନ୍ୟଥା କଳହର ସମ୍ଭାବନା ରହିଛି। ପରିବାରର ଆବଶ୍ୟକତା ପୂରଣ କରିବା ସକାଶେ ଧାର କରଜ କରିବାକୁ ବାଧ ହେବେ। ସଙ୍ଗୀତ, ଚଳଚ୍ଚିତ୍ର, କ୍ରୀଡ଼ା ପ୍ରଭୃତି କ୍ଷେତ୍ରରେ ସଫଳତା ମିଳିପାରେ।

**ଧନୁ** – ପାରିବାରିକ କ୍ଷେତ୍ରରେ ଅସ୍ଥିରତା କର୍ମକ୍ଷେତ୍ରକୁ ପ୍ରଭାବିତ କରିପାରେ। ଆଜି ଆପଣ ପ୍ରକାଶନ, ପ୍ରଶାସନ, ଯାନବାହନ, ନିର୍ମାଣ ଓ ଯାତ୍ରାରୁ ସୁଫଳ ପାଇବେ। କଠୋର କଥା କହିବାରୁ ସାଙ୍ଗସାଥୀଙ୍କ ମଧ୍ୟରେ ଅଶାନ୍ତି ଦେଖାଦେଇପାରେ। ସାମାଜିକ ସ୍ତରରେ କିମ୍ବା ରାଜନୀତିରେ ନେତୃତ୍ୱ ନେଇ ପ୍ରଶଂସିତ ହୋଇପାରନ୍ତି।

**ମକର** – ନିଜଲୋକଙ୍କ ପରିବର୍ତ୍ତିତ ଚିନ୍ତାଧାରା ଓ ବନ୍ଧୁଙ୍କ ସମର୍ଥନ ସହାୟକ ହୋଇପାରିବ। ମନ ଚାହୁଁ ନ ଥିଲେ ମଧ୍ୟ ଘର ପାଇଁ ଅତ୍ୟାବଶ୍ୟକ ଜିନିଷ ଆଣିବାକୁ ବାଧ ହେବେ। ରାଜନୈତିକ କ୍ଷେତ୍ରରେ ତୀବ୍ର ପ୍ରତିଦ୍ୱନ୍ଦ୍ୱିତାର ସମ୍ମୁଖୀନ ହେବାକୁ ପଡ଼ିପାରେ। ପରିବାରରେ ପିଲାଙ୍କ କ୍ଷେତ୍ରରେ ଅବହେଳା କରି ଅନୁତାପ କରିପାରନ୍ତି

**କୁମ୍ଭ** – କର୍ମକ୍ଷେତ୍ରର ଅସଜଡ଼ା ପରିସ୍ଥିତିକୁ ସଜାଡ଼ି ନେବାର ପ୍ରୟାସ କରି ସଫଳତା ପାଇବେ।। ଆର୍ଥିକ ସ୍ଥିତି ଦୁର୍ବଳ ରହିବାରୁ ବିକଳ୍ପ ଚିନ୍ତା ଓ ବ୍ୟବସ୍ଥା କରିବାକୁ ପଡ଼ିପାରେ। ଆଜି ଆନୁଷ୍ଠାନିକ କ୍ଷେତ୍ରରେ ସହଜ ଓ ସୁବିଧାରେ ହାତକୁ ନେଇଥିବା କାମଗୁଡିକ ସମ୍ପନ୍ନ ହୋଇଯିବ। ଶିଳ୍ପ, ବାଣିଜ୍ୟ ଓ ପରିବହନ ପାଇଁ ବିଶେଷ ଅସୁବିଧା ହେବ ନାହିଁ।

**ମୀନ** – ସଫଳତା ପ୍ରଚ୍ଛନ୍ନ ଭାବରେ ଲୁକ୍କାୟିତ ହୋଇଥିବାରୁ ପରୋକ୍ଷଭାବରେ ସହାୟତା ପାଇପାରିବେ। ପରିବାରରେ ଭୁଲ୍ ବୁଝାମଣା କାରଣରୁ ଅର୍ଥ ସମ୍ପର୍କକୁ ନେଇ ବିବାଦଗ୍ରସ୍ତ ହୋଇପାରନ୍ତି। ନିଜ ପରିସରରେ ନିଜର ଲୋକମାନଙ୍କ କଦର୍ଯ୍ୟ ବ୍ୟବହାରରେ ଅସନ୍ତୁଷ୍ଟ ହୋଇପାରନ୍ତି। ଶିଳ୍ପ, ବାଣିଜ୍ୟ, ବ୍ୟବସାୟରେ ସଫଳତା ହାସଲ କରିବେ।

ଆଜି ସେପ୍ଟେମ୍ବର ୨୨ ତାରିଖ, ଆଶ୍ୱିନ ଶୁକ୍ଳ ପ୍ରତିପଦା ସୋମବାର, ନବରାତ୍ର ବା ନବଦିନ ପକ୍ଷ ଆରମ୍ଭ, ଶ୍ରୀବିରଜାଦେବୀଙ୍କ ରଥଯାତ୍ରା, ଶ୍ରୀମନ୍ଦିରରେ ଶ୍ରୀଦୁର୍ଗାମାଧବ ବାହାର ବିଜେ, (ଆଜିଠାରୁ ସାତ ଦିନ ପର୍ଯ୍ୟନ୍ତ ଶରତ ଗୁଣ୍ଡିଚା)। ରାଶିନକ୍ଷତ୍ର–ଦିବା ଘ.୧୧.୨୪ ମି. ପର୍ଯ୍ୟନ୍ତ ଉତ୍ତରାଫାଲଗୁନୀ/କନ୍ୟା, ପ୍ରତିପଦାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଦିବା ଘ.୦୫.୩୯ ଗତେ ଘ.୦୭.୦୯ ମଧ୍ୟେ, ଘ.୦୮.୫୧ ଗତେ ଘ.୧୧.୧୫ ମଧ୍ୟେ ଶୁଦ୍ଧ ଶୁଭ ବେଳା । ସକାଳ ଘ.୦୭.୦୯ ଗତେ ଘ.୦୮.୩୯ ମଧ୍ୟେ ରାହୁ କାଳ।

# ୨୭ରେ ଝାରସୁଗୁଡ଼ା ଆସିବେ ପ୍ରଧାନମନ୍ତ୍ରୀ

## କ୍ଷେତ୍ର ପରିଦର୍ଶନ କଲେ ରାଜସ୍ୱ ମନ୍ତ୍ରୀ, ଭାଜପା ରାଜ୍ୟ ସଭାପତି

ଝାରସୁଗୁଡ଼ା,୨୧।୯(ଆଶିଷ ରଞ୍ଜନ ଦାଶ)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆସନ୍ତା ୨୭ରେ ଝାରସୁଗୁଡ଼ା ଗସ୍ତ କରିବା କାର୍ଯ୍ୟକ୍ରମ ରହିଛି। ସେ ଅମଲିପାଲିସ୍ଥିତ ରିଜର୍ଭ ପଡିଆରେ ହେବାକୁ ଥିବା ସର୍ବ ଭାରତୀୟ ଯୁବ ସମାବେଶରେ ଯୋଗଦେଇ ଯୁବ ସମାଜକୁ ଉଦ୍‌ବୋଧନ ଦେବେ। ପ୍ରଧାନମନ୍ତ୍ରୀଙ୍କ ସୁରକ୍ଷା ଓ କାର୍ଯ୍ୟକ୍ରମ ସଫଳ କରିବା ନିମନ୍ତେ ରବିବାର ସକାଳେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ, ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀ, ଜିଲାପାଳ କୁନାଲ ମୋତିରାମ ଚୌହାନ, ଏସ୍‌ପି ଗୁଣ୍ଡାଲା ରେଡ୍ଡୀ ରାଘବେନ୍ଦ୍ର ଅମଲିପାଲିଠାରେ ଥିବା ରିଜର୍ଭ ପଡିଆରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛନ୍ତି। ଏହି ପଡ଼ିଆରେ ସଫେଇ କାର୍ଯ୍ୟ ଆରମ୍ଭ ହୋଇଛି। ଏଥିସହ ମନ୍ତ୍ରୀ ପୂଜାରୀ, ବିଧାୟକ ତ୍ରିପାଠୀ, ଜିଲାପାଳ ଏବଂ ଏସ୍‌ପି ଅନ୍ୟ ୨ଟି ପଡିଆ ବୁଲି ଦେଖିଥିଲେ। ତେବେ ରିଜର୍ଭ ପଡିଆରେ କାର୍ଯ୍ୟକ୍ରମ ପାଇଁ ସ୍ଥିର କରାଯାଇଛି।

ସେହିପରି ସନ୍ଧ୍ୟାରେ ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ, ବରିଷ୍ଠ ଭାଜପା ନେତା ମାନସ ମହାନ୍ତି, ସୀମାଞ୍ଚଳ ଖଟେଇ ରିଜର୍ଭ ପଡ଼ିଆରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛନ୍ତି। ଏହି ପରିଦର୍ଶନ ସମୟରେ ଭାଜପା ଟିମ୍ ସହିତ ଏସ୍‌ପିଜିର ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ। ଏନେଇ ଗଣମାଧ୍ୟମ ପ୍ରତିନିଧିଙ୍କ ପ୍ରଶ୍ନର ଉତ୍ତର ଦେଇ ଭାଜପା ରାଜ୍ୟ ସଭାପତି ସାମଲ କହିଛନ୍ତି, ଆସନ୍ତା ୨୭ରେ ବ୍ରହ୍ମପୁରର ରଙ୍ଗେଇଲୁଣ୍ଡା ବିମାନବନ୍ଦର ପଡ଼ିଆରେ ସର୍ବ ଭାରତୀୟ ଯୁବ ସମାବେଶ କାର୍ଯ୍ୟକ୍ରମ ହେବାର ଥିଲା। ଏଥିରେ ପ୍ରଧାନମନ୍ତ୍ରୀ ମୋଦି ଯୋଗ ଦେବା ପାଇଁ ସ୍ଥିର ହୋଇଥିଲା। ପ୍ରଧାନମନ୍ତ୍ରୀଙ୍କ ସୁରକ୍ଷା ପାଇଁ ଡିଜିପି ଓ ମନ୍ତ୍ରୀ ସେଠାରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଥିଲେ। ହେଲେ ଖରାପ ପାଗ ଯୋଗୁ ଉକ୍ତ କାର୍ଯ୍ୟକ୍ରମ ପାଇଁ ସ୍ଥାନ ପରିବର୍ତ୍ତନ କରାଯାଇଛି। ଝାରସୁଗୁଡ଼ାର ଅମଲିପାଲିସ୍ଥିତ ରିଜର୍ଭ ପଡ଼ିଆରେ ଏହି କାର୍ଯ୍ୟକ୍ରମ ପାଇଁ ନିଷ୍ପତ୍ତି ହୋଇଛି। ଏଥିରେ ପ୍ରଧାନମନ୍ତ୍ରୀ ମୋଦି ଯୋଗଦେଇ ଯୁବକଙ୍କ ପାଇଁ କିଛି ବଡ଼ ଘୋଷଣା କରିପାରନ୍ତି।



ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ ଅମଲିପାଲିସ୍ଥିତ ରିଜର୍ଭ ପଡିଆରେ ସ୍ଥିତି ଅନୁଧ୍ୟାନ କରୁଛନ୍ତି।

# ଡଙ୍ଗାରେ ବଜ୍ରପାତ: ବାପ ମୃତ, ପୁଅ ନିଖୋଜ

## ବନ ବିଭାଗ, ସାମୁଦ୍ରିକ ପୋଲିସ ଡଙ୍ଗା ଉଦ୍ଧାର କଲା

ମହାକାଳପଡ଼ା,୨୧।୯(ପ୍ରତାପ ଚନ୍ଦ୍ର ସ୍ୱାଇଁ)

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ତନ୍ତିଆପାଳ ସାମୁଦ୍ରିକ ଥାନା ଅଧୀନ ତନ୍ତିଆପାଳ ଗ୍ରାମର ବିଜୟ ପରିଡ଼ା (୪୭) ପୁଅ ସହିତ ସମୁଦ୍ରକୁ ଡଙ୍ଗା ନେଇ ଶନିବାର ମାଛ ଧରିବାକୁ ଯାଇଥିଲେ। ଏହି ସମୟରେ ଅପରାହ୍ନରେ ସମୁଦ୍ର ମଝିରେ ପ୍ରବଳ ବର୍ଷା ସହ ବଜ୍ରପାତ ହୋଇଥିଲା। ଡଙ୍ଗାରେ ଥିବା ବାପ ବିଜୟଙ୍କ ମୃତ୍ୟୁ ଘଟିଥିବା ବେଳେ ପୁଅ ମାନସ (୧୭) ଛିଟିକି ସମୁଦ୍ରରେ ପଡ଼ି ନିଖୋଜ ହୋଇଯାଇଥିବା ନିକଟରେ ଥିବା ଟ୍ରଲର ଅନ୍ୟ ମତ୍ସ୍ୟଜୀବୀମାନଙ୍କୁ ଜଣାଇଥିଲେ। ସେମାନେ ତାଙ୍କ ଗାଁକୁ ଖବର ଦେଇଥିଲେ। ବିଜୟଙ୍କ ଛାତି ଓ ହାତରେ ବଜ୍ରପାତରେ ପୋଡ଼ିଗଲା ଭଳି କଳାଦାଗ ରହିଛି। ଖବରପାଇ ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟ ବନ ବିଭାଗର କର୍ମଚାରୀ ଓ ତନ୍ତିଆପାଳ ସାମୁଦ୍ରିକ ଥାନା ପୋଲିସ ସମୁଦ୍ରକୂଳ ପେଣ୍ଠ ନିକଟରୁ ଡଙ୍ଗାକୁ ଉଦ୍ଧାର କରି ତନ୍ତିଆପାଳ ମତ୍ସ୍ୟଜେଟୀରେ ପହଞ୍ଚିଛି। ବିଜୟଙ୍କ ମୃତ୍ୟୁ ପରେ ପରିବାରର ସ୍ତ୍ରୀ ଆଶାଙ୍କ ଆଖିରୁ ଲୁହ ଶୁଖୁନି। ୨ଟି ଛୋଟ ଝିଅ, ପୁଅଙ୍କୁ ନେଇ ସଂସାର କେମିତି ଚଳିବ କିଛି ବୁଦ୍ଧି ବାଟ ଦେଖାଯାଉନାହିଁ। ସରକାରୀ ସହାୟତା ଯୋଗାଇ ଦେବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି। ପୋଲିସ ମୃତଦେହ ଜବତ କରି ଏକ ଅପମୃତ୍ୟୁ ମାମଲା (୧୦/୨୫) ରୁଜୁ କରି ତଦନ୍ତ ଚଳାଇଛି। ମୃତଦେହ ବ୍ୟବଚ୍ଛେଦ ପାଇଁ କେନ୍ଦ୍ରାପଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଛି ବୋଲି ଆଇଆଇସି କିଶୋର କୁମାର ତରାଇ କହିଛନ୍ତି।


ବର୍ଷ ବର୍ଷ ଧରି ବିଶ୍ୱସ୍ତ ନାମ





ଏକଜିମା, କୁଣ୍ଡିଆ ଓ ଯାଦୁ ରୋଗରୁ
ବି-ଟେକ୍ସ ମଲମ ଆରାମ ଦିଏ।

BIJAY PHARMACEUTICAL AGENCY,
CUTTACK. Ph.: 2308429


# କ୍ଷେତରେ ମଜୁରିଆଙ୍କୁ ଦଳିଦେଲା ହାତୀ

ମୁରିବାହାଲ,୨୧।୯(ଶ୍ରୀବତ୍ସ ବେହେରା)

ବଲାଙ୍ଗୀର ଜିଲା ମୁରିବାହାଲ ବନାଞ୍ଚଳ ଅଧୀନ ଖଲିଆପାଲି ଗ୍ରାମରେ ରବିବାର ଏକ ଅଭାବନୀୟ ଘଟଣା ଘଟିଛି। କ୍ଷେତରେ ଔଷଧ ଛିଞ୍ଚନ କରିବାକୁ ଯାଇଥିବା ବେଳେ ବଣୁଆ ହାତୀ ଦଳି ଦେବାରୁ ଜଣେ ମଜୁରିଆଙ୍କ ମୃତ୍ୟୁ ହୋଇଛି। ସେ ହେଲେ ଖଲିଆପାଲି ଗ୍ରାମର ସତ୍ୟ ଦେଓ( ୫୩)।

ପ୍ରକାଶ ଯେ, ଖଲିଆପାଲି ଗ୍ରାମର ଭଗବାନ ପଧାନ କପାଚାଷ କରିଥିଲେ। ସେହି ଗାଁର ସତ୍ୟଙ୍କ ସହିତ ଅନ୍ୟ ଦୁଇ ଜଣ ମଜୁରିଆ ସକାଳେ ୯ଟାରେ ଭଗବାନଙ୍କ କପାଚାଷରେ ଔଷଧ ଛିଞ୍ଚନ କରିବାକୁ ଯାଇଥିଲେ। ସେହି ସମୟରେ ୧୩ ଟିକିଆ ହାତୀପଲ ହଠାତ କ୍ଷେତକୁ ଆସିଯିବାରୁ ୨ ଜଣ ଶ୍ରମିକ ଦୌଡ଼ି ପଳାଇଥିଲେ। କିନ୍ତୁ ସତ୍ୟ ଯାଇପାରି ନ ଥିଲେ। ଫଳରେ ହାତୀ ଦଳିଦେବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ପରେ ହାତୀପଲ ସତ୍ୟ ମୃତଦେହକୁ ପ୍ରାୟ ୫ ଘଣ୍ଟା ପର୍ଯ୍ୟନ୍ତ ଘେରି ରଖିଥିଲେ। ଖବର ପାଇ ମୁରିବାହାଲ ବନାଞ୍ଚଳ ଅଧିକାରୀ ଶିବ ପ୍ରସାଦ ନାଏକଙ୍କ ନେତୃତ୍ୱରେ ୧୦ ଜଣିଆ ଦଳ ପହଞ୍ଚି ଡ୍ରମ ସହାୟତାରେ ହାତୀପଲକୁ ଘଉଡ଼ାଇଥିଲେ। ଫଳରେ ହାତୀ ପଲ ଭଣ୍ଡାରବାଞ୍ଜି ଗ୍ରାମପଟକୁ ଚାଲିଯାଇଥିଲେ। ମୁରିବାହାଲ ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ କଣ୍ଟାବାଞ୍ଜି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଛି। ଏ ନେଇ ଏକ ଅପମୃତ୍ୟୁ ମାମଲା (ନଂ. ୧୬/୨୫) ରୁଜୁ କରାଯାଇଛି। ଅନ୍ୟପକ୍ଷରେ ଜଙ୍ଗଲ ବିଭାଗ ତରଫରୁ ମୃତକଙ୍କ ପରିବାରକୁ ଅନୁକମ୍ପା ସହାୟତା ରାଶି ୧୦ ଲକ୍ଷ ଟଙ୍କା ଦେବା ପାଇଁ ବନ ବିଭାଗ ତରଫରୁ ପ୍ରସ୍ତୁତି ଆରମ୍ଭ କରାଯାଇଥିବା ଜଣାପଡ଼ିଛି।

**କପାଚାଷରେ ଔଷଧ ସିଞ୍ଚନ କରିବାକୁ ଯାଇଥିଲେ**

# ଦନ୍ତା ଆକ୍ରମଣରେ ବୃଦ୍ଧଙ୍କ ମୃତ୍ୟୁ

ଚମ୍ପୁଆ/ଯୋଡ଼ା,୨୧।୯(ମହେଶ୍ୱର ଦାସ/ମାନସ ମହାନ୍ତି)

କେନ୍ଦୁଝର ଜିଲା ଚମ୍ପୁଆ ରେଞ୍ଜ ଯୋଡ଼ାପୋଖରୀ ଗ୍ରାମରେ ରବିବାର ଭୋର ସମୟରେ ଦନ୍ତା ହାତୀ ଆକ୍ରମଣରେ ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଗ୍ରାମର ନରୋତ୍ତମ ମହାନ୍ତ (୬୫)। ସେ ଭୋର ପ୍ରାୟ ୫ଟା ସମୟରେ ଶୌଚ ହେବା ପାଇଁ ଯାଉଥିବା ସମୟରେ ରାସ୍ତାରେ ଦନ୍ତାହାତୀ ହାବୁଡ଼ରେ ପଡ଼ିଯାଇଥିଲେ। ହାତୀ ତାଙ୍କୁ ଶୁଣ୍ଢରେ କଚାଡ଼ି ଦେଇଥିଲା। ବିଳମ୍ବ ହେବାରୁ ପୁଅ ପ୍ରଶାନ୍ତ ମହାନ୍ତ ତାଙ୍କୁ ଖୋଜିବାକୁ ଯାଇଥିଲେ। ଘରଠାରୁ ଅନତି ଦୂରରେ ନରୋତ୍ତମ ଅଚେତ ଅବସ୍ଥାରେ ପଡ଼ିଥିଲେ। ତାଙ୍କ ଛାତି ଓ ଉକ୍ତ ସ୍ଥାନରେ ହାତୀର ପାଦ ଚିହ୍ନ ପଡ଼ିଥିବା ଦେଖିବାକୁ ପାଇଥିଲେ। ବନ ବିଭାଗ ସହାୟତାରେ ତାଙ୍କୁ ଗୁରୁତର ଅବସ୍ଥାରେ ଚମ୍ପୁଆ ଉପଖଣ୍ଡ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଚମ୍ପୁଆ ପୋଲିସ ଏକ ମାମଲା(ନଂ. ୪୬/୨୫) ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପାଇ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇ ତଦନ୍ତ ଆରମ୍ଭ କରିଛି।






KILLER



VISIT STORE TO AVAIL
EXCITING PUJA OFFERS*

FLAT ₹2599/-
ALL MERCHANDISE(MRP ₹2600/- TO ₹3499/-)

FLAT 6.25% OFF
ON ALL MERCHANDISE MRP ₹1049/- TO ₹2599/-

NO MRP HIKE
DESPITE INCREASE IN GST

APPARELS | EYEWEAR | INNERWEAR | ACCESSORIES | PERSONAL CARE
AVAILABLE AT KILLER EXCLUSIVE STORES | K LOUNGE | TRENDS | SHOPPERS STOP | lifestyle | CENTRO | FASHION FACTORY | AND ALL LEADING RETAILERS IN YOUR CITY.
FOR TRADE & EBO ENQUIRIES: GRC GARMENTS: 93375 11696/ 70089 40186
FOR FRANCHISEE & INSTITUTIONAL ENQUIRIES: 8657939718 / 022 26914400
E-MAIL: FRANCHISEE@KEWALKIRAN.COM
AVAILABLE AT: Flipkart • WOMENSWEAR • KIDSWEAR FOOTWEAR • TRAVEL GEAR
FOLLOW US ON:
EXPLORE MORE

"କେତେକ କହନ୍ତି- ଯୀଶୁଖ୍ରୀଷ୍ଟଙ୍କ ମୁଖ- ନିଃସୃତବାଣୀ କୁଆଡେ ଜାଲିଆତି କଥା ଏବଂ ଶ୍ରୀକୃଷ୍ଣ ମଧ କୁଆଡେ କବିଙ୍କର କଳ୍ପନା। ଆମ୍ଭେମାନେ କିନ୍ତୁ ଏହି ଜାଲିଆତି ପାଇଁ ଭଗବାନଙ୍କୁ କୃତଜ୍ଞତା ଜଣାଉଛୁ ଏବଂ କବି- କଳ୍ପନାକୁ ପ୍ରଣତି ଜଣାଉଛୁ। -ଶ୍ରୀଅରବିନ୍ଦ

-ଶ୍ରୀଦୁର୍ଗାଦେବ୍ୟାଃ
ନବଦିନାତ୍ମକ ପୂଜାରମ୍ଭ,
ଶ୍ରୀବିରଜାଦେବୀଙ୍କ ରଥଯାତ୍ରା



# ଏଚ୍‌୧ବି ଭିଜା

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଭାରତୀୟ ସାମଗ୍ରୀ ଉପରେ ୫୦ ପ୍ରତିଶତ ଟାରିଫ୍ ବସାଇବା ପରେ ଏବେ ଏଚ୍‌୧ବି ଭିଜା ଦେୟ ଅସମ୍ଭବ ସ୍ତର ଯାଏ ବଢ଼ାଇ ବିଦେଶ ଯାଇ ଅର୍ଥ ଅର୍ଜନ କରିବାକୁ ଚାହୁଁଥିବା ଭାରତୀୟଙ୍କ ସ୍ୱପ୍ନକୁ ଭାଙ୍ଗି ଦେଇଛନ୍ତି। ଆମେରିକାକୁ ରୋଜଗାର ପାଇଁ ଯିବାକୁ ଥିବା ଭାରତୀୟଙ୍କୁ ଯେଉଁ କମ୍ପାନୀ ଡାକିକରି ନେଉଥିଲା, ସେହି ସଂସ୍ଥା ଏଚ୍‌୧ବି ଭିଜା ଦେୟ ବାବଦରେ ପୂର୍ବରୁ ୨ରୁ ୫ ହଜାର ଆମେରିକୀୟ ଡଲାର ଦେଉଥିଲା। ନୂଆ ନିୟମ ଅନୁଯାୟୀ ବାର୍ଷିକ ୧ ଲକ୍ଷ ଆମେରିକୀୟ ଡଲାର ବା (ଆଜିକା ଦରରେ) ପ୍ରାୟ ୮୮ ଲକ୍ଷ ଭାରତୀୟ ଟଙ୍କା ଦେବାକୁ ପଡ଼ିବ। ସେପ୍ଟେମ୍ବର ୨୧ ମଧ୍ୟରାତ୍ରରୁ ଏହାକୁ ଲାଗୁ କରାଯାଇଛି। ଏଚ୍‌୧ବି ଭିଜା ବିଷୟରେ କହିଲେ ଏହା ହେଉଛି ଆମେରିକାର ଏକ ଅସ୍ଥାୟୀ କାର୍ଯ୍ୟକାରୀ ଭିଜା। ସେଠାରେ କମ୍ପାନୀଗୁଡ଼ିକୁ ବିଦେଶୀ ଉଚ୍ଚଶିକ୍ଷିତ ବିଶେଷଜ୍ଞଙ୍କୁ ସ୍ପେସିଆଲିଟି ଅକ୍ୟୁପେଶନ ବା ବିଶେଷ କାର୍ଯ୍ୟକ୍ଷେତ୍ରରେ ନିଯୁକ୍ତି ଦେବାରେ ସାହାଯ୍ୟ କରିଥାଏ । ମୁଖ୍ୟତଃ ସୂଚନା ପ୍ରଯୁକ୍ତି (ଆଇଟି), ଇଞ୍ଜିନିୟରିଂ, ଡାକ୍ତରୀ, ଅର୍ଥ (ଫାଇନାନ୍ସ) ଆଦି କ୍ଷେତ୍ରରେ ବିଶେଷ ପାରଦର୍ଶିତା ଅର୍ଜନ କରିଥିବା ବ୍ୟକ୍ତିମାନେ ଏଚ୍‌୧ବି ଭିଜାଧାରୀ ହୋଇଥାଆନ୍ତି। ପ୍ରତିଭାକୁ ଆକର୍ଷିତ କରି ଆମେରିକା ସର୍ବୋଚ୍ଚରେ ରହିଛି ବୋଲି ସମସ୍ତେ ଜାଣନ୍ତି। ଏହାବ୍ୟତୀତ ସେଠାରେ ଇଂଲିଶ ଭାଷାର ପ୍ରୟୋଗ ହେଉଥିବାରୁ ତାହା ଭାରତୀୟଙ୍କୁ ସୁହାଇଥାଏ। ଅର୍ଥନୀତିର ନିୟମ ଅନୁଯାୟୀ ଯେଉଁ ସାମଗ୍ରୀର ଚାହିଦା ଅଧିକ ରହିବ, ତାହାର ମୂଲ୍ୟ ବଢ଼ିବା ଧାର୍ଯ୍ୟ। ସ୍ଥିତି ଏମିତି ହୋଇଛି ଯେ ଆମେରିକା ପ୍ରତି ଅନେକେ ଆକୃଷ୍ଟ ହେଉଥିବାରୁ ଲଟେରି ମାଧ୍ୟମରେ ଏଚ୍‌୧ବି ଭିଜାଧାରୀ ଚୟନ ହୋଇଥାଆନ୍ତି। ତଥ୍ୟ ଅନୁଯାୟୀ ଆମେରିକା ବର୍ଷକୁ ୮୫ ହଜାର ଏଚ୍‌୧ବି ଭିଜା ଦେଇଥାଏ। ସେଥିରୁ ୭୧ ପ୍ରତିଶତ ଭିଜାଧାରୀ ଭାରତୀୟ। ଚାଇନା ୧୧.୭ ପ୍ରତିଶତ ଭିଜାଧାରୀଙ୍କୁ ନେଇ ଦ୍ୱିତୀୟରେ ଥିବା ବେଳେ ଫିଲିପାଇନ୍ସ ୧.୩ ପ୍ରତିଶତ, କାନାଡା ୧.୧, ଦକ୍ଷିଣ କୋରିଆ ୧ ପ୍ରତିଶତ ଓ ଅନ୍ୟାନ୍ୟ ଦେଶ ୧୩.୯ ପ୍ରତିଶତ ରହିଛନ୍ତି। ଏଥିରୁ ସ୍ପଷ୍ଟ ବୁଝାପଡୁଛି ଯେ, ଟ୍ରମ୍ପ୍‌ଙ୍କ ଭିଜା ବୃଦ୍ଧିର ପ୍ରହାର ସର୍ବାଧିକ ଭାରତୀୟଙ୍କ ଉପରେ ପଡ଼ିବ।

ଖୁବ୍ ନିକଟ ଅତୀତରେ ଭାରତୀୟ ସାମଗ୍ରୀ ଉପରେ ପ୍ରଥମେ ୨୫ ପ୍ରତିଶତ ଟାରିଫ୍ ଲଗାଇଥିବା ରାଷ୍ଟ୍ରପତି ଟ୍ରମ୍ପ୍ ତାହାକୁ ଦ୍ୱିତୀୟ ଥର ବୃଦ୍ଧି କରି ମୋଟ ୫୦ ପ୍ରତିଶତକୁ ନେଇଯାଇଥିଲେ। ସେହି ପଦକ୍ଷେପରୁ ବୁଝିପାରିବା କଥା ଯେ ଟ୍ରମ୍ପ୍‌ଙ୍କ କ୍ରୋଧ ଭାରତୀୟଙ୍କ ଉପରେ ନ ଥାଇ କେବଳ ଭାରତୀୟ ନେତାମାନଙ୍କ ଅଖାଡୁଆ ବ୍ୟବହାର ଯୋଗୁ ଏହି ଦେଶର କ୍ଷତି ଘଟିଛି। ଟାରିଫ୍ ଲାଗୁ କରିବା ପୂର୍ବରୁ ଟ୍ରମ୍ପ୍ ପ୍ରଥମେ ତାଙ୍କର ବିରକ୍ତି ଭାବ ପ୍ରକାଶ କରିବାକୁ ଯାଇ କହିଥିଲେ ଯେ, ଭାରତ 'ଏକ ମୃତ ଅର୍ଥନୀତି'। ଭାରତ-ପାକିସ୍ତାନ ମଧ୍ୟରେ ହୋଇଥିବା ଯୁଦ୍ଧରେ ବିରତି ଆଣିବାରେ ତାଙ୍କର ଭୂମିକା ଥିଲା ବୋଲି ସେ ବାରମ୍ବାର ଦୋହରାଇଥିଲେ। ଭାରତ ତା'ର ଉତ୍ତର ଭାବେ ବାରମ୍ବାର ତାଙ୍କର ଏହି ଦାବିକୁ ଖଣ୍ଡନ କରିଚାଲିଲା। ନିଜର ଭାବମୂର୍ତ୍ତି ସୃଷ୍ଟି କରିବା ପାଇଁ ହେଉ କିମ୍ବା ବାସ୍ତବତା, ଟ୍ରମ୍ପ୍‌ଙ୍କ ଏହି ଦାବି ତାଙ୍କ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଥିଲା ବୋଲି ଏବେ ସାଧାରଣ ଲୋକ ବୁଝିପାରୁଥିବେ। ଗତ ସପ୍ତାହରେ ଅର୍ଥାତ୍ ୨୦ ସେପ୍ଟେମ୍ବରରେ ଟ୍ରମ୍ପ୍ ପୁନର୍ବାର ଭାରତ-ପାକିସ୍ତାନ ଯୁଦ୍ଧ ଅଟକାଇଥିଲେ ବୋଲି ସାଧାରଣରେ କହିଛନ୍ତି। ବୈଦେଶିକ ନୀତି ସୃଷ୍ଟି କରୁଥିବା ଭାରତର କର୍ତ୍ତୃପକ୍ଷମାନେ ଟ୍ରମ୍ପ୍‌ଙ୍କ ଚରିତ୍ରକୁ ବୁଝି କାର୍ଯ୍ୟ କରିବାର ଥିଲା। ତାଙ୍କର ଏହି ଯୁଦ୍ଧବିରତି ଦାବିକୁ ଖଣ୍ଡନ କିମ୍ବା ସମର୍ଥନ ନ କରି ନୀରବ ରହିଥିଲେ ସମ୍ଭବତଃ ଭାରତ ପାଇଁ ଏକ ନୂଆ ବାଟ ଫିଟିପାରିଥାନ୍ତା। ଏଠାରେ ୟୁରୋପୀୟ ସଂଘ ଓ ଚାଇନାକୁ ଦେଖାଯାଉ। ଟ୍ରମ୍ପ୍ ୟୁରୋପୀୟ ସଂଘ ଉପରେ ରୁଷିଆକୁ ଏକଘରିଆ କରିବା ପାଇଁ ଯେତେ ଚାପ ପକାଉଥିଲେ ମଧ ସଦସ୍ୟ ଦେଶଗୁଡ଼ିକ ଏପଟସେପଟ କରି ସ୍ଥିତିକୁ ସମ୍ଭାଳି ନେବାର ଲକ୍ଷ୍ୟ କରାଯାଉଛି। ସେହିପରି ଚାଇନା ପ୍ରବଳମାତ୍ରାରେ ରୁଷିଆଠାରୁ ତେଲ କିଣୁଥିବା ସତ୍ତ୍ୱେ ଟ୍ରମ୍ପ୍‌ଙ୍କୁ ବିଭିନ୍ନ ଭାବରେ ଆଉଁସି ରଖିପାରିଛି ବୋଲି ତା'ର ସାମଗ୍ରୀ ଉପରେ ଟାରିଫ୍ ଭାରତ ତୁଳନାରେ କମ୍ ରହିଛି।

ଏଭଳି ପ୍ରଚ୍ଛଦପଟରେ ଭାରତକୁ ତା'ର ପୂର୍ବ ତ୍ରୁଟିଗୁଡ଼ିକୁ ସ୍ୱୀକାର କରି ଭବିଷ୍ୟତ ପାଇଁ ରାସ୍ତା ସୃଷ୍ଟି କରିବାକୁ ହେବ। ଅନେକ ଭାରତୀୟ ଯେଉଁମାନେ ଆମେରିକାରେ ଚାକିରି କରୁଛନ୍ତି, ସେମାନେ ବାଧ ହୋଇ ସ୍ୱଦେଶ ଫେରିବେ। ସେମାନଙ୍କ ସମେତ ଅନ୍ୟ ଯୋଗ୍ୟ ଭାରତୀୟ ଯୁବଶକ୍ତିକୁ ଭାରତରେ ଅବସ୍ଥାପିତ କରିବା ପାଇଁ ନୀତି ଓ ଭିତ୍ତିଭୂମି ସୃଷ୍ଟି କରିବାକୁ ହେବ। ନୀତି ତିଆରି କରିବା ସହଜ ହୋଇପାରେ। କିନ୍ତୁ ଭିତ୍ତିଭୂମି ସୃଷ୍ଟି କରିବା ଭାରତ ପାଇଁ ଏକପ୍ରକାର ଅସମ୍ଭବ। କାରଣ ଏହିସବୁ ନୂତନ 'କଟିଂ ଏଜ୍' ବା ଅତ୍ୟାଧୁନିକ ଏଆଇ ଗବେଷଣା ଓ ଉନ୍ନତି କରିବା ପାଇଁ ଯେଉଁ ପରିମାଣର ଜମି, ବିଦ୍ୟୁତ୍ ଶକ୍ତି, ଅର୍ଥ ଏବଂ ଜ୍ଞାନକୌଶଳର ଚାହିଦା ରହିବ ; ତାହା ପୂରଣ କରିବା ଭାରତ ପକ୍ଷେ ଅସମ୍ଭବ। ମନେରଖିବାକୁ ହେବ ଯେ, ବିଦେଶରେ ବିଶେଷକରି ଆମେରିକାର ଆଇଟି ଶିଳ୍ପରେ କାର୍ଯ୍ୟ କରୁଥିବା ଭାରତୀୟମାନେ ମଧ୍ୟସ୍ତରରେ ଅଧିକ ସଂଖ୍ୟକ ରହିଛନ୍ତି। ସେଥିପାଇଁ ସେମାନଙ୍କୁ ଅଭିନବତ୍ୱର ପନ୍ଥା ଦର୍ଶାଇବା ପାଇଁ ସେହିଭଳି ବୈଷୟିକ ନେତୃତ୍ୱର ଚାହିଦା ରହିବ, ଯାହା ଭାରତ ପାଖରେ ଏବେ ନାହିଁ। ଅନ୍ୟପଟେ ୟୁରୋପୀୟ ସଂଘ, ଅଷ୍ଟ୍ରେଲିଆ ଏବଂ କାନାଡାକୁ ଭାରତୀୟମାନେ ଯାଇପାରିଥାଆନ୍ତେ। ଏହି ସମୟରେ ୟୁରୋପୀୟ ସଂଘ ଓ ଅଷ୍ଟ୍ରେଲିଆରେ ପ୍ରବଳ ମାତ୍ରାରେ ଆପ୍ରବାସ ବିରୋଧୀ ସ୍ରୋତ ବହୁଛି। ତତ୍‌ସହିତ କାନାଡା ସହ ଭାରତ ସରକାର ଝଗଡ଼ା କରିବସିଛି, ଯାହାର କୁଫଳ ଏବେ ଭୋଗିବାକୁ ପଡ଼ିବ। ବର୍ତ୍ତମାନ ଭାରତୀୟଙ୍କ ପାଇଁ 'ଲୁକ୍ ଇଷ୍ଟ' ବା 'ପୂର୍ବକୁ ଦେଖ' ନୀତି ଆପଣାଇବାକୁ ହେବ। ଏହି ବର୍ଷ ଅଗଷ୍ଟରେ ଜାପାନ-ଭାରତ ମଧ୍ୟରେ ଚୁକ୍ତି ସ୍ୱାକ୍ଷରିତ ହୋଇଥିଲା, ଯେଉଁଥିରେ ୫ ଲକ୍ଷ ଦକ୍ଷ ଶ୍ରମଶକ୍ତିର ଆଦାନପ୍ରଦାନ କଥା ରହିଥିଲା। ଏହିଭଳି ସମ୍ଭାବନା ଥିବା ହେତୁ ଏବେଠାରୁ ଭାରତୀୟମାନେ ହିନ୍ଦୀ ପରିବର୍ତ୍ତେ ଜାପାନିଜ୍ ଓ ଚାଇନାର ମାଣ୍ଡାରିନ ଭାଷା ଶିଖିଲେ ଅଧିକ ଅର୍ଥନୈତିକ ଲାଭ ପାଇପାରିବେ।

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 1 | | 3 | 5 | | | | |
| | | | | 7 | 9 | | | |
| | | | 2 | | | | 4 | |
| | 6 | | 4 | | | 5 | | 3 |
| | | 8 | 9 | | 6 | | | |
| | | | | | | | 7 | |
| 8 | | | | | | | 5 | |
| | | 9 | | | 3 | | | |
| 3 | 5 | 7 | | | | | 9 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 2 | 4 | 5 | 6 | 8 | 9 | 3 | 1 | 7 |
| 9 | 7 | 6 | 4 | 3 | 1 | 5 | 2 | 8 |
| 3 | 1 | 8 | 2 | 7 | 5 | 9 | 4 | 6 |
| 6 | 8 | 4 | 9 | 1 | 7 | 2 | 3 | 5 |
| 5 | 2 | 1 | 3 | 4 | 8 | 6 | 7 | 9 |
| 7 | 3 | 9 | 5 | 2 | 6 | 1 | 8 | 4 |
| 1 | 9 | 7 | 8 | 5 | 3 | 4 | 6 | 2 |
| 4 | 6 | 3 | 7 | 9 | 2 | 8 | 5 | 1 |
| 8 | 5 | 2 | 1 | 6 | 4 | 7 | 9 | 3 |

ଗତକାଲିର ଉତ୍ତର

# ମାତୃଭାଷାର ସୁରକ୍ଷା



ବୈକୁଣ୍ଠନାଥ ମିଶ୍ର

ସ୍ୱାଧୀନତାର ପରବର୍ତ୍ତୀ ସମୟରେ ଯେତେବେଳେ ଶିକ୍ଷାର ବ୍ୟାପକ ପ୍ରସାର ଘଟି ନ ଥିଲା ଓ ସମାଜରେ ଅଳ୍ପ କେତେଜଣ ପାଠୁଆ ଲୋକଙ୍କୁ ଛାଡ଼ିଦେଲେ ଜନସଂଖ୍ୟାର ଏକ ସିଂହଭାଗ ଅପାଠୁଆ ଥିଲେ ସେହି ସମୟରେ ସରକାରୀ ଦପ୍ତରରେ ଯେଉଁ ଚିଠିପତ୍ର ଲେଖାଯାଉଥିଲା ତାହା କେବଳ ଇଂଲିଶ ଭାଷାରେ ଥିଲା। ଫଳରେ ଅପାଠୁଆ ଲୋକଟି ତା'ପାଖକୁ ଡାକଯୋଗେ ଆସୁଥିବା ଚିଠିଟି ଧରି ପାଠୁଆ ଲୋକର ସନ୍ଧାନରେ ବାହାରୁଥିଲା, ଯିଏ ତାକୁ ଚିଠିର ମର୍ମ ବୁଝାଇ ପାରିବ। କେତେକ କ୍ଷେତ୍ରରେ ଚିଠି ବୁଝିବା ସମ୍ଭବ ହେଲେ ମଧ୍ୟ ବହୁ କ୍ଷେତ୍ରରେ ତାକୁ ନିରାଶ ହେବାକୁ ପଡୁଥିଲା। ସାଧାରଣ ଲୋକର ଏ ଅସୁବିଧାକୁ ହୃଦୟଙ୍ଗମ କରିଥିଲେ ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ନବକୃଷ୍ଣ ଚୌଧୁରୀ। ଦ୍ୱିତୀୟତଃ ଇଂରେଜମାନେ ଏ ଦେଶ ଛାଡ଼ି ଚାଲିଗଲା ପରେ ଇଂଲିଶ ଭାଷାର ଗୁରୁତ୍ୱ ହ୍ରାସକରି ମାତୃଭାଷା ଓଡ଼ିଆକୁ ପ୍ରାଧାନ୍ୟଦେବା ଥିଲା ନବକୃଷ୍ଣଙ୍କର ଅଭିଳାଷ। ତାଙ୍କ ଉଦ୍ୟମରେ ପ୍ରଥମକରି ୧୯୫୪ ସେପ୍ଟେମ୍ବର ୮ରେ ଓଡ଼ିଆକୁ ସରକାରୀ ଭାଷାର ମାନ୍ୟତା ଦେବା ପାଇଁ 'ଭାଷା ସୁରକ୍ଷା ଆଇନ' ପ୍ରଣୀତ ହେଲା। ଜନସାଧାରଣଙ୍କ ମନରେ ଏକ ଆଶା ଉଜ୍ଜୀବିତ ହେଲା ଯେ ଏଣିକି ସରକାରୀ ଚିଠିପତ୍ର ଓଡ଼ିଆରେ ଆଦାନ ପ୍ରଦାନ ହେବ ଓ ସେଗୁଡ଼ିକୁ ବୁଝିବାରେ କୌଣସି ଅସୁବିଧା ହେବନାହିଁ। କିନ୍ତୁ ଅମଲାତାନ୍ତ୍ରିକ ଅଭିସନ୍ଧି ଓ ରାଜନୈତିକ କୂଟନୀତି ଯୋଗୁ ତାହା ନାଲିଫିତା ତଳେ ଚାପିହୋଇଗଲା।

୮୦ଦଶକରେ କଂଗ୍ରେସ ଶାସନ ସମୟରେ ମୁଖ୍ୟମନ୍ତ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ଉଦ୍ୟମରେ ଓଡ଼ିଆକୁ ସରକାରୀ ଭାଷାର ମାନ୍ୟତା ପ୍ରଦାନ କରାଯିବାର ଆଉ ଏକ ଅଭିଯାନ ଆରମ୍ଭ ହେଲା। ଏପରିକି ଇଂଲିଶ୍ ଭାଷାର ବ୍ୟବହାରିକ ଭାଷାନ୍ତର ପାଇଁ ସ୍ୱତନ୍ତ୍ର ଶବ୍ଦକୋଷ ପ୍ରସ୍ତୁତିର ଉଦ୍ୟମ କରାଗଲା। କିନ୍ତୁ ଏପରି ଉଦ୍ୟମ କିଛିଦିନ ପରେ ଅକାମୀ ହୋଇଗଲା। ଏପରିକି କେତେଜଣ ପ୍ରଜ୍ଞାଶୀଳ ବ୍ୟକ୍ତି ଆଶଙ୍କା ପ୍ରକଟ କଲେ ଯେ ଇଂଲିଶ ଭାଷାର ସହାୟତା ବିନା ଓଡ଼ିଆ ଭାଷା ପ୍ରଚଳନ ସମ୍ଭବ ନୁହେଁ। ଉଦାହରଣ ସ୍ୱରୂପ ଗ୍ଲାସ୍, କପ୍, ଟେବୁଲ, କମ୍ପ୍ୟୁଟର, ଟିଭି, ବସ୍, କାର୍, ପେନ୍‌ସିଲ୍, ଶାର୍ଟ, ପ୍ୟାଣ୍ଟ, ଇଲେକ୍ଟ୍ରିକ୍ ବଲ୍‌ବ- ଏହିପରି ଆହୁରି ଅନେକ ଜିନିଷର ନାମକୁ ଓଡ଼ିଆରେ ପ୍ରକାଶ କରିହେବ ନାହିଁ। ଯଦିବା କରାଯାଏ, ଏହା ଇଂଲିଶ୍ ଶବ୍ଦଠାରୁ ଅଧିକ କଠିନ ଓ ଅବୋଧ୍ୟ ହେବ। ତେଣୁ ଏହାର ପ୍ରୟୋଗ ଅତ୍ୟନ୍ତ ଦୁର୍ବୋଧ୍ୟ ଏବଂ ଅସଙ୍ଗତ ହେବ। ଯଦି ସାଇକେଲକୁ ଓଡ଼ିଆ ଭାଷାରେ ଦ୍ୱିଚକ୍ର ଯାନ କୁହାଯାଏ ଏହା କେତେ ଅସଙ୍ଗତ ହେବ ତାହା ସହଜରେ ଅନୁମେୟ। କେତେଜଣ ବୁଦ୍ଧିଜୀବୀ ମତଦେଲେ ଯେ ଇଂଲିଶ ବିନା ଓଡ଼ିଆ ଭାଷା କଥନ,



ଲିଖନ ଓ ପଠନ ସମ୍ଭବ ନୁହେଁ। ସେମାନଙ୍କ ମତରେ ବିଶେଷ୍ୟ ପଦଗୁଡ଼ିକ ଇଂଲିଶରେ ଓ ବାକ୍ୟର ଅନ୍ୟ ଅଂଶକୁ ଓଡ଼ିଆରେ କୁହାଯାଇପାରିବ।

ଅତ୍ୟନ୍ତ ସୁଖର କଥା, ୨୦୧୪ ଫେବୃଆରୀ ୨୦ରେ କେନ୍ଦ୍ର ସରକାର ଓଡ଼ିଆ ଭାଷାକୁ ଶାସ୍ତ୍ରୀୟ ଭାଷାର ମାନ୍ୟତା ପ୍ରଦାନ କରିଛନ୍ତି। ସର୍ବଭାରତୀୟ ଭାଷାଗୁଡ଼ିକ ମଧ୍ୟରେ ଏହା ଥିଲା ଏକ ପୁରାତନ ଭାଷା ଓ ସଂସ୍କୃତ ଏହାର ଉତ୍ସ। ଇତିହାସ କହେ, ଖ୍ରୀଷ୍ଟୀୟ ଦ୍ୱିତୀୟ ଶତାବ୍ଦୀରେ ଆର୍ଯ୍ୟ ଓ ଦ୍ରାବିଡ ଭାଷାର ଜନ୍ମ ସମୟ। କେନ୍ଦ୍ର ସରକାର ଉପରୋକ୍ତ ତଥ୍ୟକୁ ଗ୍ରହଣକରି ଏହାକୁ ଶାସ୍ତ୍ରୀୟତାରେ ବିମଣ୍ଡିତ କଲେ। ଆମ ପଡ଼ୋଶୀ ଦେଶ ବାଂଲାଦେଶରେ ବଙ୍ଗଳା ଭାଷା ସରକାରୀ ଭାଷାର ମାନ୍ୟତା ପାଇଛି। ସ୍ୱାଧୀନତା ପରେ ପରେ ୧୯୫୨ ଫେବୃଆରୀ ୨୧ ପୂର୍ବ ପାକିସ୍ତାନ(ଅଧୁନା ବାଂଲାଦେଶ)ର ଭାଷା ଆନ୍ଦୋଳନ ଏତେ ପ୍ରଭାବୀ ଥିଲା ଯେ ମିଳିତ ଜାତିସଂଘ ଫେବୃଆରୀ ୨୧କୁ ମାତୃଭାଷା ଦିବସର ମାନ୍ୟତା ଦେଲା। କିନ୍ତୁ ପରିତାପର କଥା ଯେ ଓଡ଼ିଆ ଭାଷା ଏତେ ପୁରାତନ ହୋଇ ମଧ୍ୟ ସରକାରୀ ଭାଷାର ମାନ୍ୟତା ପାଇପାରିନାହିଁ। ନବୀନ ପଟ୍ଟନାୟକଙ୍କ ଶାସନ ସମୟରେ ୨୦୧୬ ଅଗଷ୍ଟ ୧୬ଠାରୁ ଓଡ଼ିଆ ଭାଷାକୁ ପୁନର୍ବାର ସରକାରୀ ଭାଷା ରୂପେ ପ୍ରଚଳନ କରିବା ପାଇଁ ନିର୍ଦ୍ଦେଶନାମା ଜାରିହେଲା। କିନ୍ତୁ ଏହା ପୂର୍ବପରି ଦିଗହଜା ହେଲା।

ରାଜ୍ୟରେ ଭାଜପା ସରକାର କ୍ଷମତାକୁ ଆସିବା ପରେ ଯେଉଁସବୁ ଘୋଷଣା କରାଗଲା, ତନ୍ମଧ୍ୟରେ ଓଡ଼ିଆ ଭାଷାର ସରକାରୀକରଣ ଅନ୍ୟତମ। ଜନସାଧାରଣ ଦୃଢ଼ତାର ସହ ଆସ୍ଥା ସ୍ଥାପନକଲେ ଯେ ଏଥର ଓଡ଼ିଆ ନିଶ୍ଚିତ ସରକାରୀ ଭାଷା ରୂପେ ପ୍ରଚଳିତ ହେବ। କିନ୍ତୁ ଆଜିର ସ୍ଥିତି ଯାହା ଏବେ ମଧ୍ୟ ସରକାରୀ କାର୍ଯ୍ୟାଳୟଗୁଡ଼ିକରେ ଇଂଲିଶ ଭାଷାର ଆଧିପତ୍ୟ ରହିଛି। କେତେବେଳେ କେମିତି କାଁଭାଁ ହାତ ଗଣତି ଚିଠି ଓଡ଼ିଆରେ ଲେଖାଯାଉଛି ଯାହା ତ୍ରୁଟିଶୂନ୍ୟ ହୋଇପାରୁନାହିଁ। ଓଡ଼ିଆ ଭାଷାର ପ୍ରବୀଣ ବ୍ୟକ୍ତି ବିଶେଷଙ୍କୁ ଏହା ନୈରାଶ୍ୟ ମଧ୍ୟକୁ ଠେଲିଦେଉଛି। ନିକଟରେ ଜଣେ ଉଚ୍ଚ ପଦାଧିକାରୀଙ୍କର ଏକ ଚିଠି ଗଣମାଧ୍ୟମରେ ପ୍ରକାଶ ପାଇଥିଲା। ଏଥିରେ ସବୁ ଓଡ଼ିଆ ଶବ୍ଦ ସହ ଲେଖାଥିଲା ଦୁଇଟି ଇଂଲିଶ ଶବ୍ଦ ଯଥା 'ଟ୍ରେଡ୍ ଲାଇସେନ୍ସ' ଓ 'ସାଇନ୍ ବୋର୍ଡ'। ଏ ଦୁଇଟି ଶବ୍ଦ ଅକ୍ଳେଶରେ ଓଡ଼ିଆ ଭାଷାରେ ପ୍ରକାଶ କରାଯାଇପାରିଥାନ୍ତା। ଏହାର ବହୁବିଧ କାରଣ ମଧ୍ୟରୁ ଗୋଟିଏ କାରଣ ହେଲା, ଅଧିକାଂଶ ବିଭାଗୀୟ ମୁଖ୍ୟ ଓଡ଼ିଆ ଭାଷା ଲିଖନ ଓ କଥନରେ ଦୁର୍ବଳ ହୋଇଥିବାରୁ ଓଡ଼ିଆକୁ ସରକାରୀ ଭାଷା ରୂପେ ପ୍ରଚଳନ କରିବାରେ ସେମାନେ ବୀତସ୍ପୃହ। ନିକଟରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର 'ପଞ୍ଚସଖା ସେତୁ' ପକ୍ଷରୁ ଜିଲା ଶିକ୍ଷାଧିକାରୀମାନଙ୍କୁ ଲେଖାଯାଇଥିବା ଚିଠି ଏତେ ତ୍ରୁଟିପୂର୍ଣ୍ଣ ଯେ ଏହାକୁ ପଢ଼ିଲେ ଲଜ୍ଜିତ ହେବାକୁ ପଡୁଛି। ଶିକ୍ଷା ବିଭାଗର ଚିଠି-ତାହା ପୁଣି ତ୍ରୁଟିଯୁକ୍ତ- ଏ କଥା ଭାବିଲା ବେଳକୁ ଓଡ଼ିଆ ଭାଷାର ସ୍ଥିତି ସହଜେ ଅନୁମେୟ। ବିଭାଗୀୟ ଦପ୍ତରରେ ଏତେ ଅଧିକାରୀ ଓ ବାବୁମାନଙ୍କ ଦୃଷ୍ଟିକୁ ଏସବୁ ଆସିପାରୁନାହିଁ କିପରି ?

ଆମ ପିଲାମାନଙ୍କର ଓଡ଼ିଆ ଭାଷା ଜ୍ଞାନ କ୍ରମେ ସଙ୍କୁଚିତ ହେଉଥିବା ଲକ୍ଷ୍ୟକରାଯାଉଛି। ଉଚ୍ଚଶ୍ରେଣୀର ପିଲାମାନେ ଠିକ୍ ଭାବେ ଓଡ଼ିଆ ଲେଖିବାରେ ଅସମର୍ଥ। ଇ-ଈ, ଉ-ଊ ଓ ଶ-ଷ-ସ ମଧ୍ୟରେ ଥିବା ପାର୍ଥକ୍ୟ, ଉଚ୍ଚାରଣଗତ ଭିନ୍ନତା ଓ ଠିକ୍ ଲିଖନ ପ୍ରକ୍ରିୟାରେ ବ୍ୟାପକ ଅସଙ୍ଗତି ଓଡ଼ିଆ ଭାଷାବିତ୍‌ମାନଙ୍କୁ ବ୍ୟଥିତ କରିଛି। ପିଲାମାନଙ୍କ ପଠନ ଲିଖନ ପ୍ରକ୍ରିୟା ଅତ୍ୟନ୍ତ ନୈରାଶ୍ୟଜନକ। ଶ୍ରୁତଲିଖନ ପ୍ରାଥମିକ ସ୍ତରରେ ପିଲାମାନଙ୍କୁ ଭାଷାଜ୍ଞାନରେ ସୁଦୃଢ଼ କରିଥାଏ। ହସ୍ତାକ୍ଷର ଖାତା ଲେଖିବାରେ ମଧ୍ୟ ଦୁଇଟି ଉପକାର ମିଳିଥାଏ। ପ୍ରଥମତଃ ବନାନ ଶୁଦ୍ଧି ଓ ଦ୍ୱିତୀୟତଃ ସୁନ୍ଦର ଅକ୍ଷର ଲେଖିବାର ପ୍ରଚେଷ୍ଟା। ଏସବୁ ଉପରେ ବିଦ୍ୟାଳୟ ସ୍ତରରେ ସେପରି ଗୁରୁତ୍ୱ ଦିଆଯାଉନାହିଁ। ଫଳରେ ପିଲାମାନେ ମାତୃଭାଷାରେ ଅତ୍ୟନ୍ତ ଦୁର୍ବଳ। ସେହି ପିଲାମାନେ ଯେତେବେଳେ ଉପର ଶ୍ରେଣୀକୁ ଯିବେ କିମ୍ବା ଶିକ୍ଷା ସମାପ୍ତି ପରେ ସରକାରୀ କିମ୍ବା ବେସରକାରୀ ଅନୁଷ୍ଠାନରେ କୌଣସି କାର୍ଯ୍ୟଭାର ଗ୍ରହଣ କରିବେ, ସେମାନେ କିପରି ଆମ ମାତୃଭାଷାର ସୁରକ୍ଷା ବହନ କରିପାରିବେ ? ଓଡ଼ିଆ ଭାଷାର ସାମୂହିକ ଦୁର୍ଗତି ଆମ ପୂର୍ବଜ ଶିକ୍ଷାବିତ୍‌ଙ୍କ ଅନ୍ତରାତ୍ମାକୁ ପୀଡ଼ା ଦେଉଥିବ। ସେମାନେ ସ୍ୱର୍ଗରେ ଥାଇ ହୁଏତ ଭାବୁଥିବେ ତାଙ୍କ ଉତ୍ତରପିଢ଼ି କେତେ ଅକୃତଜ୍ଞ। ନିଜ ମାତୃଭାଷାର ସୁରକ୍ଷାରେ ଯେଉଁ ଜାତି ଏତେ ଅପାରଗ ସେ କିପରି ଏ ଜାତିର ଭବିଷ୍ୟତ ସୁରକ୍ଷା ବହନ କରିପାରିବ ? ସେଦିନ ବ୍ୟାସକବିଙ୍କ ଲେଖନୀରୁ ଝରି ଆସିଥିଲା - ଦୁଇପଦ କବିତା।

ଭ୍ରମିଲି ବହୁ ଦେଶ ଦୂର- କାଞ୍ଚି କାମାକ୍ଷା କାନପୁର।
ପଢ଼ିଲି ନାନା ଦେଶ ଭାଷା-କାହିଁ ତ ନ ପୂରିଲା ଆଶା
ଦେଖିଲି ନାହିଁ ଘୂରି ଘୂରି- ମୋ ମାତୃଭାଷାର ମାଧୁରୀ
ହେଉ ପଛକେ ସେ ନିକୃଷ୍ଟ- ମୋ ମାତୃଭାଷା
ମୋତେ ଶ୍ରେଷ୍ଠ।

ମାତୃଭୂମି ଓ ମାତୃଭାଷାକୁ ଶ୍ରେଷ୍ଠତା ପ୍ରଦାନ ପ୍ରତ୍ୟେକ ଜାତି ପକ୍ଷେ ସର୍ବାଦୌ ବାଞ୍ଛନୀୟ।

**ସିଦ୍ଧଳ, ଜଗତ୍‌ସିଂହପୁର**
**ମୋ:୯୯୩୭୪୫୦୫୪୦**

# 'ତାଳି' ବେଉସାର ମଣିଷ



ଗଣେଶ୍ୱର ନାୟକ

'ମାର୍ ତାଳି, ଉଠା ଥାଳି' କାହା ପାଇଁ ଏକ ସମ୍ମାନଜନକ ବୃତ୍ତି। କାହାର ପୁଣ୍ୟ ଅର୍ଜନର ମାଧ୍ୟମ। ମାନସିକ ଶାନ୍ତିର ଏକ ମାଧ୍ୟମ ବି କୁହାଯାଇପାରେ। ତାଳି, କଳାକାର ପ୍ରତି ସମ୍ମାନ। ଦର୍ଶକର 'ତାଳି' କଳାକାରର ଭାତ ଥାଳି ମଧ। ଏ କଥା କଳାକାରଟିଏ ସର୍ବସମ୍ମୁଖରେ ସମ୍ମାନର ଶ୍ରେଷ୍ଠ ଆଧାର ଭାବେ ପ୍ରକାଶ କରିଥାଏ। ନେତାଟିଏ ଭାଷଣ ଦେଲାବେଳେ ଚାହାନ୍ତି ତାଳି ଉପସ୍ଥିତ ଜନତାଠାରୁ। ଏପରିକି ସଭାମଞ୍ଚରେ, ନେତାଙ୍କ ପାଖଲୋକେ ଇସାରା କରନ୍ତି ତାଳି ମାରିବାକୁ। ତାଳି ଆନନ୍ଦ, ଉଲ୍ଲାସ, ସାବାସି ପ୍ରକାଶ କରିବାର ଏକ ମାଧ୍ୟମ।

ଆଉ ଏକ ତାଳି ପାଖରେ ଶୁଭିଲେ, ଯଦିଓ ସାଧାରଣ ତାଳିଠାରୁ ତାହାର ଶବ୍ଦ ଟିକେ ଅଲଗା ହୋଇପାରେ, ଆମେ ଚିହ୍ନିକି ଉଠୁ, କାହା ମନରେ ବିକାର ସୃଷ୍ଟି ହୁଏ, କେହି କେହି ନିଜକୁ ସହଜ ମନେକରନ୍ତି ନାହିଁ। ଏହି କିଛି ଭାବ ରଖି ଯଥାସମ୍ଭବ କିଛି ଦେଇ ପାଖରୁ ତତ୍‌କ୍ଷଣାତ୍ ଦୂରେଇ ଦେବାକୁ ଚେଷ୍ଟା କରୁ। ଏହି ତାଳି ସେମାନଙ୍କ ଜୀବିକାର ମାଧ୍ୟମ। ଜୀବ ହୋଇଛନ୍ତି ଅର୍ଥ ସେମାନଙ୍କର ମଧ୍ୟ ଖାଦ୍ୟ, ବସ୍ତ୍ର, ବାସଗୃହର ଜରୁରୀ ଅଛି। ସେମାନେ ସବୁ ଜୀବିକା କରିବାକୁ ଶାରୀରିକ ଭାବେ ସମର୍ଥ ହେଲେ ମଧ ସମାଜ ସବୁଥିରୁ ସେମାନଙ୍କୁ ବଂଚିତ କରିଛି।

ଜନ୍ମ ଯଦି କାହାର ଆୟତ୍ତ ନୁହେଁ, କେ ଧନୀ ଘରେ ଜନ୍ମ ହେଲେ ଧନବାନ୍ ବୋଲାଉଛି, ଅନେକ ସୁବିଧା ପାଉଛି, କେ ଗରିବ ଘରେ ଜନ୍ମ ହେଲେ ଦୀନହୀନ ଭାବେ ଜୀବନ ଜିଉଁଛି, କେ ଉଚ୍ଚବର୍ଣ୍ଣ ଘରେ ଜନ୍ମ ହେଲେ ସମାଜରେ ଅନେକ ସମ୍ମାନ ପାଇ ସୁବିଧାରେ ଜୀବନ ଜୀଉଁଛି, କେ ଦଳିତ ହୋଇ ଅନେକ ବାରଣରେ ସମାଜରେ ଚଳୁଛି। ଆଉ ଯେ ତୃତୀୟ ଲିଂଗୀ ଗୋଷ୍ଠୀ ଅନ୍ତର୍ଭୁକ୍ତ ହେଲା, ସେ କାହିଁକି ସମାଜରେ ଅସମ୍ମାନିତ ହେବ? କାହିଁକି ସବୁଥିରୁ ବଂଚିତ ହେବ? ସେ କାହିଁକି ସମାଜରେ ଉପହାସର ପାତ୍ର ହେବ? ଜଣେ ସବୁଥିରୁ ବଞ୍ଚିତ ହେଲେ ଭିକ୍ଷା ବୃତ୍ତି କରିବା ଛଡ଼ା ଆଉ ତା' ପାଖରେ କ'ଣ ଉପାୟ ରହିବ ବଂଚିବା ପାଇଁ, ସେ ତୃତୀୟ ଲିଂଗୀ ହେଉ ନ ହେଉ, ସେ ସବର୍ଣ୍ଣ ହେଉ ବା ଦଳିତ, ସେ ଧାର୍ମିକ ହେଉ ବା ଅଧାର୍ମିକ, ମାତାପିତା ନଥିବା ପିଲାଟି ସହଜରେ ବିପଥଗାମୀ ହୁଏ, ସେହିପରି ସମାଜ ଯାହାକୁ ଉପଯୁକ୍ତ ସମ୍ମାନ ନଦେବ, ବଂଚିବାର ଭରସା ନଦେବ, ସେ ସମାଜରେ ବିପଥଗାମୀ ହେବ, ଏହା ସମାଜର ଏକ ଅଲିଖିତ ନିୟମ। ଆଉ ସମାଜରେ ଅନେକ ଅଘଟଣ ଘଟିବାକୁ ଅସ୍ୱୀକାର କରାଯାଇନପାରେ।

ତୃତୀୟ ଲିଙ୍ଗୀ ମଣିଷ ସମାଜରେ ଅନେକ ଯନ୍ତ୍ରଣା ପାଇଥାଏ, ଏପରିକି ନିଜ ପରିବାରଠାରୁ ମଧ। ଏପରିକି ନିଜ ଘରୁ ସେ ବିତାଡ଼ିତ ହୁଏ, ସମାଜରେ ଅସହାୟ ହୋଇ ବୁଲେ। ସେମାନେ ଭାଗ୍ୟକୁ ଆଦରି ପଡ଼ିରୁହନ୍ତି। ତଦ୍ୱାରା ସେମାନେ ସର୍ବଦା ଅବସାଦରେ ରହିଥା'ନ୍ତି। ୨୦୧୧ ଜନଗଣନା ଅନୁଯାୟୀ, ସେମାନଙ୍କ ସଂଖ୍ୟା ପ୍ରାୟ ୫ ଲକ୍ଷ। ଆଉ ୬୬% ଗ୍ରାମାଞ୍ଚଳରେ ରୁହନ୍ତି। ଆଉ ସେମାନଙ୍କ ମଧ୍ୟରୁ ପ୍ରାୟ ୪୬% ସାକ୍ଷର। ୨୦୧୪ ମସିହାରେ ସର୍ବୋଚ୍ଚ ନ୍ୟାୟାଳୟ ନାଲ୍‌ସା ବନାମ ଭାରତ ସରକାର ରାୟରେ ସେମାନଙ୍କୁ ଆଇନଗତ ସ୍ୱୀକୃତି ଦେଇ ସମାଜରେ ମଣିଷ



ହିସାବରେ ବଞ୍ଚିବାକୁ ଅଧିକାର ଦେଲେ। ସମୟକ୍ରମେ ଅଧିକାର ସୁରକ୍ଷା ଆଇନ-୨୦୧୯ ବଳରେ, ୨୦୨୦ ମସିହା ପରେ ସେମାନେ ଭୋଟର ପରିଚୟପତ୍ର ପାଇଲେ। ସେମାନଙ୍କ ଇତିହାସ ୨୦୦୦ ବର୍ଷର। ଆମ ରାମାୟଣ, ମହାଭାରତରେ ସେମାନଙ୍କ ବର୍ଣ୍ଣନା ରହିଛି ମଧ୍ୟ। କିନ୍ନର ଆଖଡ଼ା ରହିଛି ପୁରାତନ ଯୁଆନ ଆଖଡ଼ା ଅନ୍ତର୍ଗତ, ଯାହା ଧାର୍ମିକ ଆଧାରରେ ସେମାନେ ବିଭିନ୍ନ ପରମ୍ପରା ସହିତ ଜଡ଼ିତ ହେଉଛନ୍ତି। ସେମାନେ ଯଦିଓ ବିଭିନ୍ନ ପର୍ବପର୍ବାଣି, ବିବାହ, ଜନ୍ମ ଉତ୍ସବରେ ଆଶୀର୍ବାଦ କରିଥା'ନ୍ତି, କିନ୍ତୁ ସମାଜରେ ସମ୍ମାନର ସହିତ ବଞ୍ଚିବାର ଅଧିକାର ପାଇନାହାନ୍ତି ବା ସମାଜ ଗ୍ରହଣ କରିପାରିନାହିଁ। ଏବେ ସରକାରୀ ସ୍ତରରେ ସେମାନେ ବହୁ କ୍ଷେତ୍ରରେ ସେମାନଙ୍କର ପାରଦର୍ଶିତା ପ୍ରଦର୍ଶନ କରୁଛନ୍ତି। କିନ୍ତୁ ନିଜର ସୁରକ୍ଷା ପାଇଁ ନିଜ ଭିତରେ ସେମାନେ କେଉଁ କାଳରୁ ଗଢ଼ିଛନ୍ତି ଗୁରୁ-ଶିଷ୍ୟ ପରମ୍ପରା।

ସତରେ ଆମେ କେହି କ'ଣ କେବେ ସେମାନଙ୍କ ଦୁଃଖରେ ସମଦୁଃଖୀ ହୋଇଛେ। ତୁମେ ଆତ୍ମସମ୍ମାନର ସହ ସମାଜରେ ବଞ୍ଚିବାକୁ ଚାହଁ ନା ନାହିଁ ଆମେ କେବେ ପଚାରିଛେ? ନା ସବୁବେଳେ ଆମେ ସେମାନଙ୍କୁ ଗୋଟିଏ ନଜରରେ ଦେଖି ଦୂର୍ ଦୂର୍ କରିଥାଉ। କୌଣସି କଥାରେ ଆମକୁ ବଞ୍ଚିତ କଲେ, ଆମ ମନ ମଧ୍ୟରେ ଅନେକ ବିଦ୍ରୋହ ସୃଷ୍ଟି ହୁଏ। ସେମାନଙ୍କୁ ସବୁଥିରୁ ବଞ୍ଚିତ କଲେ ସେମାନଙ୍କ ମଧ୍ୟରେ ସମାଜ ପ୍ରତି କ୍ରୂରତା ସୃଷ୍ଟି ନ ହେବ ବା କାହିଁକି?

ଆମେ ସ୍ଥୂଳକ୍ଷେତ୍ରରେ ସେମାନଙ୍କୁ ସାଧାରଣତଃ ଦୁଇଟି ଗୋଷ୍ଠୀରେ ବିଭକ୍ତ କରିଥାଉ। ଗୋଟିଏ ପୁରୁଷରୁ ନାରୀ ସୁଲଭରେ ପରିପ୍ରକାଶ ଆଉ ଗୋଟିକେ ନାରୀରୁ ପୁରୁଷ ସୁଲଭରେ ପରିପ୍ରକାଶ। କିନ୍ତୁ ବିଜ୍ଞାନର ଶରୀରତତ୍ତ୍ୱ ଗବେଷଣାରେ ଏଯାବତ୍ ସ୍ଥୂଳ କ୍ଷେତ୍ରରେ ଆଠଟି ଶ୍ରେଣୀରେ ସେମାନଙ୍କୁ ବିଭକ୍ତ କରିଥିବା ବେଳେ ସୂକ୍ଷ୍ମ କ୍ଷେତ୍ରରେ ସେମାନଙ୍କୁ ପ୍ରାୟ ଶହେରୁ ଅଧିକ ଶ୍ରେଣୀରେ ସେମାନଙ୍କ ଶରୀର ସଂରଚନା ଆଧାରରେ ବିଭକ୍ତ କରିଛି। କେତେକ କ୍ଷେତ୍ରରେ ଚିକିତ୍ସା ବିଜ୍ଞାନ ସକ୍ଷମ ହେଉଛି ସେମାନଙ୍କୁ ସାଧାରଣ ମଣିଷ ପରି ଜୀବନଧାରଣ କରିବାକୁ।

ଯଦିଓ ସେମାନଙ୍କ ବିକାଶ ପାଇଁ କେରଳ ରାଜ୍ୟ ପ୍ରଥମେ ବିଧାନସଭାରେ ବିଧେୟକ ଗୃହୀତ କଲା, କିନ୍ତୁ ପରେ ପରେ ଭାରତ ସରକାର, ପରେ ଅନେକ ରାଜ୍ୟ ସରକାର ସେମାନଙ୍କ ବିକାଶ ପାଇଁ ଅନେକ ଆଇନ ପ୍ରବର୍ତ୍ତନ କରିଛନ୍ତି। ସେମାନଙ୍କୁ ସାମାଜିକ ସୁରକ୍ଷା, ଚାକିରିରେ ୨% ସଂରକ୍ଷଣ, ଶିକ୍ଷା ଗ୍ରହଣର ସୁବିଧା ଆଦି ବିଷୟରେ ଯଦିଓ ଆଇନ ହୋଇଛି, ସେମାନେ ବିଭିନ୍ନ ରାଜନୈତିକ ଦଳରେ ଯୋଗଦେଇ ନିର୍ବାଚନରେ ସୁଯୋଗ ପାଇଛନ୍ତି ପ୍ରାର୍ଥୀ ଭାବରେ। କିନ୍ତୁ ସମାଜ ସେମାନଙ୍କୁ ସେତିକି ଅଧିକାର ଦେଇପାରିନାହିଁ, କାରଣ ସମାଜରେ ଗ୍ରହଣୀୟତା ସେତିକି ବ୍ୟାପକ ହୋଇନାହିଁ। ସମ୍ବିଧାନର ଧାରା ୧୫ ଅନୁଯାୟୀ କାହାକୁ ଧର୍ମ, ବର୍ଣ୍ଣ, ଜାତି, ଲିଙ୍ଗ ତଥା ଜନ୍ମସ୍ଥାନ ଆଧାରରେ କାହା ପ୍ରତି ବୈଷମ୍ୟ ଭାବ ରଖିପାରିବା ନାହିଁ।

ବର୍ତ୍ତମାନ ଯୁଗରେ ଆମେ ଯେତେବେଳେ ନୈତିକତାର ଆଧାରରେ ବୌଦ୍ଧିକ ବିକାଶର ଶ୍ରେଷ୍ଠରେ ପହଞ୍ଚିଲେଣି, ସେତେବେଳେ କାହାକୁ ସମାଜର ମୁଖ୍ୟସ୍ରୋତକୁ ଆସିବାରେ ବାଧା ସୃଷ୍ଟି କରିବା ବା ଅସହିଷ୍ଣୁ ହେବା ଆଦୌ ସମୀଚୀନ ନୁହେଁ। ସକଳ ମାନବ ସମ୍ବଳର ଉପଯୋଗ ପାଇଁ ଆମେ ସକ୍ଷମ, କାରଣ ଆମେ ମଧ୍ୟଯୁଗୀୟ ଭାବନାରୁ ବହୁ ଊର୍ଦ୍ଧ୍ୱରେ। ଯାହାର ଜୀବନ ଅଛି, ତାହାର ଆତ୍ମସମ୍ମାନର ସହିତ ବଞ୍ଚିବାର ଅଧିକାର ଅଛି।

**ଗୋଗଳ, କାଏମା, ଯାଜପୁର**
**ମୋ: ୯୭୭୭୭୪୯୭୨୭**

## ଏଇ ଭାରତରେ

ବିପଦରେ ଭାଙ୍ଗି ନ ପଡ଼ି ଜଣେ ଯୋଦ୍ଧା ଭାବେ କ୍ୟାନ୍‌ସରକୁ ପରାସ୍ତ କରିବା ସହ ଅନ୍ୟ ରୋଗୀମାନଙ୍କ ପାଇଁ ଆଶାବାଡ଼ି ପାଲଟିଛନ୍ତି ଦିଲ୍ଲୀର ଦୁର୍ଗା ଗୋପାଲ। ୭୩ ବର୍ଷୀୟା ଦୁର୍ଗା ଦୁଇ ଥର କ୍ୟାନ୍‌ସରୁ ବଞ୍ଚିବା ପରେ ଅନ୍ୟ କ୍ୟାନ୍‌ସର ପୀଡ଼ିତଙ୍କୁ ଆର୍ଥିକ ସାହାଯ୍ୟ ଯୋଗାଇ ଦେଉଛନ୍ତି। ବ୍ୟାଙ୍କ କର୍ମଚାରୀ ଭାବେ ଅବସର ନେଇଥିବା ଦୁର୍ଗା ତାଙ୍କ ସ୍ୱାମୀଙ୍କ ଦେହାନ୍ତ ପରେ ୨୦୧୦ରେ ପ୍ରଥମେ ସ୍ତନ କର୍କଟରେ ପୀଡ଼ିତ ହୋଇଥିଲେ ଓ ଚିକିତ୍ସା ଦ୍ୱାରା ସୁସ୍ଥ ହୋଇଥିଲେ। ପୁନଶ୍ଚ ଫୁସ୍‌ଫୁସ୍‌ରେ କ୍ୟାନ୍‌ସର ଚିହ୍ନଟ ହେବା ପରେ ସେ ମଧ ଏହାକୁ ସାମ୍ନାକରି ସୁସ୍ଥ ହୋଇପାରିଥିଲେ। ତା' ପରେ ସେ ଦିଲ୍ଲୀର ଓମେଗା ହସ୍ପିଟାଲରେ ସ୍ୱେଚ୍ଛାକୃତ ଭାବେ ରୋଗୀଙ୍କୁ ୯ମାସ ପର୍ଯ୍ୟନ୍ତ ଆର୍ଥିକ ଓ ଅନ୍ୟାନ୍ୟ ସେବା ଯୋଗାଇଦେବା ପରେ ଏବେ ସିକନ୍ଦରାବାଦର ସୌମ୍ୟା କମ୍ପ୍ରେହେନସିଭ କ୍ୟାନ୍‌ସର ସେଣ୍ଟରରେ କର୍କଟ ପୀଡ଼ିତମାନଙ୍କୁ ଆର୍ଥିକ ସାହାଯ୍ୟ ଯୋଗାଇ ଦେଉଛନ୍ତି। କ୍ୟାନ୍‌ସର ଚିକିତ୍ସା ଲାଗି ପାଣ୍ଠି ଯୋଗାଡ଼ କରୁଥିବା କିଛି ବିଦେଶୀ ସଂସ୍ଥା ଦ୍ୱାରା ଉତ୍ସାହିତ ହୋଇ ସୌମ୍ୟ ହସ୍ପିଟାଲରେ ରୋଗୀମାନଙ୍କ ପାଇଁ ଅର୍ଥ ଯୋଗାଡ଼ କରିବା ଆରମ୍ଭ କରିଥିଲେ। ପରେ ସେ ନିଜସ୍ୱ ଉଦ୍ୟମରେ ଅନେକ କ୍ୟାନ୍ସର ରୋଗୀଙ୍କୁ ନୂଆ ଜୀବନ ଦେବାରେ ସକ୍ଷମ ହୋଇପାରିଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

### ୨୨ ସେପ୍ଟେମ୍ବର ୧୯୭୬

- ରାଜ୍ୟର ଗରିବ ଛାତ୍ରୀଛାତ୍ରଙ୍କ ପାଇଁ ପାଠ୍ୟପୁସ୍ତକ ବ୍ୟାଙ୍କ ପ୍ରତିଷ୍ଠା ନିମନ୍ତେ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ଫେରୋ ଆଲଏଜ୍‌ର ୧,୧୧,୧୧୧ ଟଙ୍କା ଦାନ।
- ଉତ୍କଳ ବିଶ୍ୱବିଦ୍ୟାଳୟର ସିନେଟକୁ ୩ ଜଣ ବିଧାନସଭା ସଦସ୍ୟ ସନାତନ ଦେଓ, ନାରାୟଣ ସାହୁ ଏବଂ ଅରୁଣ ଦେ ମନୋନୀତ।

## ଚିରନ୍ତନୀ

ଜରା ଅଙ୍ଗେ ଆଣଇ ସେ
ଜୀବନର ମଧୁର ଚେତନା
ଶାନ୍ତିର ଶୀତଳ ଆରାଧନା,
ଶିଶୁ ମୁଖେ ଢାଳିଦିଏ ସେ ଚାହାଣି
କରୁଣାର ତରଳ ସେନେହ
ପରାଣ ପୂରାଇ ସେ ତ ପୁଲକାଏ
ଜଡ଼ର ଜୀବନହୀନ ଦେହ ।
-(ଚକ୍ରବାକ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### କୃଷକର ବିକାଶ କରାଯାଉ

ମହାଶୟ,

ରାଜ୍ୟରେ ଥିବା ସବୁ କୃଷକ ତଥା ଭୂମିହୀନମାନଙ୍କର ସର୍ବାଙ୍ଗୀନ କଲ୍ୟାଣ ସାଧନ କରାଯାଉ। ଜଳସେଚନ, କୀଟନାଶକ ଔଷଧ, ବିହନ, ସାର ଏବଂ ଯାନ୍ତ୍ରିକ ପଦ୍ଧତିରେ ହେଉଥିବା ଖର୍ଚ୍ଚ ଅତ୍ୟଧିକ ହେଉଅଛି, ସେଥିପ୍ରତି ରିହାତି ଦିଆଯାଉ। କିନ୍ତୁ ତାହା ଏଯାବତ ସମ୍ଭବ ହୋଇ ପାରିନାହିଁ। ଅନେକ ସମୟରେ ସାରର ଅଭାବ ଚାଷରେ ବାଧା ସୃଷ୍ଟି କରୁଛି। ଦେଶ ପାଇଁ ସୁରକ୍ଷା ଦେଉଥିବା ସୈନିକମାନଙ୍କ ସୁବିଧା ଚାଷୀମାନଙ୍କୁ ଦିଆଯାଉ। ସବୁ ପ୍ରକାରର ସୁବିଧା ସୁଯୋଗ ନ ମିଳିଲେ ଚାଷୀ ଚାଷ ପ୍ରତି ମନ ଧ୍ୟାନ ଦେବେ ନାହିଁ। ସେହିପରି ଷାଠିଏରୁ ଊର୍ଦ୍ଧ୍ୱ କୃଷକଙ୍କୁ ବୋନସ ଦେବାର ବ୍ୟବସ୍ଥା କରାଯାଉ। ଏହା ବ୍ୟତୀତ ଚାଷୀଙ୍କ ପାଇଁ ସ୍ୱତନ୍ତ୍ର ଭତ୍ତା ପ୍ରଦାନ କରାଯାଉ।

**- ରମେଶ ଚନ୍ଦ୍ର ବେହେରା, ଆୟତପୁର, କଟକ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ମାନସିକ ସ୍ୱାସ୍ଥ୍ୟର ଯତ୍ନ: ବର୍ତ୍ତମାନ ସମୟର ଆହ୍ୱାନ


ଡା. ସତ୍ୟକାମ ମହାପାତ୍ର

''ମାନସିକ ରୋଗ କହିଲେ ଲୋକେ ସାଧାରଣତଃ ପାଗଳାମି କିମ୍ବା ମେଣ୍ଟାଲ ରୋଗ ବୋଲି ଭାବିଥାନ୍ତି। ମାତ୍ର ତାହା ସମ୍ପୂର୍ଣ୍ଣ ଭୁଲ୍‌ଧାରଣା। ମାନସିକ ରୋଗରେ ଆକ୍ରାନ୍ତ ଲୋକ ସବୁବେଳେ ଯେ ମାରପିଟ, ଭଙ୍ଗାରୁଜା କରିବା, ଉତ୍ତ୍ୟକ୍ତ ହେବା ଆଦି ଲକ୍ଷଣ ଦେଖାଦେଇଥାଏ, ତାହା ସମ୍ପୂର୍ଣ୍ଣ ଭୁଲ୍ ଧାରଣା। ମାନସିକ ରୋଗ ବିଭିନ୍ନ ପ୍ରକାରର ହୋଇପାରେ ଓ ତାହାର ଲକ୍ଷଣ ମଧ୍ୟ ବିଭିନ୍ନ ପ୍ରକାରର ହୋଇପାରେ। ଯେମିତିକି ବିଭିନ୍ନ ପ୍ରକାର ଆଙ୍ଗ୍‌ଜାଇଟି ରୋଗରେ ଲୋକକୁ ସବୁବେଳେ ଅତି ଛୋଟ ଛୋଟ କଥାରେ ଅତ୍ୟଧିକ ଛାନିଆ, ବ୍ୟସ୍ତ, ବିବ୍ରତ ଲାଗିପାରେ।''



ମାନସିକ ସୁସ୍ଥତା ଓ ମାନସିକ ରୋଗ ସମ୍ବନ୍ଧରେ ଆମ ଦେଶର ଲୋକଙ୍କ ମଧ୍ୟରେ ସଚେତନତାର ଘୋର ଅଭାବ ରହିଛି। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ସାମ୍ପ୍ରତିକ ସର୍ବେକ୍ଷଣରୁ ଜଣାପଡ଼ିଛି ଯେ ସାରା ବିଶ୍ୱରେ ପ୍ରାୟ ୪୫ କୋଟି ଲୋକ ବିଭିନ୍ନ ମାନସିକ ସମସ୍ୟା ଦ୍ୱାରା ଆକ୍ରାନ୍ତ। ଭାରତବର୍ଷରେ ମାନସିକ ରୋଗୀଙ୍କ ସଂଖ୍ୟା ଅତି ଦ୍ରୁତଗତିରେ ବଢ଼ିବାରେ ଲାଗିଛି। କିନ୍ତୁ ଦୁର୍ଭାଗ୍ୟବଶତଃ ଆମ ଦେଶର ଲୋକଙ୍କ ମଧ୍ୟରେ ମାନସିକ ରୋଗ ଓ ତାହାର ଚିକିତ୍ସା ସମ୍ବନ୍ଧରେ ଅନେକ ଭୁଲ ଧାରଣା ଅଛି। ମାନସିକ ରୋଗ କହିଲେ ଲୋକମାନେ ସାଧାରଣତଃ ପାଗଳାମି କିମ୍ବା ମେଣ୍ଟାଲ ରୋଗ ବୋଲି ଭାବିଥାନ୍ତି। ମାତ୍ର ତାହା ସମ୍ପୂର୍ଣ୍ଣ ଭୁଲ୍ ଧାରଣା। ମାନସିକ ରୋଗରେ ଆକ୍ରାନ୍ତ ଲୋକ ସବୁବେଳେ ଯେ ମାରପିଟ, ଭଙ୍ଗାରୁଜା କରିବା, ଉତ୍ତ୍ୟକ୍ତ ହେବା ଆଦି ଲକ୍ଷଣ ଦେଖାଦେଇଥାଏ, ତାହା ସମ୍ପୂର୍ଣ୍ଣ ଭୁଲ ଧାରଣା। ମାନସିକ ରୋଗ ବିଭିନ୍ନ ପ୍ରକାରର ହୋଇପାରେ ଓ ତାହାର ଲକ୍ଷଣ ମଧ୍ୟ ବିଭିନ୍ନ ପ୍ରକାରର ହୋଇପାରେ। ଯେମିତିକି ବିଭିନ୍ନ ପ୍ରକାରର ଆଙ୍ଗ୍‌ଜାଇଟି ରୋଗରେ ଲୋକକୁ ସବୁବେଳେ ଅତି ଛୋଟ ଛୋଟ କଥାରେ ଅତ୍ୟଧିକ ଛାନିଆ, ବ୍ୟସ୍ତ, ବିବ୍ରତ ଲାଗିପାରେ। ଫୋବିଆ ରୋଗରେ ଲୋକକୁ କେତେକ ନିର୍ଦ୍ଦିଷ୍ଟ ବସ୍ତୁ, ସ୍ଥାନ ଓ ପରିସ୍ଥିତି ପ୍ରତି ଅସ୍ୱାଭାବିକ ଭାବରେ ଭୟ ଦେଖା ଦେଇପାରେ। ଡିପ୍ରେସନ ବା ଅବସାଦ ରୋଗରେ ମନ ଅଧିକାଂଶ ସମୟ ଦୁଃଖ ରହିଥାଏ। କାହା ସହିତ ମିଳାମିଶା କରିବାକୁ ଇଚ୍ଛା ହୁଏନାହିଁ। ସବୁବେଳେ ଏକୁଟିଆ ରହିବାକୁ ଭଲ ଲାଗେ। ଅବସେସିଭ କମ୍ପଲସିଭ ଡିସଅର୍ଡର (ଓସିଡି) ବା ଶୁଚିବାଇ ରୋଗ ବ୍ୟକ୍ତିର ମନରେ ଅନାବଶ୍ୟକ ଚିନ୍ତା ବାରମ୍ବାର ଆସିଥାଏ ଓ ରୋଗୀ କେତେକ କାମକୁ ବାରମ୍ବାର କରିଥାଏ ଯେମିତିକି ବାରମ୍ବାର ହାତ ଗୋଡ଼ ଧୋଇ ହେବା, ବାରମ୍ବାର ତାଲା ଚେକ କରିବା ଆଦି। ସୋମାଟୋଫର୍ମ ରୋଗ ଏକ ପ୍ରକାରର ମାନସିକ ରୋଗ ଅଛି ଯେଉଁଥିରେ ଦୀର୍ଘ ଦିନ ପର୍ଯ୍ୟନ୍ତ ବିଭିନ୍ନ ଶାରୀରିକ ଲକ୍ଷଣମାନ ଦେଖାଯାଇଥାଏ, କିନ୍ତୁ ସବୁ ପ୍ରକାରର ଶାରୀରିକ ପରୀକ୍ଷା ନିରୀକ୍ଷା ପ୍ରାୟତଃ ଠିକ୍ ଥାଏ। ସେହିପରି ବିଭିନ୍ନ ନିଶା ସେବନ, ଏହା ମଧ୍ୟ ଏକ ପ୍ରକାରର ମାନସିକ ସମସ୍ୟା। ଅନେକ ଲୋକ ନିଶା ସେବନକୁ ଏକ ଷ୍ଟାଇଲ ବା ବ୍ୟବହାରିକ ସମସ୍ୟା ବୋଲି ଭାବିଥାନ୍ତି। ମାତ୍ର ଏହା ସମ୍ପୂର୍ଣ୍ଣ ଭୁଲ ଧାରଣା। ଠିକ୍ ସେହିପରି ଛୋଟ ପିଲାମାନଙ୍କଠାରେ ଦେଖା ଦେଉଥିବା ଅନେକ ବ୍ୟବହାରିକ ସମସ୍ୟା ବିଭିନ୍ନ ମାନସିକ ସମସ୍ୟା ହୋଇପାରେ। ଭୂତ ଲାଗିବା, କାଳିଶି ଲାଗିବା, ଠାକୁରାଣୀ ଆସିବା ଏସବୁ ମଧ୍ୟ ଏକ ମାନସିକ ସମସ୍ୟା ଓ ତାହାର ଚିକିତ୍ସା ମଧ୍ୟ ଆଜିକାଲିର ଆଧୁନିକ ଚିକିତ୍ସା ପଦ୍ଧତିରେ ସମ୍ଭବ।

ମାନସିକ ରୋଗର କାରଣ ସମ୍ବନ୍ଧରେ ମଧ୍ୟ ଲୋକଙ୍କର ଅନେକ ଭୁଲ ଧାରଣା ରହିଛି। ଲୋକମାନେ ଭାବିଥାନ୍ତି ଗୁଣିଗାରେଡି ଯୋଗୁ ସାଧାରଣତଃ ମାନସିକ ରୋଗ ହୋଇଥାଏ। ମାତ୍ର ମସ୍ତିଷ୍କରେ ଥିବା କେତେକ ନିର୍ଦ୍ଦିଷ୍ଟ ରାସାୟନିକ ପଦାର୍ଥ (ନିଉରୋଟ୍ରାନ୍ସମିଟର)ର ମାତ୍ରାରେ ଅସନ୍ତୁଳନ ଯୋଗୁ ମାନସିକ ରୋଗଗୁଡ଼ିକ ଦେଖାଦେଇଥାଏ। ଜିନ୍‌ଗତ କାରଣ, ସାମାଜିକ କିମ୍ବା ପରିପାର୍ଶ୍ୱିକ ଚାପ କାରଣରୁ ଏହି ରାସାୟନିକ ଅସନ୍ତୁଳନ ଘଟିପାରେ। ଅନେକ ଲୋକଙ୍କ କ୍ଷେତ୍ରରେ ଏହି ରୋଗ ବଂଶାନୁଗତିକ ହୋଇଥାଏ। ଅନେକ ଲୋକଙ୍କଠାରେ ନିଶାସେବନ ମୁଖ୍ୟତଃ ଗଞ୍ଜେଇ, ଭାଙ୍ଗ ଓ ମଦ ସେବନ ଦ୍ୱାରା ମାନସିକ ରୋଗ ଆରମ୍ଭ ହୋଇପାରେ।

ମାନସିକ ରୋଗର ଚିକିତ୍ସା ସମ୍ବନ୍ଧରେ ଲୋକଙ୍କଠାରେ ଅନେକ ଭୁଲ ଧାରଣା ଅଛି। ଅନେକ ଲୋକ ଭାବିଥାନ୍ତି ମାନସିକ ରୋଗର ଚିକିତ୍ସା ଆଦୌ ସମ୍ଭବ ନୁହେଁ ବା ମାନସିକ ରୋଗ କେବେ ଠିକ୍ ହୋଇପାରିବ ନାହିଁ। ମାତ୍ର ଏହା ସମ୍ପୂର୍ଣ୍ଣ ଭୁଲ ଧାରଣା। ସମସ୍ତ ମାନସିକ ରୋଗର ଚିକିତ୍ସା ସମ୍ପୂର୍ଣ୍ଣ ସମ୍ଭବ। ଆଜିକାଲିର ଆଧୁନିକ ଚିକିତ୍ସା ବିଜ୍ଞାନରେ ସବୁ ମାନସିକ ରୋଗର ସଫଳ ଚିକିତ୍ସା କରାଯାଇ ପାରୁଛି। ପ୍ରାରମ୍ଭିକ ଅବସ୍ଥାରେ ରୋଗର ଲକ୍ଷଣକୁ ଚିହ୍ନିବାରେ ସାଧାରଣତଃ ବିଳମ୍ବ କରିଥାଆନ୍ତି। ଆଜିକାଲି ବି ଅନେକ ଲୋକ ଅଛନ୍ତି ଯେଉଁମାନେ ଅନ୍ଧବିଶ୍ୱାସ ଯୋଗୁ ରୋଗର ଚିକିତ୍ସା ନ କରାଇ ଗୁଣିଗାରେଡି ପାଖକୁ ଯାଇ ଅଯଥାରେ ସମୟ ନଷ୍ଟ କରନ୍ତି। ଏହାଦ୍ୱାରା ରୋଗର ପ୍ରକୋପ ବଢ଼େ। ଡେରିରେ ଚିକିତ୍ସା ଆରମ୍ଭ କଲେ ବେଶି ଦିନ ଔଷଧ ସେବନ କରିବାକୁ ପଡ଼ିଥାଏ ଏବଂ ରୋଗ ସମ୍ପୂର୍ଣ୍ଣ ଭାବେ ଠିକ୍ ହେବାର ସମ୍ଭାବନା କମି ଯାଇଥାଏ। ସେହିପରି ବହୁ ଲୋକ ମାନସିକ ସମସ୍ୟା ଦେଖାଦେଲେ ସେମାନେ କେଉଁ ବିଭାଗର ଡାକ୍ତରଙ୍କୁ ପରାମର୍ଶ କରିବେ ତାହା ଜାଣି ନ ଥାନ୍ତି କିମ୍ବା କିଛି ଲୋକ ଜାଣିଥାନ୍ତି ଯେ ମାନସିକ ରୋଗର ଚିକିତ୍ସା ପାଇଁ ମାନସିକ ରୋଗ ବିଶେଷଜ୍ଞଙ୍କୁ ପରାମର୍ଶ କରିବା ଉଚିତ, କିନ୍ତୁ ଯଦି ସେ ଜଣେ ମାନସିକ ରୋଗ ବିଶେଷଜ୍ଞଙ୍କ ପାଖକୁ ଗଲେ ଅନ୍ୟମାନେ ସମାଜରେ ତାଙ୍କ ବିଷୟରେ କ'ଣ ଭାବିବେ? କାଳେ ତାଙ୍କୁ ପାଗଳ ବୋଲି ଭାବିବେ କି? ଏସବୁ ଭୁଲ ଧାରଣା ମନରେ ରଖି ଲୋକେ ମାନସିକ ରୋଗୀ ପାଖକୁ ପରାମର୍ଶ ପାଇଁ ଯିବା ଲାଗି କୁଣ୍ଠାବୋଧ କରନ୍ତି।

ଅନେକ ଲୋକ ଭାବିଥାନ୍ତି ମାନସିକ ରୋଗଗୁଡ଼ିକର ଚିକିତ୍ସା ନିମନ୍ତେ ଉଦ୍ଦିଷ୍ଟ ଔଷଧ ସାରା ଜୀବନ ପାଇଁ ଖାଇବାକୁ ପଡିଥାଏ। ଏହା ମଧ୍ୟ ଅନେକାଂଶରେ ଭୁଲ ଧାରଣା। କେତେକ ନିର୍ଦ୍ଦିଷ୍ଟ ମାନସିକ ରୋଗ ଛଡ଼ା ଅନ୍ୟ କୌଣସି ରୋଗରେ ସାରା ଜୀବନ ଔଷଧ ଖାଇବାକୁ ପଡ଼େ ନାହିଁ। ମାନସିକ ରୋଗଗୁଡ଼ିକର ଚିକିତ୍ସା ନିମନ୍ତେ ଉଦ୍ଦିଷ୍ଟ ଔଷଧର ଏକ ନିର୍ଦ୍ଦିଷ୍ଟ କୋର୍ସ ରହିଥାଏ। ଯାହା କି ସାଧାରଣତଃ ରୋଗର ତୀବ୍ରତା, ଲକ୍ଷଣ ଦେଖା ଦେବାର କେତେଦିନ ପରେ ରୋଗୀ ଚିକିତ୍ସା ଆରମ୍ଭ କରୁଛି, ପ୍ରାରମ୍ଭିକ ଅବସ୍ଥାରେ ଚିକିତ୍ସା ଦ୍ୱାରା ରୋଗୀ କେତେ ମାତ୍ରାରେ ଭଲ ହେଉଛି ଏସବୁ ଉପରେ ନିର୍ଭର କରିଥାଏ। ଏହି କୋର୍ସ ଅନୁସାରେ ଔଷଧ ଖାଇଲେ ଆଉ ରୋଗର ଲକ୍ଷଣ ପ୍ରାୟତଃ ଦେଖାଯାଇ ନ ଥାଏ। ରୋଗର ତୀବ୍ରତା କମିଲେ ଔଷଧଗୁଡ଼ିକର ମାତ୍ରା ମଧ୍ୟ ଧୀରେ ଧୀରେ କମାଇ ଦିଆଯାଏ। ମାନସିକ ରୋଗ ବିଶେଷଜ୍ଞଙ୍କ ପରାମର୍ଶ ପୂର୍ବରୁ ଔଷଧ ବନ୍ଦ କରିଦେଲେ ରୋଗ ପୁନର୍ବାର ଦେଖାଯିବାର ସମ୍ଭାବନା ଥାଏ। ତେଣୁ କେତେ ଦିନ ପର୍ଯ୍ୟନ୍ତ ଔଷଧ ଖାଇବାକୁ ପଡ଼ିବ ତାହା ରୋଗୀ ଓ ତାଙ୍କର ପରିବାରର ଲୋକମାନେ ଡାକ୍ତରଙ୍କଠାରୁ ବୁଝି ରଖିବା ଉଚିତ। କିଛି ମାନସିକ ସମସ୍ୟା ଅଛି ଯେଉଁଥିରେ କିଛି ମାସ ମେଡିସିନ୍ ଖାଇଲା ପରେ ରୋଗ ସମ୍ପୂର୍ଣ୍ଣ ଭଲ ହୋଇଯାଏ। ଆଉ ମେଡିସିନ୍ ଖାଇବା ଦରକାର ପଡ଼ି ନ ଥାଏ।

ଅନେକ ଲୋକ ଭାବିଥାଆନ୍ତି ମାନସିକ ରୋଗଗୁଡ଼ିକର ଚିକିତ୍ସା ପାଇଁ ବ୍ୟବହୃତ ଔଷଧଗୁଡ଼ିକୁ ଖାଇଲେ ଏହା ଅଭ୍ୟାସରେ ପଡ଼ିଯାଏ, ଏସବୁ ମେଡିସିନ୍‌ଗୁଡ଼ିକ ଏକ ପ୍ରକାରର ନିଶା, ଥରେ ଖାଇବା ଆରମ୍ଭ ଆଉ ଛାଡ଼ି ହେବନି। ମାତ୍ର ଏସବୁ ଭୁଲ ଧାରଣା। ଆଜିକାଲି ବ୍ୟବହାର କରାଯାଉଥିବା ମେଡିସିନ୍‌ଗୁଡ଼ିକ ସମ୍ପୂର୍ଣ୍ଣ ସୁରକ୍ଷିତ। ଯଦି ଆପଣ ମାନସିକ ରୋଗ ବିଶେଷଜ୍ଞଙ୍କ ପରାମର୍ଶ ଅନୁସାରେ ଖାଇବେ ତେବେ ଏସବୁ ସମସ୍ୟା କେବେ ଦେଖାଦେବ ନାହିଁ।

-ମାନସିକ ରୋଗ ବିଶେଷଜ୍ଞ,
ମହାନଦୀ ବିହାର, କଟକ
ମୋ : ୮୮୯୫୨୯୩୯୯୭

## ସୁସ୍ଥ ଜୀବନଶୈଳୀ ଓ ହୃଦ୍‌ରୋଗ




ଆଜିର ସମୟରେ ଚିନ୍ତାଜନକ ହେଉଛି ହୃଦ୍‌ରୋଗ। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ଏକ ତଥ୍ୟ ଅନୁଯାୟୀ ପ୍ରତିବର୍ଷ ପାଖାପାଖି ୧ କୋଟି ୭୦ଲକ୍ଷରୁ ଊର୍ଦ୍ଧ୍ୱ ଲୋକଙ୍କର ଅସ୍ୱାଭାବିକ ମୃତ୍ୟୁ ହୃଦ୍‌ରୋଗ ଯୋଗୁ ଘଟୁଛି। ଶାରୀରିକ ପରିଶ୍ରମର ଅଭାବ, ନିଶାଦ୍ରବ୍ୟ ସେବନ, ମାନସିକ ଚାପ, ଖାଦ୍ୟପେୟ ଓ ବିଶ୍ରାମର ଅନିୟମିତତା ଯୋଗୁ ହୃଦ୍‌ଜନିତ ସମସ୍ୟା ଦେଖାଯିବାର ଆଶଙ୍କା ରହିଛି। ବର୍ତ୍ତମାନ ସମୟରେ ଅଧିକାଂଶ ଯୁବବର୍ଗ ହୃଦ୍‌ରୋଗର ଶିକାର ହେଉଛନ୍ତି। ଅନ୍ତତଃ ପକ୍ଷେ ମାସକୁ ଥରେ ଉପବାସ ରହିବା ଦ୍ୱାରା ହୃଦ୍‌ଘାତ ଆଶଙ୍କା ହ୍ରାସ ପାଏ। ହଳଦୀରେ ଥିବା କୁର୍କମିନ୍ ନାମକ ଔଷଧୀୟ ପଦାର୍ଥ ହୃଦ୍‌ରୋଗରୁ ରକ୍ଷା କରିଥାଏ। ବର୍ଷକୁ ଅନ୍ତତଃ ଦୁଇଥର ରକ୍ତଦାନ ଦ୍ୱାରା ହୃଦ୍‌ରୋଗର ଆଶଙ୍କାକୁ କମ୍ କରିହେବ। ଚାପମୁକ୍ତ ସନ୍ତୁଳିତ ଜୀବନଶୈଳୀ ଅନୁସରଣ କରନ୍ତୁ। ନିଶାଦ୍ରବ୍ୟ ସେବନଠାରୁ ଦୂରେଇ ରୁହନ୍ତୁ। ଦୈନିକ ଅତି କମ୍‌ରେ ଅଧଘଣ୍ଟା ବ୍ୟାୟାମ କରନ୍ତୁ। ହୃଦ୍‌ରୋଗ ପାଇଁ ଓଜନ ବୃଦ୍ଧି ବା ମେଦ ବହୁଳତା ପ୍ରାୟ ୩୨ ଭାଗ ଦାୟୀ। ତେଣୁ ବୟସ ଅନୁସାରେ ଓଜନ କେତେ ରହିବା ଆବଶ୍ୟକ, ତାହା ଜାଣନ୍ତୁ। ଆବଶ୍ୟକତାଠାରୁ ଅଧିକ ଓଜନ ଥିଲେ, ତାହାକୁ କେମିତି ସନ୍ତୁଳିତ ସ୍ତରକୁ ଆଣିହେବ, ସେଥିପାଇଁ ଡାକ୍ତରଙ୍କ ସହ ପରାମର୍ଶ କରନ୍ତୁ। ବ୍ୟବସ୍ଥିତ ଜୀବନଶୈଳୀ ନିଶ୍ଚିତ ଭାବରେ ଆପଣମାନଙ୍କୁ ହୃଦ୍‌ରୋଗରୁ ରକ୍ଷା କରିବ, ଏ ବିଶ୍ୱାସ ରଖନ୍ତୁ।

## ଜାଣି ରଖନ୍ତୁ...



ଆଜିକାଲିର ବ୍ୟସ୍ତମୟ ଜୀବନରେ ଖୁସିର ମାହୋଲରେ ରହିବା ହୁଏତ ଏତେଟା ସହଜ ହୋଇ ନ ପାରେ। ହେଲେ ଆମେ ଯଦି ନିଜକୁ ଏଭଳି ପରିବେଶରେ ରଖିପାରିବା ତେବେ ଆମେ କେତେକାଂଶରେ ସୁସ୍ଥ ରହିବା। ଏ ନେଇ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଏକ ବ୍ୟବସ୍ଥିତ ଜୀବନଶୈଳୀ। ସବୁବେଳେ ଏକ ରୁଟିନ୍ ଲାଇଫ ଅନୁସରଣ କରନ୍ତୁ। ନିଜର ପ୍ରତିଦିନର କାମ ସହ ଆମକୁ ଆଉ କେତୋଟି ବିଷୟ ପ୍ରତି ଦୃଷ୍ଟି ଦେବାକୁ ପଡ଼ିବ। ପ୍ରଥମ କଥା ହେଲା ବ୍ୟାୟାମ। ସକାଳୁ ଅତିକମ୍‌ରେ ଅଧ ଘଣ୍ଟାଏ ଚାଲନ୍ତୁ। କିଛି ସମୟ ଯୋଗ, ପ୍ରାଣାୟାମ କରନ୍ତୁ। ଏହାଦ୍ୱାରା ଶରୀର କେତେକାଂଶରେ ସୁସ୍ଥ ରହିଥାଏ। ଅନ୍ୟ ଏକ କଥା ହେଲା ଖାଦ୍ୟପେୟ। ସବୁବେଳେ ସୁଷମ ତଥା ଭିଟାମିନ୍‌ଯୁକ୍ତ ଖାଦ୍ୟ ଖାଆନ୍ତୁ। ଖାଦ୍ୟପେୟରେ ଅନିୟମିତତା ଅଯଥାରେ କେତେକ ରୋଗର କାରଣ ସାଜିଥାଏ। ଆଉ ଏକ କଥା, ନିୟମିତ ସମୟ ବ୍ୟବଧାନରେ ନିଜ ଶରୀର ରୁଟିନ୍ ଚେକ୍‌ଅପ୍ କରାଇ ନିଅନ୍ତୁ। କୌଣସି ରୋଗର କାରଣ ବିଷୟରେ ଜାଣିପାରିଲେ ତାହାକୁ ଅବହେଳା କରନ୍ତୁ ନାହିଁ। କାରଣ ରୋଗ ଯଦି ଜଟିଳ ଆକାର ଧାରଣ କଲା ତେବେ ତାହାର ଚିକିତ୍ସା ପାଇଁ ଖର୍ଚ୍ଚାନ୍ତ ହେବାକୁ ପଡ଼ିଥାଏ। ତା'ସହ ସାମାନ୍ୟ ଅବହେଳାରୁ ବେଳେବେଳେ ଏହି ରୋଗ ମୃତ୍ୟୁକୁ ଡାକିଆଣେ। ଯଦି ଆପଣ ଦୀର୍ଘକାଳୀନ ରୋଗରେ ପୀଡ଼ିତ ତେବେ ନିର୍ଦ୍ଦିଷ୍ଟ ସମୟ ଅନ୍ତରାଳରେ ଡାକ୍ତରଙ୍କ ସହ ପରାମର୍ଶ କରନ୍ତୁ।

## ମୁଣ୍ଡବ୍ୟଥା ଉପଶମର ସରଳ ଉପାୟ



ଆଜିକାଲି ପ୍ରାୟ ମୁଣ୍ଡବ୍ୟଥା ଏକ ସାଧାରଣ ସମସ୍ୟା ପାଲଟି ଗଲାଣି। ଖାଦ୍ୟପେୟ ଠିକ୍ ସମୟରେ ନ ଖାଇଲେ, ଆବଶ୍ୟକ ମୁତାବକ ପାଣି ନ ପିଇଲେ ଏହାର ସମ୍ମୁଖୀନ ହେବାକୁ ପଡ଼ିଥାଏ। ତେବେ ଏଥିରୁ ଉପଶମ ପାଇବା ଲାଗି କେତୋଟି ସରଳ ତଥା ସହଜ ଉପାୟ ରହିଛି। ସବୁଠାରୁ ମୁଖ୍ୟ କଥା ହେଲା ସବୁବେଳେ ଠିକ୍ ସମୟରେ ଖାଦ୍ୟ ଖାଆନ୍ତୁ। ଏଥିରେ ବିଳମ୍ବ ହେଲେ ପେଟରେ ଗ୍ୟାଷ୍ଟ୍ରିକ୍ ସମସ୍ୟା ଦେଖାଦେଇଥାଏ, ଯାହାଦ୍ୱାରା ମୁଣ୍ଡ ବିନ୍ଧେ। ତା'ସହ ଦିନକୁ ଅତିକମ୍‌ରେ ୨-୩ ଲିଟର ପାଣି ପିଅନ୍ତୁ। ଆଉ ଏକ କଥା ହେଲା ନିଦ୍ରା। ଆମକୁ ରାତିରେ ଅତିକମ୍‌ରେ ୭-୮ ଘଣ୍ଟା ଶୋଇବା ନିହାତି ଦରକାର। ଏଥିରେ ଅସନ୍ତୁଳନ ଦେଖାଦେଲେ ତାହା ମୁଣ୍ଡବିନ୍ଧାର କାରଣ ସାଜିଥାଏ। ତେଣୁ ସବୁବେଳେ ଆବଶ୍ୟକ ମୁତାବକ ଶୁଅନ୍ତୁ। ଟୋକିଓ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ଏକ ସର୍ଭେରୁ ଜାଣି ପାରିଛନ୍ତି ଯେ ନିୟମିତ ଯୋଗ କରିବା ଦ୍ୱାରା ମୁଣ୍ଡବିନ୍ଧା ପରି ସମସ୍ୟାରୁ କେତେକାଂଶରେ ଉପଶମ ମିଳିଥାଏ। ବେଳେବେଳେ ଟେନ୍‌ସନ୍‌ର ବଶବର୍ତ୍ତୀ ହେଲେ ମୁଣ୍ଡବିନ୍ଧା ସମସ୍ୟା ଦେଖାଦେଇଥାଏ। ତେଣୁ ଏହାଠାରୁ ଦୂରେଇ ରହିବାକୁ ଚେଷ୍ଟା କରନ୍ତୁ। ନିଜର ମାନସିକତାକୁ ସକାରାତ୍ମକ ରଖିବାକୁ ଚେଷ୍ଟା କରନ୍ତୁ।

## ଆଣ୍ଟିବଡି ଗଠନ କରେ ଗାଜର

ଗାଜର ଆମ ଶରୀର ପାଇଁ ବେଶ୍ ଉପକାରୀ। ଏଥିରେ ଭିଟାମିନ୍ସ, ଫାଇବର୍ ଓ ଆଣ୍ଟି ଅକ୍ସିଡାଣ୍ଟ ଉପାଦାନ ଭରିହୋଇ ରହିଛି। ଏହା ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇବା ସହ ଅସ୍ଥି ଓ ମଜ୍ଜାକୁ ଶକ୍ତ କରିଥାଏ। ତେବେ ଏହାର ଆଉ ଏକ ଉପକାରୀ ଗୁଣ ରହିଛି। ଏହାକୁ ନିୟମିତ ଖାଇଲେ ତାହା ଶରୀରରେ ଆଣ୍ଟିବଡି ଗଠନ କରିବାରେ ଅନେକାଂଶରେ ସାହାଯ୍ୟ କରିଥାଏ। ଏଭଳି ସମସ୍ୟା ସହ ଜଡ଼ିତ କେତେକ ବ୍ୟକ୍ତିଙ୍କୁ କାଲିଫର୍ନିଆ ବିଶ୍ୱବିଦ୍ୟାଳୟର ପୁଷ୍ଟିବିଜ୍ଞାନୀମାନେ ନିୟମିତ ଗାଜର ଖାଇବାକୁ ପରାମର୍ଶ ଦେଇଥିଲେ। ଅନ୍ୟପକ୍ଷରେ ନିର୍ଦ୍ଦିଷ୍ଟ ସମୟ ବ୍ୟବଧାନରେ ସେମାନଙ୍କର ଶରୀରରେ ଆଣ୍ଟିବଡି ପରୀକ୍ଷା କରାଯିବାରୁ ଏହା ପୂର୍ବାପେକ୍ଷା ବୃଦ୍ଧି ପାଉଥିବାର ଜଣାପଡ଼ିଥିଲା। ଆପଣ ଦୃଷ୍ଟିଶକ୍ତିଜନିତ ସମସ୍ୟା ସହ ଜଡ଼ିତ କି? ଯଦି ହଁ, ତେବେ ନିୟମିତ ସମୟ ବ୍ୟବଧାନରେ ଚକ୍ଷୁ ପରୀକ୍ଷା କରାଇ ନେବା ସହ ଆଉ ଏକ ବିଷୟ ପ୍ରତି ଦୃଷ୍ଟି ଦେବାକୁ ପଡ଼ିବ। ପ୍ରତିଦିନ ଗାଜର ଖାଆନ୍ତୁ। କାରଣ ଗାଜରରେ ଏଭଳି ତତ୍ତ୍ୱ ରହିଛି, ଯାହା ଦୃଷ୍ଟିଶକ୍ତି ପାଇଁ ବେଶ୍ ଉପକାରୀ। ଏହା ଭିଟାମିନ୍ 'ସି'ର ଅନ୍ୟତମ ଉତ୍ସ। ଗାଜର ନିୟମିତ ଖାଇଲେ ତାହା ଡାଇବେଟିସ୍ ରୋଗୀଙ୍କ ପାଇଁ ବେଶ୍ ଉପକାରୀ ସାବ୍ୟସ୍ତ ହୋଇଥାଏ। ତା'ସହ ଏହା ରକ୍ତଚାପକୁ ମଧ୍ୟ ସନ୍ତୁଳିତ ରଖେ। ଗାଜରରେ ପଟାସିୟମ୍ ଓ କ୍ୟାଲ୍‌ସିୟମ୍‌ର ମାତ୍ରା ଅଧିକ ଥିବାରୁ ଏହା ଅସ୍ଥିକୁ ଦୃଢ଼ ରଖିଥାଏ। ସବୁଠାରୁ ଖାସ୍ କଥା ହେଲା, ଏହାକୁ ପ୍ରତିଦିନ ଖାଇଲେ ଓଜନ କେତେକାଂଶରେ ସନ୍ତୁଳିତ ରହିଥାଏ।

## ଚର୍ବି ପରିମାଣ କମାଏ ଟମାଟୋ



ଟମାଟୋରେ ଅନେକ ଉପକାରୀ ଗୁଣ ରହିଛି। ଆପଣ ଚର୍ବିଜନିତ ସମସ୍ୟା ସହ ଜଡ଼ିତ କି? ଯଦି ହଁ, ତେବେ ନିଜ ଦୈନନ୍ଦିନ ଖାଦ୍ୟ ତାଲିକାରେ ଟମାଟୋ ସାମିଲ କରନ୍ତୁ। ଏହା ଶରୀରରେ ଚର୍ବି ପରିମାଣ କମାଇବାରେ କେତେକାଂଶରେ ସାହାଯ୍ୟ କରିଥାଏ ବୋଲି ସିଓଲ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ପ୍ରକାଶ କରିଛନ୍ତି। ଏଭଳି ସିଦ୍ଧାନ୍ତରେ ଉପନୀତ ହେବା ପୂର୍ବରୁ ସେମାନେ ଚର୍ବିଜନିତ ସମସ୍ୟା ଥିବା କେତେକ ବ୍ୟକ୍ତିଙ୍କୁ ଏହାର ପରିସରଭୁକ୍ତ କରିଥିଲେ। ସେମାନଙ୍କୁ ନିୟମିତ ଖାଦ୍ୟ ସହ ଟମାଟୋରେ ପ୍ରସ୍ତୁତ ଖାଦ୍ୟ ଖାଇବାକୁ ଦିଆଯାଇଥିଲା। କିଛି ମାସ ପରେ ସେମାନଙ୍କର ଚର୍ବି କେତେକାଂଶରେ କମିଥିବାର ଜଣାପଡ଼ିଥିଲା। କେବଳ ସେତିକି ନୁହେଁ, ନିୟମିତ ଟମାଟୋ ଖାଇଲେ ଏହା ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରିଥାଏ। ଏହା ଦୃଷ୍ଟି ଶକ୍ତି ପାଇଁ ମଧ୍ୟ ଉପକାରୀ ସାବ୍ୟସ୍ତ ହୋଇଥାଏ। ଟମାଟୋ ଖାଇଲେ ତାହା କ୍ୟାନ୍‌ସର ଆଶଙ୍କାକୁ କେତୋକଂଶରେ ଦୂରେଇ ରଖେ ବୋଲି ଉକ୍ତ ରିପୋର୍ଟରୁ ଜଣାପଡ଼ିଛି। ଟମାଟୋ ଖାଇଲେ ତାହା ପାଚନ କ୍ରିୟାକୁ ମଧ୍ୟ ଦୃଢ଼ କରିଥାଏ।

## ସ୍ୱାସ୍ଥ୍ୟ ସୂଚନା

➤ଅଣ୍ଟାଜନିତ ସମସ୍ୟା ଥିଲେ କୌଣସି ସ୍ଥାନରେ ବସିବା କିମ୍ବା ଉଠିବା ସମୟରେ ସତର୍କତା ଅବଲମ୍ବନ କରନ୍ତୁ।

➤ଧନିଆ ପତ୍ରରେ ଭିଟାମିନ୍ 'ଏ' ଭରି ରହିଛି। ଏହାକୁ ଖାଇଲେ କୋଲେଷ୍ଟରଲ କେତେକାଂଶରେ ନିୟନ୍ତ୍ରଣରେ ରହିଥାଏ।

➤କଦାପି ଆବଶ୍ୟକତାଠାରୁ ଅଧିକ ଖାଦ୍ୟ ଖାଆନ୍ତୁ ନାହିଁ। କାରଣ ଯଦି ଆପଣ ଏହି ସମୟରେ ନିଜ ଲୋଭକୁ ନିୟନ୍ତ୍ରଣରେ ନ ରଖନ୍ତି, ତେବେ ତାହା ଅଜୀର୍ଣ୍ଣ ସମସ୍ୟା ସୃଷ୍ଟି କରିଥାଏ।



➤ରାତିରେ ଶୋଇବା ପୂର୍ବରୁ ଉଜ୍ଜ୍ୱଳ ଆଲୋକ ସଂସ୍ପର୍ଶରେ ଆସନ୍ତୁ ନାହିଁ। ଏହାଦ୍ୱାରା ନିଦ୍ରାରେ ବ୍ୟାଘାତ ସୃଷ୍ଟି ହେବାର ଆଶଙ୍କା ରହିଛି।

➤ନିୟମିତ ଅଙ୍ଗୁର ଖାଇବା ଦ୍ୱାରା ସ୍ମରଣ ଶକ୍ତି କେତେକାଂଶରେ ବଢ଼ିଥାଏ ବୋଲି ଲଣ୍ଡନ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ଏକ ସର୍ଭେରୁ ଜାଣିପାରିଛନ୍ତି। ତା'ସହ ଏହା ମଧ୍ୟ ଅସ୍ଥିକୁ ମଜଭୁତ ରଖେ।

➤ସବୁବେଳେ ନିଜ ଓଜନ କିପରି ନିୟନ୍ତ୍ରଣରେ ରହିବ ସେ ନେଇ ସତର୍କ ରୁହନ୍ତୁ। କାରଣ ଏହା ପରୋକ୍ଷରେ ଆଉ କେତେକ ରୋଗକୁ ଆମନ୍ତ୍ରଣ କରିଥାଏ।

## ଆର୍ଟିକାରିଆ ସମସ୍ୟାର ଆୟୁର୍ବେଦୀୟ ଉପଚାର


ଡା. ଆଶିଷ ବାନାର୍ଜୀ

''ଆର୍ଟିକାରିଆ ହେବା ପୂର୍ବରୁ ଶୋଷ ଲାଗିବା, ଅରୁଚି, ଥକ୍କା, ବାନ୍ତି ଲାଗିବା, ଶରୀରରେ ବ୍ୟଥା ହେବା, ଅଙ୍ଗପ୍ରତ୍ୟଙ୍ଗ ଭାରି ଲାଗିବା, ଆଖି ଲାଲ୍ ଦେଖାଯାଇଥାଏ। ପରେ ଚର୍ମରେ ଚେକାଚେକା ଫୁଲି ଲାଲ୍ ଦେଖାଯାଏ, କୁଣ୍ଡାଏ, ଜ୍ୱାଳା, ବାନ୍ତି ଲାଗିବା, ଶରୀରରେ ଯନ୍ତ୍ରଣା ଇତ୍ୟାଦି ଲକ୍ଷଣ ଦେଖାଯାଇଥାଏ। ଏହା ୬ ସପ୍ତାହ ଭିତରେ ବା ସାମୟିକ ଭାବେ ହୋଇ ଭଲ ହୋଇଯାଏ, ତାହାକୁ ଏକ୍ୟୁଟ୍ ବୋଲି କୁହାଯାଏ। ଏଥିରେ ତୁଟୁକା ଚିକିତ୍ସା ବା ଏଲୋପ୍ୟାଥିକ୍ ଔଷଧ ବ୍ୟବହାର ଦ୍ୱାରା ଭଲ ହୋଇଯାଏ। ମାତ୍ର ୬ ସପ୍ତାହରୁ ଅଧିକ ହେଲେ କ୍ରନିକ୍ ବୋଲି କୁହାଯାଏ। ଏହା କେବଳ ଆୟୁର୍ବେଦ ଉଷ୍ମ ଔଷଧ ସେବନ ଦ୍ୱାରା ସମ୍ପୂର୍ଣ୍ଣ ଆରୋଗ୍ୟ ହୋଇପାରିବ। ''

ଆର୍ଟିକାରିଆ ଏକ ଆଲର୍ଜିଜନିତ, ଚର୍ମ ଲାଲ ରଙ୍ଗ ହୋଇ କୁଣ୍ଡାଇ ହେବା ସହ ଜଳାପୋଡ଼ା ହୋଇ ଚେକା ଚେକା ଫୁଲିଯାଏ। କେତେବେଳେ ପେନ୍‌ସିଲ୍ ବା ହାତରେ କୁଣ୍ଡାଇ ଦେଲେ ସେହି ଜାଗା ମଧ୍ୟ ଆପେ ଆପେ ଫୁଲିଯାଏ। କିଛି ସମୟ ପରେ ସ୍ୱତଃପ୍ରବୃତ୍ତ ଭାବେ ଚାଲିଯାଏ ବା ଆଣ୍ଟି ଆଲର୍ଜି, ଆଣ୍ଟି ହିଷ୍ଟାମିନ୍ ଔଷଧ ସେବନ ଦ୍ୱାରା ସ୍ୱତଃ ଚାଲିଯାଇଥାଏ। ମାତ୍ର ଏହା ଏଥିରେ ଉପଶମ ନ ହୋଇ ବାରମ୍ବାର ବାହାରିଲେ ଏହାକୁ 'କ୍ରନିକ୍ ଆର୍ଟିକାରିଆ' ବୋଲି କୁହାଯାଏ। ଆର୍ଟିକାରିଆ ବିଭିନ୍ନ କାରଣରୁ ହୋଇପାରେ। ବେଶି ସମୟ ଉପାସରେ ରହିଲେ, ମିଠା ଜାତୀୟ ଖାଦ୍ୟ ଖାଇଲେ, ଥଣ୍ଡା ପାଣିରେ ଗାଧୋଇଲେ, ଏସି, କୁଲର ସାମ୍‌ନାରେ ଗରମରୁ ଆସି ବସିଲେ ମଧ୍ୟ ଏହି ସମସ୍ୟା ଦେଖାଯାଇପାରେ। ଏଥିରେ ଦହି, କଦଳୀ ଇତ୍ୟାଦି ଅତ୍ୟଧିକ ସେବନ କରିବା, ଥଣ୍ଡା ପାଣିରେ ଗାଧୋଇ



ବିଜୁଳି ପଙ୍ଖା, ଏସିରେ ବସିବା, ଭୋକ ଉପାସରେ ରହିବା, ଅତ୍ୟଧିକ ଖଟା, ବାସି, ରାଗ, ତେଲ ମସଲା ସେବନ କରିବା, ଥଣ୍ଡାବାୟୁ ବା ଶୀତଳ ପବନରେ ଖୋଲା ଦେହରେ ବୁଲିଲେ ଏହା ହେବାର ଦେଖାଯାଏ। ସେହିପରି ବାତକଫ ପ୍ରାଧାନ୍ୟରେ 'ଉଦର୍ଦ୍ଦ' ନାମକ ଆଲର୍ଜି ହୋଇଥାଏ। ଏଥିରେ ଉଷୁମ ପାଣିରେ ଗାଧୋଇବା, ଥଣ୍ଡା ଉପଶମ କରିବା ପାଇଁ ଔଷଧ ସେବନ କଲେ ଏହା ଉପଶମ ହୋଇଥାଏ। ସେହିପରି କଫ ପିତ୍ତଜନିତ ଆଲର୍ଜି ଯୋଗୁ ଫୁଲିବା ଏବଂ ଏଥିରେ ଲାଲ୍ ଦେଖାଯିବାକୁ 'କୋଠ' ବୋଲି କୁହାଯାଏ।

ଆର୍ଟିକାରିଆ ହେବା ପୂର୍ବରୁ ଶୋଷ ଲାଗିବା, ଅରୁଚି, ଥକ୍କା, ବାନ୍ତି ଲାଗିବା, ଶରୀରରେ ବ୍ୟଥା ହେବା, ଅଙ୍ଗପ୍ରତ୍ୟଙ୍ଗ ଭାରି ଲାଗିବା, ଆଖି ଲାଲ୍ ଦେଖାଯାଇଥାଏ। ପରେ ଚର୍ମରେ ଚେକାଚେକା ଫୁଲି ଲାଲ୍ ଦେଖାଯାଏ, କୁଣ୍ଡାଇହୁଏ, ଜ୍ୱାଳା, ବାନ୍ତି ଲାଗିବା, ଶରୀରରେ ଯନ୍ତ୍ରଣା ଇତ୍ୟାଦି ଲକ୍ଷଣ ଦେଖାଯାଇଥାଏ। ଏହା ୬ ସପ୍ତାହ ଭିତରେ ବା ସାମୟିକ ଭାବେ ହୋଇ ଭଲ ହୋଇଯାଏ, ତାହାକୁ ଆକ୍ୟୁଟ୍ ବୋଲି କୁହାଯାଏ। ଏଥିରେ ତୁଟୁକା ଚିକିତ୍ସା ବା ଏଲୋପ୍ୟାଥିକ୍ ଔଷଧ ବ୍ୟବହାର ଦ୍ୱାରା ଭଲ ହୋଇଯାଏ। ମାତ୍ର ୬ ସପ୍ତାହରୁ ଅଧିକ ହେଲେ କ୍ରନିକ୍ ବୋଲି କୁହାଯାଏ। ଏହା କେବଳ ଆୟୁର୍ବେଦ ଉଷ୍ମ ଔଷଧ ସେବନ ଦ୍ୱାରା ସମ୍ପୂର୍ଣ୍ଣ ଆରୋଗ୍ୟ ହୋଇପାରିବ।

### ଆୟୁର୍ବେଦୀୟ ଉପଚାର

-ସୋରିଷ ତେଲରେ ସୈନ୍ଧବ ଲବଣ ପକାଇ ଅଳ୍ପ ଉଷୁମ କରି ତ୍ୱଚାରେ ଲଗାଇଲେ ଭଲ ହୁଏ।

-କ୍ଷୀରରେ ହଳଦୀ ପକାଇ ଗରମ କରି ମଲମ ଭଳି ହେଲେ ଚର୍ମରେ ଲଗାଇବେ।

-ଗୋଲମରିଚ ଗୁଣ୍ଡ ବା ହଳଦୀଗୁଣ୍ଡ ୧/୪ ଚାମଚକୁ ଗୋଘୃତ ସହ ସକାଳେ ଖାଲି ପେଟରେ ସେବନ କରିବେ।

-ଶୁଣ୍ଠି, ପିପ୍ପଳି, ଗୋଲମରିଚ ସମ ପରିମାଣରେ ନେଇ ଗୁଣ୍ଡ କରି ମହୁ ସହ ବା କ୍ଷୀର ସହ ସେବନ କରିବେ।

-ଏକ ଅଙ୍ଗୁଳି ପରିମାଣ ଅଦାକୁ ୧ଚାମଚ ଅଦା ଗୁଡ଼ 'ଚା' ପରିଫୁଟାଇ ଉଷୁମ ୨ ଚାମଚ ୧ ଘଣ୍ଟା ଅନ୍ତରରେ ସେବନ କରିବେ।

-ଆନନ୍ଦ ବଜାର,
ବେତନଟୀ, ମୟୂରଭଞ୍ଜ
ମୋ : ୯୮୬୧୩୭୪୩୮୫

# ଭାରତୀୟ ରେଳପଥରେ ନୂତନ ମାଲବାହୀ ସେବା ଆରମ୍ଭ

ଭୁବନେଶ୍ୱର,୨୧।୯(ଅନୁରାଧା ମହାରଣା)

ଭାରତୀୟ ରେଳପଥ ମାଲ ପରିବହନରେ ଏକ ବଡ଼ ପଦକ୍ଷେପ ନେଇ ଉତ୍ତର ଅଞ୍ଚଳର ପ୍ରମୁଖ ଉତ୍ପାଦନ ଓ ଖାଉଟି କେନ୍ଦ୍ରଗୁଡ଼ିକୁ ସଂଯୋଗ କରି ସମୟସାରଣୀଭୁକ୍ତ, ପଣ୍ୟ-ନିର୍ଦ୍ଦିଷ୍ଟ ମାଲବାହୀ ସେବା ଆରମ୍ଭ କରିଛି। ଏହି ସେବାଗୁଡ଼ିକ ଗ୍ରାହକଙ୍କ ସନ୍ତୁଷ୍ଟି ବୃଦ୍ଧି, ନିର୍ଭରଯୋଗ୍ୟ ପରିବହନ ସମୟ ଏବଂ ଶିଳ୍ପ ଅନୁଯାୟୀ ଲଜିଷ୍ଟିକ୍ସ ସମାଧାନ ପ୍ରଦାନ କରିବାକୁ ଲକ୍ଷ୍ୟ ରଖିଛି। ନୂତନ ସେବା ମଧ୍ୟରେ ଲୁଧିଆନାରୁ ବାରାଣସୀ ପର୍ଯ୍ୟନ୍ତ ଅନ୍ନପୂର୍ଣ୍ଣା ସେବା ରହିଛି। ଏଥିରେ ୭୦୪ କି.ମି. ଦୂରତ୍ୱରେ ଖାଦ୍ୟଶସ୍ୟ ପରିବହନ କରି ୧୭ ଘଣ୍ଟାରେ ପହଞ୍ଚୁଛି। ହରିୟାଣା ଫାରୁଖନଗରରୁ ଲକ୍ଷ୍ନୌ ପର୍ଯ୍ୟନ୍ତ ଗତି-ବାହନ ସେବା ମାଧ୍ୟମରେ ୫୫୭ କି.ମି. ଦୂରତ୍ୱରେ ଅଟୋମୋବାଇଲ ପରିବହନ କରି ୨୮ ଘଣ୍ଟାରେ ପହଞ୍ଚୁଛି । ପୂର୍ବରୁ ଏହା ୭୦ ଘଣ୍ଟା ସମୟ ନେଉଥିଲା। ଗଡ଼ିରୁ ମୁନ୍ଦ୍ରା ବନ୍ଦର ପର୍ଯ୍ୟନ୍ତ ନିର୍ଯାତ କାର୍ଗୋ ସେବା ମାଧ୍ୟମରେ ୧୦୬୧ କି.ମି. ଦୂରତ୍ୱରେ କଣ୍ଟେନର ପରିବହନ କରି ୩୨ ଘଣ୍ଟାରେ ପହଞ୍ଚୁଛି। ସେହିପରି ରୂପନଗରରୁ ଅନନ୍ତନାଗ ପର୍ଯ୍ୟନ୍ତ ଅନନ୍ତନାଗ ସିମେଣ୍ଟ କାର୍ଗୋ ସେବା ମାଧ୍ୟମରେ ୫୮୬ କି.ମି. ଦୂରତ୍ୱରେ ସିମେଣ୍ଟ ପରିବହନ କରି ୩୧ ଘଣ୍ଟାରେ ପହଞ୍ଚୁଛି। ଏଫସିଆଇ, ଅଟୋମୋବାଇଲ ଅପରେଟର, କଣ୍ଟେନର ଟ୍ରେନ ଅପରେଟର ଏବଂ ପାର୍ଶ୍ୱବର୍ତ୍ତୀ ରେଳ ଜୋନଗୁଡ଼ିକ ସହିତ ବ୍ୟାପକ ଯୋଜନା ଓ ସମନ୍ୱୟ କରାଯାଇ ଇଣ୍ଟରଡିଭିଜନାଲ ଓ ଇଣ୍ଟର ଜୋନାଲ ନେଟୱର୍କରେ ଉପଯୁକ୍ତ ପଥ ନିର୍ଦ୍ଧାରଣ କରାଯାଇଛି।

## ଜୀବନ ବୀମା ବ୍ୟବସାୟରେ ୬.୦୧% ବୃଦ୍ଧି

ଭୁବନେଶ୍ୱର,୨୧।୯

ଲାଇଫ ଇନ୍ସୁରାନ୍ସ କାଉନସିଲ ପକ୍ଷରୁ ପ୍ରକାଶିତ ୨୦୨୫ ଅଗଷ୍ଟ ମାସର ତଥ୍ୟ ଅନୁସାରେ, ଭାରତୀୟ ଜୀବନ ବୀମା କମ୍ପାନୀଗୁଡ଼ିକ ଚଳିତ ବର୍ଷ ଏନ୍‌ବିପିରେ ୬.୦୧% ବୃଦ୍ଧି ହାସଲ କରିଛନ୍ତି। ଗତ ବର୍ଷ ତୁଳନାରେ ଏନ୍‌ବିପି ୧୫୪,୧୯୩.୭୬ କୋଟିରୁ ୧୬୩,୪୬୧.୫୨ କୋଟିରେ ପହଞ୍ଚିଛି। ବ୍ୟକ୍ତିଗତ ଏକକ ପ୍ରିମିୟମ ୯.୭୧% ଏବଂ ବ୍ୟକ୍ତିଗତ ଅଣ-ଏକକ ପ୍ରିମିୟମ ୪.୫୧% ବୃଦ୍ଧି ପାଇଛି। ମୋଟ ବ୍ୟକ୍ତିଗତ ପ୍ରିମିୟମ ସଂଗ୍ରହ ୬.୨୦% ବୃଦ୍ଧି ପାଇଛି।

# ସିଜିୟୁ-ଆଇଭିପି ସେମିକଣ୍ଡକ୍ଟର ମଧ୍ୟରେ ଚୁକ୍ତି




ଭୁବନେଶ୍ୱର,୨୧।୯

ଭୁବନେଶରସ୍ଥିତ ସି. ଭି. ରମଣ ଗ୍ଲୋବାଲ ୟୁନିଭରସିଟି (ସିଜିୟୁ)ର ଇଲେକ୍ଟ୍ରୋନିକ୍ସ ଏବଂ କମ୍ୟୁନିକେଶନ ଇଞ୍ଜିନିୟରିଂ ବିଭାଗରେ ସେମିକଣ୍ଡକ୍ଟର ଡିଜାଇନରେ ଏକ ସେଣ୍ଟର ଅଫ୍ ଏକ୍ସଲେନ୍ସ ପ୍ରତିଷ୍ଠା କରାଯିବ। ଏଥିପାଇଁ ସିଜିୟୁ ଏବଂ ଆଇଭିପି ସେମିକଣ୍ଡକ୍ଟର ସହିତ ଏକ ଚୁକ୍ତିନାମା (ଏମ୍‌ଓୟୁ) ସ୍ୱାକ୍ଷର ହୋଇଛି। ସିଜିୟୁର କୁଳପତି ଭାଇସ ପ୍ରଫେସର ଡ. ବଂଶୀଧର ମାଝୀ ଏବଂ ଆଇଭିପିର ପ୍ରତିଷ୍ଠାତା ଏବଂ ସିଇଓ ପି. ରାଜା ମାଣିକମ ଏମଓୟୁରେ ସ୍ୱାକ୍ଷର କରିଥିଲେ। ଏହି ଅବସରରେ ଆଇଭିପି ସେମିକଣ୍ଡକ୍ଟରର ଡିଜାଇନ ମୁଖ୍ୟ ତୁଷାରକାନ୍ତି ଭଟ୍ଟାଚାର୍ଯ୍ୟ ଏବଂ ସିଜିୟୁର ପ୍ରୋ ଭାଇସ ଚାନ୍ସେଲର ପ୍ରଫେସର ଡ. ଜି. ଶ୍ରୀଦେବୀ, ରେଜିଷ୍ଟ୍ରାର ଡ. ବିନିତା ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ମାଣିକମ କହିଥିଲେ, ଏହି ସହଭାଗିତାର ପ୍ରାଥମିକ ଲକ୍ଷ୍ୟ ଓଡ଼ିଶା ଏବଂ ଭାରତର ସେମିକଣ୍ଡକ୍ଟର ମିଶନର ଆବଶ୍ୟକତା ଅନୁଯାୟୀ ବଜାର ପ୍ରସ୍ତୁତ ପ୍ରଡକ୍ଟ ବିକଶିତ କରି ଏବଂ ଛାତ୍ରୀଛାତ୍ର, ଗବେଷକଙ୍କ ପାଇଁ ନୂତନ ସୁଯୋଗ ସୃଷ୍ଟି କରିବା।

# ୨୭୦୦ମହିଳା ଉଦ୍ୟୋଗୀଙ୍କୁ ମିଳିବ ତାଲିମ

ଭୁବନେଶ୍ୱର,୨୧।୯(ଅନୁରାଧା ମହାରଣା)

ଓଡ଼ିଶାରେ ସ୍ୱୟଂ ସହାୟକ ଗୋଷ୍ଠୀଗୁଡ଼ିକ ସହ ଜଡ଼ିତ ୨୭୦୦ରୁ ଅଧିକ ମହିଳା ଉଦ୍ୟୋଗୀଙ୍କୁ ତାଲିମ ପ୍ରଦାନ କରିବା ଓ ସହଭାଗିତା କରିବା ପାଇଁ ଏଫଏମସିଜି କମ୍ପାନୀ ହିନ୍ଦୁସ୍ଥାନ କୋକା-କୋଲା ବେଭରେଜେସ (ଏଚ୍‌ସିସିବି) ଓ ମିଶନ ଶକ୍ତି ବିଭାଗ ମଧ୍ୟରେ ଏକ ଲେଟର ଅଫ୍ ଅଣ୍ଡରଷ୍ଟାଣ୍ଡିଙ୍ଗ (ଏଲ୍‌ଓୟୁ) ସ୍ୱାକ୍ଷର ହୋଇଛି। ଭୁବନେଶ୍ୱରରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କୁ ମିଶନ ଶକ୍ତି ବିଭାଗ କମିଶନର ଓ ସଚିବ ଶାଳିନୀ ପଣ୍ଡିତ, ମିଶନ ଶକ୍ତି ବିଭାଗର ଷ୍ଟେଟ ମିଶନର ନିର୍ଦ୍ଦେଶକ ଓ ସିଇଓ ଡ. ମୋନିକା ପ୍ରିୟଦର୍ଶିନୀ ଏବଂ ଏଚସିସିବିର କର୍ପୋରେଟ ସୋସିଆଲ ରେସ୍‌ପନ୍ସିବିଲିଟି (ସିଏସଆର୍) ମୁଖ୍ୟ ଶ୍ୱେତା ପୁନିଆଙ୍କ ଉପସ୍ଥିତିରେ ହସ୍ତାନ୍ତର କରାଯାଇଥିଲା।



ଏଚ୍‌ସିସିବି-ମିଶନ ଶକ୍ତି ବିଭାଗ ମଧ୍ୟରେ ଏଲ୍‌ଓୟୁ ସ୍ୱାକ୍ଷର କରାଯାଉଛି।










4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

# ଧରିତ୍ରୀ
DHARITRI

ଧରିତ୍ରୀ 51 Years

ପୃଷ୍ଠା–୮+୮

ଭୁବନେଶ୍ୱର, ସୋମବାର, ସେପ୍ଟେମ୍ବର ୨୨/୨୦୨୫ (୮+୮=୧୬ ପୃଷ୍ଠା) | Bhubaneswar, Monday, September 22/2025 | Page 16 | ₹ 7.00

୫୧ଶ ଭାଗ ୨୯୮ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 51 ISSUE 298 | ମୂଲ୍ୟ ₹୭/-




ଦେଶକୁ ନିଶାମୁକ୍ତ କରିବା ଲକ୍ଷ୍ୟରେ ରବିବାର ଅନୁଷ୍ଠିତ 'ନମୋ ଯୁବା ରନ୍ – ଫର୍ ନିଶାମୁକ୍ତ ଭାରତ' ଗଣଦୌଡ଼ରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସମେତ ମନ୍ତ୍ରୀ, ବିଧାୟକ ଓ ଯୁବଗୋଷ୍ଠୀ ପ୍ରମୁଖ ସାମିଲ ହୋଇଛନ୍ତି। (ଫଟୋ: ବିକାଶ ନାୟକ)

# ସଂକଳ୍ପ ପୂରଣ କରିବେ ଯୁବବର୍ଗ: ମୁଖ୍ୟମନ୍ତ୍ରୀ

## 'ନମୋ ଯୁବା ରନ୍- ଫର୍ ନିଶାମୁକ୍ତ ଭାରତ' ପାଇଁ ଗଣଦୌଡ଼

ଭୁବନେଶ୍ୱର,୨୧ା୯(ରବିନାରାୟଣ ଜେନା)

ଯୁବଶକ୍ତି ହିଁ ରାଷ୍ଟ୍ର ନିର୍ମାଣର ମୁଖ୍ୟ କର୍ଣ୍ଣଧାର। ଦେଶକୁ ନିଶାମୁକ୍ତ କରିବାର ଦାୟିତ୍ୱ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଯୁବବର୍ଗଙ୍କ ଉପରେ ଅର୍ପଣ କରିଛନ୍ତି। ଆପଣମାନେ ହିଁ ମୋଦିଜୀଙ୍କ ସଂକଳ୍ପକୁ ପୂରଣ କରିପାରିବେ ଏବଂ ଏ ପରିବର୍ତ୍ତନର ସୂତ୍ରଧର ହେବେ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି।

ରବିବାର କଳିଙ୍ଗ ଷ୍ଟାଡିୟମଠାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜୟନ୍ତୀ ଉପଲକ୍ଷେ ଅନୁଷ୍ଠିତ ବିଶାଳ ଗଣଦୌଡ଼ଙ୍କୁ ପତାକା ଦେଖାଇ ଶୁଭାରମ୍ଭ କରି ମୁଖ୍ୟମନ୍ତ୍ରୀ ଯୁବବର୍ଗଙ୍କୁ ସଙ୍କଳ୍ପ କରାଇ କହିଥିଲେ, ଆସନ୍ତୁ ଆମେ ସମସ୍ତେ ସଙ୍କଳ୍ପ ନେବା, ନିଶାମୁକ୍ତ ସମାଜ ତଥା ଭାରତ ଗଠନ କରିବା, ଯୁବବର୍ଗର ଶକ୍ତିକୁ ସମ୍ପୂର୍ଣ୍ଣ ଭାବେ ଦେଶ ଗଠନରେ ଉପଯୋଗ କରିବା। ସମସ୍ତେ ଏକାଠି ହୋଇ ସମୃଦ୍ଧ ଓଡ଼ିଶା ଓ ବିକଶିତ ଭାରତ ଗଠନରେ ଯୋଗଦାନ ଦେବା। ସେ କହିଥିଲେ, ଆଜିର ଏହି 'ନମୋ ଯୁବା ରନ୍ – ଫର୍ ନିଶାମୁକ୍ତ ଭାରତ'ର ଆଭିମୁଖ୍ୟ ହେଲା, ଯୁବଶକ୍ତି ନିଶାଠାରୁ ଦୂରେଇ ରହି ରାଜ୍ୟ ତଥା ଦେଶରେ ନିଜକୁ ସାମିଲ କରିବାର ଆବଶ୍ୟକତା ରହିଛି। ଭାରତବର୍ଷକୁ ନିଶାମୁକ୍ତ କରିବା ପାଇଁ ମୋଦିଙ୍କ ଏହି ନୂଆ ସଂକଳ୍ପ ଯୁବବର୍ଗଙ୍କୁ ରାଷ୍ଟ୍ର ଗଠନ ଦିଗରେ ପ୍ରେରିତ କରିବ। ଯୁବବର୍ଗ ଉପରେ ତାଙ୍କର ସମ୍ପୂର୍ଣ୍ଣ ଭରସା ଅଛି। ଯୁବବର୍ଗଙ୍କ ଜ୍ଞାନ, ଦକ୍ଷତା, ☞ପୃଷ୍ଠା–୭

# ୩୦ ସୁଦ୍ଧା ଏସ୍‌ଆଇଆର୍ ପ୍ରସ୍ତୁତି

## ସିଇଓମାନଙ୍କୁ ନିର୍ବାଚନ କମିଶନଙ୍କ ପରାମର୍ଶ

### ଅକ୍ଟୋବର-ନଭେମ୍ବରରୁ ଆରମ୍ଭ ହୋଇପାରେ ଭୋଟର ତାଲିକା ସଂଶୋଧନ

ନୂଆଦିଲ୍ଲୀ,୨୧ା୯(ପି.ଟି.)

ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍‌ଆଇଆର୍) ସେପ୍ଟେମ୍ବର ୩୦ ସୁଦ୍ଧା ଆରମ୍ଭ କରିବାକୁ ପ୍ରସ୍ତୁତ ହେବା ପାଇଁ ନିର୍ବାଚନ କମିଶନ (ଇସି) ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକର ମୁଖ୍ୟ ନିର୍ବାଚନ ଅଧିକାରୀ (ସିଇଓ)ମାନଙ୍କୁ ପରାମର୍ଶ ଦେଇଛନ୍ତି। ନିର୍ବାଚନ କର୍ତ୍ତୃପକ୍ଷ ଅକ୍ଟୋବର-ନଭେମ୍ବରରୁ ଭୋଟର ତାଲିକାରେ ସଂଶୋଧନ ଆରମ୍ଭ କରିବାକୁ ଚାହୁଁଥିବା ନେଇ ଏଥିରୁ ସଙ୍କେତ ମିଳିଛି।

ନୂଆଦିଲ୍ଲୀରେ ରାଜ୍ୟ ସିଇଓମାନଙ୍କୁ ନେଇ ନିକଟରେ ଅନୁଷ୍ଠିତ ଏକ ବୈଠକରୁ ଜଣାପଡ଼ିଛି ଯେ, ଇସିଙ୍କ ବରିଷ୍ଠ ଅଧିକାରୀମାନେ ଆଗାମୀ ୧୦ରୁ ୧୫ ଦିନ ମଧ୍ୟରେ ଏସ୍‌ଆଇଆର୍ ପାଇଁ ପ୍ରସ୍ତୁତ ହେବାକୁ ପରାମର୍ଶ ଦେଇଥିଲେ। ଏଥିରେ ଅଧିକ ସ୍ୱଷ୍ଟତା ଆଣିବା ପାଇଁ ସେପ୍ଟେମ୍ବର ୨୯କୁ ଡେଡ୍‌ଲାଇନ୍ ଧାର୍ଯ୍ୟ କରାଯାଇଥିଲା। ସିଇଓମାନଙ୍କୁ ରାଜ୍ୟରେ ଗତ ଏସ୍‌ଆଇଆର୍ ପରେ ପ୍ରକାଶିତ ଭୋଟର ତାଲିକା ଦାଖଲ ପାଇଁ କୁହାଯାଇଥିଲା। ଅନେକ ସିଇଓ ସେମାନଙ୍କ ରାଜ୍ୟର ଭୋଟର ତାଲିକା ନିଜ ୱେବ୍‌ସାଇଟ୍‌ରେ ଅପ୍‌ଲୋଡ୍ କରିସାରିଲେଣି। ଦିଲ୍ଲୀ ସିଇଓଙ୍କ ନିକଟରେ ୨୦୦୮ର ଭୋଟର ☞ପୃଷ୍ଠା–୭

# ପାକିସ୍ତାନକୁ ପୁଣି ହରାଇଲା ଭାରତ

## ଏସିଆ କପ୍ କ୍ରିକେଟ

ଦୁବାଇ,୨୧ା୯

ଏସିଆ କପ୍ କ୍ରିକେଟ ଟୁର୍ନାମେଣ୍ଟର ସୁପର-୪ ପର୍ଯ୍ୟାୟରେ ଭାରତ ରବିବାର ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନକୁ ୬ ଉଇକେଟରେ ପରାସ୍ତ କରିଛି। ପାକିସ୍ତାନ ୨୦ ଓଭରରେ ୫ ଉଇକେଟ ହରାଇ ୧୭୧ ରନ କରିଥିବାବେଳେ ଭାରତ ୧୮.୫ ଓଭରରେ ୪ ଉଇକେଟ ହରାଇ ୧୭୪ ରନ ସଂଗ୍ରହ କରି ନେଇଛି। ପ୍ରତିଯୋଗିତାର ଲିଗ୍ ପର୍ଯ୍ୟାୟରେ ମଧ୍ୟ ପାକିସ୍ତାନ ବିପକ୍ଷରେ ଭାରତ ବିଜୟ ହାସଲ କରିଥିଲା। ଭାରତ ବିଜୟରେ ହିରୋ ସାବ୍ୟସ୍ତ ହୋଇଥିଲେ ଓପନର ଅଭିଷେକ ଶର୍ମା। ଚଳିତ ଟୁର୍ନାମେଣ୍ଟରେ ସେ ପ୍ରଥମଥର ଅର୍ଦ୍ଧଶତକ ହାସଲ କରିଥିବାବେଳେ ୩୯ଟି ବଲ୍‌ର ସମ୍ମୁଖୀନ ହୋଇ ୬ ଚୌକା ଓ ୫ ଛକା ସହାୟତାରେ ୭୪ ରନ ସଂଗ୍ରହ କରି ପାକିସ୍ତାନ ହାତରୁ ମ୍ୟାଚ ଛଡ଼ାଇ ନେଇଥିଲେ। ଫଳରେ ତାଙ୍କୁ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ କରାଯାଇଥିଲା। ପୂର୍ବ ମ୍ୟାଚ ଭଳି ଟସ୍ ସମୟରେ କିମ୍ବା ମ୍ୟାଚ ଶେଷ ହେବାପରେ ପାକିସ୍ତାନ ଖେଳାଳିଙ୍କ ସହ ଭାରତୀୟ ଖେଳାଳିମାନେ ହାତ ମିଳାଇ ନ ଥିଲେ। ୨୦୨୨ରୁ ଏପର୍ଯ୍ୟନ୍ତ ବିଭିନ୍ନ ଫର୍ମାଟରେ ପାକିସ୍ତାନ ବିପକ୍ଷରେ ଭାରତର ଏହା ଲଗାତାର ୭ମ ବିଜୟ। ଚଳିତ ଟୁର୍ନାମେଣ୍ଟରେ ପାକିସ୍ତାନ ଏପର୍ଯ୍ୟନ୍ତ ଦକ୍ଷତା ଅନୁସାରେ ଖେଳି ପାରିନାହିଁ ବୋଲି ସ୍ୱୀକାର କରିଛନ୍ତି ଅଧିନାୟକ ସଲମାନ ଆଘା।

(ସମ୍ପୂର୍ଣ୍ଣ ରିପୋର୍ଟ ଖେଳ ପୃଷ୍ଠାରେ)


DSPL-265

ଓମ୍ଫେଡ୍®

କ୍ଷୀର ଓଡ଼ିଶାର

ଜିଏସ୍‌ଟି ସଂସ୍କାର ପରେ ଆହୁରି ସୁଲଭ ମୂଲ୍ୟରେ ଶୁଦ୍ଧତା
ଓମ୍ଫେଡ୍‌ର ଉତ୍ତମ ଗୁଣବତ୍ତା
ବିଶିଷ୍ଟ ଦୁଗ୍ଧଜାତ ଦ୍ରବ୍ୟ






**ଜିଏସ୍ ଟି ହ୍ରାସ ଯୋଗୁଁ ତା ୨୨/୦୯/୨୦୨୫ ରିଖଠାରୁ ନିମ୍ନଲିଖିତ ଓମ୍ଫେଡ୍ ଦୁଗ୍ଧଜାତ ଉତ୍ପାଦର ମୂଲ୍ୟ ହ୍ରାସ**

| | ମାପ/ଓଜନ | ପ୍ୟାକ୍ | ପୁରୁଣା ଦର | | ପରିବର୍ତ୍ତିତ ହ୍ରାସ ଦର (ତା ୨୨/୦୯/୨୦୨୫ ରିଖରୁ ଲାଗୁ) | | ଜିଏସ୍ ଟି ସଞ୍ଚୟ |
|---|---|---|---|---|---|---|---|
| | | | ଜିଏସ୍ ଟି | ସର୍ବାଧିକ ମୂଲ୍ୟ | ଜିଏସ୍ ଟି | ସର୍ବାଧିକ ମୂଲ୍ୟ | |
| ୟୁଏଚ୍ ଟି ମିଲ୍କ | ୫୦୦ ମିଲି | ଟେଟ୍ରା ପ୍ୟାକ୍ | ୫ ପ୍ରତିଶତ | ୩୯.୦୦ | ୦ ପ୍ରତିଶତ | ୩୭.୦୦ | ୨.୦୦ |
| | ୧ ଲି. | ଟେଟ୍ରା ପ୍ୟାକ୍ | ୫ ପ୍ରତିଶତ | ୭୦.୦୦ | ୦ ପ୍ରତିଶତ | ୬୭.୦୦ | ୩.୦୦ |
| ପନୀର | ୨୦୦ ଗ୍ରା. | ପାଉଚ୍ | ୫ ପ୍ରତିଶତ | ୮୦.୦୦ | ୦ ପ୍ରତିଶତ | ୭୫.୦୦ | ୫.୦୦ |
| | ୫୦୦ ଗ୍ରା. | ପାଉଚ୍ | ୫ ପ୍ରତିଶତ | ୧୯୦.୦୦ | ୦ ପ୍ରତିଶତ | ୧୮୦.୦୦ | ୧୦.୦୦ |
| ପନୀର୍ (ମିଡିଅମ ଫ୍ୟାଟ୍) | ୨୦୦ ଗ୍ରା. | ପାଉଚ୍ | ୫ ପ୍ରତିଶତ | ୭୦.୦୦ | ୦ ପ୍ରତିଶତ | ୬୭.୦୦ | ୩.୦୦ |
| | ୫୦୦ ଗ୍ରା. | ପାଉଚ୍ | ୫ ପ୍ରତିଶତ | ୧୬୫.୦୦ | ୦ ପ୍ରତିଶତ | ୧୬୦.୦୦ | ୫.୦୦ |
| ଫ୍ଲେଭର୍ ମିଲ୍କ (ଏଫ୍‌ଏମ୍) | ୧୮୦ ମିଲି. | ବୋତଲ-ପ୍ଲାଷ୍ଟିକ୍ | ୧୨ ପ୍ରତିଶତ | ୨୫.୦୦ | ୫ ପ୍ରତିଶତ | ୨୩.୦୦ | ୨.୦୦ |
| | ୧୮୦ ମିଲି. | ବୋତଲ-ଗ୍ଲାସ | ୧୨ ପ୍ରତିଶତ | ୨୫.୦୦ | ୫ ପ୍ରତିଶତ | ୨୩.୦୦ | ୨.୦୦ |
| ଟେବଲ ବଟର | ୧୦୦ ଗ୍ରା. | ପ୍ୟାକେଟ୍ | ୧୨ ପ୍ରତିଶତ | ୬୦.୦୦ | ୫ ପ୍ରତିଶତ | ୫୭.୦୦ | ୩.୦୦ |
| | ୫୦୦ ଗ୍ରା. | ପ୍ୟାକେଟ୍ | ୧୨ ପ୍ରତିଶତ | ୨୯୦.୦୦ | ୫ ପ୍ରତିଶତ | ୨୭୨.୦୦ | ୧୮.୦୦ |
| ଘିଅ | ୧ ଲି. | ପଲି ଜାର୍ | ୧୨ ପ୍ରତିଶତ | ୭୧୦.୦୦ | ୫ ପ୍ରତିଶତ | ୬୬୫.୦୦ | ୪୫.୦୦ |
| | ୫୦୦ ମିଲି. | ପଲି ଜାର୍ | ୧୨ ପ୍ରତିଶତ | ୩୬୦.୦୦ | ୫ ପ୍ରତିଶତ | ୩୪୦.୦୦ | ୨୦.୦୦ |
| | ୨୦୦ ମିଲି. | ପଲି ଜାର୍ | ୧୨ ପ୍ରତିଶତ | ୧୫୦.୦୦ | ୫ ପ୍ରତିଶତ | ୧୪୦.୦୦ | ୧୦.୦୦ |
| | ୧ ଲି. ଟିଣ | ଟିଣ | ୧୨ ପ୍ରତିଶତ | ୭୨୦.୦୦ | ୫ ପ୍ରତିଶତ | ୬୭୫.୦୦ | ୪୫.୦୦ |
| | ୫୦୦ ମିଲି. | ଟିଣ | ୧୨ ପ୍ରତିଶତ | ୩୭୦.୦୦ | ୫ ପ୍ରତିଶତ | ୩୪୫.୦୦ | ୨୫.୦୦ |
| | ୨୦୦ ମିଲି. | ଟିଣ | ୧୨ ପ୍ରତିଶତ | ୧୬୦.୦୦ | ୫ ପ୍ରତିଶତ | ୧୫୦.୦୦ | ୧୦.୦୦ |
| | ୧ ଲି. | ପାଉଚ୍ | ୧୨ ପ୍ରତିଶତ | ୬୭୦.୦୦ | ୫ ପ୍ରତିଶତ | ୬୨୦.୦୦ | ୪୦.୦୦ |
| | ୫୦୦ ମିଲି. | ପାଉଚ୍ | ୧୨ ପ୍ରତିଶତ | ୩୩୫.୦୦ | ୫ ପ୍ରତିଶତ | ୩୧୫.୦୦ | ୨୦.୦୦ |
| | ୨୦୦ ମିଲି. | ପାଉଚ୍ | ୧୨ ପ୍ରତିଶତ | ୧୪୦.୦୦ | ୫ ପ୍ରତିଶତ | ୧୩୦.୦୦ | ୧୦.୦୦ |
| | ୫ ଲି. | ପଲି ଜାର୍ | ୧୨ ପ୍ରତିଶତ | ୩.୫୦୦.୦୦ | ୫ ପ୍ରତିଶତ | ୩, ୨୮୦.୦୦ | ୨୨୦.୦୦ |
| | ୧୫ ଲି. | ଟିଣ | ୧୨ ପ୍ରତିଶତ | ୮, ୧୬୨.୦୦ | ୫ ପ୍ରତିଶତ | ୭, ୬୫୫.୦୦ | ୫୦୭.୦୦ |
| | ୩୫ ମିଲି. | ପାଉଚ୍ | ୧୨ ପ୍ରତିଶତ | ୩୦.୦୦ | ୫ ପ୍ରତିଶତ | ୨୮.୦୦ | ୨.୦୦ |
| | ୧୫ ମିଲି. | ପାଉଚ୍ | ୧୨ ପ୍ରତିଶତ | ୧୫.୦୦ | ୫ ପ୍ରତିଶତ | ୧୪.୦୦ | ୧.୦୦ |
| A-2 ଦେଶୀ ଘିଅ | ୩୫୦ ମିଲି | ଗ୍ଲାସ ଯାର | ୧୨ ପ୍ରତିଶତ | ୪୫୦.୦୦ | ୫ ପ୍ରତିଶତ | ୪୨୨.୦୦ | ୨୮.୦୦ |
| | ୧୭୫ ମିଲି | ଗ୍ଲାସ ଯାର | ୧୨ ପ୍ରତିଶତ | ୨୫୦.୦୦ | ୫ ପ୍ରତିଶତ | ୨୩୪.୦୦ | ୧୬.୦୦ |

*ଜିଏସ୍‌ଟି ହାରରେ ପରିବର୍ତ୍ତନ ହେବାରୁ ଓମ୍ଫେଡ୍ ଆଇସ୍ କ୍ରିମ୍‌ର ବିଭିନ୍ନ ଏସ୍‌କେୟୁ (SKU) ର ଅଧିକତମ ମୂଲ୍ୟ (MRP) ହ୍ରାସ କରାଯାଇଛି।

OIPR-06063/13/0232/2526

**ଓଡିଶା ରାଜ୍ୟ ସମବାୟ ଦୁଗ୍ଧ ଉତ୍ପାଦକ ଫେଡରେସନ୍ ଲିମିଟେଡ୍ (ଓମ୍ଫେଡ୍)**

**ମୋଦିଙ୍କ ମାଆଙ୍କୁ ଆର୍‌ଜେଡି କର୍ମୀଙ୍କ ଗାଳି**

ତେଜସ୍ୱୀ ଯାଦବଙ୍କ 'ବିହାର ଅଧିକାର ଯାତ୍ରା' ଅବସରରେ ଆର୍‌ଜେଡି କର୍ମୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦିବଂଗତ ମାଆଙ୍କୁ ଗାଳି ଦେଇଥିବା ଭାଜପା ରବିବାର ଅଭିଯୋଗ କରିଛି। ପ୍ରଧାନମନ୍ତ୍ରୀଙ୍କ ମାଆଙ୍କ ବିରୋଧରେ ଦଳୀୟ କର୍ମୀମାନେ ଅପମାନଜନକ ମନ୍ତବ୍ୟ ଦେଉଥିବାବେଳେ ତେଜସ୍ୱୀ ମଞ୍ଚରେ ଉପସ୍ଥିତ ଥିଲେ ବୋଲି ଅଭିଯୋଗ ହୋଇଛି। ବିହାର ଉପମୁଖ୍ୟମନ୍ତ୍ରୀ ସମ୍ରାଟ ଚୌଧରୀ ତାଙ୍କ ଏକ୍ସ ହ୍ୟାଣ୍ଡେଲ୍‌ରେ ଉକ୍ତ ଭିଡିଓ ଶେୟାର କରିଛନ୍ତି।

## ସଂକ୍ଷେପରେ

### ବାଣିଜ୍ୟିକ ଆଲୋଚନା ପାଇଁ ଆଜି ଆମେରିକା ଯିବେ ପୀୟୂଷ ଗୋୟଲ

**ନୂଆଦିଲ୍ଲୀ, ୨୧ା୯**

କେନ୍ଦ୍ର ବାଣିଜ୍ୟ ଏବଂ ଶିଳ୍ପ ମନ୍ତ୍ରୀ ପୀୟୂଷ ଗୋୟଲଙ୍କ ନେତୃତ୍ୱରେ ସୋମବାର ଭାରତର ଏକ ପ୍ରତିନିଧି ଦଳ ଆମେରିକା ଗସ୍ତ କରିବ। ନ୍ୟୁୟର୍କରେ ଏହି ପ୍ରତିନିଧି ଦଳ ଆମେରିକା ସହ ଉଚ୍ଚସ୍ତରୀୟ ବାଣିଜ୍ୟ ଆଲୋଚନାରେ ଅଂଶଗ୍ରହଣ କରବ ବୋଲି ଶନିବାର ବାଣିଜ୍ୟ ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯାଇଛି। ଭାରତ ଏବଂ ଆମେରିକା ମଧ୍ୟରେ ଦ୍ୱିପାକ୍ଷିକ ଅର୍ଥନୈତିକ ସମ୍ପର୍କକୁ ଅଧିକ ମଜଭୁତ କରିବା ସହ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଦ୍ୱାରା ଭାରତ ଉପରେ ଲାଗୁ କରାଯାଇଥିବା ଟାରିଫ୍ ସହ ଜଡ଼ିତ ସମସ୍ୟାର ସମାଧାନ ପାଇଁ ଏହି ଗସ୍ତର ଲକ୍ଷ୍ୟ ରହିଛି ବୋଲି ବାଣିଜ୍ୟ ମନ୍ତ୍ରଣାଳୟ କହିଛି। ପ୍ରକାଶ ଯେ, ଆମେରିକା ବାଣିଜ୍ୟ ପ୍ରତିନିଧି କାର୍ଯ୍ୟାଳୟର ଅଧିକାରୀଙ୍କ ଏକ ଦଳ ଗତ ୧୬ରେ ଭାରତ ଆସିଥିଲା। ଏହି ଅବସରରେ ୨ ଦେଶ ମଧ୍ୟରେ ଟ୍ରେଡ୍ ଡିଲ୍‌ର ବିଭିନ୍ନ ଦିଗ ଉପରେ ସକାରାତ୍ମକ ଆଲୋଚନା ହୋଇଥିଲା।

### ମହିଳାଙ୍କ ଲିଖିତ ପୁସ୍ତକ ଉପରେ ତାଲିବାନୀ କଟକଣା

**କାବୁଲ, ୨୧ା୯**

ଆଫଗାନିସ୍ତାନରେ ଥିବା ବିଶ୍ୱବିଦ୍ୟାଳୟଗୁଡ଼ିକ ପାଇଁ ତାଲିବାନୀ ଶାସକ ପକ୍ଷରୁ ଏକ ନୂତନ ଫତ୍‌ୱା ଜାରି କରାଯାଇଛି। ତାଲିବାନ ପକ୍ଷରୁ ଆଫଗାନିସ୍ତାନରେ ଥିବା ବିଶ୍ୱବିଦ୍ୟାଳୟଗୁଡ଼ିକର ପାଠ୍ୟକ୍ରମରୁ ୬୮୦ଟି ପୁସ୍ତକକୁ ନିଷିଦ୍ଧ କରାଯାଇଛି। ଇସଲାମିକ୍ ଆଇନ ଶରିଆର ସିଦ୍ଧାନ୍ତ ବିରୋଧୀ ଏବଂ ତାଲିବାନ ନୀତି ବିରୋଧୀ ହୋଇଥିବାରୁ ଏହି ପୁସ୍ତକଗୁଡ଼ିକ ଉପରେ କଟକଣା ଲଗାଯାଇଛି। ସେଥିମଧ୍ୟରେ ମହିଳାଙ୍କ ଦ୍ୱାରା ଲିଖିତ ୧୪୦ ପୁସ୍ତକ ରହିଛି। ସେହିପରି ଶରିଆ ବିରୋଧୀ ଦର୍ଶାଇ ମାନବାଧିକାର, ଯୌନ ନିର୍ଯ୍ୟାତନା, ଲିଙ୍ଗ ଏବଂ ବିକାଶ, ମହିଳା ସମାଜଶାସ୍ତ୍ର, ଯୋଗାଯୋଗରେ ମହିଳାଙ୍କ ଭୂମିକା ଆଦି ୧୮ ବିଷୟରେ ଅଧ୍ୟୟନକୁ ନିଷିଦ୍ଧ କରିବା ପାଇଁ ବିଶ୍ୱବିଦ୍ୟାଳୟଗୁଡ଼ିକୁ ନିର୍ଦ୍ଦେଶ ଦିଆଯାଇଛି। ଦେଶର ଉଚ୍ଚ ଶିକ୍ଷା ମନ୍ତ୍ରଣାଳୟ ପକ୍ଷରୁ ଏ ସମ୍ପର୍କିତ ଏକ ବିଜ୍ଞପ୍ତି ପ୍ରକାଶ ପାଇଛି। ତେବେ ତାଲିବାନ ଶାସନର ଏହି ପଦକ୍ଷେପକୁ ବିଭିନ୍ନ ମାନବାଧିକାର ସଙ୍ଗଠନ ପକ୍ଷରୁ ନିନ୍ଦା କରାଯାଇଛି।

### କଶ୍ମୀର ପ୍ରସଙ୍ଗ ସମାଧାନ ବିନା ଭାରତ-ପାକ୍ ସମ୍ପର୍କରେ ସ୍ୱାଭାବିକତା ସମ୍ଭବ ନୁହେଁ: ଶେହବାଜ

**ଲଣ୍ଡନ, ୨୧ା୯**

କଶ୍ମୀର ପ୍ରସଙ୍ଗର ସମାଧାନ ବିନା ଭାରତ ସହ ଦ୍ୱିପାକ୍ଷିକ ସମ୍ପର୍କରେ ସ୍ୱାଭାବିକତା ଆସିବା ସମ୍ଭବ ନୁହେଁ ବୋଲି ପାକିସ୍ତାନ ପ୍ରଧାନମନ୍ତ୍ରୀ ଶେହବାଜ ଶରିଫ୍ କହିଛନ୍ତି। ଲଣ୍ଡନରେ ଦରିଆପାରି ପାକିସ୍ତାନୀମାନଙ୍କୁ ଉଦ୍‌ବୋଧନ ଦେବା ଅବସରରେ ସେ କଶ୍ମୀର ପ୍ରସଙ୍ଗ ଉଠାଇ ଉକ୍ତ ଅଞ୍ଚଳରେ ଶାନ୍ତି ସ୍ଥାପନ ଉଦ୍ୟମ ଭାରତ ଉପରେ ଛାଡ଼ିଛନ୍ତି। ଭାରତ ଓ ପାକିସ୍ତାନ ପଡ଼ୋଶୀ ଓ ଏକାଠି ରହିବାକୁ ଶିଖିବା ଜରୁରୀ। ତେବେ କଶ୍ମୀର ପ୍ରସଙ୍ଗ ସମାଧାନ ଦ୍ୱାରା ସ୍ୱାଭାବିକତା ଆସିପାରିବ। କଶ୍ମୀରୀମାନଙ୍କ ରକ୍ତପାତ ବ୍ୟର୍ଥ ଯିବନାହିଁ। କଶ୍ମୀର ପ୍ରସଙ୍ଗ ବିନା ସମ୍ପର୍କ ସ୍ଥାପନ ହୋଇପାରିବ ବୋଲି ଯଦି କେହି ବିଶ୍ୱାସ କରୁଥାନ୍ତି, ତେବେ ସେ ବୋକାଙ୍କ ସ୍ୱର୍ଗରେ ରହୁଥିବେ ବୋଲି ପାକ୍ ପ୍ରଧାନମନ୍ତ୍ରୀ କହିଛନ୍ତି।

### ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ହେବାକୁ ମେଣ୍ଟ ଉପରେ ଚାପ ପକାଇଲେ ତେଜସ୍ୱୀ

**ପାଟନା, ୨୧ା୯**

ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ବିନା ବିହାର ବିଧାନସଭା ନିର୍ବାଚନରେ ମହାମେଣ୍ଟ ନିର୍ବାଚନ ଲଢ଼ିବ ନାହିଁ ବୋଲି ଆର୍‌ଜେଡି ନେତା ତେଜସ୍ୱୀ ଯାଦବ କହିବା ସହ ସହଯୋଗୀ ଦଳଗୁଡ଼ିକ ଉପରେ ଚାପ ବଢ଼ାଇଛନ୍ତି। ବୈଶାଳୀଠାରେ ବିହାର ଅଧିକାର ଯାତ୍ରା ସମାପନ କରିବା ଅବସରରେ ତେଜସ୍ୱୀ କହିଛନ୍ତି, ଆମେ କ'ଣ ଭାଜପା ଯେ ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ଘୋଷଣା କରିବା ନାହିଁ। ବିନା ମୁଖ୍ୟମନ୍ତ୍ରୀ ଚେହେରାରେ ଆମେ ନିଶ୍ଚିତ ଭାବେ ନିର୍ବାଚନ ଲଢ଼ିବୁ ନାହିଁ ବୋଲି ସେ କହିଛନ୍ତି। ତେବେ ତେଜସ୍ୱୀଙ୍କୁ ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ଭାବେ ସହଯୋଗୀ ଦଳ କଂଗ୍ରେସ ସମର୍ଥନ କରୁନାହିଁ। ମୁଖ୍ୟମନ୍ତ୍ରୀ କିଏ ହେବେ, ନିର୍ବାଚନ ପରେ ବିହାର ଜନସାଧାରଣ ନିଷ୍ପତ୍ତି ନେବେ ବୋଲି କଂଗ୍ରେସ କହିଛି। ବିନା ମୁଖ୍ୟମନ୍ତ୍ରୀ ପ୍ରାର୍ଥୀରେ ବିରୋଧୀ ମେଣ୍ଟ ନିର୍ବାଚନ ଲଢ଼ିବ ବୋଲି ସିପିଆଇ-ଏମ୍‌ଏଲ୍ ସାଧାରଣ ସମ୍ପାଦକ ଦୀପଙ୍କର ଭଟ୍ଟାଚାର୍ଯ୍ୟ କହିଛନ୍ତି।



ଇସ୍ରାଏଲ୍‌ର ସାମରିକ ଅଭିଯାନ ଯୋଗୁ ବିସ୍ଥାପିତ ପାଲେଷ୍ଟିନୀୟମାନେ ଉତ୍ତର ଗାଜାରୁ ଦକ୍ଷିଣାଞ୍ଚଳକୁ ପଳାୟନ କରୁଛନ୍ତି। (ଫଟୋ ସୌଜନ୍ୟ: ରଏଟର୍ସ)

# ପାଲେଷ୍ଟିନୀୟ ରାଷ୍ଟ୍ରକୁ ବ୍ରିଟେନ୍, କାନାଡା, ଅଷ୍ଟ୍ରେଲିଆର ସ୍ୱୀକୃତି

**ଲଣ୍ଡନ, ୨୧ା୯**

ଏକ ଐତିହାସିକ ଘଟଣାକ୍ରମେ ବ୍ରିଟେନ୍, କାନାଡା ଏବଂ ଅଷ୍ଟ୍ରେଲିଆ ରବିବାର ପାଲେଷ୍ଟିନୀୟ ରାଷ୍ଟ୍ରକୁ ଆନୁଷ୍ଠାନିକ ଭାବେ ସ୍ୱୀକୃତି ପ୍ରଦାନ କରିଛନ୍ତି। ଆମେରିକା ଓ ଇସ୍ରାଏଲ୍‌ର ପ୍ରବଳ ବିରୋଧ ସତ୍ତ୍ୱେ ବ୍ରିଟେନ୍ ପାଲେଷ୍ଟିନୀୟ ରାଷ୍ଟ୍ରକୁ ଆନୁଷ୍ଠାନିକ ସ୍ୱୀକୃତି ପ୍ରଦାନ କରିଥିବା ବ୍ରିଟିଶ ପ୍ରଧାନମନ୍ତ୍ରୀ କିର୍ ଷ୍ଟାର୍ମର ସ୍ପଷ୍ଟ କରିଛନ୍ତି। ବ୍ରିଟେନ୍ ପରେ କାନାଡା ଓ ଅଷ୍ଟ୍ରେଲିଆ ମଧ୍ୟ ଅନୁରୂପ ଘୋଷଣା କରିଛନ୍ତି। ପାଲେଷ୍ଟିନୀୟ ଓ ଇସ୍ରାଏଲୀଙ୍କ ପାଇଁ ଶାନ୍ତିର ଆଶାକୁ ପୁନର୍ଜୀବିତ କରାଇବା ଏହି ପଦକ୍ଷେପର ଉଦ୍ଦେଶ୍ୟ ବୋଲି ଷ୍ଟାର୍ମର କହିଛନ୍ତି। ଯଦିଓ ଏହି ପଦକ୍ଷେପ ପ୍ରତୀକାତ୍ମକ, ତେବେ ଏହା ଏକ ଐତିହାସିକ ମୁହୂର୍ତ୍ତ। ଗାଜା ଯୁଦ୍ଧ ବନ୍ଦ କରିବା ଏବଂ ଦୀର୍ଘମିଆଦୀ ଶାନ୍ତି ସ୍ଥାପନରେ ସହାୟତା ପାଇଁ ବ୍ରିଟେନ୍ କୂଟନୈତିକ ଚାପ ବଢ଼ାଇଛି। ଇସ୍ରାଏଲ୍ ଗାଜା ଯୁଦ୍ଧ ବନ୍ଦ ନ କଲେ ପାଲେଷ୍ଟିନୀୟ ରାଷ୍ଟ୍ରକୁ ସ୍ୱୀକୃତି ପ୍ରଦାନ କରାଯିବ ବୋଲି ଷ୍ଟାର୍ମର ଜୁଲାଇରେ ଘୋଷଣା କରିଥିଲେ। ଏଥିପାଇଁ ଶାସକ ଦଳ ଲେବର ପାର୍ଟିପକ୍ଷରୁ ତାଙ୍କ ଉପରେ ଚାପ ପକାଯାଇଥିଲା।

ପାଲେଷ୍ଟାଇନ ରାଷ୍ଟ୍ରକୁ କେବଳ ବ୍ରିଟେନ୍ ସ୍ୱୀକୃତି ଦେଇନାହିଁ, ଇତିମଧ୍ୟରେ ୧୪୦ରୁ ଊର୍ଦ୍ଧ୍ୱ ଦେଶ ଏଭଳି ପଦକ୍ଷେପ ନେଇସାରିଲେଣି। ଚଳିତ ସପ୍ତାହରେ ଜାତିସଂଘ ସାଧାରଣ ସଭା ହେବାକୁ ଥିବାବେଳେ ଫ୍ରାନ୍ସ ସମେତ ଆଉ କେତେକ ଦେଶ ପାଲେଷ୍ଟିନୀୟ ରାଷ୍ଟ୍ରକୁ ସ୍ୱୀକୃତି ଦେବା ଆଶା କରାଯାଉଛି।

## ଗାଜା ସିଟିରେ ଇସ୍ରାଏଲ୍‌ର ଆକ୍ରମଣ: ୪୦ ମୃତ

**କାଇରୋ, ୨୧ା୯**

ଗାଜା ସିଟିରେ ଇସ୍ରାଏଲ୍ ଶନିବାର ରାତିରେ ଜୋର୍‌ଦାର ଆକ୍ରମଣ କରିଛି। ଏଥିରେ ୪୦ ଜଣ ପାଲେଷ୍ଟିନୀୟ ନିହତ ହୋଇଥିବା ସେଠାର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ କହିଛି। ଶିଫା ହସ୍ପିଟାଲରେ ଅଧିକାଂଶ ମୃତଦେହ ପହଞ୍ଚିଥିବାବେଳେ ସେମାନଙ୍କ ମଧ୍ୟରେ ଉକ୍ତ ହସ୍ପିଟାଲର ଜଣେ କର୍ମଚାରୀ, ତାଙ୍କ ସ୍ତ୍ରୀ ଓ ୩ ପିଲା ଅଛନ୍ତି। ଗାଜା ସିଟିକୁ ସମ୍ପୂର୍ଣ୍ଣ ଦଖଲ କରିବା ପାଇଁ ଇସ୍ରାଏଲୀ ସେନା ସେଠାର ଲୋକଙ୍କୁ ସହର ଛାଡ଼ି ଚାଲିଯିବାକୁ କହିବା ସହ ସ୍ଥଳଯୁଦ୍ଧକୁ ଜୋର୍‌ଦାର କରିଛି। ଯୁଦ୍ଧବିରତି ଉଦ୍ୟମ ବିଫଳ ହୋଇଥିବାବେଳେ ଅଧିକରୁ ଅଧିକ ଦେଶ ପାଲେଷ୍ଟିନୀୟ ରାଷ୍ଟ୍ରକୁ ସ୍ୱୀକୃତି ଦେବାକୁ ପ୍ରସ୍ତୁତ ହେଉଛନ୍ତି।

## ବିଜୁଳିକୁ ମହଙ୍ଗା କରିଛି ୟୁକ୍ରେନ୍ ଯୁଦ୍ଧ, କୋଇଲା ବଜାର ଅସ୍ଥିରତା

**ପଣଜୀ, ୨୧ା୯ (ପି.ଟି.)**

ରୁଷିଆ-ୟୁକ୍ରେନ୍ ଯୁଦ୍ଧ ଏବଂ ଅସ୍ଥିର କୋଇଲା ବଜାର ଭଳି ବୈଶ୍ୱିକ ସଙ୍କଟ ଭାରତରେ ବିଦ୍ୟୁତ୍ ମୂଲ୍ୟ ଉପରେ ପ୍ରତ୍ୟକ୍ଷ ପ୍ରଭାବ ପକାଇଛି। ଫଳରେ କେବଳ ସୁରକ୍ଷିତ ଅବାଧ ବିଦ୍ୟୁତ ଯୋଗାଣ ପାଇଁ ଅଧିକ ପ୍ରିମିୟମ୍ ପୈଠ କରିବାକୁ ପଡୁଥିବା ଗୋଆ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମ୍ୟାନେଜମେଣ୍ଟ ଏବଂ ବ୍ରିଟେନ୍‌ର କିଙ୍ଗଷ୍ଟନ୍ ୟୁନିଭର୍ସିଟିର ମିଳିତ ଅଧ୍ୟୟନରୁ ଜଣାପଡ଼ିଛି।

ଭାରତରେ ବିଦ୍ୟୁତ୍ ମୂଲ୍ୟ କାହିଁକି ବର୍ତ୍ତମାନ ବଜାର ମୂଲ୍ୟ ତୁଳନାରେ ଅଧିକ ରହୁଛି, ଅଧ୍ୟୟନରେ ନିର୍ଦ୍ଦିଷ୍ଟ ଭାବେ ତାହା ଉପରେ ଅନୁଧ୍ୟାନ କରାଯାଇଥିଲା। କୋଇଲା ମୂଲ୍ୟରେ ଅସ୍ଥିରତା, ଭୂରାଜନୈତିକ ଉତ୍ତେଜନା, ଘରୋଇ ଚାହିଦା ଢାଞ୍ଚା ଏବଂ ନୀତିରେ ଅନିଶ୍ଚିତତା ଏହା ପଛର ମୁଖ୍ୟ କାରଣ ବୋଲି ଜଣାପଡ଼ିଛି। ଗୋଆ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମ୍ୟାନେଜମେଣ୍ଟର ଆସିଷ୍ଟାଣ୍ଟ ପ୍ରଫେସର ପ୍ରକାଶ ସିଂ କହିଛନ୍ତି, ରୁଷିଆ-ୟୁକ୍ରେନ୍ ଯୁଦ୍ଧ ରିସ୍କ ପ୍ରିମିୟମ ଏବଂ ବଜାର ଅସ୍ଥିରତାକୁ ଉଲ୍ଲେଖନୀୟ ଭାବେ ବଢ଼ାଇଦେଇଛି। ଅଧିକ ଚାହିଦା ଥିବା ସମୟ (ସନ୍ଧ୍ୟା ୬ରୁ ରାତି ୧୧ଟା)ରେ ବିଦ୍ୟୁତ୍ ଯୋଗାଣ ରିସ୍କ ପ୍ରିମିୟମ୍ ଅଧିକ ରହୁଥିବାବେଳେ ସପ୍ତାହାନ୍ତରେ ଏହା ୧୩% ପର୍ଯ୍ୟନ୍ତ ବଢ଼ିଯାଉଛି। ବିଦ୍ୟୁତ ଯୋଗାଣରେ ଅତ୍ୟଧିକ ନିଅଣ୍ଟ ଥିବା ଏଥିରୁ ପ୍ରତିଫଳିତ ହେଉଛି। ଉପରୋକ୍ତ ଦୁର୍ବଳତାଗୁଡ଼ିକର ସମାଧାନ ଆବଶ୍ୟକ ବୋଲି ସିଂ କହିଛନ୍ତି।

## ବେତନ, ପେନ୍‌ସନ, ସୁଧ ପୈଠ
# ୧୦ ବର୍ଷରେ ଖର୍ଚ୍ଚ ୨.୫ ଗୁଣ ବଢ଼ିଛି

**ନୂଆଦିଲ୍ଲୀ, ୨୧ା୯ (ପି.ଟି.)**

କର୍ମଚାରୀଙ୍କୁ ବେତନ ଓ ପେନ୍‌ସନ ପ୍ରଦାନ ଏବଂ ସୁଧ ପୈଠ କରିବାରେ ରାଜ୍ୟଗୁଡ଼ିକର ଖର୍ଚ୍ଚ ୧୦ ବର୍ଷ ମଧ୍ୟରେ ୨.୪୯ ଗୁଣ ବୃଦ୍ଧି ପାଇଛି। ୨୦୧୩-୧୪ ଆର୍ଥିକ ବର୍ଷରେ ଏ ବାବଦ ରାଜ୍ୟଗୁଡ଼ିକର ମୋଟ ଖର୍ଚ୍ଚ ୬,୨୬,୮୪୯ କୋଟି ଟଙ୍କା ଥିବାବେଳେ ୨୦୨୨-୨୩ରେ ତାହା ୧୫,୬୩,୬୪୯ କୋଟି ଟଙ୍କାରେ ପହଞ୍ଚିଥିବା ରାଜ୍ୟ ଫାଇନାନ୍ସ ଉପରେ କମ୍ପ୍ଟ୍ରୋଲର ଆଣ୍ଡ ଅଡିଟର ଜେନେରାଲ ଅଫ୍ ଇଣ୍ଡିଆ (ସିଏଜି) ରିପୋର୍ଟରୁ ଜଣାପଡ଼ିଛି।

ଉପରୋକ୍ତ ୧୦ ବର୍ଷରେ ରାଜ୍ୟଗୁଡ଼ିକର ରାଜସ୍ୱ ବ୍ୟୟ ମୋଟ ବ୍ୟୟର ୮୦ରୁ ୮୭ ପ୍ରତିଶତ ହୋଇଥିବାବେଳେ ମୋଟ ଜିଏସ୍‌ଡିପି (ମୋଟ ରାଜ୍ୟ ଘରୋଇ ଉତ୍ପାଦ)ର ୧୩.୮୫ ପ୍ରତିଶତ। ସିଏଜି ପକ୍ଷରୁ ପ୍ରଥମ ଥର ପାଇଁ ଏଭଳି ରିପୋର୍ଟ ପ୍ରକାଶ ପାଇଛି। ୨୦୨୨-୨୩ ଆର୍ଥିକ ବର୍ଷରେ ୨୮ ରାଜ୍ୟର ମୋଟ ରାଜସ୍ୱ ବ୍ୟୟ ପରିମାଣ ୩୫,୯୫,୭୩୬ କୋଟି ଟଙ୍କା ହୋଇଥିବାବେଳେ ସେଥିରୁ ଦରମା, ପେନ୍‌ସନ ଓ ସୁଧ ପୈଠ ବାବଦ ବ୍ୟୟ (କମିଟେଡ୍ ଏକ୍ସପେନ୍ସ) ୧୫,୬୩,୬୪୯ କୋଟି, ସବ୍‌ସିଡି ବାବଦ ବ୍ୟୟ ୩,୦୯,୬୨୫ କୋଟି ଏବଂ ଅନୁଦାନ ବାବଦ ବ୍ୟୟ ୧୧,୨୬,୪୮୬ କୋଟି ଟଙ୍କା। ଏହି ୩ଟିରେ ମୋଟ ୨୯,୯୯,୭୬୦ କୋଟି ଟଙ୍କା ଖର୍ଚ୍ଚ ହୋଇଛି, ଯାହା ମୋଟ ରାଜସ୍ୱ ବ୍ୟୟର ୮୩ ପ୍ରତିଶତରୁ ଅଧିକ। ୨୦୧୩-୧୪ ଆର୍ଥିକ ବର୍ଷରେ ବେତନ, ପେନ୍‌ସନ ଓ ସୁଧ ପୈଠ ବାବଦ ବ୍ୟୟ ୬,୨୬,୮୪୯ କୋଟି ଟଙ୍କା ହୋଇଥିବାବେଳେ ୨୦୨୨-୨୩ରେ ତାହା ୧୫,୬୩,୬୪୯ କୋଟି ଟଙ୍କାରେ ପହଞ୍ଚିଛି। ସେହିପରି ଏହି ସମୟ ମଧ୍ୟରେ ସବ୍‌ସିଡି ବ୍ୟୟ ୯୬,୪୭୯ କୋଟିରୁ ବଢ଼ି ୩,୦୯,୬୨୫ କୋଟିରେ ପହଞ୍ଚିଛି। ଉପରୋକ୍ତ ୧୦ ବର୍ଷରେ ରାଜସ୍ୱ ବ୍ୟୟ ୨.୬୬ ଗୁଣ ବଢ଼ିଥିବାବେଳେ ପ୍ରତିବଦ୍ଧ ବ୍ୟୟ ୨.୪୯ ଗୁଣ ଏବଂ ସବ୍‌ସିଡି ବ୍ୟୟ ୩.୨୧ଗୁଣ ବୃଦ୍ଧି ପାଇଛି।

୧୯ଟି ରାଜ୍ୟରେ ବେତନ ବାବଦ ବ୍ୟୟ ସର୍ବାଧିକ ହୋଇଥିବାବେଳେ ଏହା ପଛକୁ ପେନ୍‌ସନ ଓ ସୁଧ ପୈଠ ବ୍ୟୟ ରହିଛି। ୯ଟି ରାଜ୍ୟରେ ପେନ୍‌ସନଠାରୁ ସୁଧ ପୈଠରେ ଅଧିକ ବ୍ୟୟ ହେଉଛି। ସେହି ରାଜ୍ୟଗୁଡ଼ିକ ହେଲେ ଆନ୍ଧ୍ରପ୍ରଦେଶ, ଗୁଜରାଟ, ହରିୟାଣା, କର୍ଣ୍ଣାଟକ, ପଞ୍ଜାବ, ରାଜସ୍ଥାନ, ତାମିଲନାଡୁ, ତେଲଙ୍ଗାନା ଓ ପଶ୍ଚିମବଙ୍ଗ। ୨୦୨୨-୨୩ ଆର୍ଥିକ ବର୍ଷରେ ୧୬ଟି ରାଜ୍ୟ ରାଜସ୍ୱ ବଳକା ଲକ୍ଷ୍ୟ ରଖିଥିବାବେଳେ ୫ଟି ରାଜ୍ୟରେ ରାଜସ୍ୱ ନିଅଣ୍ଟ ଏବଂ ୬ ରାଜ୍ୟରେ ଶୂନ ରାଜସ୍ୱ ନିଅଣ୍ଟ ଲକ୍ଷ୍ୟଧାର୍ଯ୍ୟ କରାଯାଇଥିଲା। ତେବେ ରାଜସ୍ୱ ବଳକା ଲକ୍ଷ୍ୟ ରଖିଥିବା ୧୬ ରାଜ୍ୟ ମଧ୍ୟରୁ ଆସାମ, ବିହାର, ହିମାଚଳପ୍ରଦେଶ, ମେଘାଳୟ ଓ ରାଜସ୍ଥାନରେ ରାଜସ୍ୱ ନିଅଣ୍ଟ ଦେଖାଦେଇଥିଲା।

## ଭାରତ-ପାକିସ୍ତାନ ଯୁଦ୍ଧ ବନ୍ଦ କରାଇଛି: ୪୦ ଥର କହିଲେଣି ଟ୍ରମ୍ପ୍

### ନୋବେଲ ଶାନ୍ତି ପୁରସ୍କାର ଦାବିକଲେ

**ନ୍ୟୁୟର୍କ/ୱାଶିଂଟନ୍, ୨୧ା୯**

ଭାରତ ଓ ପାକିସ୍ତାନ ମଧ୍ୟରେ ମଧ୍ୟସ୍ଥତା କରି ଯୁଦ୍ଧ ବନ୍ଦ କରାଇଥିବା ନେଇ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ପୁଣି ଦୋହରାଇଛନ୍ତି। ଏଥିସହ ସେ ୭ ଯୁଦ୍ଧ ବନ୍ଦ କରାଇଥିବାରୁ ତାଙ୍କୁ ନୋବେଲ ଶାନ୍ତି ପୁରସ୍କାର ପ୍ରଦାନ କରାଯିବା ଉଚିତ ବୋଲି ଟ୍ରମ୍ପ୍ ଦାବି କରିଛନ୍ତି।

ଆମେରିକାନ୍ କୋର୍ନେଷ୍ଟୋନ୍ ଇନ୍‌ଷ୍ଟିଚ୍ୟୁଟ୍ ଫାଉଣ୍ଡର୍ସ ଡିନରରେ ଶନିବାର ଯୋଗଦେଇ ଟ୍ରମ୍ପ୍ କହିଛନ୍ତି, ବିଶ୍ୱ ମଞ୍ଚରେ ଆମେ ପୁଣି ଏପରି କାର୍ଯ୍ୟ କରୁଛୁ, ଯଦ୍ୱାରା ଅଭୂତପୂର୍ବ ସମ୍ମାନ ମିଳୁଛି। ଆମେ ଶାନ୍ତି ଚୁକ୍ତି ଏବଂ ଯୁଦ୍ଧ ବନ୍ଦ କରାଉଛୁ। ଭାରତ-ପାକିସ୍ତାନ ଏବଂ ଥାଇଲାଣ୍ଡ-କାମ୍ବୋଡିଆ ମଧ୍ୟରେ ଯୁଦ୍ଧ ଆମେ ବନ୍ଦ କରାଇଛୁ। ପ୍ରକଶ ଯେ. ଆତଙ୍କବାଦୀଙ୍କ ପହଲଗାମ୍ ଆକ୍ରମଣ ପରେ ମେ' ୭ରେ ଭାରତ-ପାକିସ୍ତାନ ମୁହାଁମୁହିଁ ହୋଇଥିଲେ। ମେ' ୧୦ ଅପରାହ୍ଣରେ ଏହି ସାମରିକ ସଂଘର୍ଷର ବିରାମ ହୋଇଥିଲା। ଅସ୍ତ୍ରବିରତି ନେଇ ଭାରତ ପକ୍ଷରୁ ଘୋଷଣା କରାଯିବା ପୂର୍ବରୁ ଟ୍ରମ୍ପ୍ ସୋସିଆଲ ମିଡିଆରେ ସୂଚନା ଦେଇଥିଲେ। ସେବେଠୁ ବର୍ତ୍ତମାନ ପର୍ଯ୍ୟନ୍ତ ଦୁଇ ଦେଶ ମଧ୍ୟରେ ଯୁଦ୍ଧ ବନ୍ଦ କରାଇଥିବା ବିଷୟ ଟ୍ରମ୍ପ୍ ୪୦ ଥର ଦାବି କଲେଣି। ଅନ୍ୟପକ୍ଷେ ଭାରତ ଏଥିରେ କୌଣସି ତୃତୀୟ ପକ୍ଷର ହସ୍ତକ୍ଷେପ ନ ଥିବା କହିଆସୁଛି।

## ଆମେରିକାରେ ପାଠପଢ଼ା ପ୍ରତି ଭାରତୀୟଙ୍କ ଅନାଗ୍ରହ

### ତଥ୍ୟ ଖୋଜିବାରେ ବର୍ଷକରେ ୪୬% ହ୍ରାସ

**ନୂଆଦିଲ୍ଲୀ, ୨୧ା୯ (ପି.ଟି.)**



ଭାରତୀୟ ଛାତ୍ରୀଛାତ୍ରଙ୍କ ବିଦେଶରେ ପଢ଼ିବା ଆଗ୍ରହରେ ପରିବର୍ତ୍ତନ ଆସିଛି। ଆଇଡିପି ଏଜୁକେଶନ ପକ୍ଷରୁ ରବିବାର ଜାରି ରିପୋର୍ଟ ଅନୁଯାୟୀ, ଭାରତୀୟ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଆମେରିକାରେ ପାଠପଢ଼ା ସମ୍ପର୍କିତ ତଥ୍ୟ ଖୋଜିବା ହାର ବର୍ଷକ ମଧ୍ୟରେ ୪୬.୪% ହ୍ରାସ ପାଇଛି। ସେହିପରି କାନାଡାରେ ଏହି ହାର ୨ ବର୍ଷ ମଧ୍ୟରେ ୭୦ରୁ ୭୫% କମିଛି। ଆଇଡିପି ଏଜୁକେଶନର ଦକ୍ଷିଣ ଏସିଆ, କାନାଡା, ଲାଟିନ ଆମେରିକା (ଏଲ୍‌ଏଟିଏଏମ୍) ଆଞ୍ଚଳିକ ନିର୍ଦ୍ଦେଶକ ପୀୟୂଷ କୁମାର କହିଛନ୍ତି, ସମ୍ପ୍ରତି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ କାର୍ଯ୍ୟକାଳରେ ବିଭିନ୍ନ ନୀତିଗତ ପରିବର୍ତ୍ତନ ଏବଂ ଭିଜା ନିୟମାବଳୀରେ ଅନିଶ୍ଚିତତା ଯୋଗୁ ସେଠାରେ ଭାରତୀୟ ଛାତ୍ରୀଛାତ୍ରଙ୍କ ପାଠପଢ଼ା ଯୋଜନା ପ୍ରଭାବିତ ହୋଇଛି। ୨୦୨୪ ଜୁନ୍ ପରଠାରୁ ଭାରତୀୟ ଛାତ୍ରୀଛାତ୍ରଙ୍କ ଭିଜା ଅନୁମୋଦନ ହାର ହ୍ରାସ ପାଇଛି। ଏହାର ପ୍ରଭାବରେ ଦେଶର ଛାତ୍ରୀଛାତ୍ରଙ୍କ ମଧ୍ୟରେ ଆମେରିକାରେ ପାଠପଢ଼ା ସମ୍ପର୍କିତ ତଥ୍ୟ ଖୋଜିବା ହାର ୪୬.୪% ହ୍ରାସ ପାଇଛି। ସେହିପରି ଆମେରିକା ଟାରିଫ ଯୋଗୁ କାନାଡାର ନିମ୍ନଗାମୀ ଅର୍ଥନୀତି ଆଦି କାରଣରୁ ସେଠାରେ ପଢ଼ିବାର ଆଗ୍ରହ କମିଛି। ତେବେ ବ୍ରିଟେନ୍ ଓ ଅଷ୍ଟ୍ରେଲିଆ ପ୍ରତି ଭାରତୀୟ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଆକର୍ଷଣ ପୂର୍ବବର୍ଷ ପରି ସ୍ଥିର ରହିଛି। ଅଷ୍ଟ୍ରେଲିଆରେ ଚଳିତବର୍ଷ ଭାରତୀୟ ଛାତ୍ରୀଛାତ୍ରଙ୍କ ସଂଖ୍ୟାରେ ୯% ବୃଦ୍ଧି ଘଟିଛି। ଅଷ୍ଟ୍ରେଲିଆରେ ଉଚ୍ଚଶିକ୍ଷା ଅଧ୍ୟୟନ କଲେ ନିଯୁକ୍ତି ପାଇଁ ପର୍ଯ୍ୟାପ୍ତ ସୁଯୋଗ ମିଳିପାରିବ ବୋଲ ସେମାନଙ୍କର ଭରସା ଥିବା ପୀୟୂଷ କହିଛନ୍ତି। ଅଷ୍ଟ୍ରେଲିଆ ସରକାର ୧୯୬୯ରେ ଆଇଡିପି ସ୍ଥାପନ କରିଥିଲେ। ଶିକ୍ଷାକ୍ଷେତ୍ରରେ ଏହା ଏକ ବୈଶ୍ୱିକ ସଂସ୍ଥା, ଯାହା ପ୍ରତିବର୍ଷ ୧ ଲକ୍ଷ ଛାତ୍ରୀଛାତ୍ରଙ୍କୁ ୮୦୦ରୁ ଅଧିକ ବିଶ୍ୱବିଦ୍ୟାଳୟରେ ନାମ ଲେଖାଇବା ପାଇଁ ସାହାଯ୍ୟ କରିଥାଏ। ଏହାର ନେଟ୍‌ୱର୍କ ଅଷ୍ଟ୍ରେଲିଆ, ବ୍ରିଟେନ୍, ଆମେରିକା, କାନାଡା, ଆୟର୍ଲାଣ୍ଡ, ନ୍ୟୁଜିଲାଣ୍ଡ ଆଦି ଦେଶରେ ରହିଛି। ଭାରତର ୬୩ ସହରରେ ଆଇଡିପିର ୭୩ଟି କାର୍ଯ୍ୟାଳୟ ରହିଛି।

## ୨ ଭାରତୀୟ ଇଞ୍ଜିନିୟରଙ୍କୁ ଆଇଜି ନୋବେଲ



ବିକାଶ କୁମାର ଓ ସାର୍ଥକ ମିତ୍ତଲ

**ନୂଆଦିଲ୍ଲୀ, ୨୧ା୯**

ଜୋତା ଷ୍ଟାଣ୍ଡରୁ ଦୁର୍ଗନ୍ଧ କମାଇବା ଗବେଷଣା ପାଇଁ ୨ ଭାରତୀୟ ଇଞ୍ଜିନିୟର ଆଇଜି ନୋବେଲ ପୁରସ୍କାର ଜିତିଛନ୍ତି। ଉତ୍ତରପ୍ରଦେଶର ଗ୍ରେଟର ନଏଡାସ୍ଥିତ ଶିବ ନାଦର ବିଶ୍ୱବିଦ୍ୟାଳୟର ଆସିଷ୍ଟାଣ୍ଟ ପ୍ରଫେସର ବିକାଶ କୁମାର ଓ ତାଙ୍କ ଛାତ୍ର ତଥା ରିସର୍ଚ୍ଚର ସାର୍ଥକ ମିତ୍ତଲଙ୍କୁ ଏହି ସଫଳତା ମିଳିଛି। ଉଭୟେ ଅଲଟ୍ରା ଭାୟୋଲେଟ (ୟୁଭି) ଲ୍ୟାମ୍ପରେ ସୁସଜ୍ଜିତ ଏକ ଜୋତା ଷ୍ଟାଣ୍ଡ ଡିଜାଇନ୍ କରିଥିଲେ, ଯାହା ଜୋତାକୁ ସଫା ରଖିବା ସହ ସେଥିରେ ଥିବା ଜୀବାଣୁକୁ ନିଷ୍କ୍ରିୟ କରିଥାଏ। ଏହାଦ୍ୱାରା ଜୋତା ଷ୍ଟାଣ୍ଡର ଦୁର୍ଗନ୍ଧ କମିଥାଏ ବୋଲି ଉଭୟ ନିଜ ଗବେଷଣାରେ ଉଲ୍ଲେଖ କରିଥିଲେ। ଜୋତା ଷ୍ଟାଣ୍ଡରୁ ଦୁର୍ଗନ୍ଧ ଆସିବାର ଜୀବାଣୁ ଏକ ପ୍ରମୁଖ କାରଣ ବୋଲି ଉଭୟ ବିକାଶ ଓ ସାର୍ଥକ ନିଜ ଗବେଷଣାରେ ଦର୍ଶାଇଛନ୍ତି। ସେମାନଙ୍କର ଏହି ଅଧ୍ୟୟନ ୨୦୨୨ରେ ପ୍ରକାଶିତ ହୋଇଥିଲା। ହଷ୍ଟେଲ ରୁମ୍‌ରେ ଥିବା ଦୁର୍ଗନ୍ଧଯୁକ୍ତ ଜୋତା ଷ୍ଟାଣ୍ଡକୁ ଦେଖି ସାର୍ଥକ ଏହି ଗବେଷଣା କରିବାକୁ ଠିକ୍ କରିଥିଲେ, ଯେଉଁଥିରେ ତାଙ୍କୁ ତାଙ୍କ ପ୍ରଫେସର ବିକାଶ ସାହାଯ୍ୟ କରିଥିଲେ।

**ଆଇଜି ନୋବେଲ କ'ଣ**

ବିଜ୍ଞାନ କ୍ଷେତ୍ରରେ କିଛି ଗବେଷଣା ପ୍ରଥମେ ଲୋକଙ୍କୁ ହସାଇଥାଏ ଏବଂ ପରେ ଏହାକୁ ନେଇ ଚିନ୍ତା କରିବାକୁ ବାଧ୍ୟ କରିଥାଏ। ଏପରି ଗବେଷଣା କରିଥିବା ବୈଜ୍ଞାନିକଙ୍କୁ ପ୍ରତିବର୍ଷ ଆଇଜି ନୋବେଲ ସମ୍ମାନ ପ୍ରଦାନ କରାଯାଇଥାଏ। ୧୯୯୧ରେ ଆମେରିକାର ବିଜ୍ଞାନ ହାସ୍ୟ ପତ୍ରିକା 'ଆନାଲ୍ସ ଅଫ୍ ଇମ୍‌ପ୍ରୋବାବଲ ରିସର୍ଚ୍ଚ' ଦ୍ୱାରା ପ୍ରଥମ ଥର ପାଇଁ ଆଇଜି ନୋବେଲ ପୁରସ୍କାର ପ୍ରଦାନ କରାଯାଇଥିଲା। ପ୍ରତି ବର୍ଷ ବ୍ରିଟେନ୍‌ର ବୋଷ୍ଟନରେ ଏହି ପୁରସ୍କାରର ବିଜେତାଙ୍କ ନାମକୁ ଘୋଷଣା କରାଯାଇଥାଏ।

**ଫୁରସତ୍**

## ଭୟ ଦୂରେଇଲେ କର୍କଟରୁ ମୁକ୍ତି ପାଇହେବ

### ୱାର୍ଲ୍ଡ ରୋଜ୍ ଡେ'

### କର୍କଟ ଯୋଦ୍ଧା ଭାବେ ପୀଡ଼ିତାଙ୍କୁ ପ୍ରେରଣା ଦେଉଛନ୍ତି ସ୍ୱାଗତିକା

ସେପ୍ଟେମ୍ବର ୨୨, ୱାର୍ଲ୍ଡ ରୋଜ୍ ଡେ'। କାନାଡ଼ାର ମେଲିଣ୍ଡା ରୋଜ୍‌ଙ୍କ ସ୍ମୃତିରେ ଏହି ଦିବସଟି ପାଳିତ ହୋଇଆସୁଛି। ମେଲିଣ୍ଡା ୧୨ ବର୍ଷ ବୟସରେ କର୍କଟରେ ପୀଡ଼ିତ ହୋଇ ନିଜେ ଚିକିତ୍ସିତ ହେବା ସହ ଅନ୍ୟ ରୋଗୀଙ୍କୁ ପ୍ରେରଣା ଦେଉଥିଲେ। ଠିକ୍ ସେହିପରି କର୍କଟରେ ପୀଡ଼ିତ ହେବା ସମୟରେ ଏବଂ ସୁସ୍ଥ ହେବା ପରେ ଅନ୍ୟ ରୋଗୀଙ୍କୁ ପ୍ରେରଣା ଦେଉଛନ୍ତି କଟକ ବିଡ଼ାନାସୀ କୁମ୍ଭାରସାହି ଅଞ୍ଚଳର ସ୍ୱାଗତିକା ଆଚାର୍ଯ୍ୟ। ମନୋରଞ୍ଜନ ଆଚାର୍ଯ୍ୟ ଓ ପୂର୍ଣ୍ଣିମା ମହାପାତ୍ରଙ୍କ ଝିଅ ଏବଂ ବାଲେଶ୍ୱର ଅଞ୍ଚଳର ଶୁଭ୍ରଜିତ ଜେନାଙ୍କ ସ୍ତ୍ରୀ ସ୍ୱାଗତିକା। ୧୯ ବର୍ଷ ବୟସରେ ଲ' ପଢୁଥିବାବେଳେ ସେ ନାଜୋଫାରିଙ୍କ୍ସ କର୍କଟରେ ପୀଡ଼ିତ ଥିବା ଜାଣିବାକୁ ପାଇଥିଲେ। ଅନ୍ୟ ରୋଗୀଙ୍କ ପରି ସେ ଭାଙ୍ଗି ନ ପଡ଼ି ଆତ୍ମବିଶ୍ୱାସ ବଢ଼ାଇ ଚିକିତ୍ସା କରାଇଥିଲେ। ଏବେ କର୍କଟରୁ ସମ୍ପୂର୍ଣ୍ଣ ସୁସ୍ଥ ହୋଇଛନ୍ତି । ସ୍ୱାଗତିକା ନିଜେ ଚିକିତ୍ସିତ ହେଉଥିବାବେଳେ ଅନ୍ୟ କର୍କଟ ରୋଗୀଙ୍କ ପାଖକୁ ଯାଇ ସେମାନଙ୍କ ଆତ୍ମବିଶ୍ୱାସ ବଢ଼ାଉଥିଲେ।ଏବେ ମଧ୍ୟ କର୍କଟ ରୋଗୀଙ୍କ ପାଖକୁ ଯାଇ ସେମାନଙ୍କୁ ପ୍ରେରଣା ଦେଉଛନ୍ତି। ୨୦୨୦ କୋଭିଡ୍ ସମୟରୁ ସ୍ୱାଗତିକା ଆୱାକେନ ନାମକ ଏକ ସଂସ୍ଥା ଦ୍ୱାରା କର୍କଟ ରୋଗୀଙ୍କୁ ସଚେତନ କରାଇ ଆସୁଛନ୍ତି। ଏ ସମ୍ପର୍କରେ ସ୍ୱାଗତିକା କହିଛନ୍ତି, ମୁଁ ଚିକିତ୍ସିତ ହେବାବେଳେ ରୋଜ୍ ଡେ' ବିଷୟରେ ଜାଣିବା ପରଠୁ ସେହି ସ୍ଥାନରେ ଅନ୍ୟ କର୍କଟ ରୋଗୀଙ୍କୁ ଗୋଲାପ ଫୁଲ ଦେଇ ପ୍ରେରଣା ଦେଉଥିଲି। କର୍କଟରୁ ଆରୋଗ୍ୟ ସମ୍ଭବପର, କେବଳ ଭୟ ଦୂରେଇ ଦେଲେ ଏହି ରୋଗରୁ ବଞ୍ଚିବା ସହଜ ହୋଇଥାଏ। ଏଭଳି ବାର୍ତ୍ତା ନେଇ ପ୍ରତିବର୍ଷ କ୍ୟାନ୍ସର ହସ୍ପିଟାଲରେ 'ରୋଜ୍ ଡେ' ପାଳିଥାଉ। କର୍କଟ ପୀଡ଼ିତଙ୍କ ପାଖକୁ ଯେତେବେଳେ ଯାଏ ସେମାନେ ବହୁତ କାନ୍ଦନ୍ତି। ସେମାନଙ୍କ ମନୋବଳକୁ ବଢାଇବା ଲାଗି ମୋ ନିଜର ସଂଘର୍ଷ କାହାଣୀ ବଖାଣିଥାଏ। ମୋଠୁ ଶୁଣିବା ପରେ ସେମାନଙ୍କ ମୁହଁରେ ହସ ଫୁଟିଥାଏ। ଚଳିତବର୍ଷ ରୋଜ୍ ଡେ' ଅବସରରେ ଶିଶୁ କର୍କଟ ପୀଡ଼ିତଙ୍କୁ ବିଧାନସଭା ପରିଦର୍ଶନେ କରାଇବାକୁ ଯୋଜନା କରାଯାଉଛି।



ସ୍ୱାଗତିକା ଆଚାର୍ଯ୍ୟ

**-ରିପୋର୍ଟ:ଶିଳ୍ପା ପ୍ରିୟଦର୍ଶିନୀ, କଟକ**

## ସୁରକ୍ଷା, ସଂରକ୍ଷଣ ଲାଗି ସଚେତନତାକୁ ଗୁରୁତ୍ୱ

### ଆଜି ବିଶ୍ୱ ଗଣ୍ଡା ଦିବସ



ବିଲୁପ୍ତପ୍ରାୟ ପ୍ରଜାତିର ସୁରକ୍ଷା ଓ ସଂରକ୍ଷଣ ଲାଗି ସଚେତନତା ବୃଦ୍ଧି ସକାଶେ ପ୍ରତିବର୍ଷ ସେପ୍ଟେମ୍ବର ୨୨ରେ ପାଳିତ ହୋଇଆସୁଛି ' ବିଶ୍ୱ ଗଣ୍ଡା ଦିବସ'। ୨୦୧୦ ମସିହାରେ ପ୍ରଥମେ ଏହି ଦିବସକୁ ଡବ୍ଲ୍ୟୁଡବ୍ଲ୍ୟୁଏଫ୍-ଦକ୍ଷିଣ ଆଫ୍ରିକା ଦ୍ୱାରା ଘୋଷଣା କରାଯାଇଥିଲା। ତେବେ ୨୦୧୧ରେ ଏହା ଏକ ବିଶ୍ୱବ୍ୟାପୀ କାର୍ଯ୍ୟକ୍ରମରେ ପରିଣତ ହୋଇଥିଲା। ଯାହାକି ଗଣ୍ଡାମାନେ ସମ୍ମୁଖୀନ ହେଉଥିବା ଶିକାର ଏବଂ ବାସସ୍ଥାନଜନିତ ବର୍ଦ୍ଧିତ ବିପଦକୁ ଉଜାଗର କରିଥିଲା।

# ଧରିତ୍ରୀ DHARITRI

51 Years

ଭୁବନେଶ୍ୱର, ସୋମବାର, ସେପ୍ଟେମ୍ବର ୨୨/୨୦୨୫ Bhubaneswar, Monday, September 22/2025




## ୩୫ ଲିଟର ଦେଶୀ ମଦ ଜବତ, ଜଣେ ଗିରଫ

ବାରଙ୍ଗ,(ଲିଙ୍ଗରାଜ ରାଉତ): ଚନ୍ଦକା ଥାନା ଅନ୍ତର୍ଗତ ମେଣ୍ଢାଶାଳ ଛକରେ ଜଣେ ମଦ ବ୍ୟବସାୟୀଙ୍କୁ ଶନିବାର ପୋଲିସ ଗିରଫ କରିଛି। ସେ ହେଲେ ଇନଫୋସିଟି ଥାନା ଅଞ୍ଚଳର କାଲୁ ନାୟକ(୫୦)। ପୋଲିସ ତାଙ୍କ ନିକଟରୁ ୧୭୫ଟି ମଦ ବୋତଲ ତଥା ୩୫ ଲିଟର ଦେଶୀ ମଦ ଓ ବ୍ୟବହୃତ ଗାଡ଼ିକୁ ଜବତ କରିଛି। ଏନେଇ ପୋଲିସ ଏକ ମାମଲା(ନଂ. ୧୯୨/୨୫) ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଚନ୍ଦକା ଓ ମେଣ୍ଢାଶାଳ ଫାଣ୍ଡି ପୋଲିସ ମେଣ୍ଢାଶାଳଫାଣ୍ଡି ଅଞ୍ଚଳରେ ପାଟ୍ରୋଲିଂ କରୁଥିଲାବେଳେ କାଲୁଙ୍କୁ କାବୁ କରିଛି।

## ମୋରମ ବୋଝେଇ ହାଇୱା ଜବତ, ଚାଳକ ଗିରଫ

ବାରଙ୍ଗ, ୨୧।୯(ଲିଙ୍ଗରାଜରାଉତ)

ଚନ୍ଦକାଥାନା ଅନ୍ତର୍ଗତ କାଟେଣୀ ଛକରେ ଶନିବାର ପୋଲିସ ଏକ ଚୋରା ମୋରମ ବୋଝେଇ ହାଇୱା ଜବତ କରିଛି। ଏନେଇ ଚାଳକଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ସେ ହେଲେ ବେଗୁନିଆ ଟିକାତାଳ ଗ୍ରାମର ଅକ୍ଷୟ କୁମାର ବେହେରା (୪୭)। ଏନେଇ ପୋଲିସ ମାମଲା (ନଂ.୧୯୧/୨୫) ରୁଜୁ କରିଛି।

ସୂଚନାଯୋଗ୍ୟ, ପୋଲିସ ବିଳମ୍ବିତ ରାତିରେ ପାଟ୍ରୋଲିଂ କରୁଥିବା ସମୟରେ ଚନ୍ଦକା ଅଭିମୁଖେ ଏକ ମୋରମ ବୋଝେଇ ହାଇୱା(ନଂ.ଓଡି ୦୨ୱା।ଇ୫୩୫୨) ଦ୍ରୁତଗତିରେ ଆସୁଥିଲା। ଏହି ସମୟରେ ପୋଲିସ ଗାଡିଟିକୁ ଅଟକାଇବାରୁ ଚାଳକ(ଅକ୍ଷୟ) କୌଶଳକ୍ରମେ ଖସି ପଳାଇବାକୁ ଚେଷ୍ଟା କରିଥିଲେ। ହେଲେ ପୋଲିସ ତାଙ୍କୁ କାବୁ କରିବାରେ ସକ୍ଷମ ହୋଇଥିଲା। ପରେ ଗାଡିକୁ ଯାଞ୍ଚ କରିବା ସମୟରେ ଅକ୍ଷୟ କୌଣସି ବୈଧ କାଗଜପତ୍ର ଦେଖାଇ ପାରି ନଥିଲେ।

# ଖାଲଖମାରେ ଭର୍ତ୍ତି ଆଚାର୍ଯ୍ୟ ବିହାର ଓଭରବ୍ରିଜ୍ ତଳ ରାସ୍ତା



ଆଚାର୍ଯ୍ୟ ବିହାର ଓଭରବ୍ରିଜ୍ ତଳ ରାସ୍ତାରେ ପିଚୁ ଉଠି ଖାଲଖମା ସୃଷ୍ଟି ହୋଇଛି।

### ଚେଇଁ ଶୋଇଛନ୍ତି ଏନ୍ଏଚ୍ଏଆଇ କର୍ତ୍ତୃପକ୍ଷ

ଭୁବନେଶ୍ୱର, ୨୧।୯(ସୌମ୍ୟରଞ୍ଜନ ରାଉତ)

ଆଚାର୍ଯ୍ୟ ବିହାର ଛକ ଓଭରବ୍ରିଜ୍ ତଳ ରାସ୍ତା ଖାଲଖମାରେ ଭର୍ତ୍ତି ହୋଇଛି। ଜାତୀୟ ରାଜପଥ କର୍ତ୍ତୃପକ୍ଷ (ଏନ୍ଏଚ୍ଏଆଇ) ମରାମତି କରୁ ନ ଥିବାରୁ ପ୍ରତିଦିନ ଲୋକେ ହଇରାଣ ହେବା ସହ ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି। ରାଜଧାନୀର ଏହା ପ୍ରମୁଖ ତଥା ବ୍ୟସ୍ତବହୁଳ ଛକ ହୋଇଥିବାରୁ ଏହି ବାଟଦେଇ ଦୈନିକ ହଜାର ହଜାର ଗାଡିମୋଟର ଚଳାଚଳ କରୁଛି। ଆଉ କେଇଟା ଦିନପରେ ଦୁର୍ଗାପୂଜା। ହେଲେ ଏଯାଏ ରାସ୍ତା ମରାମତି ହେଉ ନ ଥିବାରୁ ଯିବାଆସିବାବେଳେ ଲୋକେ ତୀବ୍ର ଅସନ୍ତୋଷ ପ୍ରକାଶ କରୁଛନ୍ତି।

ରାସ୍ତାର ବିଭିନ୍ନ ସ୍ଥାନରେ ପରସ୍ତ ପରସ୍ତ ପିଚୁ ଉଠିଯିବା ସହ ଖାଲସବୁ ସୃଷ୍ଟି ହୋଇଛି। ସେଥିରେ ବର୍ଷା ଜଳ ଜମି ରହିବାରୁ ଗାଡି ଚଳାଚଳ ଦ୍ୱାରା ତାହା ଧୀରେ ଧୀରେ ବଡ଼ ଆକାର ନେଉଛି। ଖାଲଖମାରୁ ବର୍ତ୍ତିବା ପାଇଁ ଲୋକେ ଗାଡିକୁ ସାଇଡ୍ କରିଯିବାବେଳେ ଅନ୍ୟ ଗାଡି ସହ ଧକ୍କା ହେଉଛି। ଅନ୍ୟପକ୍ଷରେ ଟ୍ରାଫିକ ଛାଡିବାବେଳେ ଲୋକେ ତରବରରେ ଯିବା ସମୟରେ ଗାଡି ଭାରସାମ୍ୟ ହରାଇ ଦୁର୍ଘଟଣା ଘଟୁଛି। ବେଳେ ବେଳେ ପଛରେ ବସିଥିବା ଲୋକେ ମଧ ଖସି ପଡୁଥିବା ନଜିର ରହିଛି। ଏଥିସହ ରାଜ୍ୟ ବାହାରୁ ରାଜଧାନୀ ଆସୁଥିବା ଚାଳକ ରାସ୍ତା ଅବସ୍ଥା ଠିକ୍ ଭାବେ ଜାଣି ନ ପାରି ଅନେକ ଅସୁବିଧାରେ ପଡୁଛନ୍ତି। ବିଶେଷକରି ରାତିବେଳା ଟ୍ରାଫିକ ନ ଥିବା ସମୟରେ ଦ୍ରୁତ ଗତିରେ ଆସୁଥିବା ଯାନଗୁଡ଼ିକ ବଡ଼ ଦୁର୍ଘଟଣାର ସମ୍ମୁଖୀନ ହେବାର ଆଶଙ୍କା ପ୍ରକାଶ ପାଇଛି। ଏଭଳି ଏକ ସମ୍ବେଦନଶୀଳ ଘଟଣା ପ୍ରତି ଜାତୀୟ ରାଜପଥ କର୍ତ୍ତୃପକ୍ଷ ଦୃଷ୍ଟି ଦେଉ ନ ଥିବାରୁ ବଡ଼ ଦୁର୍ଘଟଣା ଘଟିବା ପରେ କ'ଣ ଚେତା ପଶିବ ବୋଲି ଲୋକେ ପ୍ରଶ୍ନ କରିଛନ୍ତି। ଶୀଘ୍ର ରାସ୍ତା ମରାମତି କରାଯିବାକୁ ଦାବି କରିଛନ୍ତି। ରବିବାର ଆମ ଖବରଦାତା ଜାତୀୟ ରାଜପଥ ପ୍ରକଳ୍ପ ନିର୍ଦ୍ଦେଶକ ସୁରଜ ସିଂହଙ୍କ ଦୃଷ୍ଟି ଆକର୍ଷଣ କରିବା ସହ ସମସ୍ୟା ନେଇ ଆଲୋଚନା କରିଛନ୍ତି। ସ୍ଥିତି ଅନୁଧ୍ୟାନ କରି ୨ଦିନ ମଧ୍ୟରେ କାର୍ଯ୍ୟ ସାରିବୁ ବୋଲି ସେ କହିଛନ୍ତି।

## ଓଡିଏମ୍ ଏଜୁକେଶନାଲ ଗ୍ରୁପ୍‌ର ଇନୋଭେଞ୍ଚର ପ୍ରୋଗ୍ରାମ




ଭୁବନେଶ୍ୱର,୨୧।୯(ଅନୁରାଧା ମହାରଣା)

ଓଡିଏମ୍ ଏଜୁକେଶନାଲ ଗ୍ରୁପ୍‌ର ପ୍ରମୁଖ ପ୍ରକଳ୍ପ 'ଇନୋଭେଞ୍ଚର ପ୍ରୋଗ୍ରାମ' ଉଦ୍‌ଘାଟିତ ହୋଇଯାଇଛି। ଛାତ୍ରୀଛାତ୍ରଙ୍କୁ ଏକବିଂଶ ଶତାବ୍ଦୀର ବାସ୍ତବ ସମସ୍ୟାଗୁଡ଼ିକୁ ନବାଚାର ଆଧାରିତ ଉଦ୍ୟମ ଓ ଉଦ୍ୟୋଗ ମାଧ୍ୟମରେ ସମାଧାନ ପାଇଁ ପ୍ରେରଣ କରିବା ଏହି ପ୍ରକଳ୍ପର ଲକ୍ଷ୍ୟ ରହିଛି। ଅତିଥି ଭାବେ ଦହିବରା ଏକ୍ସପ୍ରେସ୍‌ର ସ୍ଥାପକ ତଥା ସିଇଓ ସୌରଭ ଖଣ୍ଡେଲୱାଲ୍ ଏବଂ ଓଡ଼ିଶା ଟେଲିଭିଜନ ନେଟ୍‌ୱର୍କ ଗ୍ରୁପ୍‌ର ବିଜନେଶ୍ ହେଡ୍ ଲିଡିଶା ମଙ୍ଗତ ପଣ୍ଡା ଯୋଗଦେଇ ଥିଲେ। ଏହି ଅବସରରେ ଓଡିଏମ୍ ଏଜୁକେଶନାଲ ଗ୍ରୁପ୍‌ର ମୁଖ୍ୟ କାର୍ଯ୍ୟକାରିଣୀ ଅଧିକାରୀ ସ୍ୱୟନ ସତ୍ୟେନ୍ଦୁ କହିଛନ୍ତି, ନବୀନତା ପ୍ରଗତିର ମୂଳମନ୍ତ୍ର। ଏହି ପ୍ରକଳ୍ପ କେବଳ ଜୀବିକା ନିର୍ବାହ ନୁହେଁ, ବରଂ ସମାଜର ପ୍ରଭାବଶାଳୀ ପ୍ରଗତି ଓ ବହୁମୁଖୀ ବିକାଶ ପାଇଁ ଅର୍ଥପୂର୍ଣ୍ଣ ପ୍ରଭାବ ସୃଷ୍ଟି କରିବାରେ ସାହାଯ୍ୟ କରିବ। ଚେୟାରମ୍ୟାନ୍ ଡ. ସତ୍ୟବ୍ରତ ମୀନକେତନ କହିଲେ,ଏକବିଂଶ ଶତାବ୍ଦୀର ଶିକ୍ଷାର ଅର୍ଥ ହେଉଛି କେବଳ ଜ୍ଞାନଦେବା ନୁହେଁ, ନବୀନତାର ମାଧ୍ୟମରେ ସମାଧାନ ସୃଷ୍ଟି କରିପାରୁଥିବା ପିଢ଼ିକୁ ଗଢ଼ିବା।

## ଇନ୍ଦିରା ପଟ୍ଟନାୟକ ଜଣେ ଆଦର୍ଶ ମହୀୟସୀ ମହିଳା ଥିଲେ

ଭୁବନେଶ୍ୱର, ୨୧।୯(ସୌମ୍ୟରଞ୍ଜନ ରାଉତ)

ସ୍ୱର୍ଗତା ଇନ୍ଦିରା ପଟ୍ଟନାୟକଙ୍କ ଶୋକସଭା ରବିବାର ସଂସ୍କୃତି କାର୍ଯ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ କିଟ୍‌ର ପ୍ରତିଷ୍ଠାତା ପ୍ରଫେସର ଅଚ୍ୟୁତ ସାମନ୍ତ ଯୋଗଦେଇ କହିଲେ, ଇନ୍ଦିରା ପଟ୍ଟନାୟକ ଜଣେ ଆଦର୍ଶ ମହୀୟସୀ ମହିଳା ଥିଲେ। ସେ ଜଣେ ପରୋପକାରୀ, ଧର୍ମପରାୟଣା, ମିଷ୍ଟଭାଷୀ, କର୍ତ୍ତବ୍ୟପରାୟଣା, ନୀତିନିଷ୍ଠ ବ୍ୟକ୍ତିତ୍ୱ ଥିଲେ ବୋଲି କହିବା ସହ ତାଙ୍କ ଅମର ଆତ୍ମା ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ଅନ୍ୟତମ ଅତିଥି ଭାବେ ସିନେ ସମୀକ୍ଷକ ଦିଲୀପ ହାଲି, ସ୍ତମ୍ଭକାର ପ୍ରଦୋଷ ପଟ୍ଟନାୟକ, ଆଗାମୀ ଓଡ଼ିଶା ପ୍ରତିଷ୍ଠାତା ବିଜୟ କୁମାର ସ୍ୱାଇଁ, କିଟ୍ ସମ୍ପାଦକ ମନୋରଞ୍ଜନ ପ୍ରଧାନ, ସ୍ତମ୍ଭକାର ଅଶୋକ ପଣ୍ଡା, ଉତ୍କଳ ବିଶ୍ୱବିଦ୍ୟାଳୟର ପୂର୍ବତନ ଛାତ୍ର ସଂସଦ ସଭାପତି ତନ୍ମୟ କୁମାର ସ୍ୱାଇଁ, ବରିଷ୍ଠ ଆଇନଜୀବୀ ଅନିଲ କୁମାର ପରିଡା ପ୍ରମୁଖ ଯୋଗଦେଇ ସ୍ୱର୍ଗତା ପଟ୍ଟନାୟକଙ୍କ ସ୍ମୃତିଚାରଣ କରିଥିଲେ। ସେ ରାଜ୍ୟ ଗୃହିଣୀ ସମାଜର ସମ୍ପାଦକ ଓ ଅନ୍ୟାନ୍ୟ ବହୁ ଜନକଲ୍ୟାଣ କାର୍ଯ୍ୟକ୍ରମରେ ସର୍ବଦା ନିଜକୁ ସାମିଲ କରି ଏ ଅଞ୍ଚଳର ବେଶ୍ ଜନପ୍ରିୟ ହୋଇ ପାରିଥିଲେ ବୋଲି ଅତିଥିମାନେ କହିଥିଲେ। ଏହି ଅବସରରେ ତାଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ନୀରବ ପ୍ରାର୍ଥନା କରାଯାଇଥିଲା।

## ଆର୍ଯ୍ୟ ସମାଜରେ ନବମାତୃକା ପୂଜା



ନବମାତୃତା ପୂଜା କାର୍ଯ୍ୟକ୍ରମରେ ପୂଜିତ ତଥା ସମ୍ବର୍ଦ୍ଧିତ ୯ଜଣ ମା' ଓ ଅନ୍ୟମାନଙ୍କ ସହ ଅତିଥିମାନେ।

ଭୁବନେଶ୍ୱର, ୨୧।୯(ସୌମ୍ୟରଞ୍ଜନ ରାଉତ)

ପବିତ୍ର ମହାଳୟା ଅବସରରେ ରବିବାର ଶହୀଦନଗରସ୍ଥିତ ଆର୍ଯ୍ୟସମାଜ ପରିସରରେ ୧୩ତମ ରାଜ୍ୟସ୍ତରୀୟ ନବମାତୃକା ପୂଜା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ପ୍ରଣମ୍ୟ ମାତୃମଣ୍ଡଳୀ ସୁଗୃହିଣୀ ଲାବଣ୍ୟ ନାୟକ, ସେବା ପରାୟଣା ସୀତା ଦାଶ, ଚିକିତ୍ସିକା ଡା. ବିମଳା ମହାନ୍ତି, ସାମାଜିକ କର୍ମୀ କସ୍ତୁରୀକା ପଟ୍ଟନାୟକ, ସାହିତ୍ୟିକା ଝରଣା ପଟ୍ଟନାୟକ, ସାମାଜିକ କର୍ମୀ ସ୍ୱର୍ଣ୍ଣ ମିଶ୍ର, ଶିକ୍ଷାବିତ୍ ଡ. ପ୍ରଭାତୀ ମିଶ୍ର, କଣ୍ଠଶିଳ୍ପୀ ସ୍ୱରୂପା ଚକ୍ରବର୍ତ୍ତୀ ଏବଂ ନୃତ୍ୟଶିଳ୍ପୀ ଡ. ସ୍ନେହପ୍ରଭା ସାମନ୍ତରାୟ ପ୍ରମୁଖ ୯ଜଣ ମା'ଙ୍କ ପଦଧୌତ ଓ ବନ୍ଦନା କରି ପୂଜା କରାଯାଇଥିଲା। ପରେ ଉତ୍ସବରେ ପ୍ରଫେସର ଶାନ୍ତନୁ କୁମାର ଆଚାର୍ଯ୍ୟ, ଶୈଳରାଣୀ ମିଶ୍ର, କଲୋନେଲ ଶରତ କୁମାର ମହାପାତ୍ର, ପ୍ରମିଳା ପତି, ଇନ୍ଦିରା ଦାଶ, ପୀତବାସ ରାଉତରାୟ, ସୁଧୀରଞ୍ଜନ ମିଶ୍ର, ନିରଞ୍ଜନ ପଣ୍ଡା ପ୍ରମୁଖ ବରେଣ୍ୟା ମା'ମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏହି ଅବସରରେ ସାହିତ୍ୟିକା ବିଜୟଲକ୍ଷ୍ମୀ ପଟ୍ଟନାୟକଙ୍କ ପୁସ୍ତକ 'ଆଦି ଓ ମଧ୍ୟପର୍ବର ମହିୟସୀ ଲେଖିକା'ର ଶୁଭ ଲୋକାର୍ପଣ ହୋଇଥିଲା। ଯୁବ ଚିତ୍ରଶିଳ୍ପୀ ଦେବାଶିଷ ପତି ସ୍ୱଅଙ୍କିତ ପେନ୍‌ସିଲ ପ୍ରତିଛବିକୁ ମା'ମାନଙ୍କୁ ଅର୍ପଣ କରିଥିଲେ। ପଦ୍ମଶ୍ରୀ ଡା. ଅଶୋକ କୁମାର ମହାପାତ୍ର, ଉତ୍କଳ ସଂସ୍କୃତି ବିଶ୍ୱ ବିଦ୍ୟାଳୟ କୁଳପତି ପ୍ରସନ୍ନ କୁମାର ସ୍ୱାଇଁ, ପ୍ରଫେସର ନନ୍ଦିତା ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ କମିଟିର ଆବାହିକା ଡ. ଶକୁନ୍ତଳା ବଳିଆରସିଂହ ପରିଚାଳନା କରିଥିଲେ ଓ ଚିତ୍ତରଞ୍ଜନ ବର୍ମା ଧନ୍ୟବାଦ ଅର୍ପଣ କରିଥିଲେ।

## ଆବର୍ଜନାମୁକ୍ତ ହେବ ୪୩ନଂ. ୱାର୍ଡ

ଭୁବନେଶ୍ୱର, ୨୧।୯ (ବନ୍ଦନା ସେଠୀ)

ବିଏମସି ଓ ଫିଡ୍‌ବ୍ୟାକ୍ ଫାଉଣ୍ଡେଶନ ଆନୁକୁଲ୍ୟରେ 'ସ୍ୱଚ୍ଛତା ହିଁ ସେବା' ଅଭିଯାନ ଅନ୍ତର୍ଗତ ଶ୍ରୀ ସାଇ ଫେଡେରେଶନ ସ୍ୱୟଂ ସଂଗଠନର ବୈଠକ ଶନିବାର ୱାର୍ଡ ନଂ. ୪୩ସ୍ଥିତ କର୍ପୋରେଟରଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ୧୮ଟି ସ୍ୱୟଂ ସହାୟକ ଗୋଷ୍ଠୀ ଅଂଶଗ୍ରହଣ କରିଥିଲେ। ଆଇଇସି ଏକ୍ସପୋର୍ଟ ସନ୍ତୋଷ କୁମାର ପାଣ୍ଡେ ୪୩ ନଂ ୱାର୍ଡକୁ ସ୍ୱଚ୍ଛ ଏବଂ ଆବର୍ଜନାମୁକ୍ତ ୱାର୍ଡରେ ପରିଣତ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ସେହିପରି ଲକ୍ଷ୍ମୀସାଗର ଗାଁର ପ୍ରତ୍ୟେକ ଘରୁ ଅଳିଆ ସଂଗ୍ରହ, ପ୍ରତ୍ୟେକ ଘରୁ ବାହାରୁଥିବା ଚାରି ପ୍ରକାରର ଅଳିଆ ଏବଂ ପ୍ରତିଦିନ ବ୍ୟବହୃତ ଚାରିପ୍ରକାରର ଡଷ୍ଟବିନ ବିଷୟରେ ଆଲୋଚନା କରିଥିଲେ। ସମ୍ମାନିତ ଅତିଥିଭାବେ କର୍ପୋରେଟର ଭରତ କୁମାର ଲେଙ୍କା, ସ୍ୱଚ୍ଛ ସୁପରଭାଇଜର ସୁଜିତ ଦାସ, ସନ୍ତୋଷ ପଟ୍ଟନାୟକ, ପ୍ରଭାତ, ଫିଡବ୍ୟାକ ଫାଉଣ୍ଡେସନ ସଂଗଠନର ପ୍ରୟାଗ ପ୍ରିୟଦର୍ଶିନୀ ପଣ୍ଡା, ଗଣେଶ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଫେଡେରେଶନର ସଭାପତି ଶାଶ୍ୱତୀ ଲେଙ୍କା ଅଧ୍ୟକ୍ଷତା କରିଥିଲାବେଳେ ସମ୍ପାଦକ ସଚିବ ଅନିତା ମିଶ୍ର ଧନ୍ୟବାଦ ଦେଇଥିଲେ।

## ୪ଜଣଙ୍କୁ 'ସପ୍ତକ ସମ୍ମାନ', ୫୭ ଶିଶୁ ପୁରସ୍କୃତ




ଅତିଥିଙ୍କ ଗହଣରେ ସମ୍ମାନିତ ବ୍ୟକ୍ତିତ୍ୱ ଓ ପ୍ରତିଭାମାନେ।

ଭୁବନେଶ୍ୱର, ୨୧।୯ (ସୌମ୍ୟରଞ୍ଜନ ରାଉତ)

### ସପ୍ତକ ଫାଉଣ୍ଡେଶନର ୧୭ତମ ବାର୍ଷିକ ଉତ୍ସବ

ସପ୍ତକ ଫାଉଣ୍ଡେଶନର ୧୭ତମ ବାର୍ଷିକ ଉତ୍ସବ ରବିବାର ସୂଚନା ଭବନଠାରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଅତିଥି ଭାବେ ସୁନ୍ଦରଗଡ଼ ବିଧାୟକ ଯୋଗେଶ ସିଂ, ପଦ୍ମପୁର ବିଧାୟିକା ବର୍ଷା ସିଂ ବରିହା, ଶିଶୁ ସାହିତ୍ୟିକ ବୀରେନ୍ଦ୍ର ମହାନ୍ତି, ଲେଖକ ମନୋରଞ୍ଜନ ପାଣିଗ୍ରାହୀ, କବି ରକ୍ଷକ ନାୟକ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ସସ୍ମିତା ସାହୁଙ୍କୁ 'ସପ୍ତକ ଶିଶୁ ସାହିତ୍ୟ ସମ୍ମାନ', କବିତା ଦେବୀ ମିଶ୍ରଙ୍କୁ 'ସପ୍ତକ ଶିକ୍ଷା ସମ୍ମାନ', ପ୍ରଦୀପ ବେହୁରିଆଙ୍କୁ 'ସପ୍ତକ ସାହିତ୍ୟ ସମ୍ମାନ' ଓ ରୁଷାଲି ରୁଷଦ୍ଧାଙ୍କୁ 'ସପ୍ତକ ସିଦ୍ଧିରସ୍ତୁ ସମ୍ମାନ' ପ୍ରଦାନ କରାଯାଇଥିଲା। ଏଥିସହ ୫୭ ଜଣ ଶିଶୁ ପ୍ରତିଭାଙ୍କୁ ପୁରସ୍କୃତ କରାଯାଇଥିଲା। ଶ୍ୱେତଲିନା ମହାନ୍ତି କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

## ମନ କିଣୁଛନ୍ତି ଦିଭିତା ଜୁନେଜା

ଭୁବନେଶ୍ୱର,୨୧।୯(ଅନୁରାଧା ମହାରଣା)- ଦିଭିତା ଜୁନେଜାଙ୍କ ଅଭିନୀତ 'ହୀର ଏକ୍ସପ୍ରେସ' ପ୍ରଥମ ସପ୍ତାହରେ ୫.୩୪ କୋଟି ଆୟ କରିଛି। ଦୀର୍ଘଦିନ ପରେ ପରିବାରର ସମସ୍ତ ସଦସ୍ୟ ଏକାଠି ଥିଏଟରରେ ଏହି ଚଳଚ୍ଚିତ୍ର ଉପଭୋଗ କରୁଛନ୍ତି। ଦର୍ଶକମାନେ କହୁଛନ୍ତି, ଏଭଳି ନିର୍ମଳ ଓ ପାରିବାରିକ ଚଳଚ୍ଚିତ୍ର ଆଜିକାଲି ବିରଳ। ବଲିଉଡ୍‌ରେ ପ୍ରଥମ ଚଳଚ୍ଚିତ୍ର କରିଥିବା ଦିଭିତା ଜୁନେଜାଙ୍କ ଅଭିନୟ ଓ ଆତ୍ମବିଶ୍ୱାସ ଦର୍ଶକଙ୍କ ହୃଦୟ ଜିଣିଛି। ଥିଏଟରରେ ତିନି ପିଢ଼ିର ଦର୍ଶକଙ୍କ ଉତ୍ସାହ ଦେଖିବାକୁ ମିଳୁଛି। 'ହୀର ଏକ୍ସପ୍ରେସ' ରିଲିଜ ଦିନଠାରୁ ବୁକ୍ ମାଇ ଶୋରେ ଟ୍ରେଣ୍ଡ୍ କରୁଛି। ଡେମନ ସ୍ଲେୟାର, ମିରାଇ, ଦ କଞ୍ଜୁରିଂ ଓ ଏକ ଚତୁର ନାର ଭଳି ୨୦ଟି ଚଳଚ୍ଚିତ୍ର ସହ ପ୍ରତିଯୋଗିତା ସତ୍ତ୍ୱେ ଦର୍ଶକମାନେ 'ହୀର ଏକ୍ସପ୍ରେସ' ପାଇଁ ଟିକେଟ ବୁକ କରୁଛନ୍ତି ଓ ସେହି ଅନୁରୂପ ପ୍ରତିଦିନ ଆୟ ବୃଦ୍ଧି ପାଉଥିବା ଜଣାପଡିଛି।




## ଏସ୍ଏସ୍‌ୟୁ ଏଫ୍ଇଟି ପକ୍ଷରୁ ହାକାଥନ୍




ହାକାଥନ୍ ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିଥିମାନେ।

ଭୁବନେଶ୍ୱର,୨୧।୯(ଅନୁରାଧା ମହାରଣା)


ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟ(ଏସ୍ଏସ୍‌ୟୁ)ର ଇଞ୍ଜିନିୟରିଂ ଓ ଟେକ୍ନୋଲୋଜି ବିଭାଗ (ଏଫ୍ଇଟି) ସ୍ମାର୍ଟ ଇଣ୍ଡିଆ ହ୍ୟାକାଥନ - ୨୦୨୫ର ଅଂଶ ଭାବେ ଏକ ହାକାଥନ ପ୍ରତିଯୋଗିତା କରିଛି। ଏଥିରେ ୨୭ଟି ଦଳ ବିଭିନ୍ନ ବିଷୟରେ ନୂଆ ଚିନ୍ତାଧାରା ଓ ସମାଧାନ ପ୍ରଦର୍ଶନ କରିଥିଲେ। ଇନ୍‌ଫୋସିସ୍, ମାଇଣ୍ଡଟ୍ରି ଓ ଅନ୍ୟ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ଏହାକୁ ମୂଲ୍ୟାଙ୍କନ କରିଥିଲେ। ଏଫ୍ଇଟିର ଡିନ ପ୍ରଫେସର ରବି ନାରାୟଣ ଶତପଥୀ, ଡ. ସତ୍ୟଜିତ ପଟ୍ଟନାୟକ ଓ ପ୍ରୀତମ ନନ୍ଦା ଛାତ୍ରମାନଙ୍କୁ ଉପଦେଶ ଦେଇଥିଲେ। ଜୁରୀ ଭାବେ ପ୍ରଫେସର ଜି. ପଲାଇ, ଡ. ଶୁଭେନ୍ଦୁ ନାୟକ, ଡ. ପ୍ରଦୀପ୍ତ ମିଶ୍ର, ଡ. ସୌମ୍ୟ ସମର୍ପିତା ଓ ଡକ୍ଟର ରିତୁଂଶା ମିଶ୍ର ରହିଥିଲେ। ଛାତ୍ରମାନଙ୍କ ନୂଆ ଚିନ୍ତା, ସମସ୍ୟା ସମାଧାନ ଓ ଶିଳ୍ପ ସହ ଜଡ଼ିତ ଚିନ୍ତାଧାରାକୁ ବୃଦ୍ଧି କରିବା ଉଦ୍ଦେଶ୍ୟରେ ଏହି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା।

## ମହାଳୟାରେ ପିତୃପୁରୁଷଙ୍କୁ ପିଣ୍ଡଦାନ

ପୁରୁଣା ଭୁବନେଶ୍ୱର,୨୧।୯(ସୁବାସ ଚନ୍ଦ୍ର ପ୍ରଧାନ)

ମହାଳୟା ଅମାବାସ୍ୟା ଅବସରରେ ରବିବାର ବିଧିବିଧାନପୂର୍ବକ ଦାୟାଦ୍‌ମାନେ ପିତୃପୁରୁଷଙ୍କୁ ପିଣ୍ଡଦାନ କରିଛନ୍ତି। ଏକାମ୍ର କ୍ଷେତ୍ରର ବିନ୍ଦୁସାଗର କୂଳ, ବିନ୍ଦୁସାଗର ବ୍ରହ୍ମା ଘାଟ, ବାସୁଦେବ ଘାଟ, ମୋହିନୀ ଘାଟ, କ୍ଷେତ୍ରବାସୀ ବ୍ରାହ୍ମଣ ନିଯୋଗ ନିକଟ ଏବଂ ଉତ୍ତରେଶ୍ୱର ଘାଟରେ ରାଜ୍ୟଏବଂ ରାଜ୍ୟ ବାହାରୁ ଆସିଥିବା ଦାୟାଦ୍‌ମାନେ ପିତୃପୁରୁଷଙ୍କୁ ପିଣ୍ଡଦାନ କରିଥିଲେ। ଭୁବନେଶ୍ୱର, ବାଲକାଟୀ, ବାଲିପାଟଣା, ପିପିଲି, ଖୋର୍ଦ୍ଧା ଆଦି ଅଞ୍ଚଳର ୧୦୦ରୁ ଊର୍ଦ୍ଧ୍ୱ ବ୍ରାହ୍ମଣ ପୁରୋହିତ ଏହି କାର୍ଯ୍ୟ ସମ୍ପାଦନ କରିଥିଲେ। ଏତଦ୍‌ବ୍ୟତୀତ ଶ୍ରୀରାମ ନଗରସ୍ଥିତ ସ୍ୱକ୍ଷମେଶ୍ୱର ମନ୍ଦିର ପରିସରରେ ଶତାଧିକ ଶ୍ରଦ୍ଧାଳୁ ପିଣ୍ଡଦାନ କରିଥିଲେ। ପରେ ପିଣ୍ଡଦାନ ସାମଗ୍ରୀ ଓ ଆବର୍ଜନା ରାସ୍ତାର ଉଭୟ ପାର୍ଶ୍ୱରେ ପଡ଼ିରହିଥିବା ଦେଖିବାକୁ ମିଳିଛି।





ଧରାବତରଣ କରିବେ ମା'

## ତୋରଣରେ ମହାଭାରତରୁ ଆଧୁନିକ ଯୁଦ୍ଧ

ଭୁବନେଶ୍ୱର, ୨୧।୯ (ବନ୍ଦନା ସେଠୀ)

### ଶହୀଦନଗର ଦୁର୍ଗା ପୂଜା ସମିତି

ଦେବୀ ଦୁର୍ଗାଙ୍କୁ ଆବାହନ ପାଇଁ ରାଜଧାନୀର ପୂଜା ମଣ୍ଡପଗୁଡିକ ପକ୍ଷରୁ ପ୍ରସ୍ତୁତି ପ୍ରାୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଶହୀଦନଗର ଦୁର୍ଗା ପୂଜା ସମିତି ମଧ୍ୟ ତା'ର ପ୍ରସ୍ତୁତିକୁ ଜୋର୍‌ଦାର କରିଛି। ଚଳିତ ବର୍ଷ ସମିତି ପକ୍ଷରୁ ହେଉଥିବା ମା'ଙ୍କ ପୂଜା ୪୮ ବର୍ଷରେ ପଦାର୍ପଣ କରିଛି। ମା'ଙ୍କ ପୂଜାର୍ଚ୍ଚନା ପାଇଁ ସବୁ ପ୍ରକାରର ଦୁର୍ଲଭ ପୂଜା ସାମଗ୍ରୀ ଯୋଗାଡ କରାଯାଇଛି। ଏଥର ମା'ଙ୍କ ତୋରଣକୁ ନେଇ ସ୍ୱତନ୍ତ୍ର ଥିମ୍ ପ୍ରସ୍ତୁତ କରାଯାଇଛି। ଭାରତ ସର୍ବଦା ଶାନ୍ତିପ୍ରିୟ ଏବଂ ବସୁଧୈବ କୁଟୁମ୍ବକମ୍‌ରେ ବିଶ୍ୱାସ କରୁଥିବା ଦେଶ। ମାତ୍ର ଯେତେବେଳେ ଦେଶ ଉପରେ କୌଣସି ଯୁଦ୍ଧର ବିପଦ ଆସେ, ସେତେବେଳେ ସେ ଏହାକୁ ଦୃଢତାର ସହିତ ସାମ୍ନା କରେ। ପୁରାଣ ବର୍ଣ୍ଣିତ ମହାଭାରତ ଯୁଗରେ ହାତୀ, ଘୋଡ଼ା ଉପରେ ବସି ଖଣ୍ଡା, ତୀର ଆଦିରେ ଯୁଦ୍ଧ ହେଉଥିବାବେଳେ ବର୍ତ୍ତମାନ ଆଧୁନିକ ଅସ୍ତ୍ରରେ ଯୁଦ୍ଧ କରାଯାଉଛି। ଏହାକୁ ତୋରଣରେ ଖୁବ୍ ସୁନ୍ଦର ଭାବେ କମିଟି ପକ୍ଷରୁ ଦର୍ଶାଯାଇଛି। ତୋରଣର ଗୋଟିଏ ପାଖରେ ପୁରାତନ ଯୁଗ ଏବଂ ଗୋଟିଏ ପଟେ ଆଧୁନିକ ଯୁଗର ଯୁଦ୍ଧ ଶୈଳୀକୁ ଚିତ୍ରଣ କରାଯାଇଛି। ଏଥିସହ ତୋରଣ ମଝିରେ ଭଗବାନ ବିଷ୍ଣୁଙ୍କୁ ସ୍ଥାନୀତ କରାଯାଇଛି। ଏହି ସୁନ୍ଦର ତୋରଣର ପରିକଳ୍ପନା ସମିତିର ଯୁବ ସଦସ୍ୟମାନେ କରିଥିବାବେଳେ ଏହି ଥିମ୍‌ର କୌଣସି ନାମ ଦିଆଯାଇନାହିଁ ବୋଲି ସମିତି ପକ୍ଷରୁ ରବିବାର ଆୟୋଜିତ ଖବରଦାତା ସମ୍ମିଳନୀରେ ସଭାପତି ହେମନ୍ତ କୁମାର ପରିଡା ସୂଚନା ଦେଇଛନ୍ତି। ତୋରଣଟି ସମ୍ପୂର୍ଣ୍ଣ ଇକୋ-ଫ୍ରେଣ୍ଡଲି ସାମଗ୍ରୀରେ ନିର୍ମିତ ହେବ। ଏହାର ଉଚ୍ଚତା ୮୫ଫୁଟ ରହିବା ସହ ଦୈର୍ଘ୍ୟ ୧୩୦ ଫୁଟ ରହିବ। ଏହାକୁ ନିର୍ମାଣ କରିବା ପାଇଁ ୩୦ରୁ ଊର୍ଦ୍ଧ୍ୱ କଲିକତାର



କାରିଗର ନିୟୋଜିତ ହୋଇଛନ୍ତି। ସେହିପରି ମା'ଙ୍କ ମୃଣ୍ମୟୀ ମୂର୍ତ୍ତିର ଉଚ୍ଚତା ୧୪ଫୁଟ ରହିବ। ସୁନା ଓ ରୁପା ଅଳଙ୍କାରରେ ସଜ୍ଜିତ ହେବେ ମା ଜଗତ୍‌ଜନନୀ। ସେହିପରି ଶ୍ରଦ୍ଧାଳୁ ଓ ଭକ୍ତମାନଙ୍କ ଦର୍ଶନ ପାଇଁ ସମିତି ପକ୍ଷରୁ ସବୁ ପ୍ରକାରର ସୁବିଧା କରାଯାଇଛି। ପୁରୁଷ ଓ ମହିଳାଙ୍କ ପାଇଁ ଅଲଗା ଅଲଗା ଦର୍ଶନ କରିବା ପାଇଁ ବ୍ୟବସ୍ଥା କରାଯାଇଛି। ସେହିପରି ଦିବ୍ୟାଙ୍ଗ ଓ ବୟସ୍କମାନଙ୍କ ପାଇଁ ହ୍ୱିଲ ଚେୟାର ବ୍ୟବସ୍ଥା ରହିଛି। ବାହାରେ ଏଲ୍ଇଡିରେ ପୂଜାର ସିଧାପ୍ରସାରଣ ବ୍ୟବସ୍ଥା କରାଯାଇଛି। ମା'ଙ୍କ ଦର୍ଶନକୁ ଶୃଙ୍ଖଳିତ ଓ ଭିଡ଼ ନିୟନ୍ତ୍ରଣ କରିବା ପାଇଁ ସମିତି ପକ୍ଷରୁ ୧୦୦ରୁ ଊର୍ଦ୍ଧ୍ୱ ସ୍ୱେଚ୍ଛାସେବୀ (ପୁରୁଷ ଓ ମହିଳା) ନିୟୋଜିତ ରହିବେ ଏବଂ ୩୦ରୁ ଊର୍ଦ୍ଧ୍ୱ ସୁରକ୍ଷା କର୍ମୀ ମୁତୟନ ହେବେ। ମଣ୍ଡପ ଓ ତାହାର ଚତୁର୍ଦ୍ଦିଗରେ ସିସିଟିଭି ଲଗାଯିବ।ସେହିପିରି ସମିତିର ମେଢ଼ ୧୧ ନଂ. କ୍ରମିକ ସଂଖ୍ୟାରେ ଭୁବନେଶ୍ୱର ଭସାଣି ଉତ୍ସବ ସମିତିରେ ଯୋଗଦେବ। ପାରମ୍ପରିକ ବାଦ୍ୟଯନ୍ତ୍ର ଓ ଆଲୋକରେ ସୁସଜ୍ଜିତ ହୋଇ ମା'ଙ୍କୁ ମେଲାଣି ଦିଆଯିବ। ସମ୍ମିଳନୀରେ ସମିତିର ସମ୍ପାଦକ ସଚି ନନ୍ଦନ ନାୟକ, ଉପଦେଷ୍ଟା ମନୋରଞ୍ଜନ ଦାସ, କାର୍ଯ୍ୟକାରୀ ସଭାପତି ସରୋଜ କୁମାର ପାତ୍ର, ଭୁବନେଶ୍ୱର ଭସାଣୀ ସମିତିର ସମ୍ପାଦକ ହରିଶ ପ୍ରସାଦ ରଥ ପ୍ରମୁଖ ଉପସ୍ଥିତ ରହି ଦୁର୍ଗାପୂଜା ଆୟୋଜନ ସମ୍ପର୍କରେ ସୂଚନା ଦେଇଛନ୍ତି।

## ସଂକ୍ଷେପରେ

### ମନ୍ଦାକିନୀ ନଦୀରୁ ଗଳିତ ମୃତଦେହ ଜବତ

ନିରାକାରପୁର,୨୧।୯(ମାନସ ଚନ୍ଦ୍ର ପଟ୍ଟନାୟକ)

ଖୋର୍ଦ୍ଧା ଜିଲା ଜଙ୍କିଆ ଥାନା ଅଧୀନ ରାମେଶ୍ୱର ମନ୍ଦାକିନୀ ବ୍ୟାରେଜର ୯ ନମ୍ବର ଗେଟ୍ ନିକଟରୁ ରବିବାର ପୋଲିସ ଜଣେ ଅଚିହ୍ନା ବ୍ୟକ୍ତିଙ୍କ ଗଳିତ ମୃତହେଦ ଜବତ କରିଛି। ସେ କଳା ରଙ୍ଗର ଟ୍ରାକ୍ ପ୍ୟାଣ୍ଟ ଓ ଚେକ୍ ଫୁଲ ଶାର୍ଟ ପିନ୍ଧିଥିବା ଦେଖିବାକୁ ମିଳିଛି। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୨୪/୨୫) ରୁଜୁ ହୋଇଛି। ଘଟଣାର ତଦନ୍ତ ଜାରି ରହିଛି ବୋଲି ସବ୍‌ଇନ୍‌ସ୍ପେକ୍ଟର କେଶବ ବେହେରା ସୂଚନା ଦେଇଛନ୍ତି। ସୂଚନା ମୁତାବକ, ମନ୍ଦାକିନୀ ବ୍ୟାରେଜରେ ଥିବା ୯ ନମ୍ବର ଗେଟ୍ ନିକଟରେ ଏକ ମୃତଦେହ ଭାସୁଥିବା ନେଇ ଜଙ୍କିଆ ପୋଲିସକୁ ସୂଚନା ମିଳିଥିଲା। ପୋଲିସ ଘଟଣାସ୍ଥଳରେ ପହଞ୍ଚି ଟାଙ୍ଗୀ ଅଗ୍ନିଶମ ବିଭାଗକୁ ଜଣାଇଥିଲା। ଅଗ୍ନିଶମ କର୍ମଚାରୀ ପହଞ୍ଚି ନଦୀ ଭିତରେ ପଶି ମୃତଦେହ ଉଦ୍ଧାର କରିଥିଲେ। ପରେ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଖୋର୍ଦ୍ଧା ମେଡିକାଲକୁ ପଠାଇଛି। ମୃତଦେହ ପଚିଯାଇଥିବାରୁ ଚିହ୍ନିବା କଷ୍ଟକର ହୋଇପଡ଼ିଛି। ତେବେ ସମ୍ପୃକ୍ତ ବ୍ୟକ୍ତିଙ୍କ ମୃତ୍ୟୁ କିପରି ହୋଇଛି ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ସ୍ପଷ୍ଟ ହେବ ବୋଲି ପୋଲିସ କହିଛି। ମୃତଦେହ ଉଦ୍ଧାର ସମୟରେ ଟାଙ୍ଗୀ ଅଗ୍ନିଶମ କର୍ମଚାରୀଙ୍କ ସମେତ ଜଙ୍କିଆ ଥାନା ଏସ୍ଆଇ ଜ୍ୟୋତ୍ସ୍ନା ରାୟ, ଏଏସ୍ଆଇ ପ୍ରମୋଦ କୁମାର ଦଳେଇ ପ୍ରମୁଖ ଉପସ୍ଥିତ ଥିଲେ।

### ୪୦୦ ଲିଟର ପେଟ୍ରୋଲ ସହ ୨୫୦ ଲିଟର ଡିଜେଲ ଜବତ, ୩ ଗିରଫ

ଟାଙ୍ଗୀ,୨୧।୯(ରଘୁନାଥ ସାହୁ)

୧୬ ନମ୍ବର ଜାତୀୟ ରାଜପଥ ପାର୍ଶ୍ୱରେ ଥିବା ଚମ୍ପାଗଡ଼ ଶ୍ରୀକୃଷ୍ଣପୁର ଛକରେ ଏକ ତେଲ ଟ୍ୟାଙ୍କର(ଓଡି ୦୨ ଏଏଚ୍ ୫୧୧୫)କୁ ଅଟକାଇ ମାଫିଆମାନେ ତେଲ ଚୋରି କରୁଥିବା ନେଇ ଚାନ୍ଦପୁର ଥାନା ପୋଲିସକୁ ସୂଚନା ମିଳିଥିଲା। ଆଇଆଇସି ଦିଲୀପ କୁମାର ସ୍ୱାଇଁ, ସବଇନ୍‌ସ୍ପେକ୍ଟର ଶ୍ରଦ୍ଧାଞ୍ଜଳି ନାୟକ ସଦଳବଳେ ସେଠାରେ ପହଞ୍ଚି ତେଲ ଟ୍ୟାଙ୍କର ଚାଳକ ଓ ହେଲ୍ପରଙ୍କ ସହ ଜଣେ ତେଲ ମାଫିଆଙ୍କୁ ଗିରଫ କରିଥିଲେ। ଅଭିଯୁକ୍ତମାନେ ହେଲେ ତେଲ ଟ୍ୟାଙ୍କର ଚାଳକ ଇଟାମାଟି ଥାନା ଅନ୍ତର୍ଗତ ହରେକୃଷ୍ଣପୁର ଗ୍ରାମର ରମେଶ ଚନ୍ଦ୍ର ବାଘ, ହେଲ୍ପର ରଣପୁର ଥାନା ଅନ୍ତର୍ଗତ ବିଦ୍ୟାଧରପୁର ଗ୍ରାମର ଦୀପକ କୁମାର ପରିଡା ଏବଂ ତେଲ ମାଫିଆ ଚାନ୍ଦପୁର ଥାନା ଅନ୍ତର୍ଗତ ଶ୍ରୀକୃଷ୍ଣପୁର ଗ୍ରାମର ପ୍ରଭାତ ପ୍ରଧାନ। ପୋଲିସ ତେଲ ମାଫିଆଙ୍କ ନିକଟରୁ ୪୦୦ ଲିଟର ପେଟ୍ରୋଲ ସହ ୨୫୦ ଲିଟର ଡିଜେଲ, କାହାଳି ଓ ପାଇପ ଜବତ ହୋଇଛି ବୋଲି ଆଇଆଇସି ସୂଚନା ଦେଇଛନ୍ତି।

### ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ

ବାଲୁଗାଁ,୨୧।୯(ସଂଗ୍ରାମ ପାଇକରାୟ)

ବାଲୁଗାଁ ବିଜ୍ଞାପିତ ଅଞ୍ଚଳ ପରିଷଦ ପକ୍ଷରୁ ରବିବାର ଚିଲିକା କୂଳଠାରେ ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ ତଥା ସାମୂହିକ ସଫେଇ ଓ ଜଳ ସ୍ୱଚ୍ଛତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ସମେତ ବାଲୁଗାଁ ଏନ୍ଏସି ଅଧ୍ୟକ୍ଷା ସୁକାନ୍ତି ପାଇକରାୟ, ବାଣପୁର ବ୍ଲକ ଅଧ୍ୟକ୍ଷ ଅମରେନ୍ଦ୍ର ରଣସିଂହ, ଚିଲିକା ବ୍ଲକ ଅଧ୍ୟକ୍ଷା ଜ୍ୟୋତ୍ସ୍ନା ବେହେରା, ବାଲୁଗାଁ ନଗର ମଣ୍ଡଳ ଭାଜପା ସଭାପତି ସନ୍ତୋଷ ପାଇକରାୟ, କାଉନ୍‌ସିଲର, ଦଳୀୟ ନେତୃବୃନ୍ଦ ଏବଂ ସ୍ଥାନୀୟ ଜନସାଧାରଣ ସାମିଲ ହୋଇ ଚିଲିକା କୂଳ ଓ କଲେଜ ରୋଡ଼ ଆଦି ସ୍ଥାନରେ ସଫେଇ କାର୍ଯ୍ୟ କରିଥିଲେ। ଚିଲିକା କୂଳ ଜନଗହଳି ଅଞ୍ଚଳରେ ସ୍ୱଚ୍ଛତା ରକ୍ଷା ପାଇଁ ସ୍ଥାନୀୟ ବ୍ୟବସାୟ ପ୍ରତିଷ୍ଠାନ ଓ ଜନସାଧାରଣ ଓ ଯାତ୍ରୀଙ୍କୁ ସଚେତନ କରାଯାଇଥିଲା।

### ସ୍ୱାସ୍ଥ୍ୟ ପରୀକ୍ଷା ଶିବିର

ବାଣପୁର,୨୧।୯(ଦିଲୀପ କୁମାର ସ୍ୱାଇଁ)

ଚିଲିକା ବିଧାନସଭା କ୍ଷେତ୍ର ଅନ୍ତର୍ଗତ ଗମ୍ଭାରୀମୁଣ୍ଡାସ୍ଥିତ ପରଶୁରାମ ମହାବିଦ୍ୟାଳୟ ପରିସରରେ ରବିବାର ଏକ ମାଗଣା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ପୁରୀ ଏମ୍‌ପି ଡା. ସମ୍ବିତ ପାତ୍ର, ପୂର୍ବତନ ବିଧାୟକ ଡା. ବିଭୂତି ଭୂଷଣ ହରିଚନ୍ଦନ, ବ୍ଲୁ ହୁଇଲ୍ ହସ୍ପିଟାଲର ନିର୍ଦ୍ଦେଶିକା ଡ. ସୁଦେଷ୍ଣା ହରିଚନ୍ଦନ, ଉପାଧ୍ୟକ୍ଷ ଡା. ସନ୍ଦୀପ ଦାସ ଯୋଗଦେଇ ଏହି ସ୍ୱାସ୍ଥ୍ୟ ଶିବିରକୁ ଉଦ୍‌ଘାଟନ କରିଥିଲେ। ୫୦୦ରୁ ଊର୍ଦ୍ଧ୍ୱ ଲୋକଙ୍କ ବିଭିନ୍ନ ବିଭାଗର ଅଭିଜ୍ଞ ଡାକ୍ତରଙ୍କ ଦ୍ୱାରା ମାଗଣାରେ ସ୍ୱାସ୍ଥ୍ୟ ପରୀକ୍ଷା କରାଯିବା ସହ ଔଷଧ ବଣ୍ଟନ କରାଯାଇଥିଲା।

# ନାମଫଳକ ଲଗାଇବା ବେଳେ ଉତ୍ତେଜନା

ବାଘମାରୀ,୨୧।୯(ମିହିର ରଞ୍ଜନ ମହାପାତ୍ର)



ଓସ୍ତପୁର ଗ୍ରାମର ମହିଳାମାନେ ପ୍ଲାକାର୍ଡ ଧରି ପ୍ରତିବାଦ କରୁଛନ୍ତି।

**ମହିଳାଙ୍କ ପ୍ରତିବାଦ ପରେ ଫେରିଲା ପ୍ରଶାସନ**

- ବଳବତ୍ତର ରହିଛି ୧୬୩ ଧାରା
- ଦୋକାନ ବଜାର ଖୋଲିବା ନେଇ ଅନିଶ୍ଚିତତା

ବାଘମାରୀ ଥାନା ଅନ୍ତର୍ଗତ ଓସ୍ତପୁର ଓ କୋଟପଲ୍ଲୀ ଗ୍ରାମ ମଧ୍ୟରେ ବଜାର ନାଁକୁ ନେଇ ବିବାଦ ଲାଗିରହିଛି। ସମାଧାନର ବାଟ ଫିଟିପାରୁ ନ ଥିବା ବେଳେ ଦେଢ଼ ମାସ ହେଲାଣି ଗାଁରେ ବିଏନ୍ଏସ୍ଏସ୍ ୧୬୩ ଧାରା ବଳବତ୍ତର ରହିଛି। ଦୋକାନ ବଜାର ବନ୍ଦ ରହିଥିବାରୁ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଅନ୍ୟପକ୍ଷରେ ପୂର୍ବ ବୈଠକରେ ଉଭୟ ଗ୍ରାମର ସହମତି ପ୍ରକାରେ ରବିବାର ପ୍ରଶାସନ ପକ୍ଷରୁ ଉଭୟ ଗାଁ ନାମ ଲେଖାଥିବା ଫଳକ ବଜାରରେ ଲଗାଇବା ବେଳେ ଓସ୍ତପୁର ଗ୍ରାମର ଶତାଧିକ ମହିଳା ପ୍ଲାକାର୍ଡ ଧରି ବିରୋଧ କରିଥିଲେ। ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇବାରୁ ପ୍ରଶାସନ ନାମଫଳକ ନ ଲଗାଇ ଫେରିଯାଇଥିଲା।

ସୂଚନାଥାଉ କି, ଗତ ଅଗଷ୍ଟ ୭ରୁ ବଜାର ନାଁକୁ ନେଇ ଉପରୋକ୍ତ ଉଭୟ ଗାଁ ମଧ୍ୟରେ ବିବାଦ ଲାଗି ରହିଛି। ଏହି ବିବାଦର ସମାଧାନ ପାଇଁ ଅନୁଷ୍ଠିତ ବୈଠକରେ ଉଭୟ ଗ୍ରାମର ସହମତି ପ୍ରକାରେ ରବିବାର ବେଗୁନିଆ ତହସିଲଦାର ତାପସ ବିଶି, ଅତିରିକ୍ତ ତହସିଲଦାର ମୃତ୍ୟୁଞ୍ଜୟ ବରାଳ, ପୂର୍ତ୍ତ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀ ସରୋଜ ମିଶ୍ର, ବାଘମାରୀ ଥାନା ଅଧିକାରୀ ଶମ୍ଭୁନାଥ ନାୟକ, ରାଜସ୍ୱ ନିରୀକ୍ଷକ ଦୀପକ ବଳିୟାରସିଂହ ପ୍ରମୁଖଙ୍କ ଉପସ୍ଥିତିରେ ଉଭୟ ଗାଁ ନାମ ଲେଖାଥିବା ଫଳକ ବଜାରରେ ଲଗାଯିବା ବେଳେ ଓସ୍ତପୁର ଗ୍ରାମର ମହିଳାମାନେ ପ୍ଲାକାର୍ଡ ଧରି ପ୍ରତିବାଦ କରିଥିଲେ। ଏପରିକି ମହିଳାମାନେ ଅତିରିକ୍ତ ଜିଲାପାଳଙ୍କ ବିରୋଧରେ ନାରାବାଜି ଦେଇଥିଲେ। ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇବାରୁ ଖୋର୍ଦ୍ଧା, ବୋଲଗଡ଼, ବେଗୁନିଆ ଥାନାର ମହିଳା ପୋଲିସ ଅଧିକାରୀ, କର୍ମଚାରୀ ଏବଂ ୨ ସେକ୍ସନ ଫୋର୍ସ ଘଟଣାସ୍ଥଳରେ ପହଞ୍ଚିଥିଲେ। ପ୍ରଶାସନ ପକ୍ଷରୁ ଉତ୍ତ୍ୟକ୍ତ ମହିଳାଙ୍କୁ ବୁଝାଶୁଝା କରାଯାଇଥିଲେ ମଧ୍ୟ ସେମାନେ ଜିଦ୍‌ରେ ଅଟଳ ରହିଥିଲେ। ଫଳରେ ପ୍ରଶାସନ ନାମଫଳକ ନ ଲଗାଇ ଫେରିଯାଇଥିଲା। ପ୍ରକାଶ ଯେ, ପ୍ରଶାସନ ପକ୍ଷରୁ ଶନିବାରଠାରୁ ବିଭିନ୍ନ ସ୍ଥାନରେ ସିସିଟିଭି ଲଗାଯାଇଛି। ନାମଫଳକ ଲଗାଯିବା ପରେ ସୋମବାରଠାରୁ ଦୋକାନ ବଜାର ଖୋଲିବା ପାଇଁ ପ୍ରଶାସନ ବିଚାର କରିଥିଲା। ତେବେ ବିବାଦର ସମାଧାନ ହୋଇପାରି ନ ଥିବାରୁ ପ୍ରଶାସନର ଚିନ୍ତା ବଢ଼ାଇଛି। ଅନ୍ୟପକ୍ଷରେ ଦେଢ଼ମାସ ହେବ ଦୋକାନ ବଜାର ବନ୍ଦ ରହିଥିବାରୁ ପରିବାର ଚଳାଇବା କଷ୍ଟକର ହୋଇପଡ଼ିଲାଣି ବୋଲି କେତେଜଣ ବ୍ୟବସାୟୀ କହିଛନ୍ତି।

# ମା'ଭଗବତୀ, ବିରଜାଇଙ୍କ ଭେଟଯାତ୍ରା



ବାଣପୁର,୨୧।୯(ଦିଲୀପ କୁମାର ସ୍ୱାଇଁ)

ବାଣପୁରର ଅଧିଷ୍ଠାତ୍ରୀ ମା' ଭଗବତୀଙ୍କ ଶାରଦୀୟ ପର୍ବ ଉପଲକ୍ଷେ ପବିତ୍ର ମହାଳୟା ଅମାବାସ୍ୟା ରବିବାର ରାତିରେ ପାରମ୍ପରିକ ରୀତିନୀତି ଅନୁଯାୟୀ ଭେଟଯାତ୍ରା ଅନୁଷ୍ଠିତ ହୋଇଯାଇଛି। ମା' ଭଗବତୀ ତାଙ୍କ ଭକ୍ତ ବଳିଜେନାକୁ ସାଥିରେ ନେଇ ମା' ଭେଟ ଅମାବାସ୍ୟା ଯାତ୍ରା ଆରମ୍ଭ କରିଛନ୍ତି। ମା' ଭଗବତୀଙ୍କ ବଡ଼ଭଉଣୀ ବିରଜାଇଙ୍କ ବିଜେ ପ୍ରତିମାସ୍ୱରୂପ କାଠି ଠାକୁରାଣୀଙ୍କୁ ଘଣ୍ଟଘଣ୍ଟା, ଖୋଳତାଳ, ଢୋଲ, ତୁରି, ଛତ୍ରି ଓ ଶଙ୍ଖନାଦର ତାଳେ ତାଳେ ନାଚି ନାଚି ମା' ଭଗବତୀଙ୍କ ମନ୍ଦିରରୁ ବିଜେ ହୋଇଥିଲେ। ସେହିପରି ମା'ଭଗବତୀଙ୍କ ପିତ୍ରାଳୟ ଦକ୍ଷେଶ୍ୱର ମନ୍ଦିରଠାରୁ ନାଚି ନାଚି ପୁରୁଣା ବଜାରରେ ବିଜେ ହୋଇଥିଲେ। ମା'ଙ୍କ ସେବକ ଦିଅଁ ବିଜେ କରିଥିବା ବେଳେ କାଠି ନାହାକ ସମେତ ଅଙ୍ଗରକ୍ଷୀ ସେବକମାନେ ମା'ଙ୍କ ଭେଟଯାତ୍ରାରେ ସାମିଲ ହୋଇଥିଲେ। ମା' ଭଗବତୀଙ୍କ ଭେଟଯାତ୍ରା ପରେ ମା' ବିରଜାଇଙ୍କ କାଠି ଠାକୁରାଣୀ ସାତବଖରା ଗୃହକୁ ପ୍ରତ୍ୟାବର୍ତ୍ତନ କରିଥିଲେ। ସେହିପରି ମା' ଭଗବତୀଙ୍କ କାଠି ଠାକୁରାଣୀସ୍ୱରୂପ ବିଜେ ପ୍ରତିମା ମୁଖ୍ୟ ମନ୍ଦିରକୁ ବିଜେ କରିଥିଲେ। ମା' ଭଗବତୀ ଓ ମା' ବିରଜାଇଙ୍କ ଭେଟଯାତ୍ରା ଦେଖିବା ପାଇଁ ବାଣପୁର, ବାଲୁଗାଁ ଏବଂ ଏହାର ଆଖପାଖ ଅଞ୍ଚଳର ହଜାର ହଜାର ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିଲା। ଶାନ୍ତିଶୃଙ୍ଖଳା ବଜାୟ ରଖିବା ପାଇଁ ସ୍ଥାନୀୟ ପୋଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା।



ରାମେଶ୍ୱର ପଞ୍ଚାୟତର ମା' ବନଦୁର୍ଗାଙ୍କ ମହାଗୌରୀ ବେଶ ଏବଂ ଗୋଳବାଇ ପଞ୍ଚାୟତର ମା'ଭଗବତୀ ଭୁବନେଶ୍ୱରୀ ବେଶରେ ରବିବାର ଭକ୍ତଙ୍କୁ ଦର୍ଶନ ଦେଉଛନ୍ତି। **(ଫଟୋ: ମାନସ ଚନ୍ଦ୍ର ପଟ୍ଟନାୟକ)**

## ଆଇନ ସଚେତନତା ଶିବିର

ଖୋର୍ଦ୍ଧା,୨୧।୯(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ତାଲୁକ୍ ଆଇନସେବା କମିଟି ଆନୁକୂଲ୍ୟରେ ହଳଦିଆ ପଞ୍ଚାୟତ ଅଫିସ୍‌ରେ ରବିବାର ପ୍ରଥମ ଅତିରିକ୍ତ ଜିଲାଜଜ୍ ରଞ୍ଜୁଲତା ଲେଙ୍କାଙ୍କ ଅଧ୍ୟକ୍ଷତାରେ ଆଇନ ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି। ଦ୍ୱିତୀୟ ଅତିରିକ୍ତ ଜିଲା ଦୌରାଜଜ୍ ସୁଷମା ସ୍ୱାଇଁ, ମହିଳା କୋର୍ଟ ଜଜ୍ ରେଖାରାଣୀ ନାୟକ, ସବ୍‌ଜଜ୍ ରାଜେଶ ରୋଶନ ନନ୍ଦ, ଏସ୍‌ଡିଜେଏମ୍ ପ୍ରତାପ ଚନ୍ଦ୍ର ପୃଷ୍ଟି, ଜେଏମ୍ଏଫ୍‌ସି ଦୁର୍ଗାପ୍ରସଦ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ଆଇନଜୀବୀ ବିକ୍ରମ କେଶରୀ ଚମ୍ପତି, ସମାଜସେବୀ ରାମଶଙ୍କର, ସରପଞ୍ଚ ବନିତା ବେହେରା ଅତିଥିଭାବେ ଯୋଗଦେଇଥିଲେ। ଏଥିରେ ବହୁ ଗ୍ରାମବାସୀ ସାମିଲ ହୋଇଥିଲେ। କମିଟି ସମ୍ପାଦକ ବସନ୍ତ କୁମାର ଶତପଥୀ ଉକ୍ତ ସଭାକୁ ସଂଯୋଜନା କରିଥିଲେ।

## ୩ ଟନ୍ ଗୋ'ମାଂସ ବୋଝେଇ ମିନିଟ୍ରକ୍ ଜବତ

**ଡ୍ରାଇଭର ଗିରଫ**

ଖୋର୍ଦ୍ଧା,୨୧।୯(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧାରେ ଗୋ'ମାଂସ ଚାଲାଣ ଦିନକୁଦିନ ବଢ଼ିଚାଲିଛି। ସ୍ଥାନୀୟ ଗଡ଼ଖୋର୍ଦ୍ଧା ଛକଠାରେ ଶିଳ୍ପାଞ୍ଚଳ ଥାନା ପୋଲିସ ଚଢ଼ାଉ କରି ଗୋମାଂସ ବୋଝେଇ ମିନିଟ୍ରକ୍‌କୁ ଜବତ କରିଛି। ଏଥିରୁ ୩ଟନ୍ ଗୋ'ମାଂସ ଜବତ କରାଯାଇଛି। ଏହି ଗୋ'ମାଂସ ଆନ୍ଧ୍ରପ୍ରଦେଶକୁ ଚାଲାଣ କରାଯାଉଥିଲା। ଏହି ଘଟଣାରେ ଡ୍ରାଇଭର ପୁରୀ ଜିଲା କାକଟପୁର ଥାନା ରସୁଲପୁରର ଏସ୍.କେ. ଜାହିଦ୍‌ଙ୍କୁ ଗିରଫ ପରେ କୋର୍ଟଚାଲାଣ କରାଯାଇଛି। ଜବତ ମାଂସକୁ ଜଙ୍ଗଲରେ ପୋତି ଦିଆଯାଇଥିବା ପୋଲିସ କହିଛି। ସୂଚନା ମୁତାବକ, ଜଟଣୀ ଥାନା ଅନ୍ତର୍ଗତ ବେଣାପଞ୍ଜୁରୀ ପଟୁ ଏକ ମିନିଟ୍ରକ୍ (ଓଡି ୦୨ ବିକେ ୧୦୩୦) ଦ୍ରୁତଗତିରେ ଖୋର୍ଦ୍ଧା ଅଭିମୁଖେ ଆସୁଥିବା ଗୋସେବକଙ୍କଠାରୁ ଖବରପାଇ ଗଡ଼ଖୋର୍ଦ୍ଧା ଛକ ନିକଟରେ ପୋଲିସ ଛପି ରହିଥିଲା। ପୋଲିସକୁ ଦେଖି ଚଳନ୍ତା ଗାଡିରୁ ଡେଇଁ ଖସିଯିବାକୁ ଉଦ୍ୟମ କରୁଥିବା ବେଳେ ଡ୍ରାଇଭରଙ୍କୁ ପୋଲିସ କାବୁ କରିବା ସହିତ ମିନିଟ୍ରକ୍ ଜବତ କରିଥିଲା। ଗାଡି ତନଖି ବେଳେ ସେଥିରେ ଗୋ'ମାଂସ ଥିବା ପୋଲିସ ଜାଣିବାକୁ ପାଇଥିଲା। ଏହି ଗୋ'ମାଂସ ଚାଲାଣରେ ଜଟଣୀ ଅଞ୍ଚଳର ଅନ୍ୟ ଦୁଇ ଜଣଙ୍କ ସମ୍ପୃକ୍ତି ଥିବା ପୋଲିସ ଜାଣିବାକୁ ପାଇଛି।

# ସ୍ୱଚ୍ଛତା, ସେବା ପ୍ରଗତିର ମାର୍ଗପ୍ରଶସ୍ତି କରେ

ଖୋର୍ଦ୍ଧା,୨୧।୯(ପ୍ରଭାତ ପାଣିଗ୍ରାହୀ)

**ଜିଲାସ୍ତରୀୟ ସେବା ପଖୱାଡା 'ମାରାଥନ'**



ଭାରତ ସରକାରଙ୍କ ସେବା ପଖୱାଡା ଦିବସ ଅବସରରେ ଓଡ଼ିଶା ସରକାରଙ୍କ କ୍ରୀଡ଼ା ଓ ଯୁବ ସେବା ବିଭାଗ ଏବଂ ଜିଲା ପ୍ରଶାସନର ମିଳିତ ଆନୁକୂଲ୍ୟରେ ସ୍ଥାନୀୟ ବିଜୁ ପଟ୍ଟନାୟକ ଖେଳ ଭବନଠାରେ ବିଶାଳ ଗଣଦୌଡ଼ ରବିବାର ଅନୁଷ୍ଠିତ ହୋଇଯାଇଛି। ଜିଲା ଆରକ୍ଷୀ ଅଧୀକ୍ଷକ (ଏସ୍‌ପି) ବିବେକାନନ୍ଦ ଶର୍ମା ପତାକା ଦେଖାଇ ଏହାକୁ ଉଦ୍‌ଘାଟନ କରିଥିଲେ। ଏହି ଗଣଦୌଡ଼ ଖେଳ ଭବନରୁ ବାହାରି ଜିଲା ଆରକ୍ଷୀ କାର୍ଯ୍ୟାଳୟ ଦେଇ ପଲ୍ଲୀ ତୋଟାପଡ଼ା, ଜିଲାପାଳଙ୍କ କାର୍ଯ୍ୟାଳୟ ଦେଇ ଖେଳ ଭବନଠାରେ ଶେଷ ହୋଇଥିଲା। ବିଭିନ୍ନ ବିଦ୍ୟାଳୟ, ମହାବିଦ୍ୟାଳୟର ଛାତ୍ରୀଛାତ୍ର, କ୍ରୀଡ଼ାପ୍ରେମୀ, ସ୍ୱେଚ୍ଛାସେବୀ, ପ୍ରଶାସନିକ ଅଧିକାରୀ, ପୋଲିସ ବାହିନୀ ପ୍ରମୁଖ ୫୦୦ରୁ ଊର୍ଦ୍ଧ୍ୱ ଯୋଗଦେଇ ସେବା ପଖୱାଡାର ବାର୍ତ୍ତା ଦେଇଥିଲେ।

ଏସ୍‌ପି ଶର୍ମା କହିଥିଲେ ଯେ, ଏହି କାର୍ଯ୍ୟକ୍ରମରେ ସମସ୍ତ ବର୍ଗ ସାମିଲ ହେବା ଆବଶ୍ୟକ। ଦେଶକୁ ଆଗକୁ ନେବାକୁ ହେଲେ ଏକ ସୁସ୍ଥ ପରିବେଶ ଜରୁରୀ। ଦୈନିକ ଦିନଚର୍ଯ୍ୟା ଶାରୀରିକ ସୁସ୍ଥତା ଉପରେ ନିର୍ଭର କରେ। ପିଲାଠାରୁ ବୃଦ୍ଧ ଦୈନିକ ଶାରୀରିକ ଅଭ୍ୟାସ କରନ୍ତୁ। ଏହା ଦ୍ୱାରା ପରିବାର, ସମାଜରେ ଏକ ସୁସ୍ଥ ବାତାବରଣ ରହିବ। ସେବା ପଖୱାଡା ଦେଶବ୍ୟାପୀ ପାଳନ କରାଯାଉଛି। ସେବା ମନୁଷ୍ୟ ଅଥବା ପ୍ରାଣଜଗତର, ଏଥିରେ ଭରପୂର ଆନନ୍ଦ ମିଳିଥାଏ। ଏଥିସହିତ ସ୍ୱଚ୍ଛତା ମଧ୍ୟ ଜରୁରୀ ବୋଲି ସେ କହିଥିଲେ। ଅତିରିକ୍ତ ଜିଲାପାଳ ପ୍ରତାପ ଚନ୍ଦ୍ର ବେଉରା ସେବା ପଖୱାଡାର ଆଭିମୁଖ୍ୟ ସମ୍ପର୍କରେ କହିଥିଲେ ଯେ, ଫିଟ ଫର୍ ଇଣ୍ଡିଆ, ରନ୍ ଫର୍ ଇଣ୍ଡିଆ ଅନ୍ତର୍ଗତ ସୁସ୍ଥ ଓ ସମୃଦ୍ଧ ଭାରତ ପାଇଁ ଶାରୀରିକ ସୁସ୍ଥତା ଜରୁରୀ। ଦୈନିକ ଖେଳ କସରତ, ଦୌଡ଼, ଶାରୀରିକ ବ୍ୟାୟାମ ଶରୀରକୁ ସୁସ୍ଥ ରଖିବା ସହ ମନ ପ୍ରଫୁଲ୍ଲ ରହିଥାଏ। କାମ କରିବା ପାଇଁ ଫୂର୍ତ୍ତି ଆସିଥାଏ। ସେବାରେ ଆନନ୍ଦ ମିଳେ, ଏକ ସୁନ୍ଦର ବାତାବରଣ ସୃଷ୍ଟି ହୋଇଥାଏ। ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଜ୍ୟୋତିଶଙ୍କର ସାହୁ ଏବଂ ଉପଜିଲାପାଳ କିଶୋର କୁମାର ପଣ୍ଡା ସେବା ପଖୱାଡା ଓ ସ୍ୱଚ୍ଛତା ଉପରେ ଗୁରୁତ୍ୱାରୋପ କରିଥିଲେ। ସ୍ୱଚ୍ଛତା ଓ ସେବା ପ୍ରଗତିର ମାର୍ଗ ପ୍ରଶସ୍ତି କରେ ବୋଲି କହିଥିଲେ। ଅତିରିକ୍ତ ଜିଲା ଆରକ୍ଷୀ ଅଧୀକ୍ଷକ (ଡିଆଇବି) ଅନାଦି ଚରଣ ସେଠୀ ସେବା ପଖୱାଡା ଭାରତ ସରକାରଙ୍କ ଏକ ଯୁବ ପ୍ରେରଣାଦାୟୀ କାର୍ଯ୍ୟକ୍ରମ ବୋଲି କହିଥିଲେ। ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଲକ୍ଷ୍ମଣ ବେହେରା କହିଥିଲେ ଯେ, ଯୁବପିଢ଼ି ଦେଶର ଭବିଷ୍ୟତ। ଦେଶର ପ୍ରଗତି, ସମୃଦ୍ଧି ଯୁବବର୍ଗଙ୍କ ଗଠନମୂଳକ ଚିନ୍ତାଧାରା ଉପରେ ନିର୍ଭର କରେ। ଏହି ଗଣଦୌଡ଼କୁ ଅତିରିକ୍ତ ଜିଲାପାଳ ବେଉରା ପରିଚାଳନା କରିଥିବା ବେଳେ ଜିଲା କ୍ରୀଡ଼ାଧିକାରୀ ଗୀତାଞ୍ଜଳି ପଣ୍ଡା ସଂଯୋଜନା କରିଥିଲେ।

## ରାସ୍ତା ଉନ୍ନତୀକରଣ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ



ପ୍ରକଳ୍ପ ଅବସରରେ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଏବଂ ଅନ୍ୟ ଅତିଥି।

ବାଣପୁର,୨୧।୯(ଦିଲୀପ କୁମାର ସ୍ୱାଇଁ)

ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ରବିବାର ବାଣପୁରର ଆରାଧ୍ୟା ମା' ଭଗବତୀ ଏବଂ ପ୍ରଭୁ ରଙ୍ଗନାଥ ଦେବଙ୍କୁ ଦର୍ଶନ କରିଛନ୍ତି। ଏହି ଅବସରରେ ମନ୍ତ୍ରୀ ହରିଚନ୍ଦନ ଚିଲିକା ବିଧାନସଭାକ୍ଷେତ୍ରର ବଡ଼କୂଳ ପଞ୍ଚାୟତ ଅନ୍ତର୍ଗତ ଗବପଦରର ଆରାଧ୍ୟ ରାମେଶ୍ୱର ଦେବଙ୍କ ପୀଠଠାରେ ପଞ୍ଚାୟତସ୍ତରୀୟ ମହାସଂଘ ସଭାଗୃହର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ସେହିପରି ଓଡ଼ିଶା ସରକାରଙ୍କ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ୬୬୮ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଚିଲିକା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ 'ଏନ୍ଏଚ୍-୫ ସାମନ୍ତସିଂହାରପୁର କାଲୁରୀ ଓ ଗଙ୍ଗାଧରପୁରଠାରୁ କୁମାଣ୍ଡୋଳ ପାଟଣା' ରାସ୍ତାର ଉନ୍ନତୀକରଣ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ପୁରୀ ଏମ୍‌ପି ଡା. ସମ୍ବିତ ପାତ୍ର, ଚିଲିକା ବ୍ଲକ ଅଧ୍ୟକ୍ଷା ଜ୍ୟୋତ୍ସ୍ନା ବେହେରା, ଚିଲିକା ବଡ଼କୂଳ ଗ୍ରାମପଞ୍ଚାୟତର ସରପଞ୍ଚ ପ୍ରହ୍ଲାଦ ବେହେରା, ୬ନଂ. ଜୋନ୍‌ର ପୂର୍ବତନ ଜିଲାପରିଷଦ ସଭ୍ୟ ଦିଲୀପ କୁମାର ମହାନ୍ତିଙ୍କ ସମେତ ସ୍ଥାନୀୟ ନେତୃବୃନ୍ଦ ଉପସ୍ଥିତ ଥିଲେ।

## ଯୁବ ଜାଗରଣ ନୀରବ ସାଧକ ସମ୍ମିଳନୀ




ଯୁବ ଜାଗରଣ ନୀରବ ସାଧକ ସମ୍ମିଳନୀରେ ଉପସ୍ଥିତ ଅତିଥିମାନେ।

ଖୋର୍ଦ୍ଧା,୨୧।୯(ପ୍ରଭାତ ପାଣିଗ୍ରାହୀ)

ଯୁବ ଜାଗରଣ ନୀରବ ସାଧକ ସମ୍ମିଳନୀ ରବିବାର ଖୋର୍ଦ୍ଧାସ୍ଥିତ ବିଡିଏ କଲ୍ୟାଣ ମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ଖୋର୍ଦ୍ଧା ଅଞ୍ଚଳର ବିଭିନ୍ନ ପୂଜା ମଣ୍ଡପର କାର୍ଯ୍ୟକର୍ତ୍ତାଙ୍କୁ ନେଇ ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ୨୫୦ରୁ ୩୦୦ ଭାଇମାନେ ଯୋଗଦେଇଥିଲେ। ମୁଖ୍ୟ ଅତିଥିଭାବେ ଆଇଆଇଏମ୍ଏସ୍ କଲେଜ ପ୍ରାଧ୍ୟାପକ ଦେବାଶିଷ ପଟ୍ଟନାୟକ ଯୋଗଦେଇଥିବା ବେଳେ ହିନ୍ଦୁ ଜଗରଣ ମଞ୍ଚ ଓଡ଼ିଶା ସଂଗଠନ ମନ୍ତ୍ରୀ ତନ୍ମୟ କୁମାର ଦାସ, ରାଜ୍ୟ ସହ ସଂଯୋଜକ ଆଶିଷ ବିଦ୍ୟୁରେନ୍ଦ୍ର ଛୋଟରାୟ, ଖୋର୍ଦ୍ଧା ଜିଲା ସଂଯୋଜକ ଶୁଭମ୍ ରାମ, ସହ ସଂଯୋଜକ ତୁଷାରକାନ୍ତ ବେହେରା ଉପସ୍ଥିତ ଥିଲେ। ପୂଜା ପର୍ବାଣୀରେ ହିନ୍ଦୁ ସଂସ୍କୃତି, ହିନ୍ଦୁ ବିଚାର ଧାରଣ କରି ହିନ୍ଦୁ ହିନ୍ଦୁ ଭାଇ ଭାଇର ବାର୍ତ୍ତା ନେଇ ଆଗକୁ ବଢ଼ିବାର ଆହ୍ୱାନ ଦିଆଯାଇଛି। ଆଗାମୀ ଦିନରେ ଖୋର୍ଦ୍ଧାରେ ବିଭିନ୍ନ ପାର୍ବଣରେ ନିଜର ପାରମ୍ପରିକ ନୃତ୍ୟ ଉପରେ ଗୁରୁତ୍ୱ ଦେବା ପାଇଁ କୁହାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ନଗର ସଂଯୋଜକ ବିକାଶ ବେହେରା, ସହ ସଂଯୋଜକ ସନ୍ତୋଷ ସ୍ୱାଇଁ, ସୁଶାନ୍ତ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# 'ସ୍ମାରକୀ କହିବ ପାଇକଙ୍କ ବୀରତ୍ୱର ଗାଥା'

ଖୋର୍ଦ୍ଧା,୨୧।୯(ପ୍ରଭାତ ପାଣିଗ୍ରାହୀ)

**ବକ୍ସି ଜଗବନ୍ଧୁଙ୍କ ୨୭୧ତମ ଜୟନ୍ତୀ**



ବକ୍ସି ଜଗବନ୍ଧୁଙ୍କ ଜୟନ୍ତୀ ଉତ୍ସବରେ ମଞ୍ଚାସୀନ ଅତିଥିମାନେ।

୧୮୫୭ ସିପାହୀ ବିଦ୍ରୋହର ଚାଳିଶ ବର୍ଷ ପୂର୍ବରୁ ୧୮୧୭ରେ ଓଡ଼ିଶାର ଖୋର୍ଦ୍ଧାରେ ବ୍ରିଟିଶ୍ ବିରୋଧରେ ଆରମ୍ଭ ହୋଇଥିଲା ଗଣବିପ୍ଳବ ପାଇକ ବିଦ୍ରୋହ। ଏହି ବିଦ୍ରୋହର ମହାନାୟକ ବକ୍ସି ଜଗବନ୍ଧୁ ବିଦ୍ୟାଧର ଭ୍ରମରବର ରାୟ ମହାପାତ୍ରଙ୍କ ୨୭୧ତମ ଜୟନ୍ତୀ ଉତ୍ସବ ଶନିବାର ସ୍ଥାନୀୟ ବିଜେବି ଉଚ୍ଚ ବିଦ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। କଳିଙ୍ଗ ପାଇକ ସଙ୍ଗଠନ ଆନୁକୂଲ୍ୟରେ ଆୟୋଜିତ ଏହି ଉତ୍ସବରେ ଅନୁଷ୍ଠାନର ସଭାପତି ଭୀମସେନ ପ୍ରଧାନ ଅଧ୍ୟକ୍ଷତା କରିଥିଲେ। ବକ୍ସିଙ୍କ ଦାୟାଦ ତଥା ବ୍ରହ୍ମଗିରିର ପୂର୍ବତନ ବିଧାୟକ ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର ମୁଖ୍ୟ ଅତିଥିଭାବେ ଯୋଗଦେଇ କହିଥିଲେ ଯେ, ପାଇକ ବିଦ୍ରୋହର ଦ୍ୱିଶତବାର୍ଷିକୀ ପାଳନ ଅବସରରେ ନୂଆଦିଲୀଠାରେ ପାଇକ ବୀରଙ୍କ ପରିବାରଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ସେହି ସମୟରେ ମୁଁ ମଧ୍ୟ ବକ୍ସିଙ୍କ ଦାୟାଦଭାବେ ସମ୍ମାନିତ ହୋଇଥିଲି। ବକ୍ସି ଜଗବନ୍ଧୁଙ୍କ ବୀରତ୍ୱ ଏବେ ସାରା ଭାରତରେ ଚର୍ଚ୍ଚାର ବିଷୟ। ବରୁଣେଇ ପାଦଦେଶରେ ପ୍ରସ୍ତାବିତ ପାଇକ ସ୍ମାରକୀ ଓଡ଼ିଆ ଜାତିର ଅସ୍ମିତା, ପାଇକବୀରଙ୍କ ବୀରତ୍ୱ, ଶୌର୍ଯ୍ୟର ପ୍ରତୀକ ହେବ। ସାରା ବିଶ୍ୱ ଏହାର ଗୌରବମୟ ଇତିହାସକୁ ଜାଣିବ ବୋଲି ସେ କହିଥିଲେ। ଶିକ୍ଷାବିତ୍ ଡ. ପ୍ରତିଭାମୟୀ ମିତ୍ର ମୁଖ୍ୟବକ୍ତା, କୃଷକ ମୋର୍ଚ୍ଚା ସଭାପତି ସୁରଥ ବିଶ୍ୱାଳ, ଅନୁଷ୍ଠାନର ମୁଖ୍ୟ ସଞ୍ଚାଳକ ଇଂ. ଶିଶିର କୁମାର ନାୟକ, ଶିକ୍ଷାବିତ୍ ପଦ୍ମନାଭ ବିଶ୍ୱାଳ, ଅବସରପ୍ରାପ୍ତ ଚିଫ୍ ଇଞ୍ଜିନିୟର ହବିବୁର ରହେମାନ, ବକ୍ସିଙ୍କ ସହଯୋଗୀ ଡୁମୁଡୁମା ଦଳବେହେରା, ମୀର ହାଇଦର ଅଲ୍ଲୀଙ୍କ ଦାୟାଦ ଅବ୍ଦୁଲ କାଲାମ ଆଜାଦ, ଶିକ୍ଷାବିତ୍ ପ୍ରଭାକର ସାହୁ, ବିଜେବି ହାଇସ୍କୁଲ ପ୍ରଧାନ ଶିକ୍ଷକ ବିଷ୍ଣୁପ୍ରସାଦ ସେନାପତି, ରମଜାନ୍ ଖାଁ, ମୃତ୍ୟୁଞ୍ଜୟ ଛୋଟରାୟ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇ ପାଇକ ବିଦ୍ରୋହରେ ବକ୍ସିଙ୍କ ପ୍ରଭାବଶାଳୀ ନେତୃତ୍ୱ, ପାଇକ ବୀରଙ୍କ ତ୍ୟାଗ, ବଳିଦାନ ସମ୍ପର୍କରେ ଆଲୋକପାତ କରିଥିଲେ। ବରୁଣେଇ ପାହାଡ଼ ଉପରେ ବକ୍ସିଙ୍କ ୧୦୦ଫୁଟ ଉଚ୍ଚର ଏକ ପ୍ରତିମୂର୍ତ୍ତି ନିର୍ମାଣ ପାଇଁ ସ୍ଥିର ହୋଇଥିବା ଇଂ. ଶିଶିର କୁମାର ନାୟକ ସୂଚନା ଦେଇଛନ୍ତି। ବିଜେବି ହାଇସ୍କୁଲର ଏକାଧିକ ଛାତ୍ରୀଛାତ୍ର ବକ୍ସିଙ୍କ ବୀରତ୍ୱ, ପାଇକ ବିଦ୍ରୋହ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅମରେନ୍ଦ୍ର ମହାପାତ୍ର, ବୈଦ୍ୟନାଥ ବରାଳ, ଶକ୍ତି ପ୍ରସାଦ ମହାପାତ୍ର, ମନୋଜ ଦାସ, ଡ. ନିରଞ୍ଜନ ମହାନ୍ତି, ନିରଞ୍ଜନ ସାମନ୍ତସିଂହାର, ଇତିଶ୍ରୀ ସାହୁ, ରାଜେନ୍ଦ୍ର କୁମାର ନରେନ୍ଦ୍ର, ଦେବରାଜ ପ୍ରଧାନ, ଭାଗୀରଥି ମଙ୍ଗରାଜ, ରାମନାରାୟଣ ଦାଶ, ରମେଶ ଚନ୍ଦ୍ର ପାତାଳସିଂହ, ପ୍ରଦୀପ୍ତ କିଶୋର ପଡ଼ିଆରୀ ପ୍ରମୁଖ ଉପସ୍ଥିତ ଥିଲେ। ଅନୁଷ୍ଠାନର ମୁଖ୍ୟ ଉପଦେଷ୍ଟା ସତ୍ୟବାଦୀ ବଳିୟାରସିଂହ ଅତିଥିଙ୍କ ପରିଚୟ ପ୍ରଦାନ କରିଥିବା ବେଳେ ସାଧାରଣ ସମ୍ପାଦକ କୃଷ୍ଣଚନ୍ଦ୍ର ହରିଚନ୍ଦନ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ପୂର୍ବରୁ ସକାଳ ୭ଟାରେ ବିଦ୍ୟାଳୟ ପରିସରରେ ଥିବା ବକ୍ସିଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ସମରେନ୍ଦ୍ର ବଳିୟାରସିଂହ ସଂଯୋଜନା କରିଥିଲେ।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୨୧।୯।୨୦୨୫

| | |
|---|---|
| ୫,୫୭,୦୫୭ ଟଙ୍କା | |
| ସୁନା | ୧୨.୧୪୦ ଗ୍ରାମ୍ |
| ରୁପା | ୪୭୬.୭୦୦ ଗ୍ରାମ୍ |

## ସଂକ୍ଷେପରେ

### ମହାଳୟାରେ ଶ୍ରାଦ୍ଧ ଦେଲେ ଶ୍ରଦ୍ଧାଳୁ

ପୁରୀ,୨୧।୯(ଅଜିତ୍ କୁମାର ମହାନ୍ତି)

ଆଶ୍ୱିନ ଅମାବାସ୍ୟାକୁ ପବିତ୍ର ମହାଳୟା ଭାବେ ବିବେଚନା କରାଯାଏ। ଆଶ୍ୱିନ ପ୍ରତିପଦା ଠାରୁ ଅମାବାସ୍ୟା ପର୍ଯ୍ୟନ୍ତ ୧୫ଦିନ ଧରି ପିତୃପୁରୁଷଙ୍କ ଉଦ୍ଦେଶ୍ୟରେ ଶ୍ରାଦ୍ଧ ଓ ପିଣ୍ଡ ପ୍ରଦାନ କରାଯାଇଥାଏ। ଯେଉଁମାନେ ଏହି ଦିନଗୁଡ଼ିକରେ ପିଣ୍ଡ ଦେଇପାରି ନ ଥାନ୍ତି ସେମାନେ ଏହି ମହାଳୟା ତିଥିରେ ଶ୍ରାଦ୍ଧ ପ୍ରଦାନ କରିଥାନ୍ତି। ଶ୍ରାଦ୍ଧ ପ୍ରଦାନ କରିବା ପାଇଁ ଉକ୍ତ ଦିନଟି ସର୍ବଶ୍ରେଷ୍ଠ ବୋଲି ବିବେଚନା କରାଯାଏ। ପିତୃଗଣଙ୍କୁ ସନ୍ତୁଷ୍ଟିର ପର୍ବ ଭାବେ ମହାଳୟାକୁ ବିବେଚନା କରାଯାଏ। ପିତୃପକ୍ଷରେ ପ୍ରଦାନ କରାଯାଉଥିବା ଶ୍ରାଦ୍ଧକୁ ମଉଳା ଶ୍ରାଦ୍ଧ ବୋଲି କୁହାଯାଏ। ମହାଳୟା ଅବସରରେ ରବିବାର ପୁରୀ ଶ୍ରୀମନ୍ଦିର ନିକଟରେ ପିତୃପୁରୁଷଙ୍କୁ ପିଣ୍ଡଦାନ କରିବାକୁ ଶ୍ରଦ୍ଧାଳୁଙ୍କ ଭିଡ଼ ପରିଲକ୍ଷିତ ହୋଇଥିଲା। ପିତୃପକ୍ଷଙ୍କ ଆତ୍ମାର ସଦ୍‌ଗତି କାମନା କରି ପୁରୀରେ ଶ୍ରଦ୍ଧାଳୁମାନେ ଶ୍ରାଦ୍ଧ ଦେଉଛନ୍ତି। ଆଜିର ଦିନରେ ପିଣ୍ଡଦାନ କଲେ ପିତୃପୁରୁଷଙ୍କୁ ମୋକ୍ଷପ୍ରାପ୍ତି ହେବାର ବିଶ୍ୱାସ ରହିଛି। ଏଥିପାଇଁ ପିତୃପୁରୁଷଙ୍କୁ ଶ୍ରାଦ୍ଧ ଦେବା ନିମନ୍ତେ ଶ୍ରୀକ୍ଷେତ୍ରରେ ଶ୍ରଦ୍ଧାଳୁଙ୍କ ବେଶ୍ ଭିଡ଼ ଲାଗି ରହିଥିଲା। ମହାଳୟା ଅବସରରେ ଶ୍ରଦ୍ଧାଳୁଙ୍କ ଭିଡ଼କୁ ଦୃଷ୍ଟିରେ ରଖି ପୋଲିସ ଓ ଜିଲା ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା।

### 'ଆତ୍ମନିର୍ଭର ଭାରତ ସଂକଳ୍ପ ଅଭିଯାନ' କର୍ମଶାଳା

ପୁରୀ,୨୧।୯(ଅଜିତ୍ କୁମାର ମହାନ୍ତି)

ଜିଲା ଭାଜପା ପକ୍ଷରୁ ସେବା ପକ୍ଷରେ ଜିଲାସ୍ତରୀୟ କର୍ମଶାଳା 'ଆତ୍ମନିର୍ଭର ଭାରତ ସଂକଳ୍ପ ଅଭିଯାନ' ଅନୁଷ୍ଠିତ ହୋଇଯାଇଛି। ଭାରତକୁ ସମୃଦ୍ଧ ଏବଂ ସଶକ୍ତ କରିବା ଦିଗରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଆତ୍ମନିର୍ଭର ଭାରତ ସ୍ୱପ୍ନକୁ ସାକାର କରିବା ଦିଗରେ ଆଲୋଚନା କରାଯାଇଛି। ଆତ୍ମନିର୍ଭର ଭାରତ ଓ ଲୋକଙ୍କ ଭୂମିକା ବିଷୟରେ ଅତି ସୁନ୍ଦର ଭାବେ ଆଲୋଚନା କରାଯାଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ଭାଜପା ରାଜ୍ୟ ଉପ ସଭାପତି ପ୍ରବକ୍ତା ବିରଞ୍ଚି ନାରାୟଣ ତ୍ରିପାଠୀ, ପୁରୀ ଜିଲାର ପୂର୍ବତନ ସଭାପତି ପ୍ରଭଞ୍ଜନ ମହାପାତ୍ର, ରଞ୍ଜିତା ପାଢ଼ୀ, ରାଜ୍ୟ ପଦାଧିକାରୀ ହିତେଶ ମହାପାତ୍ର, ଆଲୋକ କୁମାର ମହାନ୍ତି, ସୋମନାଥ ସେଠୀ, ବିଷ୍ଣୁ ଚରଣ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଜିଲା ସଭାପତି ଡ. ଦେବେନ୍ଦ୍ର ନାଥ ତରେଇ ସଭା ପରିଚାଳନା କରିଥିଲେ। ପୁରୀ ଜିଲାର କିଛି ମଣ୍ଡଳ ସଭାପତି ଓ ମଣ୍ଡଳ ଟୋଲିର ପ୍ରମୁଖ ସହ ପ୍ରମୁଖ ଯୋଗଦେଇଥିଲେ। ଏହି ଟୋଲି ପ୍ରମୁଖ ସହଯୋଗୀ ବିଷ୍ଣୁ ଚରଣ ବେହେରା ଧନ୍ୟବାଦ ଦେଇଥିଲେ।

### ୨୦୦ ବଉଳ ଚାରାରୋପଣ

ପୁରୀ,୨୧।୯(ଅଜିତ୍ କୁମାର ମହାନ୍ତି)

ଶ୍ରୀ ଶ୍ରୀକ୍ଷେତ୍ର ସୂଚନା, ପୁରୀ ଦ୍ୱାରା ଆୟୋଜିତ ଓ ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ ସହଭାଗିତାରେ ୨୦୦ ବଉଳ ଚାରା ରୋପଣ କରାଯାଇଛି। ଏହି ପ୍ରୟାସ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦିବ୍ୟ ପରମ୍ପରା ସହ ଗଭୀର ଭାବେ ଜଡ଼ିତ ଓ ବଉଳ ଗଛର ଅପାର ଆଧ୍ୟାତ୍ମିକ ଗୁରୁତ୍ୱ ରହିଛି, କାରଣ ଏହାର କାଠ ମହାପ୍ରଭୁଙ୍କ ସେନାପଟା ଏବଂ ବାହୁଟ ନିର୍ମାଣରେ ବ୍ୟବହୃତ ହୁଏ। ଅଧ୍ୟକ୍ଷ ପ୍ରଫେସର ହରେକୃଷ୍ଣ ଶତପଥୀଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥି ଭାବେ ଏମ୍‌ପି ସମ୍ବିତ୍ ପାତ୍ର ଓ ଅନ୍ୟତମ ଅତିଥିଭାବେ ପୂର୍ବତନ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ, କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ ସଦାଶିବ ପରିସରର ନିର୍ଦ୍ଦେଶକ ପ୍ରଭାତ ମହାପାତ୍ର, ଶ୍ରୀମନ୍ଦିର ପରିଚାଳନା କମିଟି ସଦସ୍ୟ ବରିଷ୍ଠ ସେବାୟତ ଜଗନ୍ନାଥ ପୂଜାପଣ୍ଡା ସାମନ୍ତ, ଡ. ସିଦ୍ଧେଶ୍ୱର ମହାପାତ୍ର, ମହନ୍ତ ରଘୁବୀର ଦାସ ମହାରାଜ, ବିଶ୍ୱବିଦ୍ୟାଳୟ କୁଳସଚିବ ପ୍ରଜ୍ଞାଶ୍ରୀ ପ୍ରିୟମ୍ବଦା, ଗବେଷକ ଡ. ଭାସ୍କର ମିଶ୍ର, ରଥ ପର୍ଯ୍ୟବେକ୍ଷକ ସୁଦର୍ଶନ ମେକାପ ଓ ଭୋଇ ସର୍ଦ୍ଦାର ରବି ଭୋଇ ପ୍ରମୁଖ ଅତିଥି ଉପସ୍ଥିତ ଥିଲେ।

# ଯୁବବର୍ଗ ବିକଶିତ ଭାରତର ସମ୍ବଳ

## ସାଂସଦ ଖେଳ ମହୋତ୍ସବର ଶୁଭାରମ୍ଭ

ପୁରୀ,୨୧।୯(ଅଜିତ୍ କୁମାର ମହାନ୍ତି)



ସାଂସଦ ଖେଳ ମହୋତ୍ସବକୁ ଏମ୍‌ପି ସମ୍ବିତ୍ ପାତ୍ର ଓ ଅନ୍ୟ ଅତିଥିମାନେ ପତାକା ଦେଖାଇ ଶୁଭାରମ୍ଭ କରୁଛନ୍ତି ।

ଯୁବବର୍ଗ ବିକଶିତ ଭାରତର ସମ୍ବଳ। ସେମାନେ ସୁସ୍ଥ ରହିଲେ ଦେଶର ଭବିଷ୍ୟତ ସୁରକ୍ଷିତ ରହିପାରିବ। ଏହି ବାର୍ତ୍ତା ନେଇ ରବିବାରଠାରୁ ସାଂସଦ ଖେଳ ମହୋତ୍ସବ ଆରମ୍ଭ ହୋଇଛି। ପ୍ରତ୍ୟୁଷରୁ ତାଳବଣିଆ ସ୍ପୋର୍ଟ୍ସ କମ୍ପ୍ଲେକ୍ସଠାରୁ ଏକ ଗଣଦୌଡ଼ ଅନୁଷ୍ଠିତ ହୋଇଥିଲା। ପୁରୀ ଏମ୍‌ପି ଡା. ସମ୍ବିତ ପାତ୍ର ଏହାକୁ ଉଦ୍‌ଘାଟନ କରିବା ସହ ଯୁବବର୍ଗଙ୍କ ସୁସ୍ଥତା ଅତ୍ୟନ୍ତ ଜରୁରୀ ବୋଲି କହିଥିଲେ। ସେଥିପାଇଁ ପ୍ରଧାନମନ୍ତ୍ରୀଙ୍କ ପରାମର୍ଶକ୍ରମେ ଯୁବବର୍ଗଙ୍କ ପାଇଁ ରବିବାରଠାରୁ ୨୫ ଡିସେମ୍ବର ପର୍ଯ୍ୟନ୍ତ ଯୁବଶକ୍ତିର ଉତ୍ସବ ନାମରେ ସାଂସଦ ଖେଳ ମହୋତ୍ସବର ଆୟୋଜନ କରାଯାଇଛି। ପିଲାଙ୍କ ମଧ୍ୟରେ ଥିବା ବିବିଧ କ୍ରୀଡ଼ା ପ୍ରତିଭାର ବିକାଶ ଓ ସେମାନଙ୍କୁ ପରିଚୟ ଦେବାରେ ଏହା ସହାୟକ ହେବ ବୋଲି ଡା. ପାତ୍ର କହିଥିଲେ। ଏହି ମହୋତ୍ସବରେ ଭଲିବଲ, କବାଡ଼ି, ୧୦୦ ମିଟର ଦୌଡ଼, ଲଙ୍ଗ ଜମ୍ପ, ହାଇ ଜମ୍ପ, କ୍ରିକେଟ, ମାଲଖମ୍ବ, କୁସ୍ତି ଭଳି ୮ଟି କ୍ରୀଡା ସାମିଲ ଅଛି। ପୁରୀ ସଂସଦୀୟ କ୍ଷେତ୍ରରେ ବର୍ତ୍ତମାନ ସୁଦ୍ଧା ସାଂସଦ ଖେଳ ମହୋତ୍ସବ ପାଇଁ ଏହି ୮ଟି ବର୍ଗ ଲାଗି ୫୨ ହଜାରରୁ ଊର୍ଦ୍ଧ୍ୱ ପିଲା ସ୍ୱେଚ୍ଛାକୃତ ଭାବେ ପଞ୍ଜୀକରଣ କରିଛନ୍ତି, ଯାହା ଏକ ରେକର୍ଡ ବୋଲି ସାଂସଦ ସୂଚନା ଦେବା ସହ ମହୋତ୍ସବର ସଫଳ କାମନା କରିଥିଲେ। ଏହି ଅବସରରେ ଯୁବବର୍ଗ ନିଶାଠାରୁ ଦୂରେଇ ରହିବାକୁ ଜିଲା ଅବକାରୀ କାର୍ଯ୍ୟାଳୟ ପକ୍ଷରୁ ଗଣଦୌଡ ମାଧ୍ୟମରେ ସଚେତନତା ବାର୍ତ୍ତା ଦିଆଯାଇଥିଲା। ଏହି ଗଣଦୌଡ଼ ତାଳବଣିଆ ସ୍ପୋର୍ଟ୍ସ କମ୍ପ୍ଲେକ୍ସରୁ ବାହାରି ହେଲିପ୍ୟାଡ୍ ଛକ, ସେଣ୍ଟ୍ରାଲ ସ୍କୁଲ ଛକ, ଭୂଦାନ ଛକ, ପମ୍ପହାଉସ ଛକ ଦେଇ ସ୍ପୋର୍ଟ୍ସ କମ୍ପ୍ଲେକ୍ସରେ ପହଞ୍ଚି ଥିଲେ। କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ (ପ୍ରଶାସନ) ଶରତ ଚନ୍ଦ୍ର ବେହେରା, ଜିଲା କ୍ରୀଡ଼ା ଅଧିକାରୀ ଚନ୍ଦନ କୁମାର ସାହୁ, ସୂଚନା ଓ ଲୋକସମ୍ପର୍କ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ଅବକାରୀ ଅଧୀକ୍ଷକ ଜଗଦୀଶ ସାମଲ, କ୍ରୀଡ଼ା ସଂସଦର ପୂର୍ବତନ ସମ୍ପାଦକ ରବି ଶଙ୍କର ପ୍ରତିହାରୀ, ଅତିରିକ୍ତ ଜିଲା ଶିକ୍ଷାଧିକାରୀ ହିମାଂଶୁ ଭୂଷଣ ସମରଥ, ଶିକ୍ଷା କାର୍ଯ୍ୟାଳୟର ଶାରୀରିକ ଶିକ୍ଷାଧିକାରୀ ମହେନ୍ଦ୍ର କୁମାର ବିଶ୍ୱାଳ, ପିଇଟି ସୂର୍ଯ୍ୟନାରାୟଣ ଜେନା, ସୁଚିତ୍ର ଖଟୋଇ, ନୀହାର ରଞ୍ଜନ ପଲେଇ, ଡା. ଦେବେନ୍ଦ୍ର ତରାଇ, ଶ୍ରୀମନ୍ଦିର ପରିଚାଳନା କମିଟି ସଦସ୍ୟ ମଧୁସୂଦନ ସିଂହାରୀ, ଉମାକାନ୍ତ ନାୟକ, ରଞ୍ଜିତା ପାଢ଼ୀ, ଦିଗ୍‌ଦର୍ଶନ ପଟ୍ଟନାୟକ, ଜୟନ୍ତ କୁମାର ଦାସ, କ୍ରୀଡ଼ା ଛାତ୍ରାବାସର ଅନ୍ତେବାସୀ ଓ ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ର ଓ ପ୍ରତିଯୋଗୀମାନେ ଅଂଶଗ୍ରହଣ କରିଥିଲେ। ପରେ ଇନ୍‌ଡୋର ହଲରେ ଏମ୍‌ପି ଡା. ପାତ୍ର ଏହି କ୍ରୀଡ଼ାର ଉଦ୍‌ଘାଟନ କରି ପ୍ରତିଯୋଗୀମାନେ ଭଲ ପ୍ରଦର୍ଶନ କରି ଜିଲା ଓ ରାଜ୍ୟର ସୁନାମ ବୃଦ୍ଧିରେ ସହାୟକ ହେବାକୁ ଆହ୍ୱାନ ଦେଇଥିଲେ।




ଦ ବେଲ୍ ଅନୁଷ୍ଠାନ ପକ୍ଷରୁ ସଚେତନତା ଓ ବେଳାଭୂମି ସଫେଇ କରାଯାଉଛି । (ଫଟୋ- ଯଜ୍ଞେଶ୍ୱର ମହାନ୍ତି)

# ଅମାବାସ୍ୟା ନାରାୟଣଙ୍କ ସାଗର ବିଜେ ନୀତି ସମ୍ପନ୍ନ

ପୁରୀ,୨୧।୯(ଅଜିତ୍ କୁମାର ମହାନ୍ତି)

ଅମାବାସ୍ୟା ତିଥିରେ ଶ୍ରୀମନ୍ଦିରରେ ସାଗର ବିଜେ ନୀତି ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଶ୍ରୀମନ୍ଦିର ଅମାବାସ୍ୟା ନାରାୟଣଙ୍କ ସାଗର ବିଜେ ନୀତି ସମ୍ପନ୍ନ ହୋଇଛି। ସକାଳଧୂପ ସମ୍ପନ୍ନ ହୋଇ ପାଣିପଡ଼ିବା ପରେ ଅମାବାସ୍ୟା ନାରାୟଣଙ୍କ ସାଗର ବିଜେ ନୀତି ଆରମ୍ଭ ହୋଇଥିଲା। ମହାଜନ ସେବକମାନେ ଦକ୍ଷିଣୀ ଘରୁ ଚର୍ତୁର୍ଭୁଜ ନାରାୟଣଙ୍କୁ ରତ୍ନସିଂହାସନକୁ ବିଜେ କରିଥିଲେ। ସେଠାରେ ପାଳିଆ ପୂଜାପଣ୍ଡା ସାମନ୍ତ ମହାପ୍ରଭୁଙ୍କ ଶ୍ରୀଅଙ୍ଗ ଲାଗି ଆଜ୍ଞାମାଳ ଆଣି ନାରାୟଣଙ୍କୁ ପ୍ରଦାନ କରିଥିଲେ। ପରେ ମହାଜନ ସେବକ ହାତରେ ନାରାୟଣଙ୍କୁ ନେଇ ବଟବୃକ୍ଷ ମୂଳେ ଥିବା ପାଲିଙ୍କିରେ ବିଜେ କରାଇଥିଲେ। ଘଣ୍ଟ, ଛତା ସହ ବିମାନବଡୁ ସେବକମାନେ ଠାକୁରଙ୍କୁ ବାଲିସାହି ଦେଇ ସ୍ୱର୍ଗଦ୍ୱାର ନିକଟ ବେଳାଭୂମିକୁ ବିଜେ କରିଥିଲେ। ସେଠାରେ ଅମାବାସ୍ୟା ନାରାୟଣ ପହଞ୍ଚିବା ପରେ ପାଳିଆ ଗଡାବଡୁ ସେବକ ରୁପା ପିଙ୍ଗଣରେ ସମୁଦ୍ରରୁ ଜଳ ଆଣି ପୂଜାପଣ୍ଡାଙ୍କୁ ଦେଇଥିଲେ। ପୂଜାପଣ୍ଡା ସାମନ୍ତ ଉକ୍ତ ଜଳକୁ ସଂସ୍କାର କରି ନାରାୟଣଙ୍କୁ ଲାଗି କରିଥିଲେ। ପରେ ସାବତ ନିଯୋଗ ପକ୍ଷରୁ ଠାକୁରଙ୍କ ନିକଟରେ ପଣା ଭୋଗ ମଣୋହି କରାଯାଇଥିଲା । ପରେ ଆରତୀ ଏବଂ ବନ୍ଦାପନା ସମ୍ପନ୍ନ ହେବା ପରେ ଠାକୁରଙ୍କ ବାହୁଡା ବିଜେ ନୀତି ଆରମ୍ଭ ହୋଇଥିଲା। ସେବକମାନେ ପରେ ଠାକୁରଙ୍କୁ ହରଚଣ୍ଡୀ ସାହି ଦେଇ ଶ୍ରୀମନ୍ଦରକୁ ବାହୁଡ଼ା ବିଜେ କରିଥିଲେ। ପରେ ଶ୍ରୀମନ୍ଦିରରେ ଅନ୍ୟାନ୍ୟ ନୀତି ବଢ଼ିଥିଲା।

# ବିଳମ୍ବରେ ଅବଢ଼ା ବାହାରିବା ନେଇ ଅଭିଯୋଗ

ପୁରୀ,୨୧।୯(ଅଜିତ୍ କୁମାର ମହାନ୍ତି)

ମହାଳୟା ଅବସରରେ ପିତୃପୁରୁଷଙ୍କ ଶ୍ରାଦ୍ଧ ଉଦ୍ଦେଶ୍ୟରେ ରବିବାର ପୁରୀରେ ଶ୍ରଦ୍ଧାଳୁଙ୍କ ପ୍ରବଳ ଭିଡ଼ ପରିଲକ୍ଷିତ ହୋଇଥିଲା। ତେବେ ମହାଳୟାରେ ବିଳମ୍ବରେ ମହାପ୍ରସାଦ ବାହାରିଥିବା ନେଇ ଅଭିଯୋଗ ହୋଇଛି। ଫଳରେ ଠିକ୍ ସମୟରେ ଭକ୍ତମାନେ ମହାପ୍ରସାଦ ନ ପାଇ ଫେରିଛନ୍ତି। ନୀତି ବହୁଳ ସାଙ୍ଗକୁ ଜଣେ ସେବକ ଯାତ୍ରୀ ନେଇ ଦର୍ଶନ କରାଇବା ଯୋଗୁ ଭୋଗ ବିଳମ୍ବ ହୋଇଥିଲା। ଅପରାହ୍ନ ୪ଟା ପରେ ମହାପ୍ରସାଦ ବହାରିବାରୁ ବହୁ ଭକ୍ତ ଅବଢ଼ା ପାଇବାରୁ ବଞ୍ଚିତ ହୋଇଛନ୍ତି। ଏଥିସହ ଅବଢ଼ାରେ ଲକ୍ଷାଧିକ ଟଙ୍କା କ୍ଷତି ସହିଥିବା ଜଣାପଡ଼ିଛି। ମହାପ୍ରସାଦ ବିଳମ୍ବରେ ବାହାରି ନେଇ ଜଣେ ବରିଷ୍ଠ ସେବାୟତ ସୂଚନା ଦେଇ କହିଛନ୍ତି, ରବିବାର ଶ୍ରୀମନ୍ଦିରରେ ମହାଳୟା ଅମାବାସ୍ୟା, ଅମାବାସ୍ୟା ନାରାୟଣଙ୍କ ସାଗର ବିଜେ, ଦୁର୍ଗାମାଧବ ଉପାସନା ଭଳି ସ୍ୱତନ୍ତ୍ର ନୀତିକାନ୍ତି ରହିଥିଲା। ଏହାସତ୍ତ୍ୱେ ଜଣେ ସେବକ ଜିଦ୍ କରି ଯାତ୍ରୀଙ୍କୁ ଦର୍ଶନ କରାଇବାକୁ ନେବାରୁ ନୀତିକାନ୍ତିରେ ଆହୁରି ବିଳମ୍ବ ହୋଇଥିଲା। ଜଣେ ସେବକଙ୍କ କହିବା ମୁତାବକ, ସେବାୟତଙ୍କୁ ନେଇ ପୂର୍ବରୁ ବୈଠକ ବସି କେଉଁ ସେବାୟତ କେତେଜଣ ଯାତ୍ରୀଙ୍କୁ ନେଇ ଯାଉଛନ୍ତି ସେନେଇ ପ୍ରବେଶ ପଥରେ ଦସ୍ତଖତ କରିବାକୁ ନିଷ୍ପତ୍ତି ହୋଇଥିଲା। କିନ୍ତୁ ସମ୍ପୃକ୍ତ ସେବାୟତ ତାଙ୍କର ପାଳି ନ ଥିବାରୁ ଦସ୍ତଖତ କରିବେ ନାହିଁ ବୋଲି କହିଥିଲେ। ଏଣେ ନୀତି ବିଳମ୍ବ ଯୋଗୁ ଲକ୍ଷାଧିକ ଟଙ୍କାର ମହାପ୍ରସାଦ ବଳି ପଡ଼ିଥିଲା ଏବଂ ବହୁ ଭକ୍ତ ଅବଢ଼ା ନ ପାଇ ନିରାଶରେ ଫେରିବାକୁ ବାଧ ହୋଇଥିଲେ।

## ତୃଣମୂଳସ୍ତରରୁ ଦଳକୁ ମଜଭୁତ କରିବାକୁ ଆହ୍ୱାନ

ଡେଲାଙ୍ଗ,୨୧।୯(ରଶ୍ମିରଞ୍ଜନ ପ୍ରଧାନ)

ଡେଲାଙ୍ଗ ବ୍ଲକର ଅରିସଲ ସ୍ଥିତ କଲ୍ୟାଣମଣ୍ଡପ ଠାରେ କଂଗ୍ରେସର ସାଙ୍ଗଠନିକ ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ବ୍ଲକ କଂଗ୍ରେସ ସଂଯୋଜକ ନିର୍ମଳ ପରିଡ଼ାଙ୍କ ନେତୃତ୍ୱରେ କଂଗ୍ରେସ ନେତା ବିଶ୍ୱକେଷନ ହରିଚନ୍ଦନ ମହାପାତ୍ର, ଗୁଣନିଧି ପ୍ରଧାନ, ପ୍ରାକ୍ତନ ଛାତ୍ର ସଭାପତି ଉଦିତ୍ ପ୍ରଧାନ, ଜିଲା କଂଗ୍ରେସ ସଂଯୋଜକ ରାକେଶ ମିଶ୍ର, ପୁରୀ ନଗର ସଭାପତି ଅମରେନ୍ଦ୍ର ପାଇକରାୟ, ଜିତୁ ପ୍ରକାଶ ପରିଡ଼ା, ଅନ୍ତର୍ଯ୍ୟାମୀ ଦୀକ୍ଷିତ, କ୍ଷେତ୍ରମୋହନ ସାହୁ, ଜବାହାରଲାଲ୍ ବିଶ୍ୱାଳ, ସନ୍ତୋଷ ପଣ୍ଡା, ପ୍ରହ୍ଲାଦ ପ୍ରଧାନ ପ୍ରମୁଖଙ୍କ ସମେତ ଶତାଧିକ କଂଗ୍ରେସ କର୍ମୀ ଏକାଠି ହୋଇ ସାମ୍ପ୍ରତିକ ରାଜନୈତିକ ସ୍ଥିତି ଓ ସରକାରଙ୍କ ଜନ ବିରୋଧୀ କାର୍ଯ୍ୟଧାରା ସମ୍ପର୍କରେ ଆଲୋଚନା କରିଥିଲେ। ଆଗାମୀ ଦିନରେ ଦଳକୁ ମଜଭୁତ କରିବା ପାଇଁ ବିଭିନ୍ନ କୌଶଳ ସମ୍ପର୍କରେ ଆଲୋଚନା ହୋଇଥିଲା। ପଞ୍ଚାୟତସ୍ତରରୁ ଦଳକୁ ମଜଭୁତ କରିବା ନେଇ ବିସ୍ତୃତ ଆଲୋଚନା କରାଯାଇଥିଲା।

## ଚନ୍ଦ୍ରଭାଗାଠାରେ ସଫେଇ, ସଚେତନତା କାର୍ଯ୍ୟକ୍ରମ

କୋଣାର୍କ,୨୧।୯(ଜ୍ୟୋତିରାଜ ମହାନ୍ତି)

ଚନ୍ଦ୍ରଭାଗାସ୍ଥିତ ବେଳାଭୂମି ଠାରେ ରବିବାର ପୂର୍ବାହ୍ନରେ ଅନ୍ତର୍ଜାତୀୟ ବେଳାଭୂମି ସଫେଇ ଦିବସ ପାଳନ ଅବସରରେ ଭୁବନେଶ୍ୱରସ୍ଥିତ ଘରୋଇ ଇଞ୍ଜିନିୟରିଂ କଲେଜ ଏନ୍.ଏମ ଇନଷ୍ଟିଚ୍ୟୁଟ୍ ଅଫ୍ ପ୍ରଫେସନାଲ ଷ୍ଟଡିଜ୍ ପକ୍ଷରୁ ବେଳାଭୂମି ସଫେଇ କାର୍ଯ୍ୟକ୍ରମ ଓ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଭୁବନେଶ୍ୱର ଏନ.ଏମ ଘରୋଇ ଇଞ୍ଜିନିୟରିଂ କଲେଜର ଅଧ୍ୟକ୍ଷ ଜୀବନ ଦର୍ଶନ ପରିଡ଼ାଙ୍କ ନେତୃତ୍ୱରେ ୧୦୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଏକ ଶୋଭାଯାତ୍ରାରେ ବାହାରି ସ୍ୱଚ୍ଛ ବେଳାଭୂମି, ସବୁଜ ବେଳାଭୂମିର ସ୍ଲୋଗାନ ଦେଇ ସଚେତନତା ସୃଷ୍ଟି କରିଥିଲେ। ପରେ ପରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ଚନ୍ଦ୍ରଭାଗା ବେଳାଭୂମି ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପ୍ରଦୂଷଣ ମୁକ୍ତ, ପ୍ଲାଷ୍ଟିକ ମୁକ୍ତ ଓ ଆବର୍ଜନାମୁକ୍ତ ଚନ୍ଦ୍ରଭାଗା ବେଳାଭୂମି ଗଠନ କରି ପରିବେଶକୁ ସୁସ୍ଥ ଓ ସୁନ୍ଦର ଭାବେ ଗଢି ତୋଳିବାର ଆଭିମୁଖ୍ୟ ନେଇ ଏନ.ଏମ କଲେଜର ଛାତ୍ରୀଛାତ୍ରମାନେ ସାମୂହିକ ଶପଥ ପାଠ କରିଥିଲେ।

# ଆଜିଠୁ ନବରାତ୍ର ପୂଜା ଆରମ୍ଭ

କାକଟପୁର/ଅସ୍ତରଙ୍ଗ,୨୧।୯
(ଶୁଭଦର୍ଶନ ମିଶ୍ର/ପ୍ରଦୀପ୍ତ କୁମାର ଦୀକ୍ଷିତ)

## ଚଳଚଞ୍ଚଳ ଶକ୍ତିପୀଠ ସମେତ ମା'ମଙ୍ଗଳାଙ୍କ ପୀଠ



ଶକ୍ତିପୀଠରେ ଆଜିଠାରୁ ମା'ଙ୍କର ଶାରଦୀୟ ନବରାତ୍ର ପୂଜା ଆରମ୍ଭ ହେବାକୁ ଯାଉଛି। କାକଟପୁର ଅଧିଷ୍ଠାତ୍ରୀ ଦେବୀ ମା' ମଙ୍ଗଳାଙ୍କ ପୀଠରେ ଷୋଡ଼ଶ ଉପଚାର ପୂଜା ଆରମ୍ଭ ହୋଇ ସାରିଥିବାବେଳେ ସୋମବାରଠାରୁ ନବରାତ୍ର ପୂଜା ଆରମ୍ଭ ହେବ। ନିଶାର୍ଦ୍ଧରେ ମା'ଙ୍କୁ ବିଭିନ୍ନ ରୂପରେ ପୂଜାର୍ଚ୍ଚନା କରାଯିବ। ଏଥିପାଇଁ ସ୍ୱତନ୍ତ୍ର ପୂଜାର୍ଚ୍ଚନା ବିଧି ମଧ୍ୟ ରହିଛି। ମା' ଶକ୍ତିଙ୍କ ନବରାତ୍ର ପୂଜାର୍ଚ୍ଚନା ଆରମ୍ଭ ହୋଇଥିବା ବେଳେ ପ୍ରଥମ ରାତ୍ରିରେ ମା' ଶୈଳପୁତ୍ରୀ ଭାବେ ପୂଜା ପାଇବେ। ସୋମବାର ନବରାତ୍ରର ପ୍ରତିପଦ (ନବ ପତ୍ରିକା)ଠାରୁ ଚତୁର୍ଥୀ ପର୍ଯ୍ୟନ୍ତ ମା'ଙ୍କ ପାଦ ପଦ୍ମଲାଗି, ନାଲିକଲି ବେଶ ଓ କଳା କଲିବେଶ ବେଶ ଅନୁଷ୍ଠିତ ହୋଇଥାଏ। ପଞ୍ଚମୀ ଦିନ ମା'ଙ୍କୁ ତୀର କମାଣ ବେଶ, ଷଷ୍ଠୀ ଦିନ କାତିଖର୍ପର ବେଶ, ସପ୍ତମୀ ଦିନ ସିଂହବାହିନୀ ବେଶ, ଅଷ୍ଟମୀ ଦିନ ମହିଷାମର୍ଦ୍ଦିନୀ ବେଶ ଏବଂ ନବମୀ ଦିନ ମହାସରସ୍ୱତୀ ବେଶରେ ସଜ୍ଜିତ କରାଯାଇ ପୂଜା କରାଯାଇଥାଏ। ମହାଷ୍ଟମୀ ଦିନ ମା'ଙ୍କ ଚଳନ୍ତି ପ୍ରତିମା ରତ୍ନଗିରିରୁ ଫେରି ଜଗତି ପୂଜା ପରେ ଦୁର୍ଗାଙ୍କ ସହିତ ମନ୍ଦିର ଭିତରକୁ ଯାଆନ୍ତି। ମୂଳାଷ୍ଟମୀଠାରୁ ମହାଷ୍ଟମୀ ପର୍ଯ୍ୟନ୍ତ ମନ୍ଦିରରେ ଚଣ୍ଡୀପାଠ କରାଯାଏ। ମହାନବମୀ ଦିନ ମନ୍ଦିରରେ ସ୍ୱତନ୍ତ୍ର ନବମୀ ପୂଜା ହୋଇଥାଏ। ରାତ୍ରି ଧୂପ ପରେ ନବମୀ ହୋମ ହୁଏ। ରାତ୍ରି ଧୂପ ପରେ ମା' ମଙ୍ଗଳାଙ୍କ ସେବାୟତଙ୍କ ପକ୍ଷରୁ ମା'ଙ୍କ ନିକଟରେ ପ୍ରସିଦ୍ଧ ଦହି ପଖାଳ ଭୋଗ ହୁଏ। ମହାଦଶମୀ ବା ଦଶହରା ଦିନ ମନ୍ଦିରରେ ଦୁର୍ଗା ଓ ମା' ମଙ୍ଗଳାଙ୍କ ଚଳନ୍ତି ପ୍ରତିମା ଏକ ଖଟୁଲିରେ ଉତ୍ତରମୁଖା ହୋଇ ଜଗମୋହନରେ ବସନ୍ତି। ନବରାତ୍ରି ସମୟରେ ଶ୍ରଦ୍ଧାଳୁଙ୍କ ଭିଡ଼କୁ ଦୃଷ୍ଟିରଖି ମନ୍ଦିର ପ୍ରଶାସନ ତରଫରୁ ଭକ୍ତମାନଙ୍କ ଶୃଙ୍ଖଳିତ ଦର୍ଶନ ପାଇଁ ସମସ୍ତ ବ୍ୟବସ୍ଥା କରାଯାଇଛି।

# ମିଶନ ଶକ୍ତିର ୨ ମହିଳାଙ୍କୁ ବିଡିଓ, ବିପିଏମ୍‌ଙ୍କ ଦୁର୍ବ୍ୟବହାର

ନିମାପଡ଼ା,୨୧।୯(ବିଚିତ୍ରାନନ୍ଦ ସାହୁ)

## ଉଭୟଙ୍କ ବିରୋଧରେ ଥାନାରେ ମାମଲା ରୁଜୁ

ନିମାପଡ଼ା ବ୍ଲକର ୨ ଜଣ ମିଶନ ଶକ୍ତି ମହିଳା ତରଡ଼ାପଡ଼ା ଗ୍ରାମର ଜୟନ୍ତୀ ସେଠୀ ଓ ଚଢେଇଗାଁ ଗ୍ରାମର ଖୁଲଣା ଭୋଇ ପ୍ରମୁଖ ଗତ ୧୮ରେ କୌଣସି କାର୍ଯ୍ୟରେ ବ୍ଲକ କାର୍ଯ୍ୟାଳୟକୁ ଆସିଥିଲେ। ହେଲେ କାର୍ଯ୍ୟାଳୟ ପରିସରରେ ବିଡିଓ ଡ. ଅଭିଜିତ ଷଡ଼ଙ୍ଗୀ ଓ ବିପିଏମ୍ ମୋନାଲିସା ତ୍ରିପାଠୀ ହଠାତ୍ ଉତ୍ତକ୍ଷିପ୍ତ ହୋଇ ଉପରୋକ୍ତ ୨ ମିଶନ ଶକ୍ତିର ମହିଳାଙ୍କୁ ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ କରିବା ସହ ଧମକଚମକ ଦେଇ ଜାତିଆଣ ଆକ୍ଷେପ କରି ଦୁର୍ବ୍ୟବହାର ପ୍ରଦର୍ଶନ କରିଥିଲେ। ଏ ସମ୍ପର୍କରେ ମିଶନ ଶକ୍ତିର ମହିଳା ଜୟନ୍ତୀ ସେଠୀ ଓ ଖୁଲଣା ଭୋଇ ପ୍ରମୁଖ ରବିବାର ଶତାଧିକ ମିଶନ ଶକ୍ତି ମହିଳାଙ୍କ ଗହଣରେ ନିମାପଡ଼ା ଥାନାକୁ ଆସି ବିଡିଓ ଓ ବିପିଏମ୍‌ଙ୍କ ବିରୋଧରେ ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତ୍ତିକରି ପୋଲିସ ଏ ସମ୍ପର୍କରେ ବିଡିଓ ଓ ବିପିଏମ୍‌ଙ୍କ ବିରୋଧରେ ସଙ୍ଗୀନ ଦଫାରେ କେସ୍ ନମ୍ବର ୨୯୭/୨୫ରେ ଏକ ମାମଲା ରୁଜୁକରି ଘଟଣାର ତଦନ୍ତ ଚଳାଇଛନ୍ତି।

ଏ ସମ୍ପର୍କରେ ବିଡିଓ ଅଭିଜିତ୍ ଷଡ଼ଙ୍ଗୀ କହିଛନ୍ତି, ମିଶନ ଶକ୍ତିର କୌଣସି ମହିଳାଙ୍କୁ ଦୁର୍ବ୍ୟବହାର, ଗାଳିଗୁଲଜ କରିନାହିଁ କି, ଜାତିଆଣ ଆକ୍ଷେପ କରି କିଛି କହିନାହିଁ କି ଧମକ ଚମକ ଦେଇନାହିଁ। ମହିଳାମାନେ ମୋ' ବିରୋଧରେ ଯାହା ଅଭିଯୋଗ କରିଛନ୍ତି, ତାହା ସମ୍ପୂର୍ଣ୍ଣ ମିଥ୍ୟା ଓ ଭିତ୍ତିହୀନ ବୋଲି ସେ କହିଛନ୍ତି। ସେହିପରି ବିପିଏମ୍ ମୋନାଲିସା ତ୍ରିପାଠୀଙ୍କୁ ପଚାରିବାରେ କହିଛନ୍ତି, ମିଶନ ଶକ୍ତିର କୌଣସି ମହିଳାଙ୍କୁ କେବେ ବି ଦୁର୍ବ୍ୟବହାର କରିନାହିଁ କି ଗାଳିଗୁଲଜ କରିନାହିଁ କି ଜାତିଆଣ ଆକ୍ଷେପ କରିନାହିଁ। ମହିଳାମାନେ ମୋ ବିରୋଧରେ ଯାହା ଅଭିଯୋଗ କରିଛନ୍ତି ତାହା ସମ୍ପୂର୍ଣ୍ଣ ମିଥ୍ୟା, କପୋଳକଳ୍ପିତ, ଭିତ୍ତିହୀନ ବୋଲି ସେ କହିଛନ୍ତି।

# ଡେଲାଙ୍ଗ ଡିଷ୍ଟ୍ରିବ୍ୟୁଟାରି କେନାଲ ବନ୍ଧରେ ୪୦ ଫୁଟର ଘାଇ

ପିପିଲି,୨୧।୯(ପ୍ରଭାତ କୁମାର ମହାପାତ୍ର/ଦୁର୍ଗାମାଧବ ମିଶ୍ର)

ଡେଲାଙ୍ଗ ଡିଷ୍ଟ୍ରିବ୍ୟୁଟାରି କେନାଲ ବନ୍ଧରେ ପୁଣି ଘାଇ ସୃଷ୍ଟି ହୋଇଛି। ପିପିଲି ପୌରାଞ୍ଚଳ ଜୟପୁର ଶାସନ ଚୁଙ୍ଗୁଡ଼ିଆକଣ ସାହି ନିକଟ କେନାଲ ବନ୍ଧରେ ୪୦ ଫୁଟର ଘାଇ ହୋଇଥିବା ଦେଖିବାକୁ ମିଳିଛି। ଫଳରେ ଚୁଙ୍ଗୁଡ଼ିଆକଣ ସାହି କେନାଲ ପାଣିରେ ଜଳବନ୍ଦୀ ହୋଇଥିଲା। ପୂର୍ବରୁ ଉକ୍ତ କେନାଲ ବନ୍ଧରେ ଛୋଟ ଘଳିଆ ପଡ଼ିଥିବା ନେଇ ବିଭାଗୀୟ ଅଧିକାରୀଙ୍କୁ ଗ୍ରାମବାସୀ ଅଭିଯୋଗ କରିଥିଲେ। ବିଭାଗୀୟ ଅଧିକାରୀ ଘଟଣା ଉପରେ ଗୁରୁତ୍ୱ ଦେଇ ଶନିବାର ଉକ୍ତ ଘଳିଆ ମରାମତି କରିଥିଲେ ବୋଲି ବିଭାଗୀୟ ଯନ୍ତ୍ରୀ ତନ୍ମୟ ବେହେରା କହିଛନ୍ତି। ତେବେ ଘଳିଆ ମରାମତି ହେବା ପରେ ବି କୌଣସି ତ୍ରୁଟି ଯୋଗୁ ଶନିବାର ରାତି ୮ଟାରେ ହଠାତ୍ ଉକ୍ତ ସ୍ଥାନରେ ୪୦ ଫୁଟର ଘାଇ ସୃଷ୍ଟି ହୋଇଥିଲା। ଫଳରେ ଚୁଙ୍ଗୁଡ଼ିଆକଣ ସାହିବାସିନ୍ଦା ଭୟଭୀତରେ ଥିବାବେଳେ ସାହିରେ କୃତ୍ରିମ ବନ୍ୟା ସୃଷ୍ଟି ହୋଇଛି। କାଉନ୍‌ସିଲର କବିରାଜ ବରାଳ ପହଞ୍ଚି ସାହିବାସିନ୍ଦାଙ୍କୁ ଉଦ୍ଧାର କରିବା ପାଇଁ ପ୍ରଚେଷ୍ଟା ଜାରି ରଖିବା ସହ ବିଭାଗୀୟ ଅଧିକାରୀ ବିଚିତ୍ରାନନ୍ଦ ମାଝୀଙ୍କୁ ଫୋନ୍ କରି ସମସ୍ୟା ସମ୍ପର୍କରେ ଜଣାଇଥିଲେ। ବିଭାଗୀୟ ଅଧିକାରୀ ମାଝୀ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନେଇ ଉପର ମୁଣ୍ଡରେ କେନାଲ ପାଣିକୁ ବନ୍ଦ କରିଥିଲେ। ରବିବାର ସକାଳୁ ଜଳସ୍ତର କମି ସ୍ଥିତି ନିୟନ୍ତ୍ରଣ ହୋଇଥିଲା। ଘାଇ ପାଣି ସ୍ରୋତରେ ଗ୍ରାମର ବିଦ୍ୟୁତ୍ ଖୁଣ୍ଟ ଭାଙ୍ଗି ଯାଇଥିବା ବେଳେ ବିଦ୍ୟୁତ ସରବରାହ ବନ୍ଦ ରହିଛି। ସମସ୍ତ ସମସ୍ୟାକୁ ତୁରନ୍ତ ସମାଧାନ ପାଇଁ ଗ୍ରାମବାସୀ ଦାବି କରିଥିବା ବେଳେ କେନାଲ ବନ୍ଧର ପୁନରୁଦ୍ଧାର କାର୍ଯ୍ୟ ତୁରନ୍ତ ସାରିବା ପାଇଁ ଅନୁରୋଧ କରିଛନ୍ତି।

# ବିଶ୍ୱ ଶାନ୍ତି ଦିବସ ପାଳନ

ପୁରୀ,୨୧।୯(ଅଜିତ୍ କୁମାର ମହାନ୍ତି)

ସଂକଳ୍ପ ଫାଉଣ୍ଡେଶନ ଟ୍ରଷ୍ଟ ପକ୍ଷରୁ ଟ୍ରଷ୍ଟର ଅଧ୍ୟକ୍ଷା ସୁଚରିତା ପାଢ଼ୀଙ୍କ ଅଧ୍ୟକ୍ଷତାରେ ଅନ୍ତର୍ଜାତୀୟ ବିଶ୍ୱଶାନ୍ତି ଦିବସ ବିଭିନ୍ନ କାର୍ଯ୍ୟକ୍ରମ ମଧ୍ୟରେ ପାଳନ କରାଯାଇଛି। ଅନୁଷ୍ଠାନ ତରଫରୁ ମଙ୍ଗଳାଘାଟ ବ୍ରିଜ୍ ନିକଟ ବାଲିକପିଳେଶ୍ୱର ମନ୍ଦିର ପ୍ରାଙ୍ଗଣରେ ସମୂହ ଦୀପଦାନ ସହିତ ଗୀତା ପଠନ କରାଯାଇ ଶାନ୍ତିର ବାର୍ତ୍ତା ପ୍ରଚାର କରାଯାଇଥିଲା। ଏଥିରେ ଆଧାତ୍ମିକବିତ୍ ବୀରଅନନ୍ତ ପଣ୍ଡା, ପୁଷ୍ପିତା ପଟ୍ଟନାୟକ, ଡ. ଶଶିକାନ୍ତ ରଥ, ହରଷ ରାଉତ, ହରିହର ବେହେରା, ନମିତା ନାୟକ, ବାସନ୍ତୀ ସାହୁ ,ଗାୟତ୍ରୀ ବିଶ୍ୱକର୍ମା, ପୂର୍ଣ୍ଣିମା ରଥ ଓ ଜୟନ୍ତୀ ବାରିକ ପ୍ରମୁଖ ଉପସ୍ଥିତ ଥିଲେ।

# ନିଖିଳ ଉତ୍କଳ ଇପିଏଫ୍ ପେନ୍‌ସନର୍ସ ଆସୋସିଏଶନ୍‌ର ବୈଠକ


ପୁରୀ,୨୧।୯(ଅଜିତ୍ କୁମାର ମହାନ୍ତି)

ନିଖିଳ ଉତ୍କଳ ଇପିଏଫ୍ ପେନସନର୍ସ ଆସୋସିଏଶନର ନିର୍ଦ୍ଦେଶକ୍ରମେ ପୁରୀ ଜିଲା ଆସୋସିଏଶନର ଏକ ବୈଠକ ରବିବାର ଆଖଣ୍ଡଳମଣି ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଛି। ଏଥିରେ ପ୍ରାୟ ୨୦ ଜଣ ସଭ୍ୟ ଯୋଗ ଦେଇଥିଲେ। ସଭାରେ ପ୍ରାୟ ୧୦ଟି ବିଭାଗର ଇପିଏଫ୍ ପେନ୍‌ସନ୍‌ଭୋଗୀ ଯୋଗ ଦେଇଥିଲେ। ଭାରତରେ ଥିବା ୮୦ଲକ୍ଷରୁ ଊର୍ଦ୍ଧ୍ୱ ଏବଂ ଓଡ଼ିଶାରେ ପ୍ରାୟ ୨.୫୦ ଲକ୍ଷରୁ ଊର୍ଦ୍ଧ୍ୱ ପେନ୍‌ସନଭୋଗୀ ମାସକୁ ୭୦୦ ଟଙ୍କାରୁ ୨୫୦୦ ଟଙ୍କା ପାଇ ଯେଉଁ ଦୁଃଖଦୁର୍ଦ୍ଦଶାରେ ଦିନ କାଟୁଛନ୍ତି ନ କହିବା ହିଁ ଭଲ। ରାଜ୍ୟ କିମ୍ବା କେନ୍ଦ୍ର ସରକାର ସମସ୍ତେ ବୃଦ୍ଧ ଲୋକମାନଙ୍କୁ ବହୁତ ଅବହେଳା କରୁଛନ୍ତି। ଫଳରେ ବହୁତ ଲୋକ ରୋଗଗ୍ରସ୍ତ ହୋଇ ମରିଯାଉଛନ୍ତି। ଏହି ସଭାକୁ ଅଲ୍ ଓଡ଼ିଶା ନିଖିଳ ଉତ୍କଳ ଇପିଏଫ୍ ପେନସନର୍ସ ଆଶୋସିଏସନର ସାଙ୍ଗଠନିକ ସମ୍ପାଦକ ତଥା ଅଲ୍ ଓଡ଼ିଶା କୋ ଅର୍ଡିନେଟର ଏନ୍‌ଏସିଙ୍କ ଆହ୍ୱାନ କ୍ରମେ ଡକାଯାଇଥିଲା। ଜିଲା ଯୁଗ୍ମ ସମ୍ପାଦକ କମଳ ଲୋଚନ ମହାନ୍ତିଙ୍କ ସଭାପତିତ୍ୱରେ ପରିଚାଳନା କରାଯାଇଥିଲା। ସଭାରେ ଜିଲାର ଆଦାୟ ଖର୍ଚ୍ଚ ଉପରେ ଧ୍ୟାନ ଦିଆଯାଇଥିଲା ଏବଂ ଆଗକୁ କିପରି ସଙ୍ଗଠନ ବୃଦ୍ଧି କରାଯିବ ସେ ଦିଗରେ ବି ସଭ୍ୟମାନଙ୍କ ସହିତ ଆଲୋଚନା କରାଯାଇଥିଲା। ସଭାରେ ଅନ୍ୟମାନଙ୍କ ମଧ୍ୟରେ ପୁରୀ ଜିଲା ସଭାପତି ରଘୁନାଥ ଜେନା, ସହ ସମ୍ପାଦକ ଭୀମସେନ ସାହୁ, ସହ ସଭାପତି ବସନ୍ତ ପରିଡ଼ା, ହରମୋହନ ସେନାପତି, ବିଜୟ କୁମାର ସୁବୁଦ୍ଧି, ଶ୍ୟାମସୁନ୍ଦର ମୁଦୁଲି, ଲଡୁକେଶ୍ୱର ପାତ୍ର, ମନମୋହନ ତ୍ରିପାଠୀ, ପ୍ରସ କୁମାର ପାତ୍ର, ଧୀରେନ କୁମାର ତେଜ୍, ସୋମନାଥ ସାହୁ ଓ ପୀତବାସ ମିଶ୍ର ପ୍ରମୁଖ ସଭ୍ୟ ଯୋଗ ଦେଇଥିଲେ।

# ବ୍ଲକ ପରିସରରେ ନାହିଁ ଶୌଚାଳୟ ବ୍ୟବସ୍ଥା

ଗୋପ,୨୧।୯(ଭାରତୀ ଭୂଷଣ ଉପାଧ୍ୟାୟ)

- ହିନସ୍ତା ହେଉଛନ୍ତି ମହିଳା ଲୋକପ୍ରତିନିଧି
- ଗୋପ ବ୍ଲକ୍‌ରେ ଫେଲ୍ ମାରିଛି ସ୍ୱଚ୍ଛ ଭାରତ ଅଭିଯାନ



ପରିତ୍ୟକ୍ତ ଅବସ୍ଥାରେ ଶୌଚାଳୟ ।

କେନ୍ଦ୍ର ଓ ରାଜ୍ୟ ସରକାର ସ୍ୱଚ୍ଛ ଭାରତ ଅଭିଯାନ କାର୍ଯ୍ୟକ୍ରମରେ ସ୍ୱଚ୍ଛତା ଉପରେ ଗୁରୁତ୍ୱ ଦେଇ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିବା ବେଳେ ଗୋପ ବ୍ଲକ ଏହା ଉପରେ ଗୁରୁତ୍ୱ ଦେଉନାହିଁ। ବାସ୍ତବରେ ଏହି ଯୋଜନା ଗୋପ ବ୍ଲକରେ ଫେଲ୍ ମାରିଛି। ବର୍ଷ ବର୍ଷ ଧରି ଗୋପ ବ୍ଲକ ପରିସରରେ ଶୌଚାଳୟ ନ ଥିବାରୁ ଦୈନନ୍ଦିନ ମହିଳା ଲୋକ ପ୍ରତିନିଧିମାନେ ନାନାଦି ହଇରାଣ ହରକତ ହେଉଥିବା ଭଳି ଅଭିଯୋଗ ହୋଇଛି। ଏପରିକି ବାରମ୍ବାର ଲୋକ ପ୍ରତିନିଧିମାନେ ଅଭିଯୋଗ କଲେ ମଧ୍ୟ ସୁଫଳ ମିଳୁନାହିଁ।

ପ୍ରକାଶ ଯେ, ଗୋପ ବ୍ଲକ ଜିଲାର ଏକ ଅଗ୍ରଣୀ ବ୍ଲକ। ଉକ୍ତ ବ୍ଲକ ଅଞ୍ଚଳରେ ସ୍ୱଚ୍ଛ ଭାରତ ଅଭିଯାନ ମାଧ୍ୟମରେ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରାଯାଉଥିବା ସମୟରେ ଏହି ଅର୍ଥ ଖର୍ଚ୍ଚ କିପରି କରାଯାଉଛି ତାହା ଏବେ ତଦନ୍ତ ସାପେକ୍ଷ ହୋଇପଡ଼ିଛି। ଗୋପ ବ୍ଲକର ୩୧ ପଞ୍ଚାୟତରେ ସ୍ୱଚ୍ଛ ଭାରତ ଅଭିଯାନ ମାଧ୍ୟମରେ ୭୦ ହଜାରରୁ ଊର୍ଦ୍ଧ୍ୱ ପାଇଖାନା ନିର୍ମାଣ ହୋଇଥିବା ବେଳେ ଏହା ବାସ୍ତବରେ କାଗଜ କଲମରେ କରାଯାଇ ଲକ୍ଷାଧିକ ଟଙ୍କା ଲୁଟ ହୋଇଥିବା ଜଣାପଡ଼ିଛି। ଦୈନନ୍ଦିନ ଗୋପ ବ୍ଲକକୁ ବିଭିନ୍ନ ସରକାରୀ କାର୍ଯ୍ୟକ୍ରମରେ ଅଧ୍ୟକ୍ଷା ଝୁନୁ ମଲ୍ଲିକଙ୍କ ଠାରୁ ଆରମ୍ଭ କରି ୨୦ରୁ ଊର୍ଦ୍ଧ୍ୱ ମହିଳା ଜନପ୍ରତିନିଧିଙ୍କ ସହିତ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ମହିଳା ଓ ସାଧାରଣ ମହିଳା ଆସିଥାନ୍ତି। ହେଲେ ବ୍ଲକରେ ପୁରୁଣା ଶୌଚାଳୟ ପରିତ୍ୟକ୍ତ ଅବସ୍ଥାରେ ପଡ଼ିଥିବାରୁ ମହିଳାମାନେ ବାହାରେ ପରିସ୍ରା କରୁଛନ୍ତି। ଏଭଳି ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଗୋପ ବ୍ଲକରେ ଅନୁଷ୍ଠିତ ପଞ୍ଚାୟତ ସମିତି ବୈଠକ, ବ୍ଲକ ଜନଶୁଣାଣି ଶିବିର ସହିତ ଅନ୍ୟାନ୍ୟ ବୈଠକରେ ଲୋକ ପ୍ରତିନିଧିମାନେ ଅଭିଯୋଗ କରୁଥିଲେ ମଧ୍ୟ କୌଣସି ସୁଫଳ ମିଳୁ ନ ଥିବା ସରପଞ୍ଚ ଶୀର୍ଷ ରଞ୍ଜନ ନାୟକ, ମୀନା କୁମାରୀ ମହାନ୍ତି, ସୁଲୋଚନା ଦାସ, ଉପେନ୍ଦ୍ର କାନୁନ୍‌ଗୋ, ପ୍ରଭାତ କୁମାର ବେହେରା, ସୁମନ୍ତ କୁମାର ନାୟକ, ବିଶ୍ୱଜିତ ସ୍ୱାଇଁଙ୍କ ସମେତ ଅନ୍ୟ ଲୋକ ପ୍ରତିନିଧିମାନେ ଅଭିଯୋଗ କରିଥିଲେ। ଏନେଇ ବ୍ଲକ ଅଧ୍ୟକ୍ଷା ଝୁନୁ ମଲ୍ଲିକ କହିଛନ୍ତି, ମୁଁ ଅନେକ ଥର ବିଡିଓ, ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଛି। ଏଥିପ୍ରତି ଜିଲାପାଳ ଗୁରୁତ୍ୱ ଦେବାକୁ ଦାବି କରାଯାଇଛି।

**କଟକ ଭାଜପା ଜିଲା ପକ୍ଷରୁ ଜିଏସ୍‌ଟି ଆଲୋଚନାଚକ୍ର**

କଟକ,(ଶିକ୍ଷା ପ୍ରିୟଦର୍ଶିନୀ): ପରିବର୍ତ୍ତିତ ଜିଏସ୍‌ଟି ସାଧାରଣ ଲୋକ ତଥା ଭାରତୀୟ ବ୍ୟାପାରୀ ବର୍ଗଙ୍କୁ କ'ଣ ଲାଭ ଦେବ ସେ ସମ୍ପର୍କରେ ଭାଜପା କଟକ ଜିଲା ପକ୍ଷରୁ ରବିବାର ଏକ ଆଲୋଚନାଚକ୍ର ବାଦାମବାଡିସ୍ଥିତ ଏକ ହୋଟେଲ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଅତିଥି ଭାବେ କଟକ ଏମ୍‌ପି ଭର୍ତ୍ତୃହରି ମହତାବ, ଜିଏସ୍‌ଟି କମିଶନର ଦେବାଶିଷ ସାହୁ, ମୁଖ୍ୟବକ୍ତା ଭାବେ ରବୀନ୍ଦ୍ର କୁମାର ବେହେରା ଯୋଗଦେଇ ଜିଏସ୍‌ଟି ସମ୍ପର୍କରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମ ନୟନ କିଶୋର ମହାନ୍ତି ସଭା ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ସଭାପତି ସୁକାନ୍ତ ବିଶ୍ୱାଳ, ଲଲାଟେନ୍ଦୁ ବସ୍ତୁ, ବିନୋଦ ଦାସ, ଆଇନଜୀବୀ ପ୍ରଦୀପ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

**ସଂକ୍ଷେପରେ**

## ଜିଲାପାଳ, ଡିସିପିଙ୍କୁ କୈଫିୟତ ମାଗିଲେ ଜାତୀୟ ଅନୁସୂଚିତ ଜାତି କମିଶନ

**ତଫସିଲଭୁକ୍ତ ଜାତି ମହିଳାଙ୍କୁ ଗାଳିଗୁଲଜ ପ୍ରସଙ୍ଗ**


Government of India
National Commission for Scheduled Castes
(A Constitutional body set up under Article 338 of the Constitution of India)

କଟକ ସଦର,୨୧।୯(ସୁଶାନ୍ତ କୁମାର ଜେନା)

କଟକ ସଦର ବ୍ଲକ ଅନ୍ତର୍ଗତ କନ୍ଦରପୁର ପଞ୍ଚାୟତ ବମ୍ଭୁରି ଗ୍ରାମର ଜଣେ ଅନୁସୂଚିତ ଜାତି ମହିଳାଙ୍କୁ ଅପମାନିତ କରିବା ଘଟଣାରେ ଜାତୀୟ ଅନୁସୂଚିତ ଜାତି କମିଶନ କଟକ ଜିଲାପାଳ ଓ ଡିସିପିଙ୍କୁ କୈଫିୟତ ମଗାଯାଇଛି। ଘଟଣା ଉପରେ କି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି, ତାର ରିପୋର୍ଟ ୭ ଦିନ ଭିତରେ ଦେବା ପାଇଁ କମିଶନଙ୍କ ନିର୍ଦ୍ଦେଶକ ସୋନାଲି ଦତ୍ତ ନିର୍ଦ୍ଦେଶ ଦେଇଛନ୍ତି। ଏଥିରେ ଖିଲାପ ହେଲେ ଧାରା ୩୩୮ ଅନୁଯାୟୀ କମିଶନ ନିଜ ଆଡୁ ତଦନ୍ତ ଆରମ୍ଭ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି ପତ୍ର ସଂଖ୍ୟା ୩୦୭୯୫୨ରେ ଉଭୟ ଅଧିକାରୀଙ୍କୁ ତାଗିଦ କରାଯାଉଛି। ବମ୍ଭୁରି ଗ୍ରାମର ସସ୍ମିତା ଭୋଇ ନାମ୍ନୀ ମହିଳାଙ୍କୁ ଅପମାନିତ କରାଯାଇ ଥିଲେ ସୁଦ୍ଧା ପ୍ରଶାସନ କୌଣସି ପଦକ୍ଷେପ ଗ୍ରହଣ କରି ନ ଥିଲା ବୋଲି କମିଶନଙ୍କ ନିକଟରେ ସେ ଅଭିଯୋଗ କରିଛନ୍ତି।

## କଟକ ସଦରର ପ୍ରସିଦ୍ଧ ରାହାସ ଉତ୍ସବ ପ୍ରସ୍ତୁତି ବୈଠକ

କଟକ ସଦର,୨୧।୯(ସୁଶାନ୍ତ କୁମାର ଜେନା)

କଟକ ସଦର ବ୍ଲକ ଅନ୍ତର୍ଗତ ବୋଧପୁର ଗ୍ରାମରେ ରାହାସ ଉତ୍ସବ ପାଇଁ ପ୍ରସ୍ତୁତି ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଥିଲା। ଏଥିରେ ୟୁନିୟନ ଫର୍ କଟକ ସଦର ଡେଭଲପମେଣ୍ଟ ବରିଷ୍ଠ କାର୍ଯ୍ୟକର୍ତ୍ତାମାନେ ଉପସ୍ଥିତ ରହି ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ୟୁନିୟନ ଫର୍ କଟକ ସଦର ଡେଭଲମେଣ୍ଟ ଅଧ୍ୟକ୍ଷ ତଥା ଶିକ୍ଷାବିତ୍ ମନୋଜ ନାୟକଙ୍କ ତତ୍ତ୍ୱାବଧାନରେ କମିଟି ଗଠନ କରାଯାଇଛି। ଏହି କମିଟି ସଙ୍ଗଠନ ପକ୍ଷରୁ ସହାୟତା ଯୋଗାଇ ଦିଆଯିବ ବୋଲି ନାୟକ ପ୍ରତିଶ୍ରୁତି ଦେଇଥିଲେ। ସଙ୍ଗଠନ ଉପଦେଷ୍ଟା ବିଜୟ ନାୟକଙ୍କ ପୌରୋହିତ୍ୟରେ ବୋଧପୁର କମ୍ୟୁନିଟି ହଲରେ ଅନୁଷ୍ଠିତ ବୈଠକରେ ନାଏବ ସରପଞ୍ଚଙ୍କ ପ୍ରତିନିଧି ଭୁବନମୋହନ ସେଠୀ, ଅଭିମନ୍ୟୁ ସାହୁ, ସରୋଜ ଶାସମଲ ପ୍ରମୁଖ ଉପସ୍ଥିତ ଥିଲେ।

# ବୈଷୟିକ ଶିକ୍ଷାକୁ ଧନେଶ୍ୱରଙ୍କ ଅବଦାନ ଅବିସ୍ମରଣୀୟ

କଟକ,୨୧।୯(କାର୍ତ୍ତିକ ସାହୁ)

ଧନେଶ୍ୱର ରଥ ସ୍ମୃତି ସଂସଦ ପକ୍ଷରୁ ଶିକ୍ଷାବିତ୍ ଧନେଶ୍ୱର ରଥଙ୍କ ସ୍ମୃତି ସମାରୋହ ସାରଳା ଭବନଠାରେ ଶନିବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ସ୍ମୃତି ସଂସଦର ସଭାପତି ଡ. ପ୍ରଭାକର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ମୁଖ୍ୟ ଅତିଥି ଆଡ୍‌ଭୋକେଟ ଜେନେରାଲ ପୀତାମ୍ବର ଆଚାର୍ଯ୍ୟ ଉଦ୍‌ଘାଟନ କରି କହିଲେ, ବୈଷୟିକ ଶିକ୍ଷାକୁ ଏକ ନୂତନ ଦିଶା ଦେବାରେ ଧନେଶ୍ୱର ରଥଙ୍କ ଅବଦାନ ଅବିସ୍ମରଣୀୟ। ସମ୍ମାନିତ ଅତିଥି ପ୍ରଫେସର ଡ. ସତ୍ୟନାରାୟଣ ପଣ୍ଡା କହିଲେ, ଡ୍ରିମସ ଭଳି ଏକ ବିଶାଳ ଅନୁଷ୍ଠାନ ଗଠନ କରି ବୈଷୟିକ ଶିକ୍ଷାର ବିକାଶ ଓ ଉନ୍ନତି ସାଧନରେ ଧନେଶ୍ୱର ରଥ ଅଗ୍ରଣୀ ଭୂମିକା ଗ୍ରହଣ କରିଛନ୍ତି। ମୁଖ୍ୟବକ୍ତା ପୁରୀ ଚନ୍ଦ୍ରଶେଖର ସ୍ୱୟଂଶାସିତ ମହାବିଦ୍ୟାଳୟ


ସାରଳା ଭବନରେ ଧନେଶ୍ୱର ରଥ ସ୍ମୃତି ସଂସଦ ପକ୍ଷରୁ ଶିକ୍ଷାବିତ୍ ଧନେଶ୍ୱର ରଥଙ୍କ ସ୍ମୃତି ସମାରୋହରେ ସମ୍ବର୍ଦ୍ଧିତ ହୋଇଥିବା ଶିକ୍ଷାବିତ୍‌ମାନେ।

ଭାଷା-ସାହିତ୍ୟ ସ୍ନାତକୋତ୍ତର ବିଭାଗର ସହକାରୀ ପ୍ରଫେସର ଡ. ହେନେରିଟା ମିଶ୍ର କହିଲେ, ଓଡ଼ିଆ ଛାତ୍ରୀଛାତ୍ରଙ୍କୁ ଜାତୀୟ-ଅନ୍ତର୍ଜାତୀୟ ସ୍ତରରେ ସୁଯୋଗ୍ୟ କରିବାରେ ଧନେଶ୍ୱର ରଥ ଥିଲେ ସମର୍ପିତ ମଣିଷ। ସଭାପତି ଡ. ସ୍ୱାଇଁ ବକ୍ତବ୍ୟରେ ଧନେଶ୍ୱରଙ୍କୁ ଭାରତୀୟ ଶିକ୍ଷାଜଗତର କିମ୍ବଦନ୍ତୀ ପୁରୁଷ ଭାବେ ଅଭିହିତ କରିଥିଲେ। ଏହି ଅବସରରେ ୫ଜଣ ସାହିତ୍ୟିକ ଓ ଶିକ୍ଷାବିତ୍ କିଶୋରଚନ୍ଦ୍ର ମହାନ୍ତି, ଡ. ଶ୍ରୀଚରଣ ଦାସ, ଡ. ହେନେରିଟା ମିଶ୍ର, ରେଖା ବେହେରା ଓ ଦେବୀକାରାଣୀ ଚୌଧୁରୀଙ୍କୁ 'ଧନେଶ୍ୱର ରଥ ସାରସ୍ୱତ ଓ ଶିକ୍ଷାବିତ୍' ସମ୍ମାନରେ ସମ୍ମାନିତ କରାଯାଇଥିଲା। ଡ୍ରିମସ୍ ନିର୍ଦ୍ଦେଶକ ବଳରାମ କର ଏବଂ ପ୍ରଦୀପ ଚନ୍ଦ୍ର ରଥ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସଂସଦ ସମ୍ପାଦକ ସଞ୍ଜିତ କୁମାର ପଟ୍ଟନାୟକ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ନିରାକାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ସୋହାଗିନୀ ବେହେରା, ଗୋପୀନାଥ ପଣ୍ଡା, କାନ୍ତିବାଳା ନାୟକ, କଳିନୀକାନ୍ତ ପଣ୍ଡା ଓ ଶର୍ମିଷ୍ଠା ସାହୁ ମାନପତ୍ର ପାଠ କରିଥିଲେ।

# ବାଇକ୍ ଲୁଟେରା ଗ୍ୟାଙ୍ଗର ୪ ଗିରଫ, ୭ ଗାଡ଼ି ଜବତ

କଟକ,୨୧।୯(କାର୍ତ୍ତିକ ସାହୁ)

କ୍ୟାଣ୍ଟନ୍‌ମେଣ୍ଟ ଥାନା ପୋଲିସ ଏକ ବାଇକ୍ ଲୁଟେରା ଗ୍ୟାଙ୍ଗର ୪ଜଣଙ୍କୁ ରବିବାର ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଦରଘାବଜାର ଥାନା ମେରିଆ ବଜାର ଅଞ୍ଚଳର ରାଜେଶ ଓରଫ ରାଜ କୁମାର ରାୟ(୫୪), ମଙ୍ଗଳାବାଗ ଥୋରିଆ ସାହିର କାହ୍ନୁ ସାମଲ(୫୫), ବଡ଼େ ମସ୍‌ଜିଦ ଅଞ୍ଚଳର ଛୁଟି ଓରଫ ରିହାଜ ବକ୍ସ(୩୫), ଜଗତପୁର ଥାନା ପାଗାର ମହେଶ କେଶରୀ (୪୪)। ସେମାନଙ୍କଠାରୁ ୬ଟି ବାଇକ୍, ଗୋଟିଏ ସ୍କୁଟି ଜବତ କରାଯାଇଛି। ମାମଲାର ମୁଖ୍ୟ ଅଭିଯୁକ୍ତ ରାଜେଶଙ୍କ ବିରୋଧରେ କ୍ୟାଣ୍ଟନମେଣ୍ଟ ଥାନାରେ ୪ଟି ବାଇକ୍ ଲୁଟ ମାମଲା ୨୦୨୫ରେ ରୁଜୁ ହୋଇଛି। ସେହିଭଳି ୨୦୨୫ରେ କାହ୍ନୁ ଓ ମହେଶଙ୍କ ବିରୋଧରେ କ୍ୟାଣ୍ଟନମେଣ୍ଟ ଥାନାରେ ଗୋଟିଏ ଲେଖାଏ ଆପରାଧିକ ମାମଲା ରହିଥିବା ପୋଲିସ ଜାଣିବାକୁ ପାଇଛି।

ସୂଚନାନୁସାରେ, ଲାଲବାଗ ଥାନା ମାଇକା ଲେନ୍ ଓଡ଼ିଆ ବଜାର ଅଞ୍ଚଳର ମାନନ ଖାଁଙ୍କ ବାଇକ୍ ଗତ ୨୦ ତାରିଖ ସକାଳେ ତିନିକୋଣିଆ ବଗିଚା ନିକଟରୁ ଚୋରି ହୋଇଥିଲା। ଏ ନେଇ କ୍ୟାଣ୍ଟନ୍‌ମେଣ୍ଟ ଥାନାରେ ଲିଖିତ ଅଭିଯୋଗ ଆଧାରରେ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ କରିଥିଲା। ଏଥିରେ ଏକ ବଡ଼ ଧରଣର ବାଇକ୍ ଲୁଟେରା ଗ୍ୟାଙ୍ଗର ସମ୍ପୃକ୍ତି ଥିବା ପୋଲିସ ଜାଣିବା ପରେ ଏହାର ପର୍ଦ୍ଦାଫାଶ କରିଥିଲା। ପ୍ରାରମ୍ଭିକ ପର୍ଯ୍ୟାୟରେ ପୋଲିସ ସିସି କ୍ୟାମେରା ଫୁଟେଜ ଯାଞ୍ଚ କରିଥିଲା। ସିସି କ୍ୟାମେରା ସୂଚନା ଆଧାରରେ ପୋଲିସ ପ୍ରଥମେ ରାଜେଶଙ୍କୁ ଗିରଫ କରିଥିଲା। ରାଜେଶଙ୍କ ନିକଟରୁ ୨ଟି ଚୋରା ବାଇକ୍ ଜବତ ହୋଇଥିଲା। ସେ ହିଁ ଗ୍ୟାଙ୍ଗ ସଂକ୍ରାନ୍ତରେ ସୂଚନା ଦେଇଥିଲେ। ପରେ କାହ୍ନୁ ଓ ମହେଶଙ୍କ ଘର ଉପରେ ଚଢ଼ାଉ କରି ୩ଟି ଚୋରା ବାଇକ୍ ଓ ଗୋଟିଏ ଖୋଲା ହୋଇଥିବା ବାଇକ୍ ଜବତ ହୋଇଥିଲା। ଏହି ଗ୍ୟାଙ୍ଗର ପ୍ରମୁଖ କାର୍ପଟଦାର ରାଜେଶ ବୋଲି ଜଣାପଡ଼ିଛି। ତେବେ ଗ୍ୟାଙ୍ଗର ଅନ୍ୟ ଫେରାର ଅଭିଯୁକ୍ତଙ୍କୁ ବାନ୍ଧିବାକୁ ପୋଲିସ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରଖିଛି।



ତୁଳସୀପୁରସ୍ଥିତ ଏକ ମଣ୍ଡପରେ ମାହାଙ୍ଗା ବିକାଶ ପରିଷଦ ପକ୍ଷରୁ ଅନୁଷ୍ଠିତ ଶାରଦୀୟ ବନ୍ଧୁମିଳନ କାର୍ଯ୍ୟକ୍ରମରେ ଉପସ୍ଥିତ ମାହାଙ୍ଗା ବିଧାୟକ ସାରଦା ପ୍ରସାଦ ପ୍ରଧାନ ଓ ଅନ୍ୟ ଅତିଥିବୃନ୍ଦ।

## ଦୁର୍ଗାପୂଜା ପାଇଁ ପୋଲିସ ପକ୍ଷରୁ ଫ୍ଲାଗ୍ ମାର୍ଚ୍ଚ

ଟିଗିରିଆ,୨୧।୯(ଜାଫର ଖାଁ)

ଟିଗିରିଆ ବ୍ଲକ ଅନ୍ତର୍ଗତ ହସ୍ତତନ୍ତ ଗ୍ରାମ ନୂଆପାଟଣା ଓ ପଙ୍କାଳ ଗ୍ରାମରେ ଦୁର୍ଗାପୂଜାକୁ ଶାନ୍ତି ଶୃଙ୍ଖଳାର ସହ ପାଳନ କରିବା ପାଇଁ ରବିବାର ଟିଗିରିଆ ପୋଲିସ ପକ୍ଷରୁ ଫ୍ଲାଗ ମାର୍ଚ୍ଚ କରାଯାଇଛି। ଥାନା ଆଇଆଇସି ସମରେନ୍ଦ୍ର ପାଇକରାୟଙ୍କ ନେତୃତ୍ୱରେ ଏଏସ୍‌ଆଇ ବିକାଶ ରଞ୍ଜନ ବିଶ୍ୱାଳଙ୍କ ସମେତ ଥାନାର ଅନ୍ୟାନ୍ୟ ଅଧିକାରୀ ଓ କର୍ମଚାରୀଙ୍କ ଏବଂ ଏକ ପ୍ଲାଟୁନ ଅତିରିକ୍ତ ଫୋର୍ସ ଏହି ଫ୍ଲାଗ ମାର୍ଚ୍ଚରେ ନିୟୋଜିତ ହୋଇଥିବା ଆଇଆଇସି ସୂଚନା ଦେଇଛନ୍ତି।


ଖଡ଼ିଚଢ଼ା ଅମାବାସ୍ୟା ଅବସରରେ ମହମ୍ମଦିଆ ବଜାର ପୂଜା ମଣ୍ଡପରେ ମା' ଦୁର୍ଗାଙ୍କ ମୃଣ୍ମୟୀ ପ୍ରତିମାରେ ଖଡ଼ି ପ୍ରଲେପନ ଦେଉଥିବା ଶିଳ୍ପୀ।(ଫଟୋ: ରାଜକିଶୋର ମହାନ୍ତି)

# ଡାକ୍ତର ପରିଚୟ ଦେଇ ଶୋ'ରୁମ୍‌ରୁ ଠକେଇ

କଟକ,୨୧।୯(କାର୍ତ୍ତିକ ସାହୁ)

**ବିଳାସପୂର୍ଣ୍ଣ ଜୀବନର ସ୍ୱପ୍ନ ଦେଖୁଥିବା ଯୁବକ ଗିରଫ**

ବିଳାସପୂର୍ଣ୍ଣ ଜୀବନ ବଞ୍ଚିବା ପାଇଁ ସ୍ୱପ୍ନ ଦେଖୁଥିବା ଓ ତାକୁ ସାକାର କରିବାକୁ ଠକେଇ ଭଳି କାର୍ଯ୍ୟକୁ ଆପଣେଇଥିବା ଯୁବକ ପୋଲିସ ହାତରେ ଧରାପଡ଼ିଛନ୍ତି। ଏସ୍‌ସିବି ମେଡିକାଲ ଡାକ୍ତର ପରିଚୟ ଦେଇ ଶୋ'ରୁମ୍‌ରୁ ଡ୍ରେସ୍ ମଗାଇବା ପରେ ଅତ୍ୟନ୍ତ ଚତୁରତାର ସହ ପଇସା ନ ଦେଇ ଡାକ୍ତରଙ୍କ ଡ୍ରାଇଭର ପରିଚୟରେ ହାତେଇନେବା ଭଳି ଏକ ଘଟଣା ଚର୍ଚ୍ଚାର ବିଷୟ ପାଲଟିଛି। ଦରଘାବଜାର ଥାନା ପୋଲିସ ଏଭଳି ଜଣେ ଯୁବକଙ୍କୁ ରବିବାର ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ଜଣକ ହେଲେ କେଶରପୁର ଅଞ୍ଚଳରେ ରହୁଥିବା ବିଶ୍ୱଜିତ ପ୍ରଧାନ ଓରଫ ରତନ (୩୬)। ତାଙ୍କ ନିକଟରୁ ୩୨ ଇଞ୍ଚର ଏଲଇଡି ଟିଭି, ୧ଟି ଟ୍ରଲି ବ୍ୟାଗ୍, ୩ଟି ପ୍ୟାଣ୍ଟ, ୨ଟି ମୋବାଇଲ ସମେତ ବ୍ୟାଙ୍କ ପାସ୍ ବହି, ଡେବିଟ୍ କାର୍ଡ ଓ ସିମ୍ କାର୍ଡ ଆଦି ଜବତ ହୋଇଛି। ଏ ନେଇ ଥାନାରେ ଏକ ମାମଲା (ନଂ. ୨୪୪/୨୦୨୫) ରୁଜୁ ହୋଇଛି।ସୂଚନାନୁସାରେ, ବକ୍ସିବଜାରରେ ଥିବା ଏକ ଡ୍ରେସ୍ ଶୋ'ରୁମ୍ ମ୍ୟାନେଜରଙ୍କୁ ଅଭିଯୁକ୍ତ ଜଣକ ଫୋନ୍ କରି ନିଜକୁ ଏସ୍‌ସିବି ମେଡିକାଲର ଡାକ୍ତର ସମୀର ସାହୁ ବୋଲି କହିଥିଲେ। ତାଙ୍କର ଡ୍ରେସ୍ ଆବଶ୍ୟକ ଥିବା କହି ମୋବାଇଲରେ ଡ୍ରେସ୍ ଫଟୋ ପଠାଇବାକୁ ଅଭିଯୁକ୍ତ କହିଥିଲେ। ଶୋ'ରୁମ୍ ମ୍ୟାନେଜର ସୌମ୍ୟରଞ୍ଜନ ବାରିକ ଅଭିଯୁକ୍ତଙ୍କୁ ପଠାଇଥିବା ଫଟୋ ମଧ୍ୟରୁ ୨ ହଳ ଜିନସ୍ ପ୍ୟାଣ୍ଟ ଓ ଶାର୍ଟ ପସନ୍ଦ କରିଥିଲେ। ତାହାକୁ ଏସ୍‌ସିବି ମେଡିକାଲକୁ ପଠାଇବାକୁ କହିଥିଲେ। ଶୋ'ରୁମ ମ୍ୟାନେଜର ଏକ ଟ୍ରଲି ବ୍ୟାଗ୍‌ରେ ଉକ୍ତ ଡ୍ରେସ୍ ଜଣେ କର୍ମଚାରୀଙ୍କ ହାତରେ ପଠାଇଥିଲେ। ମୋଟ ସାମଗ୍ରୀ ୧୪,୭୯୬ ଟଙ୍କା ମୂଲ୍ୟର ହେବ। କର୍ମଚାରୀ ଜଣକ ପହଞ୍ଚିବା ପରେ ତାଙ୍କୁ ଫୋନ୍ କରିଥିଲେ। ସେ ତତ୍କ୍ଷଣାତ ପହଞ୍ଚି କର୍ମଚାରୀଙ୍କୁ ଡାକ୍ତରଙ୍କ ଡ୍ରାଇଭର ବୋଲି ପରିଚୟ ଦେଇ ତାଙ୍କ ହାତରୁ ଟ୍ରଲି ସହ ଡ୍ରେସ୍ ନେବା ପରେ କୌଣସି ପଇସା ଦେଇ ନ ଥିଲେ। ପରେ ତାଙ୍କ ମୋବାଇଲ୍‌କୁ ସୁଇଚ୍ ଅଫ୍ କରିଦେଇଥିଲେ। ଏ ନେଇ ଥାନାରେ ଅଭିଯୋଗ ହେବା ପରେ ପୋଲିସ ମାମଲା ରୁଜୁ କରି ତଦନ୍ତ କରିଥିଲା। ତଦନ୍ତ ବେଳେ ଅଭିଯୁକ୍ତ ଜଣକ ଓଲା/ଉବର ଗାଡ଼ି ଚଳାନ୍ତି। ଏଥିସହ ସେ ଏକ ଜିମ୍‌ରେ ଟ୍ରେନର ଭାବେ କାମ କରିବା ସହ ଖାଦ୍ୟ ମଧ୍ୟ ବିକ୍ରି କରନ୍ତି। ତାଙ୍କର ମାସିକ ରୋଜଗାର ୩୦,୦୦୦ରୁ ୩୫,୦୦୦ ଟଙ୍କା ମଧ୍ୟରେ ହୁଏ। ମାତ୍ର ସେ ବିଳାସପୂର୍ଣ୍ଣ ଜୀବନ ଜିଇଁବାର ସ୍ୱପ୍ନ ଦେଖନ୍ତି। ମାତ୍ର ଏଥିପାଇଁ ଆବଶ୍ୟକ ହେଉଥିବା ଅର୍ଥ ବା ସାମଗ୍ରୀ ଏଭଳି ଠକେଇ ଉପାୟରେ ହାତେଇ ଆସୁଥିଲେ। ନଖରାରେ ଥିବା ଏକ ଶୋ'ରୁମ୍‌ରୁ ଏଲଇଡି ଟିଭି ମଧ୍ୟ ଅନୁରୂପ ଭାବେ ଡାକ୍ତର ପରିଚୟରେ ଠକେଇ କରିବାରେ ସଫଳ ହୋଇଥିଲେ। ପୂର୍ବରୁ ତାଙ୍କ ନାମରେ ପୁରୀଘାଟ, ପାହାଲ ଓ ଦରଘାବଜାର ଥାନାରେ ଗୋଟିଏ ଲେଖାଏ ମାମଲା ଥିବା ପୋଲିସ ଜାଣିବାକୁ ପାଇଛି।

## ପ୍ରଶାସନ ବାଲିଯାତ୍ରାକୁ ନେଇ ଭୁଲ୍ ନିଷ୍ପତ୍ତି ନେଇଛି: ଭର୍ତ୍ତୃହରି

କଟକ,୨୧।୯(ଶିକ୍ଷା ପ୍ରିୟଦର୍ଶିନୀ)

ବାଲିଯାତ୍ରା ଉପରପଡିଆରେ ନ କରିବା ନିଷ୍ପତ୍ତିକୁ ବିରୋଧ କଲେ କଟକ ଏମ୍‌ପି ଭର୍ତ୍ତୃହରି ମହତାବ। ଜିଲା ପ୍ରଶାସନ ବାଲିଯାତ୍ରା ଉପରପଡିଆରେ ନ କରିବା ନିଷ୍ପତ୍ତି ନେବା ନେଇ ଏମ୍‌ପିଙ୍କ ସହ ଆଲୋଚନା କରିବା ଘଟଣା ନେଇ ଖବରଦାତାଙ୍କ ପ୍ରଶ୍ନକୁ ଏଡାଇ ଦେଇ ଏମ୍‌ପି ଭର୍ତ୍ତୃହରି କହିଛନ୍ତି ଯେ, ପ୍ରଶାସନ ବାଲିଯାତ୍ରାକୁ ନେଇ ଯେଉଁ ନିଷ୍ପତ୍ତି ନେଇଛି ତାହା ଭୁଲ। ବାଲିଯାତ୍ରା ଉପରପଡିଆ ହେବା ଉଚିତ୍ ବୋଲି ସେ କହିଛନ୍ତି। ଅନ୍ୟପଟେ ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ସିନ୍ଦେଙ୍କ ପ୍ରତିକ୍ରିୟା ମିଳି ପାରି ନାହିଁ। ସୂଚନାଥାଉକି, ଚଳିତବର୍ଷ ନଭେମ୍ବର ୫ ରୁ ୧୨ ପର୍ଯ୍ୟନ୍ତ ୮ ଦିନ ଧରି ବାଲିଯାତ୍ରା ଚାଲିବ। ଚଳିତବର୍ଷ ଉପରପଡିଆ ନୁହେଁ ବରଂ ତଳପଡିଆରେ ଷ୍ଟଲ ପାଇଁ ଅନୁମତି ଦିଆଯିବ। ପୂର୍ବରୁ ୩୪ ଏକର ପରିମିତ ସ୍ଥାନରେ ବାଲିଯାତ୍ରା ଆୟୋଜିତ ହେଉଥିଲା। କିନ୍ତୁ ଚଳିତବର୍ଷ ତଳପଡିଆରେ ୬୦ ଏକର ସ୍ଥାନରେ ବାଲିଯାତ୍ରା ଅନୁଷ୍ଠିତ ହେବ।


# ସୁସ୍ଥ ନାରୀ ସଶକ୍ତ ପରିବାର ଅଭିଯାନ

କଟକ ସଦର,୨୧।୯(ସୁଶାନ୍ତ କୁମାର ଜେନା)

**୩୧୫ ୟୁନିଟ୍ ରକ୍ତ ସଂଗ୍ରହ**

କଟକ ସଦର ବ୍ଲକ ଅନ୍ତର୍ଗତ କନ୍ଦରପୁରଠାରେ ରବିବାର ସୁସ୍ଥ ନାରୀ ସଶକ୍ତ ପରିବାର ଅଭିଯାନ କାର୍ଯ୍ୟକ୍ରମ ପ୍ରଧାନ ମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନ୍ମଦିନ ଅବସରରେ ଅନୁଷ୍ଠିତ ହୋଇଯାଇଛି। କନ୍ଦରପୁର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମେଗା ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ ୩୧୫ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। ଏହି ଅବସରରେ କଟକ ସଦର ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀଙ୍କ ପୌରହିତ୍ୟରେ ଆୟୋଜିତ ଶିବିରରେ ମୁଖ୍ୟଅତିଥି ଭାବେ କଟକ ଏମପି ଭର୍ତ୍ତୃହରି ମହତାବ, ସମ୍ମାନିତ ଅତିଥି ଭାବେ ବଡମ୍ବା ବିଧାୟକ ବିଜୟ କୁମାର ଦଳ ବେହେରା, ଜିଲା ଭାଜପା ସଭାପତି ସୁକାନ୍ତ କୁମାର ବିଶ୍ୱାଳ, ରାଜ୍ୟ ମହିଳା କମିଶନ ସଦସ୍ୟା ପ୍ରତିଭା ଶତପଥୀ, କଟକ ସଦର ବ୍ଲକ ଅଧ୍ୟକ୍ଷା ଭାଗ୍ୟ ଲକ୍ଷ୍ମୀ ରାଉତ, ଆମ୍ବାର ସଭାପତି ରମା ପ୍ରସାଦ ବିଶ୍ୱାଳ, ସାଧୁ ଜେନା, ହୃଷୀକେଶ ଜେନା ପ୍ରମୁଖ ଯୋଗ ଦେଇଥିଲେ। ନାରୀ ସୁସ୍ଥ ରହିଲେ ପରିବାର ସହିତ ରାଜ୍ୟ ଓ ଦେଶ ସୁସ୍ଥ ରହିବ ବୋଲି ବକ୍ତାମାନେ କହିଥିଲେ। ଯୋଗେନ୍ଦ୍ର ନାଥ ଭୋଇ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ମଣ୍ଡଳ ସଭାପତି ନିରଞ୍ଜନ ରାଉଳ, ଲକ୍ଷ୍ମୀପ୍ରିୟା ସ୍ୱାଇଁ, ଅଭୟ ସ୍ୱାଇଁ, ଗୋକୁଳ ପ୍ରଧାନ, ସନ୍ତୋଷ ସାହୁ, ଜିଲା ପରିଷଦ ସଭ୍ୟ ପ୍ରଦୀପ୍ତ ମହାଳି, ଅଶୋକ ପଟ୍ଟନାୟକ, ନିର୍ମଳ ଦାସ, ପୀୟୂଷ ପରିଡ଼ା, ପ୍ରଭାରୀ ସୁରେଶ ଚନ୍ଦ୍ର ଜେନା ପ୍ରମୁଖ ଉପସ୍ଥିତ ଥିଲେ।

# ନବମୀରେ ସ୍ୱତନ୍ତ୍ର ମାଛ ଭୋଗ



**ଧରାବତରଣ କରିବେ ମା'**

କଟକ,୨୧।୯(ଶିକ୍ଷା ପ୍ରିୟଦର୍ଶିନୀ)

**ମା'ଙ୍କ ପୂଜାକୁ ଗୁରୁତ୍ୱ**



"ପୂଜା କମିଟି ପକ୍ଷରୁ ମା'ଙ୍କ ପୂଜାକୁ ବେଶ୍ ପ୍ରାଧାନ୍ୟ ଦିଆଯାଇଥାଏ। ସମସ୍ତ ରୀତିନୀତି ଅନୁଯାୟୀ ମଣ୍ଡପରେ ମା'ଙ୍କ ପୂଜା କରାଯିବ। ମା'ଙ୍କ ପାଖରେ ମାଛ ଭୋଗର ସ୍ୱତନ୍ତ୍ରତା ରହିଛି, କମିଟି ନିକଟରୁ ନିଃଶୁଳ୍କ ଭାବେ ଶ୍ରଦ୍ଧାଳୁ ଏହି ଭୋଗ ନେଇ ପାରିବେ।

**ବସନ୍ତ କୁମାର ନାୟକ, ସଭାପତି**

**ପାରମ୍ପରିକ ବାଦ୍ୟରେ ଭସାଣି**



"ପୂଜା କମିଟି ପକ୍ଷରୁ ପ୍ରଶାସନର ନିୟମକୁ ବେଶ୍ କଡାକଡି ଭାବେ ପାଳନ କରାଯିବ। ଡିଜେମୁକ୍ତ ଓ ନିଶାମୁକ୍ତ ଭସାଣିକୁ ଗୁରୁତ୍ୱ ଦିଆଯାଇଛି। ହାତ ବାଜା ଖାସ କରି ପାରମ୍ପରିକ ବାଦ୍ୟକୁ ବିଶେଷ ଗୁରୁତ୍ୱ ଦିଆଯାଇଛି।

**ଜୟଦେବ ଦାସ, ସମ୍ପାଦକ**

**ରାମଗଡ଼ କନିକା ରୋଡ୍ ବନଦୁର୍ଗା ପୂଜା କମିଟି**

ଶାରଦୀୟ ପୂଜା ପାଇଁ ଉତ୍ସବମୁଖର ପୁରପଲ୍ଲୀ। ଆଉ ମାତ୍ର ଦିନ କେଇଟାରେ ଧରାପୃଷ୍ଠକୁ ଧରାବତରଣ କରିବେ ମା' ଜଗଜ୍ଜନନୀ ଦୁର୍ଗା। ଏଥିପାଇଁ ସମସ୍ତ ପୂଜା ମଣ୍ଡପରେ ପ୍ରସ୍ତୁତି ଜୋରଦାର ଜାରି ରହିଛି। ଏହି ପୂଜା ଦୌଡ଼ରେ ସାମିଲ ହୋଇଛି ରାମଗଡ କନିକା ରୋଡ ବନଦୁର୍ଗା ପୂଜା କମିଟି। କମିଟି ପକ୍ଷରୁ ଗତବର୍ଷ ପ୍ରଥମକରି ୨.୫ କୋଟି ମୂଲ୍ୟରେ ୨ କୁଇଣ୍ଟାଲ ଓଜନର ୧୪ ଫୁଟ୍ ଉଚ୍ଚତାର ଚାନ୍ଦି ମେଢ଼ ନିର୍ମାଣ କରାଯାଇଥିଲା। ମା'ଙ୍କ ଚାନ୍ଦି ମୁକୁଟ ସମେତ ପାର୍ଶ୍ୱ ଦେବଦେବୀଙ୍କ ୩୦ କେଜି ଓଜନର ଅଳଙ୍କାର ରହିଛି। ୧୦ ଫୁଟ୍ ଉଚ୍ଚତାର ମା'ଙ୍କ ମୂର୍ତ୍ତି କାରିଗର ତିଆରି କରୁଛନ୍ତି। ଚଳିତବର୍ଷ ପୂଜା କମିଟି ପକ୍ଷରୁ ୧୫ ଲକ୍ଷ ଟଙ୍କା ବଜେଟ୍ ରଖାଯାଇଛି। ସମଗ୍ର ଅଞ୍ଚଳକୁ ଆଲୋକମାଳାରେ ସଜାଯିବ। ମହାଷଷ୍ଠୀରୁ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା କରାଯିବ। ମହାଷ୍ଟମୀରେ ମହିଳାଙ୍କ ବ୍ରତ ପୂଜା ପରେ ସନ୍ଧି ପୂଜା କରାଯିବ ଏବଂ ମହାଷ୍ଟମୀ ରାତିରେ ମାଛ ଭୋଗ କରାଯାଇ ମହାନବମୀରେ ଏହି ମାଛ ଭୋଗ ୩ ହଜାର ଶ୍ରଦ୍ଧାଳୁଙ୍କୁ ବଣ୍ଟାଯିବ। ଦଶମୀରେ ଦହିପଖାଳ ମା'ଙ୍କ ପାଖେ ଭୋଗ କରାଯାଇ ୧ ହଜାର ଶ୍ରଦ୍ଧାଳୁଙ୍କୁ ବଣ୍ଟାଯିବ। ଭସାଣି ଯାତ୍ରାରେ ବ୍ରହ୍ମପୁର ମିନର୍ଭା ବ୍ୟାଣ୍ଡ ପାର୍ଟି, ବଲାଙ୍ଗୀର ବାଜା, ଷଣ୍ଢ ନାଚ ସମେତ ପାରମ୍ପରିକ ବାଦ୍ୟ ପରିବେଷଣ କରାଯିବ।

## ଆଦି କର୍ମଯୋଗୀ ଅଭିଯାନରେ ଗ୍ରାମସ୍ତରରେ ପ୍ରକଳ୍ପ ଚୟନ

କଟକ,୨୧।୯(କାର୍ତ୍ତିକ ସାହୁ)

କଟକ ଜିଲାର ୪ଟି ବ୍ଲକ ଆଠଗଡ଼, ବଡ଼ମ୍ବା, ଟାଙ୍ଗୀ-ଚୌଦ୍ୱାର ଓ ବାରଙ୍ଗଠାରେ ଆଦି କର୍ମଯୋଗୀ ଅଭିଯାନ ପ୍ରତିକ୍ରିୟାଶୀଳ ଶାସନ କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମତ୍ସ୍ୟ, ଉଦ୍ୟାନ କୃଷି ଓ ଦକ୍ଷତା ବିକାଶ, ପଞ୍ଚାୟତିରାଜ ଏବଂ ପାନୀୟ ଜଳ ଯୋଗାଣ, ସମ୍ମାନିତ ଶିଶୁ ବିକାଶ ଆଦି ବିଭାଗର ଅଧିକାରୀମାନେ ଆଦିବାସୀ ବହୁଳ ଗ୍ରାମଗୁଡ଼ିକର ଉନ୍ନତିକରଣ ନିମନ୍ତେ ଗ୍ରାମସ୍ତରୀୟ ଯୋଜନା ପ୍ରସ୍ତୁତ କରିବା କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ଏଥିସହ ରାହାଙ୍ଗୋଲା ଆଶ୍ରମ ବିଦ୍ୟାଳୟରେ ଶିକ୍ଷକ ଏବଂ ଛାତ୍ରୀଛାତ୍ରମାନେ ଚାରା ରୋପଣ କରିଥିଲେ। ଗ୍ରାମକଲ୍ୟାଣ ସମିତି ପକ୍ଷରୁ ଶିଶୁ ବିକାଶ ଅଧିକାରୀ ଉପସ୍ଥିତ ରହି ବାଲ୍ୟ ବିବାହ ନିଷେଧ ଆଇନ ସମ୍ବନ୍ଧରେ ଲୋକମାନଙ୍କୁ ସଚେତନ କରିଥିଲେ। ଏହି ଅବସରରେ ସଉ, ଗବାଗାଡ଼ିଆସ୍ଥିତ ଅଙ୍ଗନୱାଡ଼ି କେନ୍ଦ୍ର ଏବଂ ମନ୍ଦିର ସଫେଇ କରାଯାଇଥିଲା। ବ୍ଲକ ସ୍ତରରେ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀମାନଙ୍କ ପ୍ରଚେଷ୍ଟାରେ ଅଭିଯାନର ସଫଳ ରୂପାୟନ ହୋଇପାରିଛି। ଏହି ଅଭିଯାନ ସେପ୍ଟେମ୍ବର ୧୭ରୁ ୨୭ ତାରିଖ ପର୍ଯ୍ୟନ୍ତ ପାଳନ କରାଯାଉଛି।

# ୧୦ରୁ ଊର୍ଦ୍ଧ୍ୱ ପରିବାର ଜଳବନ୍ଦୀ

**୨ ଦିନଧରି ପ୍ରବଳ ବର୍ଷା**

- ହାଟ, ଦୈନିକ ବଜାର ଜଳାର୍ଣ୍ଣବ
- ଜବରଦଖଲ ଯୋଗୁ ନିଷ୍କାସନ ହେଉନି ପାଣି

ନିଶ୍ଚିନ୍ତକୋଇଲି,୨୧।୯(ଅଶୋକ କୁମାର ମହାପାତ୍ର)

ନିଶ୍ଚିନ୍ତକୋଇଲି ବ୍ଲକରେ ଶନିବାର ଓ ରବିବାର ଅପରାହ୍ନରେ ୨ରୁ ୩ ଘଣ୍ଟା ଧରି ପ୍ରବଳ ବର୍ଷା ଯୋଗୁ ସାଧାରଣ ଜୀବନଯାତ୍ରା ପ୍ରଭାବିତ ହୋଇଛି। ଏହାଦ୍ୱାରା ଗ୍ରାମର ବହୁ ପରିବାର ଜଳଘେରରେ ରହିଛନ୍ତି। ଜଳସମ୍ପଦ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କ ଅଧୀନରେ ଥିବା ୮ (ଇ-୧) କେନାଲରେ ପରିତ୍ୟକ୍ତ ଅବସ୍ଥା ଏବଂ ଜବରଦଖଲ ଯୋଗୁ ଜଳ ନିଷ୍କାସନ ହୋଇପାରୁ ନ ଥିବା କୁହାଯାଇଛି। ୨ ଦିନ ଧରି ଲଗାଣ ବର୍ଷା ହେବା ଫଳରେ ସ୍ଥାନୀୟ ମହାବୀର ମନ୍ଦିର ସମ୍ମୁଖରେ ଆଣ୍ଠୁଏ ପାଣି ଜମିରହିଛି। ଫଳରେ ଭକ୍ତମାନେ ମନ୍ଦିରକୁ ପୂଜାର୍ଚ୍ଚନା ଲାଗି ଯାଇପାରୁନାହାନ୍ତି। ସେହିପରି ସ୍ଥାନୀୟ ନିଶ୍ଚିନ୍ତକୋଇଲି ଗ୍ରାମର କାଙ୍ଗାଳି ଚରଣ ପରିଡା, ବାଇଧର ବେହେରାଙ୍କ ସମେତ ୧୦ରୁ ଊର୍ଦ୍ଧ୍ୱ ପରିବାର ଏବେ ଜଳବନ୍ଦୀ ଅଛନ୍ତି। ଏପରିକି ହାଟ ଏବଂ ସ୍ଥାନୀୟ ଅଞ୍ଚଳର ଅଳିଆ ଆବର୍ଜନା ଏବଂ ନର୍ଦ୍ଦମାଜଳ ସେମାନଙ୍କ ଘରେ ପଶିଥିବା ଅଭିଯୋଗ ହୋଇଛି। ଫଳରେ ସମ୍ପୃକ୍ତ ପରିବାରଗୁଡ଼ିକ ଘରୁ ପଦାକୁ ବାହାରି ପାରୁନାହାନ୍ତି। ଏପରିକି ଗୋରୁମାନେ ମଧ୍ୟ ଗୁହାଳୁ ବାହାରି ପାରୁନାହାନ୍ତି। ଏନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି।


ଜଳବନ୍ଦୀ ଘେରରେ ଥିବା ଏକ ପରିବାର।

# ଅମୃତ ଭାରତ ଏକ୍ସପ୍ରେସ୍: ଭାରତର ଲୋକଙ୍କ ଟ୍ରେନ୍, ଯୋଗସୂତ୍ରତାର ନୂଆ ଯୁଗ


ଓମ୍ ପ୍ରକାଶ

ଦେଶର ଜୀବନରେଖା ଭାବେ ପରିଚିତ ଭାରତୀୟ ରେଲୱେ ଦୈନିକ ୨.୩ କୋଟି ଯାତ୍ରୀଙ୍କୁ ନେବାଆଣିବା କରିଥାଏ। ଏହା କେବଳ ଏକ ପରିବହନ ବ୍ୟବସ୍ଥା ନୁହେଁ, ବରଂ ଏକ ସାମାଜିକ-ଅର୍ଥନୈତିକ ସମର୍ଥନ ବ୍ୟବସ୍ଥା। ଅମୃତ ଭାରତ ଏକ୍ସପ୍ରେସ୍ ଏହି ବୃହତ୍ ବ୍ୟବସ୍ଥାରେ ଗେମ୍‌ଚେଞ୍ଜର ପାଲଟିଛି। ସ୍ୱଳ୍ପ ଖର୍ଚ୍ଚ, ଆଧୁନିକ ଓ ସମାବେଶୀ ଉଦ୍ୟୋଗ ରୂପେ ଉଭାହୋଇ ଏହା ଭାରତୀୟଙ୍କ ଯାତ୍ରାରେ ବଡ଼ ପରିବର୍ତ୍ତନ ଆଣିପାରିଛି। ଯଦିଓ ଏହା ସମଗ୍ର ଦେଶର ଆଶା ପୂରଣ କରିଥାଏ, ତଥାପି ଏହାର ରୂପାନ୍ତରଣ ପ୍ରଭାବ ବିଶେଷକରି ବିହାରରେ ପରିଲକ୍ଷିତ ହୋଇଥାଏ, ଯେଉଁଠି ଏକ ସରକାର ରେଳ ସଂଯୋଗ ଉପରେ ବହୁଳ ଭାବେ ସର୍ବଦା ନିର୍ଭରଶୀଳ ଲୋକଙ୍କ ଭାଗ୍ୟ ନିର୍ଣ୍ଣୟ କରୁଛନ୍ତି।

ପ୍ରିମିୟମ ଟ୍ରେନ୍‌ଗୁଡ଼ିକ ସ୍ୱଳ୍ପ ସଂଖ୍ୟକ ଲୋକଙ୍କୁ ସେବା ପ୍ରଦାନ କରୁଥିବାବେଳେ ଅମୃତ ଭାରତ ହେଉଛି ଲୋକଙ୍କ ବାସ୍ତବ ଟ୍ରେନ୍। ଏହି ଟ୍ରେନ୍‌ଗୁଡ଼ିକ ନନ୍-ଏସି ସୁପରଫାଷ୍ଟ, ଯାହାକୁ ପାରମ୍ପରିକ ମେଲ୍ ଓ ଏକ୍ସପ୍ରେସ୍ ଟ୍ରେନ୍ ଭଳି କମ୍ ଖର୍ଚ୍ଚରେ ଯାତ୍ରା ସକାଶେ ଡିଜାଇନ୍ କରାଯାଇଛି। କିନ୍ତୁ ଆଧୁନିକ ସମୟ ସହ ତାଳଦେଇ ଏଥିରେ ଅନେକ ସୁବିଧା କରାଯାଇଛି। ପାଟନା-ଦିଲ୍ଲୀ ଅମୃତ ଭାରତର ଗୋଟିଏ ସ୍ଲିପର ଟିକେଟ ୫୬୦ ଟଙ୍କା, ଯାହାକି ସାଧାରଣ ଟ୍ରେନ୍‌ଗୁଡ଼ିକ ତୁଳନାରେ ଅତ୍ୟଧିକ ବ୍ୟୟବହୁଳ ନୁହେଁ। ଏହି ଟ୍ରେନ୍‌ରେ ଯାତ୍ରା ଜର୍କମୁକ୍ତ ହୋଇଥିବାବେଳେ ସିଟ୍‌ଗୁଡ଼ିକୁ ଉନ୍ନତ କରାଯାଇଛି। ବାୟୋଭାକ୍ୟୁମ୍ ଟଏଲେଟ୍, ଏଲ୍‌ଇଡି ଲାଇଟ୍ ଓ ମୋବାଇଲ ଚାର୍ଜିଂ ପଏଣ୍ଟ ସୁବିଧା ଏଥିରେ ଥିବାବେଳେ ଅଗ୍ନିନିର୍ବାପକ ବ୍ୟବସ୍ଥା, ସେମି ଅଟୋମେଟିକ୍ କପ୍‌ଲର୍ସ ଓ ଅନ୍‌ବୋର୍ଡ କଣ୍ଡିଶନ ମନିଟରିଂ ଏହାର ସ୍ୱତନ୍ତ୍ର ବୈଶିଷ୍ଟ୍ୟ।

ଅମୃତ ଭାରତ ଟ୍ରେନ୍‌ଗୁଡ଼ିକ ଜାତୀୟ ସ୍ତରରେ ଦ୍ରୁତ ଭାବେ ବଢ଼ିବାରେ ଲାଗିଛି। ଏକ ଡଜନରୁ ଊର୍ଦ୍ଧ୍ୱ ପଥଦେଇ ଏହା ଚଳାଚଳ କରୁଥିବାବେଳେ ଆଗାମୀ କିଛିବର୍ଷ ମଧ୍ୟରେ ଏଭଳି ୨୦୦ ଟ୍ରେନ୍ ଚଳାଇବା ପାଇଁ ଯୋଜନା ରହିଛି। ମେକ୍ ଇନ୍ ଇଣ୍ଡିଆ କାର୍ଯ୍ୟକ୍ରମର ଏକ ଅଂଶ ରୂପେ ଏହି ଟ୍ରେନ୍‌ଗୁଡ଼ିକୁ ଭାରତରେ ନିର୍ମାଣ କରାଯାଉଛି। ଏହା ଯାତ୍ରୀସେବା ପ୍ରଦାନ ସହ ଶିଳ୍ପଭିତ୍ତିକ ମାଲ୍ ପରିବହନରେ ମଧ୍ୟ ନିୟୋଜିତ। ଏଭଳି ଗୋଟିଏ ଟ୍ରେନ୍ ନିର୍ମାଣ ପାଇଁ ୬୫ କୋଟି ଟଙ୍କା ଖର୍ଚ୍ଚ ହେଉଛି। ରେଳପଥ ପ୍ରଯୁକ୍ତି କ୍ଷେତ୍ରରେ ଏହା ଭାରତର ଆତ୍ମନିର୍ଭରଶୀଳତାକୁ ତ୍ୱରାନ୍ୱିତ କରିଛି। ବିହାରରେ ସାମାଜିକ ଓ ଅର୍ଥନୈତିକ କ୍ଷେତ୍ରକୁ ଏହା ବିଶେଷ ପ୍ରଭାବିତ କରିଛି। ଅମୃତ ଭାରତ ସେବା ପ୍ରଥମେ ୧୪ଟି ଟ୍ରେନରେ ପ୍ରଦାନ କରାଯାଉଛି, ଯହିଁରୁ ୧୦ଟି ବିହାର ସହ ପ୍ରତ୍ୟକ୍ଷ ଭାବେ ଜଡ଼ିତ। ଦରଭଙ୍ଗା, ପାଟନା, ସହର୍ସା, ମୋତିହାରି, ସୀତାମାଢ଼ି ଓ ଗୟାରୁ ବର୍ତ୍ତମାନ ଦିଲ୍ଲୀ, ମୁମ୍ବାଇ, ଲକ୍ଷ୍ନୌ, ଅମୃତସର ଏବଂ ବେଙ୍ଗାଲୁରୁ ପର୍ଯ୍ୟନ୍ତ ସିଧାସଳଖ ଟ୍ରେନ୍ ଚଳାଚଳ କରୁଛି। ନୂଆକରି ୩,୧୨୯ କି.ମି. ଯାତ୍ରା କରୁଥିବା ଯୋଗବାଣୀ-ଏରୋଡ୍ ଅମୃତଭାରତ ଏକ୍ସପ୍ରେସ୍ ବିହାରର ଉତ୍ତରପୂର୍ବ ସୀମାନ୍ତରୁ ତାମିଲନାଡୁ ପର୍ଯ୍ୟନ୍ତ ସପ୍ତାହକୁ ଥରେ ଚଳାଚଳ କରୁଛି। ଛାତ୍ରୀଛାତ୍ର, କର୍ମଚାରୀ, ପରିବାର ସଦସ୍ୟ କମ୍ ସମୟ ମଧ୍ୟରେ ସହଜରେ ଗମନାଗମନ ସୁବିଧା ଏଥିରୁ ପାଇପାରୁଛନ୍ତି। ଅମୃତ ଭାରତ ଷ୍ଟେଶନ ଯୋଜନାରେ ୧୩୦୦ ରେଳଷ୍ଟେଶନର ଆଧୁନିକୀକରଣ କରାଯାଉଛି। ସେଥିରୁ ୯୮ ଷ୍ଟେଶନ କେବଳ ବିହାରରେ ରହିଛି, ଯାହାକି ସ୍ଥାନୀୟ କଳାକାରମାନଙ୍କୁ ନିଜ କୃତି (ମଧୁବନି ପେଣ୍ଟିଂ ଓ ସ୍ଥାନୀୟ ମିଷ୍ଟାନ୍ନ)ର ବିପଣନ ସୁଯୋଗ ପ୍ରଦାନ କରୁଛି।

ପର୍ଯ୍ୟଟନ କ୍ଷେତ୍ରକୁ ମଧ୍ୟ ଏଥିରୁ ପ୍ରୋତ୍ସାହନ ମିଳିବ। ବୋଧଗୟା, ନାଳନ୍ଦା ଓ ପାଟନା ସାହିବ ଭଳି ଐତିହ୍ୟସମ୍ପନ୍ନ ସ୍ଥାନଗୁଡ଼ିକୁ ଶସ୍ତାରେ ସିଧାସଳଖ ଦେଶବିଦେଶର ଯାତ୍ରୀମାନେ ଆସିପାରିବେ। ଅନ୍ୟପକ୍ଷେ ଅମୃତସରର ସ୍ୱର୍ଣ୍ଣମନ୍ଦିର ହେଉ କି ଉତ୍ତରାଖଣ୍ଡର ହରିଦ୍ୱାର ଭଳି ଆନ୍ତଃରାଜ୍ୟ ପର୍ଯ୍ୟଟନସ୍ଥଳ ସବୁଠିକି ବିହାର ଯାତ୍ରୀମାନେ ସହଜ ଓ ସୁବିଧାରେ ଯାତାୟାତ କରିପାରିବେ।

ଅମୃତ ଭାରତ ଏକ୍ସପ୍ରେସ୍ କେବଳ ଚକ ଓ ବଗିର ସମାହାର ନୁହେଁ, ଏହା ସମାବେଶୀ ବିକାଶର ଏକ ସୂଚକ। ଆଧୁନିକ ପ୍ରଯୁକ୍ତି ଓ ବ୍ୟୟସାପେକ୍ଷତାକୁ ଏକତ୍ରିତ କରି ଏହା ଅନେକ ନିୟୁତ ଲୋକଙ୍କ ଜୀବନରେ ପରିବର୍ତ୍ତନ ଆଣୁଛି। କେବଳ ଏତିକି ନୁହେଁ, ଶିଳ୍ପ, ପର୍ଯ୍ୟଟନ ଓ ଜୀବିକା ବିସ୍ତାର କ୍ଷେତ୍ରରେ ମଧ୍ୟ ଅମୃତଭାରତ ଅଗ୍ରଣୀ ଭୂମିକା ନେଉଛି। ଭବିଷ୍ୟତ ଭାରତର ରେଳପଥ ଆଡ଼କୁ ଏହା ଏକ ପଦକ୍ଷେପ। ଅମୃତ ଭାରତ ଏକ୍ସପ୍ରେସ୍ ଏକ ନୂଆ ଅଧ୍ୟାୟ, ଯେଉଁଠି ଯୋଗସୂତ୍ରତା ବିହାରର ଆଶା ଆକାଂକ୍ଷା, ସୁଯୋଗ ଓ ଗର୍ବର ଚାଳକ ଶକ୍ତି ପାଲଟିବ।

– ଆଇଆରଟିଏସ୍ (ଅବସରପ୍ରାପ୍ତ)
ପୂର୍ବତନ ପିସିସିଏମ୍ ଏନ୍‌ଆର୍ ତଥା
ପୂର୍ବତନ ପିସିସିଏମ୍ ଡବ୍ଲ୍ୟୁସିଆର୍

# ନିର୍ମାଣ ହେବ ୫,୦୦୦ ବିପର୍ଯ୍ୟୟ ପ୍ରତିରୋଧୀ ସ୍କୁଲ, ଛାତ୍ରାବାସ

■ ଡିଜିଟାଲ ସୁରକ୍ଷାରେ ରହିବେ ୬୦% ଛାତ୍ରାଛାତ୍ରୀ
■ ଏସ୍‌ସି, ଏସ୍‌ଟି ବିଭାଗର ୨୦୩୬ ଖସଡ଼ା

ଭୁବନେଶ୍ୱର,୨୧।୯(ରବିନାରାୟଣ ଜେନା)

ଓଡ଼ିଶାର ସମସ୍ତ ଅନୁସୂଚିତ ଜାତି (ଏସ୍‌ସି), ଜନଜାତି (ଏସ୍‌ଟି) ଏବଂ ଅନ୍ୟାନ୍ୟ ପଛୁଆବର୍ଗ (ଓବିସି) ଛାତ୍ରାଛାତ୍ରୀଙ୍କ ଭବିଷ୍ୟତ ଉଜ୍ଜ୍ୱଳ କରିବା ସହ ସେମାନଙ୍କୁ ସବୁ ପ୍ରକାର ବିପର୍ଯ୍ୟୟରୁ ସୁରକ୍ଷା ଦେବା ଲାଗି ରାଜ୍ୟ ସରକାର ପ୍ରତିଶ୍ରୁତିବଦ୍ଧ। ଏନେଇ ବିଭାଗ ପକ୍ଷରୁ ୨୦୩୬-ସମୃଦ୍ଧ ଓଡ଼ିଶା ପାଇଁ ଭିଜନ ସହ ରିଜିଲିଏନ୍ସ (ଆପଦାକୁ ଦୃଢ଼ତା) ଖସଡ଼ା ପ୍ରସ୍ତୁତ କରାଯାଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ 'ବିକଶିତ ଓଡ଼ିଶା' ଆଭିମୁଖ୍ୟକୁ ଦୃଷ୍ଟିରେ ରଖି ଏସ୍‌ସି, ଏସ୍‌ଟି ବିକାଶ ବିଭାଗ ଭିଜନ୍-୨୦୩୬ ପ୍ରସ୍ତୁତ କରିଛି। ତଦନୁସାରେ ୨୦୩୬ ସୁଦ୍ଧା ରାଜ୍ୟରେ ୫,୦୦୦ ବିପର୍ଯ୍ୟୟ ପ୍ରତିରୋଧୀ ବିଦ୍ୟାଳୟ ଓ ଛାତ୍ରାବାସ ନିର୍ମାଣ କରିବା ଲକ୍ଷ୍ୟ ରହିଛି। ଏହାଦ୍ୱାରା ଛାତ୍ରାଛାତ୍ରୀ ସମସ୍ତ ପ୍ରକାର ବିପଦରୁ ମୁକ୍ତ ରହିବା ସହିତ ଏକ ସୁସ୍ଥ ପରିବେଶରେ ପାଠ ପଢ଼ିପାରିବେ ବୋଲି ବିଭାଗୀୟ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଛନ୍ତି।

ମନ୍ତ୍ରୀ ଶନିବାର କହିଛନ୍ତି ଯେ, ବିଭାଗ ପକ୍ଷରୁ ପ୍ରସ୍ତୁତ ଏହି ଖସଡ଼ାରେ ମୁଖ୍ୟମନ୍ତ୍ରୀଙ୍କ ଦୂରଦୃଷ୍ଟିକୁ ଗୁରୁତ୍ୱ ଦେଇ ୨୦୩୬ ସୁଦ୍ଧା ୭୫% ବିଦ୍ୟାଳୟ ଓ ଛାତ୍ରାବାସକୁ ସୁରକ୍ଷିତ ରଖାଯାଇପାରିବ। ସେହିପରି ୨୦୪୫ ସୁଦ୍ଧା ବିକଶିତ ଭାରତକୁ ଦୃଷ୍ଟିରେ ରଖି ରାଜ୍ୟର ୯୫% ଛାତ୍ରାଛାତ୍ରୀ ଏକ ସୁସ୍ଥ ପରିବେଶରେ ଅଧ୍ୟୟନ କରିପାରିବେ। ଉକ୍ତ ଅବଧି ମଧ୍ୟରେ ବିଭାଗ ପକ୍ଷରୁ ୫,୦୦୦ ବିପଦମୁକ୍ତ ବିଦ୍ୟାଳୟ ଓ ଛାତ୍ରାବାସ ନିର୍ମାଣ କରିବ। ବିଦ୍ୟାଳୟରେ ଏମର୍ଜେନ୍ସି ଆକ୍ସନ ପ୍ଲାନ(ଇଏପି)କୁ ସୁଦୃଢ଼ କରାଯିବ। ବିଦ୍ୟାଳୟରେ ପରିମଳ ବ୍ୟବସ୍ଥାର ଆଧାର କରି ବିଦ୍ୟୁତ୍ ନିରାପତ୍ତା, ପ୍ରାଥମିକ ଚିକିତ୍ସା କିଟ୍ ଆଦି ରହିବ। ଫଳରେ ୨୦୩୬ ସୁଦ୍ଧା ଶତପ୍ରତିଶତ ଛାତ୍ରାଛାତ୍ର ସୁସ୍ଥ ବାତାବରଣରେ ପାଠପଢ଼ିବେ ଏବଂ ଭବିଷ୍ୟତ ଗଢ଼ିବେ।

ବିଭାଗର ରୋଡ୍‌ମ୍ୟାପ୍ ଅନୁଯାୟୀ, ଏହିସବୁ ସ୍କୁଲରେ ୨୦୨୪ରେ ୭ଟି ହିଂସା ଓ ନିର୍ଯାତନା ସମ୍ପର୍କିତ ଘଟଣା ଘଟିଛି। ୨୦୩୬ ସୁଦ୍ଧା ଏହାକୁ ୪୦% ହ୍ରାସ କରାଯିବାକୁ ଲକ୍ଷ୍ୟ ରଖାଯାଇଥିବାବେଳେ ୨୦୪୫ ସୁଦ୍ଧା ୭୦% ହ୍ରାସ କରାଯିବ। ସେହିପରି ୨୦୨୪ରେ ବିଭିନ୍ନ ବିଦ୍ୟାଳୟରେ ୨୭ ଦୁର୍ଘଟଣା ଘଟିଥିବାବେଳେ ଏହାକୁ ୨୦୩୬ ସୁଦ୍ଧା ୩୦% ଏବଂ ୨୦୪୫ ସୁଦ୍ଧା ୭୦% ହ୍ରାସ କରାଯିବ। ତେବେ ୨୦୩୬ ସୁଦ୍ଧା ସମସ୍ତ ଛାତ୍ରାଛାତ୍ରୀଙ୍କୁ ବିଦ୍ୟାଳୟରେ ସୁରକ୍ଷିତ ଓ ନିରାପତ୍ତା ଯୋଗାଇ ଦିଆଯିବ।

ଆବାସିକ ଛାତ୍ରାବାସଗୁଡ଼ିକରେ ୨୦୨୪ରେ ୧୭୭୫ଟି ଦୁର୍ଘଟଣା ଘଟିଛି। ୨୦୩୬ ସୁଦ୍ଧା ଏହାକୁ ଶତପ୍ରତିଶତ ହ୍ରାସ କରାଯିବ। ତେବେ ଡିଜିଟାଲ ଶିକ୍ଷାରେ କିଭଳି ଅନୁନ୍ନତ ବର୍ଗର ଛାତ୍ରାଛାତ୍ରୀଙ୍କୁ ସଚେତନ କରାଯାଇପାରିବ ସେନେଇ ବିଭାଗ ସ୍ୱତନ୍ତ୍ର ପରିକଳ୍ପନା କରିଛି। ଏଥିପାଇଁ ମଧ୍ୟ ବିଭାଗ ପକ୍ଷରୁ ଚିଲଡ୍ରେନ/ଷ୍ଟାଫ୍ ଟ୍ରେନ୍ଡ ଇନ୍ ଡିଜିଟାଲ ସେଫ୍ଟି କାର୍ଯ୍ୟକ୍ରମ କରାଯିବ; ଯେଉଁଥିରେ ଶତପ୍ରତିଶତ ଛାତ୍ରାଛାତ୍ର ଓ ଶିକ୍ଷକ ଡିଜିଟାଲ ଓ ସାଇବର ସୁରକ୍ଷା ବଳୟରେ ରହିପାରିବେ।

# ଯୁବବର୍ଗଙ୍କ ପାଇଁ ରାଜ୍ୟ ସରକାରଙ୍କ କୌଣସି ରୋଡ୍‌ମ୍ୟାପ୍ ନାହିଁ: ବିଜେଡି

ଭୁବନେଶ୍ୱର,୨୧।୯(ରବିନାରାୟଣ ଜେନା)

ରାଜ୍ୟରେ ଭାଜପା କ୍ଷମତାକୁ ଆସିବାର ୧୫ ମାସ ବିତି ଯାଇଥିଲେ ମଧ୍ୟ ଯୁବ ବର୍ଗର ବିକାଶ ପାଇଁ ସରକାରଙ୍କ କୌଣସି ରୋଡ୍‌ମ୍ୟାପ୍ ନାହିଁ ବୋଲି ବିଜେଡି ଅଭିଯୋଗ କରିଛି। ରବିବାର ଶଙ୍ଖଭବନଠାରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ବିଜୁ ଯୁବ ଜନତା ଦଳ ସଭାପତି ଚିନ୍ମୟ ସାହୁ କହିଛନ୍ତି, ରାଜ୍ୟରେ ବେକାରି, ବେରୋଜଗାରୀ ଏବେ ଚରମ ସୀମାରେ ପହଞ୍ଚିଛି। ଗୋଟିଏ ପଟେ ରାଜ୍ୟ ସରକାର ନିଶାମୁକ୍ତ ଭାରତ ନାରା ଦେଇ ଗଣଦୌଡ଼ ଆୟୋଜନ କରୁଥିବାବେଳେ ଅପରପକ୍ଷରେ ନୂଆ ହୋଇଥିବା ପ୍ରାୟ ୭୦ଟି ମଦ ଦୋକାନ ଖୋଲିବ ବୋଲି ସୂଚନା ଦେଇଛନ୍ତି। ଏଗୁଡ଼ିକ, ଶିକ୍ଷାନୁଷ୍ଠାନ ଓ ଧାର୍ମିକ ଅନୁଷ୍ଠାନ ନିକଟରେ ଥିବାରୁ ବିଜେଡି ସରକାର ଏଗୁଡ଼ିକୁ ବନ୍ଦ କରିବାକୁ ନିଷ୍ପତ୍ତି ନେଇଥିଲେ ବୋଲି ସାହୁ କହିଛନ୍ତି।

# 'ଭୋଟ୍ ଚୋର ଗାଦି ଛାଡ଼' ପ୍ରସଙ୍ଗ ସବୁ ଦୁଆରେ ପହଞ୍ଚିବ

## ଆରମ୍ଭହେଲା ସ୍ୱାକ୍ଷର ଅଭିଯାନ

ଭୁବନେଶ୍ୱର,୨୧।୯(ରବିନାରାୟଣ ଜେନା)

ଲୋକ ସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଉଠାଇଥିବା 'ଭୋଟ୍ ଚୋର ଗାଦି ଛାଡ଼' ପ୍ରସଙ୍ଗକୁ ଓଡ଼ିଶାର ପ୍ରତ୍ୟେକ ଦ୍ୱାର ଦେଶରେ ପହଞ୍ଚାଯିବ ବୋଲି ପିସିସି ସଭାପତି ଭକ୍ତ ଚରଣ ଦାସ କହିଛନ୍ତି।

କଂଗ୍ରେସ ଭବନଠାରେ ଦସ୍ତଖତ କାର୍ଯ୍ୟକ୍ରମ ଓଡ଼ିଶା ପ୍ରଦେଶ ଅନୁସୂଚିତ ଜାତି ବିଭାଗ ଅଧ୍ୟକ୍ଷ ମାନସ କୁମାର ମଲ୍ଲିକଙ୍କ ଅଧ୍ୟକ୍ଷତାରେ ରବିବାର ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଭକ୍ତ କହିଥିଲେ, ଭୋଟରତାଲିକାରେ ଅନିୟମିତତା କରି ମୋଦି ସରକାର ଏବଂ ମୋହନ ସରକାର କ୍ଷମତାକୁ ଆସିଛନ୍ତି। ଲୋକଙ୍କ ଆସ୍ଥା ଓ ବିଶ୍ୱାସକୁ ଲୁଣ୍ଠନ କରାଯାଇଛି, ଯାହାର ପରିଣାମ ଭାଜପା ସରକାର ଆଗାମୀ ଦିନରେ ଭୋଗିବେ।

ଏହି ଅବସରରେ କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ କହିଥିଲେ, ଦେଶରେ ଏବଂ ରାଜ୍ୟରେ ଏକ ନିର୍ବାଚିତ ସରକାର ନୁହେଁ ବରଂ ଏକ ଭୋଟ ଲୁଣ୍ଠନକାରୀ ସରକାର କ୍ଷମତାରେ ଅଛି। ଭୋଟ ଚୋରି ବିଷୟରେ ଜନସାଧାରଣଙ୍କୁ ଅବଗତ କରାଇବା ପାଇଁ ପ୍ରଦେଶ ଅନୁସୂଚିତ ଜାତି ବିଭାଗ ପଞ୍ଚାୟତସ୍ତରକୁ ଯିବ ଏବଂ ସାଧାରଣ ଲୋକଙ୍କୁ ସଚେତନ କରାଇବ। ଉକ୍ତ ବିଷୟକୁ ନେଇ ଓଡ଼ିଶାର ୧୧ଟି ଜନବହୁଳ ସହରରେ ଆଗାମୀ ଦିନରେ ଏକା ସାଙ୍ଗରେ ସାମ୍ବାଦିକ ସମ୍ମିଳନୀ କରାଯିବ ବୋଲି ବିଭାଗ ଅଧ୍ୟକ୍ଷ ଆଇନଜୀବୀ ମଲ୍ଲିକ ମତପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଭାଗର ଉପାଧ୍ୟକ୍ଷ ତଥା ପୂର୍ବତନ ବିଧାୟକ ସୁଦର୍ଶନ ଜେନା, ଉପାଧ୍ୟକ୍ଷ ଅଶୋକ ନାୟକ ପ୍ରମୁଖ ଅଂଶଗ୍ରହଣ କରିଥିଲେ।

# ରୋଗ ଯନ୍ତ୍ରଣା ଅସହ୍ୟ ହେବାରୁ ଦେହରେ ନିଆଁ ଲଗାଇଲେ ଯୁବକ

ଭଦ୍ରକ,୨୧।୯(ସନାତନ ରାଉତ)

ଅସହ୍ୟ ହେଲା ରୋଗ ଯନ୍ତ୍ରଣା। ନିଜ ଦେହରେ ନିଆଁ ଲଗାଇଦେଲେ ଯୁବକ। ରବିବାର ଏଭଳି ଅଭାବନୀୟ ଘଟଣା ଘଟିଛି ଭଦ୍ରକ ଜିଲ୍ଲା ସଦର ବ୍ଲକ ଅଧୀନ ବନ୍ଧଗାଁ ପଞ୍ଚାୟତର ଭୋଳିଆ ଗ୍ରାମରେ। ଯୁବକ ଜଣକ ହେଲେ ଉକ୍ତ ଗ୍ରାମର ମଦନ ବାରିକଙ୍କ ପୁଅ ଦିଲୀପ(୨୮)। ତାଙ୍କ ଶରୀର ପ୍ରାୟ ୫୦ ପ୍ରତିଶତ ପୋଡ଼ିହୋଇ ଯାଇଥିବା ବେଳେ ସେ ଏବେ କଟକ ବଡ଼ ଡାକ୍ତରଖାନାରେ ଚିକିତ୍ସାଧୀନ ଅଛନ୍ତି। ସୂଚନା ଅନୁଯାୟୀ, ଦିଲୀପ କିଛିଦିନ ହେଲା ପେଟରୋଗରେ ପୀଡ଼ିତ। ରବିବାର ତାଙ୍କୁ ମେଡିକାଲରେ ଭର୍ତ୍ତି କରିବାର ଥିଲା। କିନ୍ତୁ ସକାଳ ୭ଟା ବେଳେ ପୂର୍ବରୁ ରଖିଥିବା ବହୁ ମେଡିସିନ ଖାଇଦେବା ସହ ଘର ପାଖ ଏକ ଗଡ଼ିଆ ନିକଟରେ ନିଜ ଦେହରେ ଡିଜେଲ ଢାଳି ନିଆଁ ଲଗାଇ ଦେଇଥିଲେ। ପୁଅ ଜଳୁଥିବା ଦେଖି ତାଙ୍କ ମା' ନିଆଁ ଲିଭାଇବା ପାଇଁ ଦିଲୀପଙ୍କୁ ଗଡ଼ିଆକୁ ଠେଲି ଦେଇଥିଲେ। ଗଡ଼ିଆ ପାଣିରେ ପଡ଼ିଯିବା ପରେ ନିଆଁ ଲିଭିଯାଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ପ୍ରଥମେ ଭଦ୍ରକ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ପରେ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିବା ସରପଞ୍ଚ ନିରୋଦ ରାଉତ କହିଛନ୍ତି।

# କଂଗ୍ରେସ ସରକାର ଗଠନ କରିବାରେ ରହିବ ବଡ଼ ଭୂମିକା: ଭକ୍ତ

## ଆଇଏନ୍‌ଟିୟୁସିର କାର୍ଯ୍ୟକାରିଣୀ ବୈଠକ

ଭୁବନେଶ୍ୱର,୨୧।୯(ରବିନାରାୟଣ ଜେନା)

ଆଗାମୀ ଦିନରେ ଓଡ଼ିଶାରେ କଂଗ୍ରେସକୁ ସୁଦୃଢ଼ କରିବା ସହିତ ସରକାର ଗଠନ କରିବାରେ ରାଷ୍ଟ୍ରୀୟ ମଜ୍ଦୁର କଂଗ୍ରେସର ସଦସ୍ୟମାନଙ୍କ ବଡ଼ ଭୂମିକା ରହିବ ବୋଲି ପିସିସି ସଭାପତି ଭକ୍ତ ଚରଣ ଦାସ କହିଛନ୍ତି।

ରବିବାର ରାଷ୍ଟ୍ରୀୟ ମଜ୍ଦୁର କଂଗ୍ରେସ ଓଡ଼ିଶା ଶାଖା କାର୍ଯ୍ୟାଳୟରେ ରାଜ୍ୟ କାର୍ଯ୍ୟକାରିଣୀ ବୈଠକରେ ସଦସ୍ୟମାନଙ୍କୁ ଆହ୍ୱାନ ଦେଇ ଭକ୍ତ କହିଥିଲେ, ରାଜ୍ୟରେ ଜଙ୍ଗଲ, ଖଣିଖାଦାନ ତଥା ନିର୍ମାଣ ଓ ଅସଙ୍ଗଠିତ କ୍ଷେତ୍ରରେ କାର୍ଯ୍ୟରତ ଶ୍ରମିକମାନଙ୍କର ଅନେକ ସମସ୍ୟା ରହିଛି। ସେମାନଙ୍କୁ ସାମାଜିକ ସୁରକ୍ଷା ବଳୟକୁ ଆଣିବା, ବିଶେଷକରି ସ୍ୱାସ୍ଥ୍ୟ ସୁରକ୍ଷା ସମ୍ବନ୍ଧିତ ଯେକୌଣସି ଆନ୍ଦୋଳନକୁ ରାଜ୍ୟ କଂଗ୍ରେସ ସହଯୋଗ କରିବା ପାଇଁ ପ୍ରତିଶ୍ରୁତିବଦ୍ଧ।

ରାମଚନ୍ଦ୍ର ଖୁଣ୍ଟିଆଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ୍ କଂଗ୍ରେସ ପ୍ରତି ବଢୁଥିବା ଜନସମର୍ଥନ ସମ୍ପର୍କରେ କହିବା ସହିତ ଆଇଏନ୍‌ଟିୟୁସିର ପ୍ରତ୍ୟେକ ବିକାଶମୂଳକ କାର୍ଯ୍ୟରେ କଂଗ୍ରେସର ସହଯୋଗ ରହିବ ବୋଲି କହିଥିଲେ। ଏହି ଅବସରରେ ଖୁଣ୍ଟିଆ ତାଙ୍କ ଅଭିଭାଷଣରେ ସମଗ୍ର ରାଜ୍ୟରେ ଶ୍ରମିକମାନଙ୍କ ସମସ୍ୟା ଉପରେ ଆଲୋକପାତ କରି ଲୋକ ସଭାର ବିରୋଧୀଦଳ ନେତା ରାହୁଲ ଗାନ୍ଧୀଙ୍କ ଜାତି ଜନଗଣନା ପ୍ରସ୍ତାବକୁ କେନ୍ଦ୍ର ସରକାର ଗ୍ରହଣ କରିଥିବାରୁ ଧନ୍ୟବାଦ ଦେଇଥିଲେ। ଏହାସହିତ ଆଗାମୀ ଦିନରେ ସ୍ୱଚ୍ଛ ନିର୍ବାଚନ ପାଇଁ ତାଙ୍କ ଏସ୍.ଆଇ.ଆର୍. ମାଧ୍ୟମରେ ଭୋଟରତାଲିକା ପ୍ରସ୍ତୁତ କରିବା ପ୍ରସ୍ତାବକୁ ସେ ପ୍ରଶଂସା କରିଥିଲେ। କାର୍ଯ୍ୟକ୍ରମରେ ପ୍ରବାସୀ ଶ୍ରମିକମାନଙ୍କ ପାଇଁ ସ୍ୱତନ୍ତ୍ର ନିଯୁକ୍ତି ବ୍ୟବସ୍ଥା କରିବା ସହିତ ସେମାନଙ୍କୁ ରାଜ୍ୟକୁ ଫେରାଇ ଆଣିବା ଏବଂ ଏ ବାବଦରେ ଅନ୍ୟୁନ ୧୦୦୦ କୋଟି ଟଙ୍କା ବ୍ୟୟ ମଞ୍ଜୁର କରିବା, ଭବିଷ୍ୟନିଧି ପେନ୍‌ସନ ସ୍କିମ୍-୧୯୯୫ର ପେନ୍‌ସନକୁ ସର୍ବନିମ୍ନ ୧ ହଜାର ଟଙ୍କାରୁ ୯ ହଜାର ଟଙ୍କା ବୃଦ୍ଧି କରିବା ସହିତ ଉକ୍ତ ପେନ୍‌ସନକୁ ମହଙ୍ଗା ଭତ୍ତା ସହିତ ସଂଲଗ୍ନ କରିବା ଭଳି ବିଭିନ୍ନ ଦାବି ଉପରେ ବିସ୍ତୃତ ଆଲୋଚନା ହୋଇଥିଲା। ସାଧାରଣ ସମ୍ପାଦକ କିଶୋର ଜେନା ସ୍ୱାଗତ ଭାଷଣ ପ୍ରଦାନ କରିଥିଲାବେଳେ ଉପସଭାପତି ମଦନ ମୋହନ ଧଳ ସମସ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।


**OFFICE OF THE SUPERINTENDING ENGINEER, ELECTRICAL CIRCLE (R&B) NIRMAN SOUDHA, BHUBANESWAR**

E-mail : seec.bbsr2010@gmail.com
Bid Identification No.S.E.E.C (R&B) 13/2025-26
No. 3443/Date : 20.09.2025

No.B-556 : The Superintending Engineer, Electrical Circle (R&B) Odisha, Bhubaneswar on behalf of the Governor of Odisha invites percentage rate bids for E.I. works which are to be received through online bidding, double cover system as detailed in :https://tendersorissa.gov.in. The details of bid documents will be available in the above website from dt.23.09.2025 at 05.00 P.M. to dt.07.10.2025 up to 05.00 P.M. The bidders must possess compatible Digital Signature Certificate of Class II or III. Bids received online shall be opened dt.08.10.2025 at 11.30 A.M. in the Office of the Superintending Engineer, Electrical Circle (R&B), Odisha, Bhubaneswar. Further details can be seen from the e-procurement portal www.tendersorissa.gov.in.

Addendum / Corrigendum, if required, will be available only in the Website.

Sd./- Superintending Engineer
Electrical Circle (R&B), Odisha, BBSR
OIPR-34006/11/0048/2526

**GOVERNMENT OF ODISHA OFFICE OF THE SUPERINTENDING ENGINEER, P.H. DIVISION, SAMBALPUR** No.C-1124

Email ID : eephdsbp@gmail.com
NOTICE INVITING TENDERS
NATIONAL COMPETITIVE BIDDING THROUGH e-Procurement
Bid Identification No. SEPHSBP-03/2025-26 Dt.18.09.2025

01. Name of the Work : 1 No. Work
02. Type of Bid : Two Bid System
03. Estimated Cost : Rs.281.43 lakhs
04. Period of Completion : 06 (Six) Calendar Months
05. Date & Time of availability of bid document in the portal : From 11.00 A.M. of dt.25.09.2025 to 5.00 P.M. of 14.10.2025
06. Last date / time of receipt of bids in the portal : 5.00 P.M. of 14.10.2025
07. Date & Time of opening of technical bids : At 11.30 A.M. of 15.10.2025
08. Name and Address of the Officer Inviting Bid : Superintending Engineer, P.H. Division, Sambalpur, Brooks Hill, Near Stadium, At/Po-Motijharan, Dist.-Sambalpur-768 001

Further details can be seen from the website http://tenders.ori.nic.in or www.tendersorissa.gov.in

Sd./- Superintending Engineer
P.H. Division, Sambalpur
OIPR-13026/11/0012/2526

**Government of Odisha Office of the Superintending Engineer, Rural Works Division-II, Dhenkanal Kamakhyanagar**

No.O-805
E-Mail : rw.kamakhyanagar@yahoo.co.in
e-procurement Notice No. 11 / Building Work / 2025-26

| | | |
|---|---|---|
| 1 | Name of the work | : Building Work |
| 2 | Total No. of Works | : 06 (Six) Nos. |
| 3 | Tender Cost | : Rs.34.84 to 42.83 Lakhs |
| 4 | Class of Contractor | : "C" & "B" Class |
| 5 | Period of Completion | : 3 calendar months |
| 6 | Availability of Tender online for bidding | : 23.09.2025 at 11.00 A.M. to 04.10.2025 up to 5.00 P.M. |
| 7 | Last Date & Time of seeking tender clarification | : 03.10.2025 upto 4.00 P.M. |
| 8 | Date & Time of opening of Bid | : 06.10.2025 at 11.00 A.M. |

Other Details can be seen from the website http://tendersorissa.gov.in.

Sd./- Superintending Engineer
R.W. Division-II, Dhenkanal
Kamakhyanagar
OIPR-25094/11/0033/2526

**OFFICE OF THE SUPERINTENDING ENGINEER, RWS&S DIVISION, BARGARH**

Email : eerwss_bgh@.nic.in, Ph (O) : 06646 233220, FAX : 06646 234626
No.3712 / Dt.16.09.2025
GOVERNMENT OF ODISHA "e" PROCUREMENT NOTICE
Bid Identification No. 03 Dt of 2025-26

No.O-821 : The Superintending Engineer, RWS&S Division, Bargarh on behalf of the Governor of Odisha invites tenders from the valid licensed holder contractors of class 'B' or 'A' registered with any department of State Government or equivalent class of Central Govt. etc. to be eventually drawn up in G2 Contract Form for the below work as per terms and condition noted below.

1. Name of the work : Execution of Improvement with Retrofitting to Rural Piped Water Supply to Village Bheunria under Padampur Block
2. approx. Estimated cost : **Rs.83.47 lakh**
3. Date and time of availability of document in the portal : **Dt.23.09.2025** to **Dt.13.10.2025** up to 5.00 P.M.
4. Last date/time for receipt of bids in the portal : **Dt.13.10.2025** up to 5.00 P.M.
5. Date & time of Opening of Tender : **Dt.14.10.2025** at 11.00 A.M.
6. Name and address of the Officer Inviting Bid : Superintending Engineer, RWS&S Division, Bargarh, District : Bargarh

Further details can be seen from the e-procurement portal "http//tendersorissa.gov.in". The authority reserves the right to reject any or all the tenders without assigning any reason thereof.

Sd./- Superintending Engineer
RWS&S Division, Bargarh
OIPR-25018/11/0003/2526

**GOVERNMENT OF ODISHA OFFICE OF THE SUPERINTENDING ENGINEER MALKANGIRI (R&B) DIVISION, MALKANGIRI**

No.B-548
E-Procurement Notice
Bid Identification No. S.E (R&B)-MLK-15/2025-26
No.5251 Date : 16.09.2025

1. Name of the work : Building Work
2. Total No. of Works : 01 No.
3. Estimated cost : Rs.40.95 Lakhs
4. Period of completion : 03 (Three) months
5. Date & time of availability of bid document in the portal : from 11.00 hrs. of 23.09.2025 to 16.00 hrs. of 09.10.2025
6. Last date / Time for receipt of bids in the Portal : 16.00 hours of 09.10.2025
7. Date of opening of Tender : 11.00 hours of 10.10.2025
8. Name and address of the Officer Inviting Bid : Superintending Engineer Malkangiri (R&B) Division

**Further details can be seen from the e-procurement portal https://tendersorissa.gov.in**

Sd./- Superintending Engineer
Malkangiri (R&B) Division
OIPR-34063/11/0021/2526

**OFFICE OF THE SUPERINTENDING ENGINEER DEOGARH (R&B) DIVISION, DEOGARH**

E-mail ID : eepwddeogarh@gmail.com
INVITATIONS FOR BIDS (IFB)
Letter No. 2561 Dtd. 16.09.2025
No.B-538
Invitation for Bids
Bid Identification No. SE PWD DGR No. 13 of 2025-26

| | | |
|---|---|---|
| 1. | The Superintending Engineer, Deogarh (R&B) Division, Deogarh, on behalf of Government of Odisha, invites percentage rate bids in Single & Double cover system in ONLINE MODE only, for Construction of Road Building and Electrical works as detailed below. | |
| 2. | Nature of work | : Road, Building and Electrical works |
| 3. | No. of works | : 03 Nos. |
| 4. | Bid Cost | : Rs.6000/- & 10000/- |
| 5. | Class of Contractor | : "B" Class & "H.T" Electrical |
| 6. | Availability of Bid Documents in the website | : From dt.23.09.2025 to 17:00 hours of dt.08.10.2025 |
| 7. | Date of Opening of Technical Bid | : Dt.09.10.2025 at 11:30 A.M. |
| 8. | The Bidders have to participate in ONLINE bidding only. Further details can be seen from the website : http://www.tendersorissa.gov.in. Any addendum/corrigendum/cancellation of tender can also be seen in the said website only | |

Sd./- Superintending Engineer
Deogarh (R&B) Division
OIPR-34061/11/0015/2526

**GOVERNMENT OF ODISHA OFFICE OF THE ADDITIONAL CHIEF ENGINEER, PUBLIC HEALTH CIRCLE, BERHAMPUR** No.C-1126

E-Mail ID - acephcbam@gmail.com
NATIONAL COMPETITIVE BIDDING THROUGH e-Procurement
Invitation For Bids (IFB)

| Sl. No. | Name of Work | Bid Identification No. | Estimated Cost (Rs. in Lakhs) | Period of Completion | Availability of Bid Document for Online Bidding | | Name & Address of Officer Inviting Bid |
|---|---|---|---|---|---|---|---|
| | | | | | From | To | |
| 1 | 2 | 3 | 4 | 5 | 6 | 7 | 8 |
| 1 | Construction of ESR for Zonal water supply with other ancillary works in Chikiti NAC under State Plan | Identification No. ACEPHCBAM 10/2025-26 Dt.19.09.2025 | 391.31 | 12 (Twelve) Calendar Months | 11.00 Hrs. of 26.09.2025 | 17.30 Hrs. of 16.10.2025 | Chief Engineer, P.H. Circle, Berhampur |

The technical bid shall be opened on dt.18.10.2025 at 12.30 P.M.
Further details can be seen from the e-Procurement portal http://tendersodisha.gov.in

OIPR-13004/11/0026/2526
Sd./- CHIEF ENGINEER (PH)

**OFFICE OF THE SUPERINTENDING ENGINEER (AGRIL.), CENTRAL ZONE, BHUBANESWAR, ODISHA**

Phone No. - (0674)-2571075, E-mail ID - secz_bag@gov.in
e-Procurent Notice No - 1970/Agril, Date - 19.09.2025
Bid Identification No. : 10/S.E. (A), C/Z, BBSR/2025-26

No.L-70 : The Superintending Engineer (Agril.), Central Zone, Satya Nagar, Bhubaneswar, Odisha on behalf of Governor of Odisha, invites percentage rate bids in double cover system from the eligible class of contractors through e-procurement in ONLINE MODE only in the website "www.tendersodisha.gov.in" for the work as detailed below (Composite Tender)

1. Name & Type of the work : Civil construction works-RCC framed structure Building Construction of Office Building of EE (Agril), Cuttack Division, District - Cuttack
2. Estimated Cost put to Tender : Rs.9988750.00
3. EMD Amount : Rs.99887.00
4. Bid Cost : Rs.10,000/- as Mentioned in Column - 04
5. Period of completion : 08 (Eight) Calendar Months Mentioned in Column - 07
6. No. of work (Tender) : 01 no.
7. Class of Contractor : 'B' class with valid LT/HT/MV Electrical License as Mentioned in Column - 06
8. Date & Time of availability of bid document in the portal : 22.09.2025 at 10 A.M. to Dt.06.10.2025 at 5.00 P.M.
9. Last date / Time for receipt of bids in the portal : Dt.06.10.2025 at 5.00 P.M.
10. Last Date of submission of documents/Hardcopy : Dt.08.10.2025, 5.00 P.M. (Working days) only
11. Date & time of opening of online bids : Dt.09.10.2025 at 11.30 A.M. & onwards
12. Name and address of the officer inviting Bid : Superintending Engineer (Agril.), Central Zone, Satya Nagar, Bhubaneswar, Odisha-751007

NB : The Bidders have to participate in ONLINE bidding only in the e-Procurement website : https://tendersodisha.gov.in with matching class DSC. Any addendum / Corrigendum / cancellation of tender / other details of the DTCN can also be seen in the said website. Authority reserve the right to reject/accept any or all of the tenders, increase/decrease the quantities of works without assigning any reason thereof.

Sd./- Superintending Engineer (Agril.)
Central Zone, Bhubaneswar
OIPR-01573/11/0012/2526

**GOVERNMENT OF ODISHA DEPARTMENT OF WATER RESOURCES OFFICE OF THE ADDITIONAL CHIEF ENGINEER EASTERN CIRCLE-I, CANTONMENT ROAD, CUTTACK** No.A-646

Email id : seeccuttack@gmail.com
'e' Procurement Notice No.ACE, EC-I/04 of 2025-26

| | | | |
|---|---|---|---|
| 1 | Name of Work | : | Improvement to Mahanadi left embankment service road from Mangarajpur to Sankhameri and Tunpur to Mugagahira. **Bid identification No.ACE, EC-I MND 02 of 2025-26** |
| | | : | Improvement of D-7A right bank from Panaspur Medical Chhak to Baujanga village. **Bid identification No.ACE, EC-I MND 03 of 2025-26** |
| | | : | Improvement of D-7A1 right bank service road from Bandareswar chhak to Pallei School and D-6 canal road from RD 00m to 700m. **Bid identification No.ACE, EC-I MND 04 of 2025-26** |
| 2 | Total No. of Works | : | 3 (Three) Nos. works |
| 3 | Tender paper Cost (online) (Non-refundable) | : | Rs.10,000.00 (Ten thousand) for each tender |

4. Bid details are as follows :

| Procurement Officer | Bid Identification No. | Tender Cost (Rs. in Lakh) (Approx.) | EMD (On-line) (in Rs.) | Class of Contractor | Period of Completion | Availability of Tender On-line for bidding | | Date of Opening of Technical Bid (Cover-I) |
|---|---|---|---|---|---|---|---|---|
| | | | | | | From | To | |
| Additional Chief Engineer, Eastern Circle-I, Cuttack | ACE, EC-I MND 02 of 2025-26 | 235.75 | 2,35,800.00 | 'B' & 'A' | 10 (Ten) Calendar months | 24.09.2025 at 10.00 hrs. | 14.10.2025 upto 17.30 hrs. | 15.10.2025 at 11.30 hrs. |
| | ACE, EC-I MND 03 of 2025-26 | 167.43 | 1,67,500.00 | 'B' & 'A' | 10 (Ten) Calendar months | 24.09.2025 at 10.00 hrs. | 14.10.2025 upto 17.30 hrs. | 15.10.2025 at 11.30 hrs. |
| | ACE, EC-I MND 04 of 2025-26 | 237.00 | 2,37,000.00 | 'B' & 'A' | 10 (Ten) Calendar months | 24.09.2025 at 10.00 hrs. | 14.10.2025 upto 17.30 hrs. | 15.10.2025 at 11.30 hrs. |

All other terms and conditions can be seen from the Govt. website www.tendersodisha.gov.in
All corrigendum / cancellation of tender if any, will only be uploaded in the above website.

Sd./- Additional Chief Engineer
Eastern Circle-I, Cuttack
OIPR-32370/11/0020/2526

**GOVERNMENT OF ODISHA OFFICE OF THE CHIEF CONSTRUCTION ENGINEER RURAL WORKS CIRCLE, SUNDARGARH** No.O-797

AT/PO - SANKARA, SUNDARGARH - 770020, E-mail address - serw_sundargarh@yahoo.com
No. Tender Online - RWCCESNG - 14 of 2025-26, Letter No. 2190 / Dtd. 16.09.2025
e-Procurement NOTICE

1. Type of the Work : Building, 2. Class of Contractor : As specified in the column-6 of the Annexure, 3. Time of Completion : As specified in the column-5 of the Annexure, 4. Detail Projects : As per Annexure attached, 5. Estimated Cost : As specified in the column-4 of the Annexure, 6. Other details :

| Procurement Officer | Bid Identification No. | Availability of Tender on-line for bidding | | Last Date & Time of Seeking Tender Clarification | Date & Time of opening of tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Sundargarh | RWCCESNG - 14 of 2025-26 | 23.09.2025 11:00 A.M. | 08.10.2025 5:00 P.M. | 06.10.2025 5:00 P.M. | 09.10.2025 11:00 A.M. | Will be intimated separately |

Further details can be seen from the website www.tendersodisha.gov.in

Sd./- Chief Construction Engineer
Rural Works Circle, Sundargarh
OIPR-25133/11/0070/2526

# ୩ ମାସ ହେବ ହିମୋଫିଲିଆ ରୋଗୀଙ୍କୁ ମିଳୁନି ଫ୍ୟାକ୍ଟର

## କ୍ୟାପିଟାଲ ହସ୍ପିଟାଲରେ ଚିକିତ୍ସା ବାଧାପ୍ରାପ୍ତ

### ଓଡ଼ିଶା ମେଡିକାଲ କର୍ପୋରେଶନକୁ ଚିଠି ଲେଖାଯାଇଛି: ହସ୍ପିଟାଲ କର୍ତ୍ତୃପକ୍ଷ

ଭୁବନେଶ୍ୱର, ୨୧।୯ (ବନ୍ଦନା ସେଠୀ)




ରାଜ୍ୟ ସରକାର ସ୍ୱାସ୍ଥ୍ୟସେବାକୁ ପ୍ରାଥମିକତା ଦେବା ସହ ଭିତ୍ତିଭୂମି ବିକାଶ ଉପରେ ଗୁରୁତ୍ୱ ଦେଉଛନ୍ତି। ମାତ୍ର ରାଜଧାନୀର ପ୍ରମୁଖ ହସ୍ପିଟାଲ କୁହାଯାଉଥିବା କ୍ୟାପିଟାଲ ହସ୍ପିଟାଲରେ ଆନୁଷଙ୍ଗିକ ବ୍ୟବସ୍ଥା ନ ଥିବାରୁ ଅନେକ ରୋଗୀ ଚିକିତ୍ସିତ ହୋଇ ନ ପାରି ଫେରୁଥିବା ଦେଖାଯାଉଛି। ରାଜଧାନୀ ଉପକଣ୍ଠରୁ ଆରମ୍ଭ କରି ବାହାର ଜିଲାର ଶତାଧିକ ରୋଗୀ ଏହି ହସ୍ପିଟାଲ ଉପରେ ନିର୍ଭର କରୁଛନ୍ତି। ମାତ୍ର ରୋଗୀଙ୍କ ଆବଶ୍ୟକତା ଅନୁସାରେ ଏଠାରେ ସମସ୍ତ ଚିକିତ୍ସା ମିଳିପାରୁ ନାହିଁ। ବିଶେଷକରି ଫ୍ୟାକ୍ଟର ମିଳୁ ନ ଥିବାରୁ ହିମୋଫିଲିଆ ରୋଗୀମାନେ ହନ୍ତସନ୍ତ ହେଉଛନ୍ତି। ଗତ ୩ମାସ ହେବ ହସ୍ପିଟାଲରେ ଦିଆଯାଉଥିବା ଫ୍ୟାକ୍ଟର ୮ ଓ ୯ ଉପଲବ୍ଧ ନାହିଁ। ସେହିପରି ଗତ ସପ୍ତାହେ ହେବ ଫ୍ୟାକ୍ଟର-୭ ମଧ୍ୟ ସରିଯାଇଛି। ହସ୍ପିଟାଲରେ ଦିନକୁ ପ୍ରାୟ ୧୫ଜଣ ହିମୋଫିଲିଆ ରୋଗୀଙ୍କୁ ରକ୍ତ ଓ ଫ୍ୟାକ୍ଟର ଦିଆଯାଇଥାଏ। ମାତ୍ର ମାସମାସ ଧରି ଏଠାରେ ଏପରି ଅବ୍ୟବସ୍ଥା ଲାଗି ରହିଥିଲେ ମଧ୍ୟ କାହିଁକି ସମସ୍ୟାର ସମାଧାନ ଲାଗି ହସ୍ପିଟାଲ ଓ ସରକାରୀ ସ୍ତରରେ ପଦକ୍ଷେପ ନିଆଯାଉ ନାହିଁ ତାହାକୁ ନେଇ ପ୍ରଶ୍ନ ଉଠିଛି। ମିଳିଥିବା ସୂଚନାନୁସାରେ, କ୍ୟାପିଟାଲ ହସ୍ପିଟାଲ ସମେତ ରାଜ୍ୟର ବିଭିନ୍ନ ହସ୍ପିଟାଲକୁ ଓଡ଼ିଶା ମେଡିକାଲ କର୍ପୋରେଶନ ଏହି ଫ୍ୟାକ୍ଟରଗୁଡ଼ିକ ଯୋଗାଇଥାଏ। ମାତ୍ର ରାଜ୍ୟ ସରକାରଙ୍କ ପାଖରେ ଏବେ ଏହି ଫ୍ୟାକ୍ଟର ଉପଲବ୍ଧ ନ ଥିବାରୁ କୌଣସି ହସ୍ପିଟାଲକୁ ଯୋଗାଯାଇ ପାରୁନାହିଁ। ଫଳରେ ଦୈନିକ ଶହ ଶହ ରୋଗୀ ହଇରାଣ ହେଉଛନ୍ତି। ସେମାନଙ୍କ ଜୀବନ ପ୍ରତି ମଧ୍ୟ ବିପଦ ଦେଖାଦେଇଛି।

ଜଣେ ରୋଗୀଙ୍କ ସମ୍ପର୍କୀୟ ଗଦାଧର ରାଉତ କହିଛନ୍ତି, ତାଙ୍କ ଝିଆରୀ ହିମୋଫିଲିଆରେ ଆକ୍ରାନ୍ତ। ତାଙ୍କୁ ପ୍ରତି ସପ୍ତାହରେ ରକ୍ତ ସହିତ ଫ୍ୟାକ୍ଟର-୭ ଆବଶ୍ୟକ ହୋଇଥାଏ। ପୂର୍ବରୁ ସବୁ ଠିକ୍ ଚାଲିଥିଲା। ମାତ୍ର ଗତ ୨ସପ୍ତାହ ହେବ କ୍ୟାପିଟାଲ ହସ୍ପିଟାଲକୁ ଆସି ଫେରିବାକୁ ପଡୁଛି। ତେଣୁ କେମିତି ଝିଆରୀର ଚିକିତ୍ସା ହେବ ସେ ନେଇ ଚିନ୍ତାରେ ପଡ଼ିଛନ୍ତି। ଗଦାଧରଙ୍କ ଭଳି କ୍ୟାପିଟାଲ ହସ୍ପିଟାଲ ଆସିଥିବା ବହୁ ରୋଗୀଙ୍କ ସମ୍ପର୍କୀୟ ମଧ୍ୟ ଅସନ୍ତୋଷ ପ୍ରକାଶ କରିଛନ୍ତି।

ଏନେଇ କ୍ୟାପିଟାଲ ହସ୍ପିଟାଲ କର୍ତ୍ତୃପକ୍ଷ କହିଛନ୍ତି, ଓଡ଼ିଶା ମେଡିକାଲ କର୍ପୋରେଶନ ନିୟମିତ ଭାବେ ଆମକୁ ଫ୍ୟାକ୍ଟର ସପ୍ଲାଏ କରିଥାଏ। ମାତ୍ର ତାଙ୍କ ପାଖରେ ଫ୍ୟାକ୍ଟର ଉପଲବ୍ଧ ନାହିଁ। ଏ ବାବଦରେ ଦିନକୁ ପ୍ରାୟ ୧୫ଜଣ ହିମୋଫିଲିଆ ରୋଗୀଙ୍କ ପାଇଁ ୭ରୁ ୮ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଥାଏ। ତେଣୁ ହସ୍ପିଟାଲ ପାଇଁ ଏହି ଖର୍ଚ୍ଚ ବହନ କରିବା ଅସମ୍ଭବ। ଫ୍ୟାକ୍ଟର ଅଭାବ ନେଇ କର୍ପୋରେଶନକୁ ଲେଖାଯାଇଛି। କେବଳ କ୍ୟାପିଟାଲ ହସ୍ପିଟାଲ ନୁହେଁ, ରାଜ୍ୟର ବିଭିନ୍ନ ହସ୍ପିଟାଲରେ ଏବେ ଏହି ସ୍ଥିତି ଦେଖାଦେଇଥିବାର ଆଶଙ୍କା ରହିଥିବା କର୍ତ୍ତୃପକ୍ଷ କହିଛନ୍ତି।

# ବକୁଳ ଫାଉଣ୍ଡେଶନ ପକ୍ଷରୁ 'ଦାନ ଉତ୍ସବ-ଡେ ଅଫ୍ ସର୍ଭିସ'



ଦାନ ଉତ୍ସବରେ ସାମିଲ ହୋଇଥିବା ପିଲାମାନେ ଖୁସିବ୍ୟକ୍ତ କରୁଛନ୍ତି।

ଭୁବନେଶ୍ୱର, ୨୧।୯ (ବନ୍ଦନା ସେଠୀ)

ବକୁଳ ଫାଉଣ୍ଡେଶନ ପକ୍ଷରୁ 'ଦାନ ଉତ୍ସବ-ଡେ ଅଫ୍ ସର୍ଭିସ' ରବିବାର ଅନୁଷ୍ଠାନ ପରିସରରେ ଆୟୋଜିତ ହୋଇଯାଇଛି। ଏଥିରେ ପ୍ରାୟ ୪୦୦ ସ୍ୱେଚ୍ଛାସେବୀ ଓ ୫୦ ବସ୍ତିରୁ ପ୍ରାୟ ୨୫୦୦ରୁ ଅଧିକ ଶିଶୁ ଭାଗ ନେଇଥିଲେ। ପୁରୁଣା ଓ ନୂତନ ପୋଷାକ, ପୁସ୍ତକ, ଖେଳନା ଇତ୍ୟାଦି ସାମଗ୍ରୀ ଦାନ କରିବା, ସଂଗ୍ରହ କରିବା କିମ୍ବା ବିଭିନ୍ନ ସେବାକାର୍ଯ୍ୟରେ ଯୋଗଦେଇ ଅନ୍ୟଙ୍କୁ ଖୁସି କରିବା ଏହି ଉତ୍ସବର ମୂଳ ଉଦ୍ଦେଶ୍ୟ। ଫାଉଣ୍ଡେଶନ ପକ୍ଷରୁ ୨୦୦୭ରେ ଏହି ଦାନ ଉତ୍ସବ ଆରମ୍ଭ ହୋଇଥିଲା। ପରବର୍ତ୍ତୀ ସମୟରେ ଫାଉଣ୍ଡେଶନ ପକ୍ଷରୁ ପୁସ୍ତକ ସଂଗ୍ରହ ଚାଲେଞ୍ଜ ଦ୍ୱାରା ଲାଇବ୍ରେରୀ ସେଟଅପ୍ କରିବା ଓ ବସ୍ତି ଶିଶୁଙ୍କ ପାଇଁ ବାର୍‌ବିକ୍ୟୁ ନେଶନରେ ଲାଇବ୍ରେରୀରେ ପଢିବା ପାଇଁ ଉପହାର ସ୍ୱରୂପ ବୁଫେର ଆୟୋଜନ କରାଯିବ ବୋଲି ସୂଚନା ଦିଆଯାଇଛି। କାର୍ଯ୍ୟକ୍ରମରେ ଅତିରିକ୍ତ ଡିଜିପି ସୌମେନ୍ଦ୍ର ପ୍ରିୟଦର୍ଶୀ କାର୍ଯ୍ୟକ୍ରମରେ ଯୋଗଦେଇ ଶିଶୁମାନେ ଓ ସେବକମାନଙ୍କୁ ପଢ଼ିବାର ଅଭ୍ୟାସ ଗଢ଼ିବାକୁ ପ୍ରେରିତ କରିଥିଲେ। ଫାଉଣ୍ଡେଶନ କିପରି ଯୁବମାନଙ୍କୁ ସେବାକାର୍ଯ୍ୟରେ ଆକର୍ଷିତ କରୁଛି ସେଥିରୁ ସେ ପ୍ରେରଣା ପାଇଛନ୍ତି ବୋଲି ମତ ରଖିଥିଲେ।

# ରାଜ୍ୟରେ ୭ଦିନ ଲଗାଣ ବର୍ଷା

ଭୁବନେଶ୍ୱର, ୨୧।୯ (ବନ୍ଦନା ସେଠୀ)

## ଆଜି ଲଘୁଚାପ

### ୨୫ ତାରିଖରେ ଲଘୁଚାପ ଅବପାତରେ ପରିଣତ ହେବା ସମ୍ଭାବନା

### ଅକ୍ଟୋବର ୨ରେ ତୃତୀୟ ଲଘୁଚାପ

ଏବେ ମ୍ୟାନ୍‌ମାର ଏବଂ ଦକ୍ଷିଣ ବାଂଲାଦେଶ ଉପକୂଳ ସଂଲଗ୍ନ ଉତ୍ତରପୂର୍ବ ବଙ୍ଗୋପସାଗର ଉପରେ ଏକ ଘୂର୍ଣ୍ଣିବଳୟ ରହିଛି। ଏହା ସମୁଦ୍ର ପତ୍ତନଠାରୁ ୫.୮ କି.ମି. ଉଚ୍ଚତା ପର୍ଯ୍ୟନ୍ତ ବ୍ୟାପିଛି। ଏହାର ପ୍ରଭାବରେ ଆସନ୍ତା ୨୪ଘଣ୍ଟା ମଧ୍ୟରେ ଏକ ଲଘୁଚାପକ୍ଷେତ୍ର ସୃଷ୍ଟି ହେବାର ସମ୍ଭାବନା ରହିଛି। ଫଳରେ ରାଜ୍ୟରେ ଲଗାଣ ବର୍ଷା ସହ ଉତ୍ତର ଓଡ଼ିଶାରେ ଅତିପ୍ରବଳ ବର୍ଷା ହେବାନେଇ ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ଅରେଞ୍ଜ ୱାର୍ନିଂ ଜାରି ହୋଇଛି। ଏ ସମ୍ପର୍କରେ ସୂଚନା ଦେଇ ଆଞ୍ଚଳିକ ପାଣିପାଗ କେନ୍ଦ୍ର ନିର୍ଦ୍ଦେଶିକା ମନୋରମା ମହାନ୍ତି କହିଛନ୍ତି, ୨୫ ତାରିଖ ବେଳକୁ ପୂର୍ବ କେନ୍ଦ୍ରୀୟ ସଂଲଗ୍ନ ଉତ୍ତର ବଙ୍ଗୋପସାଗରରେ ଆଉ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ସମ୍ଭାବନା ରହିଛି। ଏହା ଉତ୍ତର ପଶ୍ଚିମ ଦିଗକୁ ଗତି କରିବା ସହିତ ୨୬ ତାରିଖ ବେଳକୁ ଦକ୍ଷିଣ ଓଡ଼ିଶା, ଉତ୍ତର ଆନ୍ଧ୍ରପ୍ରଦେଶ ଉପକୂଳରୁ ଉତ୍ତର ପଶ୍ଚିମ ଏବଂ ସଂଲଗ୍ନ ପଶ୍ଚିମ କେନ୍ଦ୍ରୀୟ ବଙ୍ଗୋପସାଗରରେ ଏକ ଡିପ୍ରେସନ୍ ବା ଅବପାତରେ ପରିଣତ ହେବାର ସମ୍ଭାବନା ରହିଛି। ତେବେ ଏହି ଅବପାତ ୨୭ ତାରିଖରେ ଦକ୍ଷିଣ ଓଡ଼ିଶା ଓ ଉତ୍ତର ଆନ୍ଧ୍ରପ୍ରଦେଶ ଉପକୂଳ ମଧ୍ୟଦେଇ ଅତିକ୍ରମ କରିବା ନେଇ ଆକଳନ କରାଯାଉଛି। ସେହିପରି ଅକ୍ଟୋବର ୧ରେ ଆଉ ଏକ ଲଘୁଚାପ ସୃଷ୍ଟି ହେବା ନେଇ ଆକଳନ କରାଯାଇଥିବା ବେଳେ ଏହାର ପ୍ରଭାବରେ ୭ଦିନ ଧରି ରାଜ୍ୟର ବିଭିନ୍ନ ସ୍ଥାନରେ ପ୍ରବଳ ବର୍ଷା ସହିତ ବିଜୁଳି ଘଡ଼ଘଡ଼ି ହେବା ନେଇ ସତର୍କ କରାଯାଇଛି।

ଉତ୍ତର ବଙ୍ଗୋପସାଗରରେ ସୃଷ୍ଟି ହେବାକୁ ଥିବା ଲଘୁଚାପ ପ୍ରଭାବରେ ଏବେ ୨ଦିନ ରାଜ୍ୟରେ ଅତିପ୍ରବଳ ବର୍ଷା ହେବ। ସୋମବାର କେନ୍ଦୁଝର ଓ ମୟୂରଭଞ୍ଜ ଜିଲାକୁ ଅତିପ୍ରବଳ ବର୍ଷା ନେଇ ଅରେଞ୍ଜ ୱାର୍ନିଂ ଜାରି ହୋଇଛି। ସେହିପରି କୋରାପୁଟ, ମାଲକାନଗିରି, ରାୟଗଡ଼ା, ଗଜପତି, ଗଞ୍ଜାମ, କନ୍ଧମାଳ, କଳାହାଣ୍ଡି, ସୁନ୍ଦରଗଡ଼, ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡା, ଜଗତ୍‌ସିଂହପୁର ଜିଲାକୁ ପ୍ରବଳ ବର୍ଷା ନେଇ ଓ ବାକି ଜିଲାକୁ ବିଜୁଳି ଘଡ଼ଘଡ଼ି ସହ ବର୍ଷା ନେଇ ୟେଲୋ ୱାର୍ନିଂ ଜାରି ହୋଇଛି। ସୋମବାର ଭଳି ମଙ୍ଗଳବାର ମଧ୍ୟ ମୟୂରଭଞ୍ଜ, କୋରାପୁଟ, କେନ୍ଦୁଝର, ମାଲକାନଗିରି, ରାୟଗଡ଼ା, ଗଜପତି ଓ ଗଞ୍ଜାମ ଜିଲାକୁ ପ୍ରବଳ ବର୍ଷା ନେଇ ୟେଲୋ ୱାର୍ନିଂ ଜାରି ହୋଇଛି। ସେପଟେ ୨୫ରେ ସୃଷ୍ଟି ହେବାକୁ ଥିବା ଲଘୁଚାପ ପାଇଁ ୨୪ ତାରିଖରୁ ଦକ୍ଷିଣ ଓଡ଼ିଶାରେ ବର୍ଷା ବଢ଼ିବ ବୋଲି ସୂଚନା ଦିଆଯାଇଛି।

# କାର୍ଯ୍ୟବନ୍ଦ ଆନ୍ଦୋଳନ ସ୍ଥଗିତ ରଖିଲା ବେସରକାରୀ ଅଧ୍ୟାପକ କର୍ମଚାରୀ ସଂଘ

ଭୁବନେଶ୍ୱର, ୨୧।୯ (ଅନୁରାଧା ମହାରଣା)

୨୦୦୮ରୁ ୨୦୧୮ ମଧ୍ୟରେ ନିଯୁକ୍ତି ପାଇଥିବା ଅଧ୍ୟାପକ ଓ କର୍ମଚାରୀଙ୍କୁ ସରକାରୀ ଅନୁଦାନ ଦାବିରେ ଓଡ଼ିଶା ରାଜ୍ୟ ବେସରକାରୀ ଅଧ୍ୟାପକ ଓ କର୍ମଚାରୀ ସଂଘ ପକ୍ଷରୁ ଲୋୟର ପିଏମ୍‌ଜି ଧାରଣା ସ୍ଥଳରେ ଚାଲିଥିବା ଆମରଣ ଅନଶନକୁ ସାମୟିକ ସ୍ଥଗିତ ରଖାଯାଇଛି। ସଂଘ ସଭାପତି ବିଶ୍ୱରଞ୍ଜନ ଦାସଙ୍କ ସୂଚନାନୁସାରେ, ଶନିବାର ବିଳମ୍ବିତ ରାତିରେ ମୁଖ୍ୟମନ୍ତ୍ରୀଙ୍କ ପ୍ରତିନିଧି, ବିଧାୟକ ବାବୁ ସିଂ, ବିଧାୟକ ଆଶ୍ରିତ ପଟ୍ଟନାୟକ ଓ ଉଚ୍ଚଶିକ୍ଷାବିଭାଗର ନିର୍ଦ୍ଦେଶକ କାଳୀପ୍ରସନ୍ନ ମହାପାତ୍ରଙ୍କ ସହିତ ସଂଘର ୫ ଜଣିଆ ପ୍ରତିନିଧି ମଣ୍ଡଳୀର ଆଲୋଚନା ପରେ ଏହି ନିଷ୍ପତ୍ତି ନିଆଯାଇଛି। ଏଥିସହିତ ସେପ୍ଟେମ୍ବର ୧୬ରୁ ରାଜ୍ୟର ୧୦୦୦ରୁ ଅଧିକ ମହାବିଦ୍ୟାଳୟରେ ଦୀର୍ଘ ଏକ ମାସ ଧରି ଜାରି ରହିଥିବା କାର୍ଯ୍ୟବନ୍ଦ ଆନ୍ଦୋଳନ ମଧ୍ୟ ସାମୟିକ ସ୍ଥଗିତ ରହିଲା। ନିଷ୍ପତ୍ତି ଅନୁସାରେ ଆସନ୍ତା ଅକ୍ଟୋବର ଦ୍ୱିତୀୟ ସପ୍ତାହର ୧୦ରୁ ୨୦ ତାରିଖ ମଧ୍ୟରେ ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଗଠିତ କମିଟି ୨୦୦୮ରୁ ୨୦୧୮ ଅନୁଦାନ ପାଇଁ ଚୂଡାନ୍ତ ନିଷ୍ପତ୍ତି ନେବ ବୋଲି ସଂଘକୁ ସରକାରଙ୍କ ତରଫରୁ ଲିଖିତ ପ୍ରତିଶ୍ରୁତି ଦିଆଯାଇଛି। ସରକାର ପ୍ରତିଶ୍ରୁତି ରକ୍ଷା ନ କଲେ ଅକ୍ଟୋବର ୨୧ରୁ ସଂଘ ପୁଣି ଆନ୍ଦୋଳନକୁ ଓହ୍ଲାଇବ ବୋଲି ସଭାପତି ଦାସ କହିଛନ୍ତି।

# ଶାରଦୀୟ ବନ୍ଧୁମିଳନ ନିମନ୍ତ୍ରଣପତ୍ରରେ ଦେବାଶିଷଙ୍କ ନାଁ ନାହିଁ

କଟକ,୨୧।୯(ଶିଳ୍ପା ପ୍ରିୟଦର୍ଶିନୀ)

- ଅତିଥିଙ୍କ ନାଁ ନିମନ୍ତ୍ରଣପତ୍ରରେ ଲେଖାଯାଇ ନାହିଁ: ମେୟର ସୁବାସ
- ଦେବାଶିଷଙ୍କୁ ଅଣଦେଖା

ଶାରଦୀୟ ବନ୍ଧୁମିଳନ କାର୍ଯ୍ୟକ୍ରମ ପୂର୍ବରୁ ବିଜେଡିର ଗୋଷ୍ଠୀକନ୍ଦଳ ଏବେ ପଦାରେ ପଡ଼ିଛି। କାର୍ଯ୍ୟକ୍ରମ ପାଇଁ ପ୍ରସ୍ତୁତି ହୋଇଥିବା ନିମନ୍ତ୍ରଣପତ୍ରରେ ରାଜ୍ୟ ସଭା ସଦସ୍ୟ ଦେବାଶିଷ ସାମନ୍ତରାୟଙ୍କ ନାଁ ନ ଥିବା ଚର୍ଚ୍ଚାର ବିଷୟ ପାଲଟିଛି। ଏପରିକି ବିଜେଡି ନେତ୍ରୀ ଶ୍ରୀମୟୀ ମିଶ୍ରଙ୍କ ସପକ୍ଷରେ ବାହାରିବା ଯୋଗୁ ଦେବାଶିଷଙ୍କ ନାଁକୁ ରଖାଯାଇ ନ ଥିବା ଚର୍ଚ୍ଚା ହେଉଛି। ନିମନ୍ତ୍ରଣପତ୍ରରେ କଟକ ମେୟର ସୁବାସ ସିଂ, ଚୌଦ୍ୱାର-କଟକ ବିଧାୟକ ସୌଭିକ ବିଶ୍ୱାଳ, ଜିଲା ସଭାପତି ପ୍ରଫୁଲ୍ଲ ସିଂଙ୍କ ନାଁ ଥିବାବେଳେ ବନ୍ଧୁମିଳନ କାର୍ଯ୍ୟକ୍ରମ ୨୬ ତାରିଖରେ ହୋଟେଲ ଦ୍ୱାରକାରେ କରାଯିବ ବୋଲି ଉଲ୍ଲେଖ କରାଯାଇଛି। ହେଲେ ବିଜେଡିର ବରିଷ୍ଠ ନେତା ତଥା ରାଜ୍ୟ ସଭା ସଦସ୍ୟ ଦେବାଶିଷଙ୍କ ନାଁ କାହିଁକି ଏଥିରେ ଉଲ୍ଲେଖ କରାଗଲା ନାହିଁ, ତାହାକୁ ନେଇ ରାଜନୀତି ସରଗରମ ହୋଇଛି। ଏଭଳି ଘଟଣା ନେଇ ଦେବାଶିଷଙ୍କ ସମର୍ଥକ ଖପ୍ପା ହୋଇଛନ୍ତି। ସେହିପରି ବିଜେଡି ନେତା ଚନ୍ଦ୍ରସାରଥି ବେହେରାଙ୍କ ନାଁ ମଧ୍ୟ ଏଥିରେ ଉଲ୍ଲେଖ କରାଯାଇନାହିଁ। ଏ ସମ୍ପର୍କରେ ମେୟର ସୁବାସ ସିଂ କହିଛନ୍ତି, କାର୍ଯ୍ୟକ୍ରମରେ ଦେବାଶିଷ ବାବୁ ଅତିଥି ଭାବେ ଯୋଗ ଦେବେ, କେବଳ ସେ ନୁହନ୍ତି ସଂତୃପ୍ତ ମିଶ୍ର ଓ ଦେବୀମିଶ୍ରଙ୍କୁ ମଧ୍ୟ ଡକାଯାଇଛି। ଅତିଥିଙ୍କ ନାମ ନିମନ୍ତ୍ରଣପତ୍ରରେ ଲେଖା ଯାଇନାହିଁ ବୋଲି ସୁବାସ କହିଛନ୍ତି। ଅନ୍ୟପଟେ ଦେବାଶିଷଙ୍କ ପ୍ରତିକ୍ରିୟା ମିଳି ପାରିନାହିଁ।

# ରେଲୱେରେ ନିଯୁକ୍ତି ଆଳରେ କୋଟିଏ ଠକେଇ

## ଟଙ୍କା ମାଗିଲେ ମିଳୁଛି ହତ୍ୟା ଧମକ

ଭୁବନେଶ୍ୱର,୨୧।୯(ସତ୍ୟଜିତ୍ ରାଉତ)

ରେଲୱେରେ ନିଯୁକ୍ତି ଦେବାକୁ କହି ୨୦ଜଣ ଆଶାୟୀଙ୍କଠାରୁ କୋଟିଏରୁ ଊର୍ଦ୍ଧ୍ୱ ଟଙ୍କା ଠକେଇ କରାଯାଇଛି। ଭୁବନେଶ୍ୱରରେ ଏକ ବଡ଼ ର୍ୟାକେଟ ସକ୍ରିୟ ରହିଥିବାବେଳେ ଠକେଇର ଶିକାର ଚାକିରି ଆଶାୟୀମାନେ ଟଙ୍କା ମାଗିଲେ ହତ୍ୟା ଧମକ ମିଳୁଥିବା ଅଭିଯୋଗ ହୋଇଛି। ସମ୍ପର୍କୀୟଙ୍କ ସମେତ ଅନ୍ୟମାନଙ୍କ ପାଇଁ ଚାକିରି ବୁଝି ଟଙ୍କା ଦେଇଥିବା ପୁରୀ ତାଳବଣିଆ ଥାନା ଅଞ୍ଚଳର ସୁଜିତ ମହାନ୍ତି ଭୁବନେଶ୍ୱରସ୍ଥିତ ଲୋହିଆ ଏକାଡେମୀରେ ରବିବାର ଖବରଦାତା ସମ୍ମିଳନୀ କରି ନ୍ୟାୟ ଦାବି କରିଛନ୍ତି। ଏନେଇ ସେ ତାଳବଣିଆ ଥାନାରେ ପୂର୍ବରୁ ଅଭିଯୋଗ କରିଛନ୍ତି। ଆଶାୟୀମାନଙ୍କୁ ଧରି ସେ ଆଗକୁ କ୍ରାଇମବ୍ରାଞ୍ଚ ନିକଟରେ ଅଭିଯୋଗ କରିବେ ବୋଲି କହିଛନ୍ତି। ସୁଜିତଙ୍କ କହିବାନୁଯାୟୀ, ଠକେଇ କରିଥିବା ଅଭିଯୁକ୍ତ ଜଣକ ଭୁବନେଶ୍ୱରରେ ଏକ ବ୍ୟାଙ୍କରେ କାମ କରୁଥିବା ବେଳେ ୨୦୨୩-୨୪ ମସିହାରେ ତାଙ୍କୁ ଫସାଇଥିଲେ। ପୂର୍ବତଟ ରେଳପଥର ଡିଆରଏମ୍ ତାଙ୍କ ମାଉସୀ ପୁଅ ଭାଇ। ମହିଳାଙ୍କ ପାଇଁ ମୁନସି ଓ ପୁରୁଷଙ୍କ ପାଇଁ ସର୍ଦ୍ଦାର ପଦବୀ ପାଇଁ ୧୦ ଲକ୍ଷ ଟଙ୍କା ଲେଖାଏ ଦେଲେ ୩ ମାସ ମଧ୍ୟରେ ନିଯୁକ୍ତି ମିଳିବ ବୋଲି ସେ ସୁଜିତଙ୍କୁ କହିଥିଲେ। ସୁଜିତ ନିଜର ୪ଜଣ ସମ୍ପର୍କୀୟଙ୍କ ସମେତ ୨୦ଜଣଙ୍କ ପାଇଁ ପ୍ରାୟ କୋଟିଏ ଟଙ୍କା ଦେଇଥିଲେ। ଅଭିଯୁକ୍ତ ଜଣକ ଆଶାୟୀଙ୍କୁ ନିଯୁକ୍ତି ପତ୍ର ସହ ପରିଚୟ ପତ୍ର ମଧ୍ୟ ଦେଇଥିଲେ। ପରେ ତାହା ଜାଲ୍ ବୋଲି ଜଣାପଡିଥିଲା। ତେବେ ଏହାପରେ ସମସ୍ୟାରେ ପଡି ସୁଜିତ ଆଶାୟୀମାନଙ୍କୁ ପ୍ରାୟ ୧୫ ଲକ୍ଷ ଟଙ୍କା ଫେରାଇ ସାରିଲେଣି। ଏପଟେ ଟଙ୍କା ମାଗିବାରୁ ସୁଜିତଙ୍କୁ ହତ୍ୟା ଧମକ ମିଳୁଥିବା ଅଭିଯୋଗ ହୋଇଛି। ଏହି ସମ୍ମିଳନୀରେ ସୁଜିତଙ୍କ ସହ ଥିବା ଜୟନ୍ତ ରଥ ମଧ୍ୟ ତାଙ୍କ ଭାଇଙ୍କ ପାଇଁ ଚାକିରି ବୁଝିବାକୁ ଅଭିଯୁକ୍ତଙ୍କୁ ୫୦ ହଜାର ଟଙ୍କା ଦେଇଥିବା କହିଛନ୍ତି।

# ଏମ୍ସରେ ଖୁବ୍‌ଶୀଘ୍ର ଯକୃତ ପ୍ରତିରୋପଣ, ସ୍କିନ୍ ବ୍ୟାଙ୍କ

## ତ୍ରୟୋଦଶ ବାର୍ଷିକ ଉତ୍ସବ

### ବର୍ଷକରେ ୧୧ ଲକ୍ଷରୁ ଅଧିକ ରୋଗୀଙ୍କ ଚିକିତ୍ସା

ଭୁବନେଶ୍ୱର, ୨୧।୯ (ବନ୍ଦନା ସେଠୀ)


ଏମ୍ସ ଭୁବନେଶ୍ୱରର ପ୍ରଥମ ନିର୍ଦ୍ଦେଶକ ଡା. ଅଶୋକ କୁମାର ମହାପାତ୍ରଙ୍କ ସହ ଅନ୍ୟ ଅତିଥିମାନେ ପୁରସ୍କାର ପ୍ରଦାନ କରୁଛନ୍ତି।

ଏମ୍ସ ଭୁବନେଶ୍ୱରର ତ୍ରୟୋଦଶ ବାର୍ଷିକ ଉତ୍ସବ ରବିବାର ପ୍ରତିଷ୍ଠାନ ପରିସରରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ଏମ୍ସ ଭୁବନେଶ୍ୱରର ପ୍ରଥମ ନିର୍ଦ୍ଦେଶକ ଡା. ଅଶୋକ କୁମାର ମହାପାତ୍ର ଯୋଗଦେଇ ପୂର୍ବ ଭାରତରେ ଚିକିତ୍ସା ସେବାକୁ ରୂପାନ୍ତରିତ କରିବାରେ ଏହି ଜାତୀୟ ସ୍ୱାସ୍ଥ୍ୟ ପ୍ରତିଷ୍ଠାନର ଅବଦାନକୁ ପ୍ରଶଂସା କରିଥିଲେ। କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡା. ଆଶୁତୋଷ ବିଶ୍ୱାସ ଏମ୍ସ ଭୁବନେଶ୍ୱରର ପ୍ରଗତି ପଛରେ ସାମୂହିକ ପ୍ରୟାସକୁ ଶ୍ରେୟ ଦେଇଥିଲେ। ସେ କହିଲେ, ଖୁବ୍‌ଶୀଘ୍ର ଏଠାରେ ଯକୃତ ପ୍ରତିରୋପଣ, ସ୍କିନ୍ ବ୍ୟାଙ୍କ ସହିତ ଏକାଧିକ ରୋଗୀ କଲ୍ୟାଣକାରୀ ସୁବିଧା ଉପଲବ୍ଧ ହେବ। ଗତ ୧ବର୍ଷରେ ୧୧ ଲକ୍ଷରୁ ଅଧିକ ରୋଗୀ ଚିକିତ୍ସିତ ହୋଇଥିବାବେଳେ ଆଭା (ଆୟୁଷ୍ମାନ ଭାରତ ସ୍ୱାସ୍ଥ୍ୟ ଆକାଉଣ୍ଟ) ପଞ୍ଜୀକରଣ ମାଧ୍ୟମରେ ୨୬ ଲକ୍ଷରୁ ଊର୍ଦ୍ଧ୍ୱ ଲୋକଙ୍କୁ ଯୋଡାଯାଇଛି। ୨୦୨୫ ଶିକ୍ଷାବର୍ଷ ପାଇଁ ଏମ୍ସକୁ ଏନ୍‌ଆଇଆର୍‌ଏଫ୍‌ରେ ୧୪ତମ ସ୍ଥାନ ମିଳିଛି। ୨୦୨୧ରେ ମଧ୍ୟ ୩୧ତମ ସ୍ଥାନ ମିଳିଥିଲା। ଏଥିସହିତ ଇଣ୍ଡିଆ ଟୁଡେ ସର୍ଭେରେ ଦେଶରେ ଏହି ପ୍ରତିଷ୍ଠାନ ଦ୍ୱିତୀୟ ଶ୍ରେଷ୍ଠ ଉଦୀୟମାନ ମେଡିକାଲ କଲେଜ ଭାବେ ସ୍ଥାନିତ ହୋଇଛି ବୋଲି ଡା. ବିଶ୍ୱାସ କହିଥିଲେ।

ଉତ୍ସବରେ ଡିନ୍ (ଏକାଡେମିକ୍ସ) ଡା. ପି. ଆର୍. ମହାପାତ୍ର, ଡିନ୍ (ଗବେଷଣା) ଡା. ସତ୍ୟଜିତ୍ ମିଶ୍ର, ଡିନ୍ (ପରୀକ୍ଷା) ଡା. ସୌଭାଗ୍ୟ କୁମାର ଜେନା, ଭାରପ୍ରାପ୍ତ ମେଡିକାଲ ଅଧୀକ୍ଷକ ଡା. ଅଶୋକ କୁମାର ଜେନା ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଛାତ୍ରୀଛାତ୍ର, ଅଧ୍ୟାପକ/ଅଧ୍ୟାପିକା ଏବଂ କର୍ମଚାରୀଙ୍କୁ ନେଇ ଏକାଧିକ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। କୃତୀ ପ୍ରତିଯୋଗୀମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଏଥିସହିତ ବାର୍ଷିକ ସ୍ମରଣିକା 'ଦି ଇନ୍‌ସାଇଟ'କୁ ଅତିଥିମାନେ ଉନ୍ମୋଚନ କରିଥିଲେ। ଏଥିସହ ଛାତ୍ରୀଛାତ୍ର, ଅଧ୍ୟାପିକା/ଅଧ୍ୟାପକ ଏବଂ କର୍ମଚାରୀଙ୍କ ମଧ୍ୟରେ ଫଟୋଗ୍ରାଫି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଶ୍ରେଷ୍ଠ ୫୦ଟି ଫଟୋକୁ ନେଇ ଏକ ପ୍ରଦର୍ଶନୀ କରାଯାଇଥିଲା।

## ସେଲ୍‌ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି


metroselfie@gmail.com


@ ସମୀକ୍ଷା


@ ଶକ୍ତି


@ ବୀଣାପାଣୀ


@ ଚନ୍ଦନ


@ ତୋଫାନ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................


କଲ୍ୟାଣୀ
ପରିବାରବର୍ଗ


ମାମୁନି
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଅପହର୍ତ୍ତାଙ୍କ ନଜରବନ୍ଦୀରେ ଆତ୍ମହତ୍ୟା

## ଟ୍ୟାକ୍ସି ଡ୍ରାଇଭର ବିଦ୍ୟାଧରଙ୍କ ମୃତଦେହ ଜବତ ଘଟଣା

- ୨.୪୦ କୋଟି ପାଇବାକୁ ହୋଇଥିଲା ଅପହରଣ
- ଠକେଇ ମାଷ୍ଟରମାଇଣ୍ଡ ଜ୍ୟୋତ୍ସ୍ନାଙ୍କୁ ଖୋଜୁଛି ପୋଲିସ

ଭୁବନେଶ୍ୱର,୨୧।୯(ସତ୍ୟଜିତ୍ ରାଉତ)

ଚନ୍ଦକା-ବାରଙ୍ଗ ରାସ୍ତାପାର୍ଶ୍ୱ ଦାରୁଠେଙ୍ଗ ଜୁଝଗଡ଼ ଡ୍ରେନ୍ ନିକଟରୁ ଟ୍ୟାକ୍ସି ଡ୍ରାଇଭର ଖୋର୍ଦ୍ଧା ବାଣପୁର ଥାନା ଅରାଙ୍ଗ ଗ୍ରାମର ବିଦ୍ୟାଧର ସାହୁ (୩୨)ଙ୍କ ମୃତଦେହ ଜବତ ଘଟଣା ଭିନ୍ନ ମୋଡ଼ ନେଇଛି। ଅପହରଣ ପରେ ହତ୍ୟା କରି ଫିଙ୍ଗି ଦିଆଯାଇଥିବା ଚର୍ଚ୍ଚା ହେଉଥିଲେ ମଧ୍ୟ ଅପହର୍ତ୍ତାଙ୍କ ନଜରବନ୍ଦୀରେ ବିଦ୍ୟାଧର ଆତ୍ମହତ୍ୟା କରିଥିବା ପୋଲିସ ତଦନ୍ତରୁ ଜାଣିବାକୁ ପାଇଛି। ତେବେ ଏହି ଘଟଣା ପଛରେ ବଡ଼ ଚାକିରି ଠକେଇ ରାକେଟ୍ ସାମ୍ନାକୁ ଆସିଛି। ଠକେଇର ଶିକାର ପୀଡ଼ିତମାନେ ହିଁ ଅପହର୍ତ୍ତା ସାଜିଥିବା ସ୍ପଷ୍ଟ ହୋଇଛି। ତେବେ ଟଙ୍କା ଠକିଥିବା ଜ୍ୟୋତ୍ସ୍ନା ନାମ୍ନୀ ମହିଳାଙ୍କୁ କମିଶନରେଟ୍ ପୋଲିସ ଧରିବାକୁ ଖୋଜାଖୋଜି ଚଳାଇଛି। ଅପହରଣ ଓ ବିଦ୍ୟାଧରଙ୍କ ମୃତ୍ୟୁ ଘଟଣାକୁ ନେଇ ବଡ଼ଗଡ ଥାନା ପୋଲିସ କେତେଜଣ ଅଭିଯୁକ୍ତଙ୍କୁ ଅଟକ ରଖି ଅଧିକ ପଚରାଉଚରା କରୁଛି। ଘଟଣା ପଛରେ ବହୁ ରହସ୍ୟ ଛପି ରହିଥିବାରୁ ପୋଲିସ ଘଟଣାକୁ ଗୁରୁତ୍ୱର ସହ ତଦନ୍ତ କରୁଛି। କମିଶନରେଟ୍ ପୋଲିସ ଏହି ଘଟଣାରେ ଖୁବ୍ଶୀଘ୍ର ଖବରଦାତା ସମ୍ମିଳନୀ କରି ରହସ୍ୟ ଉନ୍ମୋଚନ କରିବ ବୋଲି ସୂଚନା ମିଳିଛି।


ବିଦ୍ୟାଧର ସାହୁ

ପୋଲିସ ତଦନ୍ତରୁ ମିଳିଥିବା ସୂଚନା ଅନୁଯାୟୀ, ଜ୍ୟୋତ୍ସ୍ନା ଖଣ୍ଡଗିରିଠାରେ ଏକ କନ୍ସଲଟାନ୍ସି ଅଫିସ କରି ଆଶାୟୀମାନଙ୍କଠାରୁ ଟଙ୍କା ନେଇ ଚାକିରି ଯୋଗାଉଥିଲେ। ତେବେ ଜ୍ୟୋତ୍ସ୍ନାଙ୍କୁ ବିଦ୍ୟାଧର ନିଜ କାର୍‌ରେ ନେବାଆଣିବା କରିବା ସହ ତାଙ୍କ ଅଫିସରେ ଟଙ୍କା କାରବାର କଥା ବୁଝୁଥିଲେ। ବିଦ୍ୟାଧର କେତେକ ଘଟଣାରେ ମଧ୍ୟସ୍ଥ ସାଜୁଥିଲେ। ଏପରିକି ଜ୍ୟୋତ୍ସ୍ନାଙ୍କ କଥାରେ ପଡି ବିଦ୍ୟାଧର କିଛି ଫେକ୍ ଦସ୍ତାବିଜ୍‌ରେ ସରକାରୀ ଅଧିକାରୀ ସାଜି ଦସ୍ତଖତ ମଧ୍ୟ କରିଥିଲେ। ତେବେ କୋଟିଏରୁ ଉର୍ଦ୍ଧ୍ୱ ଟଙ୍କାର ଚାକିରି ଠକେଇର ଶିକାର ହୋଇଥିବା ପୀଡ଼ିତମାନଙ୍କୁ ଜ୍ୟୋତ୍ସ୍ନା ଟଙ୍କା ଫେରାଇବାକୁ କହି ଦିନ ଗଡ଼ାଉଥିଲେ।

## 'ସ୍ୱାମୀଙ୍କୁ ମୁକୁଳାଇବାକୁ ଚାହୁଁଥିଲେ ସେ ମାଡାମ୍‌ଙ୍କୁ ଖୋଜି ବାହାର କର'

### ଅପହର୍ତ୍ତାଙ୍କ କଲ୍ ରେକର୍ଡିଂ ଭାଇରାଲ

ଅପହର୍ତ୍ତାମାନେ ବିଦ୍ୟାଧରଙ୍କ ସ୍ତ୍ରୀ ମାମିନାଙ୍କୁ କଲ୍ କରିଥିବା ବେଳେ ରବିବାର ଏହାର ଅଡିଓ ରେକର୍ଡିଂ ଭାଇରାଲ ହୋଇଛି। ମାଡାମ୍‌ଙ୍କୁ ଖୋଜି ବାହାର କରିବାକୁ ଅଭିଯୁକ୍ତ କହୁଥିବା ଶୁଣିବାକୁ ମିଳୁଛି। ମାମିନାଙ୍କୁ କଲ୍ କରିଥିବା ଅପହର୍ତ୍ତା ଜଣକ କହିଥିଲେ, ଆମର ପଇସା ଦରକାର। ୨ କୋଟି ୪୦ ଲକ୍ଷ ଟଙ୍କା ନ ଫେରାଇଲେ ତୁମ ସ୍ୱାମୀ ମୁକୁଳିପାରିବେ ନାହିଁ। ମା' ତୋ ମୁହଁକୁ ଚାହିଁ ତୋ ସ୍ୱାମୀଙ୍କର ଆମେ କିଛି କରୁନାହୁଁ। ସ୍ୱାମୀଙ୍କୁ ମୁକୁଳାଇବାକୁ ଚାହୁଁଥିଲେ ସେ ମାଡାମଙ୍କୁ ଖୋଜି ବାହାର କର। ବିଦ୍ୟାଧର କାହିଁକି ସରକାରୀ ଅଫିସର ବନିଥିଲା। ତୋ ସ୍ୱାମୀ ବହୁତ କାମ କରିଛି, ତାହାର ପ୍ରାୟଶ୍ଚିତ ତୁ କରେ। ଅଢ଼େଇ ବର୍ଷ ହେଲା ବିଦ୍ୟାଧର ଆମ ସହ ଖେଳୁଥିଲା। ଏପଟୁ ସ୍ତ୍ରୀ ମାମିନା କହିଥିଲେ, ଆମ ପାଖରେ ଟଙ୍କା ନାହିଁ। ଯଦି ଟଙ୍କା ଥାଆନ୍ତା, ମୋ ସ୍ୱାମୀ ୫/୭ ଦିନ ହେଲା ତୁମ ପାଖରେ ନ ଥାନ୍ତା। ମାଡାମ କହିଥିଲେ ବୋଲି ସେ କରିଥିଲେ। ସହରରେ ମୁଁ କାହାକୁ ଚିହ୍ନିନି କି ଜାଣିନି। କେଉଁଠୁ ମାଡାମଙ୍କୁ ଖୋଜି ଆଣିବି। ଭୁବନେଶ୍ୱରରେ ସ୍ୱାମୀ ବିନା କେମିତି ଏକା ଖାଇ ପି ରହିବି ବୋଲି ମାମିନା କହି ବିଦ୍ୟାଧରଙ୍କୁ ଛାଡି ଦେବାକୁ ନେହୁରା ହୋଇଥିଲେ।

ତେବେ ଜ୍ୟୋତ୍ସ୍ନାଙ୍କୁ ନ ପାଇ ଠକେଇର ଶିକାର ପୀଡ଼ିତମାନେ ବିଦ୍ୟାଧରଙ୍କୁ ଅପହରଣ କରିନେଇଥିଲେ। ସେମାନେ ତାଙ୍କୁ ଯାଜପୁର ନେଇଯାଇ ଏକ ଘରେ ବନ୍ଦୀ କରି ରଖିଥିଲେ। ପରେ ବିଦ୍ୟାଧରଙ୍କ ସ୍ତ୍ରୀ ମାମିନାଙ୍କୁ ମଧ୍ୟ ଅପହର୍ତ୍ତାମାନେ କଲ୍ କରି ୨.୪୦ କୋଟି ଟଙ୍କା ମାଗିଥିଲେ। ସେହି ସମୟରେ କନ୍ସଲଟାନ୍ସି ସଂସ୍ଥାର ମାଲିକାଣୀ ଜ୍ୟୋତ୍ସ୍ନାଙ୍କୁ ବିଦ୍ୟାଧର କଲ୍ କରି ସବୁ କଥା କହିଥିଲେ। ହେଲେ ଜ୍ୟୋତ୍ସ୍ନା ତାଙ୍କ କଥାକୁ ଏଡାଇ ଦେଇଥିଲେ। ଫଳରେ ବିଦ୍ୟାଧର ଉପାୟଶୂନ୍ୟ ହୋଇ ଉକ୍ତ ଘରେ ଫ୍ୟାନରେ ଗାମୁଛା ଦ୍ୱାରା ଝୁଲି ଆତ୍ମହତ୍ୟା କରିଥିଲେ। ଏହାପରେ ଅଭିଯୁକ୍ତମାନେ ଗିରଫଦାରି ଭୟରେ ବିଦ୍ୟାଧରଙ୍କୁ ତାଙ୍କ କାର୍‌ରେ ଭୁବନେଶ୍ୱର ଆଣି ଚନ୍ଦକାରେ ଫିଙ୍ଗି ଦେଇଥିଲେ ବୋଲି ତଦନ୍ତରୁ ଜଣାପଡ଼ିଛି।

# ଏଲ୍‌ଜି-ଏଲ୍‌ଏଫ୍ ୱାର୍କ ଆପ୍ଲିକେଶନ୍‌ରେ ସାଇବର ଠକେଇ

## କୋଟିଏରୁ ଉର୍ଦ୍ଧ୍ୱ ଠକିଥିବା ୨ ଗିରଫ

କଟକ,୨୧।୯(କାର୍ତ୍ତିକ ସାହୁ)

ଏଲ୍‌ଜି-ଏଲ୍‌ଏଫ୍ ୱାର୍କ ଆପ୍ଲିକେଶନ୍‌ରେ ସାଧାରଣ ଲୋକଙ୍କୁ ଅର୍ଥ ନିବେଶରେ ଭଲ ଲାଭପ୍ରାପ୍ତିର ଲୋଭ ଦେଖାଇ କୋଟିଏରୁ ଉର୍ଦ୍ଧ୍ୱ ଟଙ୍କା ଠକିଥିବା ୨ଜଣଙ୍କୁ କଟକ ସାଇବର ଥାନା ପୋଲିସ ରବିବାର ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ବିଡ଼ାନାସୀ ଥାନା ନଳୀନ ମଣ୍ଡପ ଅଞ୍ଚଳର ଶୁଭେନ୍ଦୁ ଶେଖର ପତି (୫୦) ଓ ଦୋଳମୁଣ୍ଡାଇ ଛକ ଅଞ୍ଚଳର ବିକାଶ ଚନ୍ଦ୍ର ବେହେରା (୫୦)। ତାଙ୍କ ନିକଟରୁ ମୋବାଇଲ ଫୋନ, ଲାପ୍‌ଟପ, ଡେସ୍କଟପ ଓ କାର୍ ଜବତ ହୋଇଛି।

ସୂଚନାନୁସାରେ, କଟକ, ଭୁବନେଶ୍ୱର ସମେତ ଅନ୍ୟାନ୍ୟ ଅଞ୍ଚଳର ବହୁ ଲୋକ ଏଲ୍‌ଜି-ଏଲ୍‌ଏଫ୍ ୱାର୍କ ନାମକ ଆପ୍ଲିକେଶନରେ ଟଙ୍କା ନିବେଶ କରି ଠକେଇର ଶିକାର ହୋଇଛନ୍ତି। ଏଥିରେ କୋଟିଏରୁ ଅଧିକ ଟଙ୍କାର ଠକେଇ ହୋଇଛି। ତେବେ ଠକେଇର ଶିକାର ହୋଇଥିବା ଶତାଧିକ ଲୋକ ଶୁକ୍ରବାର ବିଡ଼ାନାସୀ ଥାନା ସାମ୍ନାରେ ଏକାଠି ହୋଇଥିଲେ। ନିବେଶକମାନେ ବିଡ଼ାନାସୀ ଅଞ୍ଚଳରେ ରହୁଥିବା ଏହି ଆପ୍ଲିକେଶନର ମୁଖ୍ୟଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ। ଏହା ସାଇବର୍ ଅପରାଧଜନିତ ହୋଇଥିବାରୁ ବିଡ଼ାନାସୀ ଥାନା ପୋଲିସ ଲୋକମାନଙ୍କୁ ସାଇବର୍ ଥାନାକୁ ପଠାଇ ଦେଇଥିଲେ। ସାଇବର ଥାନାରେ ଅଭିଯୋଗ ପରେ ମାମଲା ରୁଜୁ ହୋଇଥିଲା। ପୋଲିସ ଘଟଣାର ତଦନ୍ତ କରି ଏଲ୍‌ଜି-ଏଲ୍‌ଏଫ୍ କମ୍ପାନୀର ନିବେଶକ ତଥା ମ୍ୟାନେଜର ଶୁଭେନ୍ଦୁ ଶେଖର ପତି ଏବଂ ବିକାଶ ଚନ୍ଦ୍ର ବେହେରା ନିବେଶକଙ୍କୁ ନିବେଶ ସମ୍ପର୍କିତ ଆଗୁଆ ସୂଚନା ଦେଉଥିଲେ। ଏଥିପାଇଁ ଦୈନିକ ୧୫ରୁ ୨୫ ପ୍ରତିଶତ ଲାଭ ପାଉଥିଲେ। ଏହି ଆଗୁଆ ସୂଚନା ଆଧାରରେ ୨ ହଜାରରୁ ଅଧିକ ନିବେଶକ ଏହି ଆପ୍‌ରେ ଅର୍ଥ ନିବେଶ କରିଥିଲେ। ଏକ ଆପ ଜରିଆରେ ୧୮୦୦ ଟଙ୍କାରୁ କୋଟିଏ ଟଙ୍କା ପର୍ଯ୍ୟନ୍ତ ଟଙ୍କା ନିବେଶ କଲେ ମାସକରେ ୩ ଗୁଣା ଅର୍ଥ ଫେରି ପାଇବାର ଲୋଭ ଦେଖାଇବାରୁ ଜମାକାରୀମାନେ ନିବେଶ କରିଥିଲେ। ଅନେକ ନିବେଶକ ପ୍ରାରମ୍ଭିକ ଭାବେ ମୋଟା ଅଙ୍କର ଲାଭ ପାଇଥିଲେ। କିନ୍ତୁ ଗତ ୧୬ ତାରିଖ ପରେ ଏହି ଆପ୍ଲିକେଶନ ହଠାତ୍ ବନ୍ଦ ହୋଇଯାଇଥିଲା। ଶୁଭେନ୍ଦୁ ଓ ବିକାଶଙ୍କୁ ଜମାକାରୀମାନେ ଯୋଗାଯୋଗ କରିବା ପରେ କିଛି ଦିନ ଭିତରେ ଟଙ୍କା ଫେରସ୍ତ ହୋଇଯିବା ନେଇ ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ଧାର୍ଯ୍ୟ ତାରିଖ ମୁତାବକ ମୂଳଧନ ଓ ଲାଭ ଫେରସ୍ତ ହେଲାନାହିଁ। ଜମାକାରୀମାନେ ଏହି ଆପ୍‌ରେ ମୋଟ ୬ ଲକ୍ଷ ୨୫ ହଜାର ଟଙ୍କା ନିବେଶ କରିଥିଲେ। କିନ୍ତୁ ଠକେଇ ପରିମାଣ ୧ କୋଟି ଟଙ୍କାରୁ ଅଧିକ ହେବ ବୋଲି ଆକଳନ କରାଯାଉଛି।


## ଜନ୍ମଦିନ ଶୁଭେଚ୍ଛା



କଲ୍ୟାଣୀ ସାହୁ
ଜନ୍ମ ତାରିଖ- ୨୨।୦୯।୨୦୦୨
ସ୍ୱାମୀ- ବ୍ରହ୍ମାନନ୍ଦ
ସହୀଦ ନଗର, ଭୁବନେଶ୍ୱର
ଭଗବାନ ଆପଣଙ୍କ ମଙ୍ଗଳ କରନ୍ତୁ ଏବଂ ଆପଣଙ୍କ ଜୀବନରେ ସବୁ ଖୁସି ମିଳୁ, ଏହା ମୋର ଜଗତର ନାଥ ଶ୍ରୀଜଗନ୍ନାଥଙ୍କ ପାଖରେ ପ୍ରାର୍ଥନା କରୁଛି।
ଧ-୨୦୬୯

ବିଶେଷଜ୍ଞ
ଅର୍ଶ ଭଗନ୍ଦର ମଳକଣ୍ଟକ
ଦୀର୍ଘ ୩୦ ବର୍ଷର ଅଭିଜ୍ଞତା ଥିବା ବିଶ୍ୱସନୀୟ ଚିକିତ୍ସାଳୟ
PILES CLINIC
ADDRESS
DR. R.PRASAD, BAMS
DR. PREM KUMAR, BAMS., LLB (UTKAL)
10 A.M. TO 8 PM.
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, Cuttack Road, BBSR
9861146916
8917362388
VSS Nagar, BBSR
9861917646


# ସ୍ୱାମୀ ଠେଙ୍ଗା ମାଡ଼ରେ ସ୍ତ୍ରୀ ମୃତ

ବେତନଟୀ,୨୧।୯(ଧରଣୀଧର ମହାନ୍ତି)

ମୟୂରଭଞ୍ଜ ଜିଲା ବେତନଟୀ ଥାନା ଅଧୀନ ପୁରିନ୍ଦା ପଞ୍ଚାୟତର ସଂସା ଗ୍ରାମରେ ରବିବାର ଏକ ଅଭାବନୀୟ ଘଟଣା ଘଟିଛି। ପାରିବାରିକ କଳହରୁ ସ୍ୱାମୀଙ୍କ ଠେଙ୍ଗାମାଡ଼ରେ ସ୍ତ୍ରୀର ମୃତ୍ୟୁ ଘଟିଛି। ମୃତ ମହିଳା ଜଣକ ହେଲେ ସତ୍ୟଭାମା ମହାନ୍ତ। ଏନେଇ ପୋଲିସ ଏକ ମାମଲା(ନଂ.୩୩୧/୨୫) ରୁଜୁ କରି ଅଭିଯୁକ୍ତ ସ୍ୱାମୀ ଗଣେଶ ମହାନ୍ତଙ୍କୁ ଗିରଫ କରିଛି।

ପାରିବାରିକ କଳହରୁ ଉତ୍‌କ୍ଷିପ୍ତ ହୋଇ ସତ୍ୟଭାମା ଖଟିଆରେ ଶୋଇଥିବା ବେଳେ ଗଣେଶ ଏକ ଠେଙ୍ଗାରେ ତାଙ୍କ ମୁଣ୍ଡକୁ ଶକ୍ତ ପ୍ରହାର ଦେବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ମୃତ ମହିଳାଙ୍କ ଝିଅ ପାଖ ଜଙ୍ଗଲକୁ କାଠ ଆଣିବାକୁ ଯାଇଥିବା ଗଣେଶ ଏଭଳି କାଣ୍ଡ ଘଟାଇଥିବା କୁହାଯାଉଛି। ଗ୍ରାମବାସୀଙ୍କଠାରୁ ଖବରପାଇ ବେତନଟୀ ପୋଲିସ ସାଇଣ୍ଟିଫିକ ଟିମ୍ ସହ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଛି।

# ୨ ଛାତ୍ରୀଙ୍କୁ ନିଶା ସ୍ପ୍ରେ କରି ଅପହରଣ, ଅପହର୍ତ୍ତା ୨ ଯୁବକ ଗିରଫ

ମହାକାଳପଡ଼ା,୨୧।୯ (ପ୍ରତାପ ଚନ୍ଦ୍ର ସ୍ୱାଇଁ)

କେନ୍ଦ୍ରାପଡ଼ା ଜିଲା ଜମ୍ବୁ ସାମୁଦ୍ରିକ ଥାନା ଅଞ୍ଚଳର ଶୁକ୍ରବାର ୨ ଛାତ୍ରୀଙ୍କୁ ସ୍କୁଲ ଯିବା ବାଟରେ ନିଶା ଦ୍ରବ୍ୟ ସ୍ପ୍ରେ କରି ଉକ୍ତ ଅଞ୍ଚଳର ୨ ଯୁବକ ଏକ କାର୍ ଯୋଗେ ଉଠାଇ ନେଇ ଅପହରଣ କରିଥିଲେ। ପରେ ଦିନ ୧ ଟାରେ ୨ ଛାତ୍ରୀଙ୍କୁ ଉକ୍ତ ଅଞ୍ଚଳର ହନୁମାନ ମନ୍ଦିର ନିକଟରେ ୨ ଯୁବକ ଛାଡ଼ି ଦେଇ ଫେରାର ହୋଇ ଯାଇଥିଲେ। ଚେତା ଫେରିବା ପରେ ୨ ଛାତ୍ରୀ ଘରକୁ ଫେରି ସବୁ ଘଟଣା ପରିବାର ନିକଟରେ ପ୍ରକାଶ କରିଥିଲେ। ଏହା ଏକ ସମ୍ବେଦନଶୀଳ ଘଟଣାକୁ ହୋଇଥିବାରୁ କେତେଜଣ ଭଦ୍ର ଲୋକଙ୍କ ମାଧ୍ୟମରେ ଆପୋସ ବୁଝାମଣା ପାଇଁ ବିଳମ୍ବିତ ରାତି ପର୍ଯ୍ୟନ୍ତ ଘଣ୍ଟା ଚକଟା ଚାଲିଥିଲା। କିଛି ବୁଝାମଣା ନ ହେବାରୁ ଛାତ୍ରୀଙ୍କ ପରିବାର ଉକ୍ତ ବିଳମ୍ବିତ ରାତିରେ ଜମ୍ବୁ ସାମୁଦ୍ରିକ ଥାନାରେ ଲିଖିତ ଅଭିଯୋଗ କରି ନ୍ୟାୟ ଭିକ୍ଷା କରିଥିଲେ।

ଅଭିଯୋଗକୁ ଭିତ୍ତିକରି ପୋଲିସ ୨ ଯୁବକଙ୍କୁ ରାମନଗର ଅଞ୍ଚଳରୁ ଶନିବାର ଉଠାଇ ଥାନାରେ ଅଟକ ରଖି ପଚରାଉଚରା କରିଥିଲା। ରବିବାର ସେମାନଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଛି। ଅପରପକ୍ଷରେ ଶନିବାର ଛାତ୍ରୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ନିରୀକ୍ଷା ପରେ ମହାକାଳପଡ଼ା ଥାନାର ମହିଳା ଅଧିକାରୀ ୧୮୦ ଭାରତୀୟ ନ୍ୟାୟ ସଂହିତା ଧାରା ଅନୁସାରେ ବୟାନ ରେକର୍ଡ କରିଛନ୍ତି। ରବିବାର ଛାତ୍ରୀଙ୍କଠାରୁ କେନ୍ଦ୍ରାପଡ଼ା ପୋକ୍‌ସୋ ଅଦାଲତରେ ୧୮୩ ଭାରତୀୟ ନ୍ୟାୟ ସଂହିତା ଧାରା ଅନୁସାରେ ବୟାନ ରେକର୍ଡ କରାଯାଇଛି ବୋଲି ଆଇଆଇସି ସୌମ୍ୟ ରଞ୍ଜନ ବିଶ୍ୱାଳ ସୂଚନା ଦେଇଛନ୍ତି। ୨ ଯୁବକ ଛାତ୍ରୀ ଦ୍ୱୟଙ୍କୁ କାହିଁକି ଅପହରଣ କରି ପରେ ଛାଡ଼ିଲେ ତାହା ସ୍ପଷ୍ଟ ହୋଇନାହିଁ। ଏ ନେଇ ପୋଲିସ ନଂ. ୧୯୭/୨୫ରେ ମାମଲା ରୁଜୁ ହୋଇଛି। ଶିଶୁ ଯୌନ ଉତ୍ପୀଡନ ନିରୋଧ ଆଇନ-୨୦୧୩ ଅନୁଯାୟୀ, ଧାରା ୧୨ ପଞ୍ଜୀକୃତ ହୋଇଛି। ଧାରା ୭୪, ୧୧୫(୨) ୩୫୧(୨) ୩୫୧(୪) ୩ କ୍ଲଜ ( ୫ )


ଅପହରଣ ଅଭିଯୋଗରେ ୨ ଯୁବକଙ୍କୁ କୋର୍ଟ ଚାଲାଣ କରାଯାଉଛି।

### ପୋକ୍‌ସୋ କୋର୍ଟ ଚାଲାଣ

ଓ ବେଆଇନ ଭାବେ ନିଶା ଦ୍ରବ୍ୟ (ସ୍ପ୍ରେ)ପ୍ରୟୋଗ ଆଇନ ୧୨୩ ଧାରାରେ ମାମଲା ରୁଜୁ କରାଯାଇଛି। ଅଧିକ ତଦନ୍ତ ଜାରି ରହିଛି ଓ ଆଇନ ଗତ ପଦକ୍ଷେପ ଗ୍ରହଣ କରାଯିବ ବୋଲି ପୋଲିସ ପକ୍ଷରୁ ସୂଚନା ମିଳିଛି। ରାମନଗର ଅଞ୍ଚଳର ଅପହର୍ତ୍ତା ଯୁବକ ଦ୍ୱୟ ହେଉଛନ୍ତି ତରୁଣ କୁମାର ଦେହୁରୀ (୨୭) ଓ ଇନ୍ଦ୍ରଜିତ ପାଲ (୨୮) ଙ୍କୁ ମହାକାଳପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହ ରବିବାର କେନ୍ଦ୍ରାପଡ଼ା ପୋକ୍‌ସୋ କୋର୍ଟକୁ ଚାଲାଣ କରାଯାଇଛି। ଜବତ ହୋଇଥିବା କାର୍ ନମ୍ବର ଓଆର ୦୫ଏମ୍ ୬୨୧୯ ବୋଲି ଜଣାପଡିଛି।

## ପ୍ରଥମ ପୃଷ୍ଠାରୁ...

### ସଂକଳ୍ପ ପୂରଣ କରିବେ...

କର୍ମ କୁଶଳତା ଓ ଦାୟିତ୍ୱବୃଦ୍ଧି ଜରିଆରେ ସେ ବିକଶିତ ଭାରତ ନିର୍ମାଣର ଲକ୍ଷ୍ୟ ରଖିଛନ୍ତି। ସେ କହିଥିଲେ, ଦେଶର ଦାରିଦ୍ର୍ୟ ବର୍ତ୍ତମାନ ସର୍ବନିମ୍ନ ସ୍ତରରେ ଅଛି। ସବୁ ଗାଁକୁ ବିଜୁଳି, ସବୁ ଗାଁକୁ ପିଇବା ପାଣି ଯୋଗାଣ କ୍ଷେତ୍ରରେ ଆମେ ସମ୍ପୂର୍ଣ୍ଣତା ହାସଲ କରିବାର ଦ୍ୱାରଦେଶରେ ପହଞ୍ଚି ସାରିଛୁ। ମେକ୍ ଇନ୍ ଇଣ୍ଡିଆ, ଡିଜିଟାଲ ଇଣ୍ଡିଆ, ଷ୍ଟାର୍ଟ ଅପ୍ ଇଣ୍ଡିଆ ଆଦି କାର୍ଯ୍ୟକ୍ରମ ଦେଶକୁ ଆତ୍ମନିର୍ଭରତାର ରାସ୍ତାରେ ଆଗକୁ ନେଉଛି। ନିଶାମୁକ୍ତି ଅଭିଯାନ ବିଷୟରେ କହିବାକୁ ଯାଇ ସେ କହିଥିଲେ, ଆଜିର ସମାଜରେ ମଦ୍ୟପାନ, ଗୁଟ୍‌ଖା, ଧୂମପାନ, ଗଞ୍ଜେଇ ଏବଂ ବିଭିନ୍ନ ଡ୍ରଗ୍ସ ପରି ବିଭିନ୍ନ ମାଦକଦ୍ରବ୍ୟର ପ୍ରଭାବ ଭୟଙ୍କର ଭାବରେ ବଢୁଛି। ନିଶା କେବଳ ଜଣେ ବ୍ୟକ୍ତିଙ୍କୁ ନଷ୍ଟ କରେ ତା' ନୁହେଁ, ନିଶା ନିଜ ସହିତ ନିଜ ପରିବାର ଓ ସମାଜକୁ ଛାରଖାର କରିଦିଏ।

ଉକ୍ତ କାର୍ଯ୍ୟକ୍ରମ ପରେ ମୁଖ୍ୟମନ୍ତ୍ରୀ ମେ' ଫେୟାର ଛକଠାରେ ଥିବା ଏକ ଚା' ଦୋକାନରେ ଚା' ପିଇବା ସହିତ ସେଠାରେ ଥିବା ଜନସାଧାରଣଙ୍କ ସହିତ କଥାବାର୍ତ୍ତା ହୋଇଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଜଣେ ବୁଢ଼ୀ ମାଆଟିର ସ୍ୱାସ୍ଥ୍ୟ ବିଷୟରେ ପଚାରି ବୁଝୁଥିଲେ। ପାଖରେ ଥିବା ଛାତ୍ରୀଛାତ୍ରଙ୍କୁ ମଧ୍ୟ ଭଲ ପାଠ ପଢ଼ିବା ଏବଂ ଯୁବବର୍ଗଙ୍କୁ ନିଶା ସେବନର ଅପକାରିତା ବିଷୟରେ ବୁଝାଇଥିଲେ।

କାର୍ଯ୍ୟକ୍ରମରେ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, କ୍ରୀଡ଼ା ଓ ଉଚ୍ଚଶିକ୍ଷା ମନ୍ତ୍ରୀ ସୂରଜ ସୂର୍ଯ୍ୟବଂଶୀ, ଏକାମ୍ର ଭୁବନେଶ୍ୱର ବିଧାୟକ ବାବୁ ସିଂ, ଦିଗପହଣ୍ଡି ବିଧାୟକ ସିଦ୍ଧାନ୍ତ ମହାପାତ୍ର ଓ ବରିଷ୍ଠ ନେତୃବୃନ୍ଦ ଉପସ୍ଥିତ ଥିଲେ।

### ୩୦ ସୁଦ୍ଧା ଏସ୍‌ଆଇଆର୍...

ତାଲିକା ଥିବାବେଳେ ଉତ୍ତରାଖଣ୍ଡର ମୁଖ୍ୟ ନିର୍ବାଚନ ଅଧିକାରୀ ୨୦୦୬ର ଇଲେକ୍ଟୋରାଲ ରୋଲ୍‌କୁ ୱେବ୍‌ସାଇଟ୍‌ରେ ଅପ୍‌ଲୋଡ୍ କରିଛନ୍ତି। ବିହାରରେ ୨୦୦୩ର ଭୋଟର ତାଲିକାକୁ ଇସି ଏସ୍‌ଆଇଆର୍ ପାଇଁ ଯେପରି ବ୍ୟବହାର କରୁଛନ୍ତି, ସେହିପରି ଅନ୍ୟ ରାଜ୍ୟଗୁଡ଼ିକ ଲାଗି ଗତ ଏସ୍‌ଆଇଆର୍ କଟ୍‌ଅଫ୍ ଡେଟ୍ ଭାବେ କାର୍ଯ୍ୟ କରିବ। ଅଧିକାଂଶ ରାଜ୍ୟରେ ଶେଷ ଏସ୍‌ଆଇଆର୍ ୨୦୦୨ରୁ ୨୦୦୪ ମଧ୍ୟରେ ହୋଇଥିଲା। ସେହି ରାଜ୍ୟଗୁଡ଼ିକ ବର୍ତ୍ତମାନର ଭୋଟରଙ୍କୁ ଚିହ୍ନଟ ପ୍ରକ୍ରିୟା ପ୍ରାୟତଃ ଶେଷ କରିଦେଲେଣି। ବିହାର ପରେ ସାରା ଦେଶରେ ଏସ୍‌ଆଇଆର୍ କରାଯିବ ବୋଲି ଇସି କହିଛନ୍ତି। ୨୦୨୬ରେ ଆସାମ, କେରଳ, ପଣ୍ଡିଚେରୀ, ତାମିଲନାଡୁ ଓ ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନ ଅନୁଷ୍ଠିତ ହେବ।

ବାଂଲାଦେଶ ଓ ମ୍ୟାନ୍‌ମାର ସମେତ ଅନ୍ୟ ଦେଶଗୁଡ଼ିକରୁ ଆସି ଭାରତରେ ବେଆଇନ ଭାବେ ବସବାସ କରୁଥିବା ପ୍ରବାସୀଙ୍କୁ ଭୋଟର ତାଲିକାରୁ ହଟାଇବା ଏବଂ ରାଜ୍ୟଗୁଡ଼ିକର ନୂତନ ମତଦାତାଙ୍କୁ ଏଥିରେ ସାମିଲ କରିବା ଏସ୍‌ଆଇଆର୍‌ର ମୂଳ ଉଦ୍ଦେଶ୍ୟ ବୋଲି ଇସି କହିଛନ୍ତି।


# Classified Everyday
0674-2580101, 9692975378


REAL ESTATE
SALE


ଭୁବନେଶ୍ୱର ପିତାପଲ୍ଲିଛକ NH sideରେ immediate ଘରବାଲା ଭଳି ପ୍ଲଟ୍ Boundary, ଇଲେକ୍ଟ୍ରିସିଟି, ରାସ୍ତା ଥାଇ ବିକ୍ରିହେବ- 9337166296. D-1941

CDA and RERA approved plot near Trisulia, CISF Campus, Black Loan facilities, Bank top road, Water supply, Electricity, Drainage. Contact- 7008513309. D-2062

Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com




Warehouse To-let at Hanspal near NH-16, Bhubaneswar 33000sqft. Plinth+ 11000sqft. Mezzanine. Contact: 7205809501, 9861096613. D-1985




The massage felt totally professional & comfortable at all times-7978109255. D-76495

Newly open health benefits spa by experts therapist con 8658088274. D-1866

AFFIDAVIT

ଆମ୍ଭେ ଅଶୋକ କୁମାର ପରିଡ଼ା, ପିତା- କୃଷ୍ଣଚନ୍ଦ୍ର ପରିଡ଼ା, ସା- ଅରିଓଦା, ପୋ- ନାଉଗାଁ, ଥାନା- ନାଉଗାଁ ହାଟ, ଜିଲ୍ଲା- ଜଗତସିଂହପୁର ସତ୍ୟପାଠ ଜରିଆରେ ଆମ୍ଭର ସଂଜ୍ଞା ସାହୁ ରୁ ପୈତୃକ ସଂଜ୍ଞା ପରିଡ଼ା କୁ ପରିବର୍ତ୍ତନ କରିଛି। ଏବେ ଆମ୍ଭେ ଅଶୋକ କୁମାର ସାହୁ ପରିବର୍ତ୍ତେ ଅଶୋକ କୁମାର ପରିଡ଼ା ରୂପେ ସମସ୍ତ ସରକାରୀ ଓ ବେସରକାରୀ ନଥିପତ୍ର ଏବଂ ବ୍ୟାଙ୍କ, ଜୀବନ ବୀମା ଆଦି ସମସ୍ତ ଅର୍ଥନୈତିକ ନିର୍ବାହ ପାଇଁ ଅଶୋକ କୁମାର ପରିଡ଼ା ରୂପେ ପରିଚିତ ହେବୁ। ଧ- ୨୦୬୬

ପାଠକଙ୍କ ପାଇଁ ସୂଚନା
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

By virtue of an affidavit sworn before Executive Magistrate, Bhubaneswar, dated- 08.07.2025 I, Renuka Kanhar, residing at Dedigunda, P.O.- Keredi, P.S.- Bisipada, Dist.- Kandhamal, PIN-762029 declare that I have changed my minor son's name from Dipun Kanhar (old name) to Pratyush Kanhar (new name). Henceforth he shall be known as Pratyush Kanhar for all purposes. D- 2064

I, Pratima Behera (31), W/o- Joginath Pradhan, Vill- Singadapalli, P.O.- Panditgaon, P.S.- Khallikote, Ganjam declared by this affidavit No.- A-3/10.05.2000 sworn before the Notary Khallikote that I want to change my surname Behera to Pradhan after marrige to Joginath Pradhan. Henceforth I shall be known as Pratima Pradhan all future purpose. D-2065



## ମନେ ପଡ଼ନ୍ତି

### ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ରାମଚନ୍ଦ୍ର ଚୌଧୁରୀ
ଆବିର୍ଭାବ: ୨୦।୦୬।୧୯୩୯
ତିରୋଧାନ: ୦୭।୧୦।୨୦୦୨
(ତିଥି- ଆଶ୍ୱିନ ଶୁକ୍ଳ ପ୍ରତିପଦା)
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଠାକୁରଙ୍କ ନିକଟରେ ପ୍ରାର୍ଥନା କରୁଅଛୁ।
ଶୋକସନ୍ତପ୍ତ ପରିବାରବର୍ଗ ।
ଧ-୭୬୮୫୫

### ୫ମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ଶାରଦା ପ୍ରସାଦ ସେନ୍
ଏ/୭, ନାଗେଶ୍ୱର ଟାଙ୍ଗୀ, ଓଲ୍ଡ ଟାଉନ, ଭୁବନେଶ୍ୱର
ଆବିର୍ଭାବ: ୦୩।୦୬।୧୯୩୯
ତିରୋଧାନ: ୧୭।୦୯।୨୦୨୦
ନୈନଂ ଛିନ୍ଦନ୍ତି ଶସ୍ତ୍ରାଣି ନୈନଂ ଦହତି ପାବକଃ।
ନ ଚୈନଂ କ୍ଲେଦୟନ୍ତ୍ୟାପୋ ନ ଶୋଷୟତି ମାରୁତଃ।
ଆପଣଙ୍କ ଅମରାତ୍ମା ଶାନ୍ତି ଓ ସଦ୍‌ଗତି ଲାଭକରୁ, ଏତିକି ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ ପରିବାରବର୍ଗ ।
ଧ-୨୦୬୮

# ପାକିସ୍ତାନକୁ ଧରାଶାୟୀ କଲେ ଅଭିଷେକ

**ଦୁବାଇ, ୨୧।୯**

ଚଳିତ ଏସିଆ କପ୍ କ୍ରିକେଟ ଟୁର୍ନାମେଣ୍ଟରେ ଭାରତ କ୍ରମାଗତ ୨ ଥର ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନକୁ ପରାସ୍ତ କରିଛି। ରବିବାର ଅନୁଷ୍ଠିତ ସୁପର-୪ ମ୍ୟାଚରେ ଭାରତ ଉଭୟ ବୋଲିଂ ଓ ବ୍ୟାଟିଂରେ ଉନ୍ନତ ପ୍ରଦର୍ଶନ କରି ପାକିସ୍ତାନକୁ ୬ ଉଇକେଟରେ ପରାସ୍ତ କରିଛି। ପାୱାରପ୍ଲେରେ ଭାରତୀୟ ବୋଲରଙ୍କ ପ୍ରଦର୍ଶନ ଫିକା ରହିଥିଲେ ହେଁ ପରେ ପ୍ରଭାବୀ ବୋଲିଂ କରି ପାକିସ୍ତାନ ରନ ହାରରେ ଅଙ୍କୁଶ ଲଗାଇଥିଲେ। ଫଳରେ ପାକିସ୍ତାନ ୨୦ ଓଭରରେ ୫ ଉଇକେଟ ହରାଇ ୧୭୧ ରନ କରିଥିଲା। ଜବାବରେ ଭାରତ ୭ ବଲ୍ ବାକିଥାଇ ୧୮.୫ ଓଭରରେ ୪ ଉଇକେଟ

**ଏସିଆ କପ୍ ସୁପର-୪**

ହରାଇ ୧୭୪ ରନ ସଂଗ୍ରହ କରି ନେଇଥିଲା। ଲିଗ୍ ପର୍ଯ୍ୟାୟରେ ମଧ୍ୟ ଭାରତ ୭ ଉଇକେଟରେ ପାକିସ୍ତାନକୁ ପରାସ୍ତ କରିଥିଲା।

ଓପନିଂ ଯୋଡ଼ିରେ ଅଭିଷେକ ଶର୍ମା ଓ ଶୁବମନ ଗିଲ୍ ୫୯ ବଲ୍‌ରୁ ୧୦୫ ରନ ଯୋଗକରି ଭାରତର ଆଭିମୁଖ୍ୟ ସ୍ପଷ୍ଟ କରିଥିଲେ। ୧୦ମ ଓଭରର ୫ମ ବଲ୍‌ରେ ଫହିମ ଅଶ୍ରଫଙ୍କ ବଲ୍‌ରେ ଗିଲ୍ ଆଉଟ ହେବାରୁ ଯୋଡ଼ି ଭାଙ୍ଗିଥିଲା। ୨୮ଟି ବଲ୍‌ର ସମ୍ମୁଖୀନ ହୋଇଥିବା ଗିଲ୍ ୮ ଚୌକା ସହାୟତାରେ ୪୭ ରନ କରିଥିଲେ। ବ୍ୟାଟିଂ କ୍ରମରେ ୩ ନମ୍ବରରେ ଆସିଥିବା ଅଧିନାୟକ ସୂର୍ଯ୍ୟକୁମାର ଯାଦବ ଡକ୍ (୦)ରେ ଆଉଟ ହେବାରୁ ମାତ୍ର ୧ ରନ ବ୍ୟବଧାନରେ ଭାରତକୁ ଡବଲ୍ ଝଟ୍‌କା ଲାଗିଥିଲା। ଅଭିଷେକ ସ୍ୱାଭାବିକ ଭାବେ ବିସ୍ଫୋରକ ବ୍ୟାଟିଂ ଜାରିରଖି ଅର୍ଦ୍ଧଶତକ ହାସଲ କରିଥିଲେ। ସେ ୩୯ ବଲ୍‌ରୁ ୬ ଚୌକା ଓ ୫ ଛକା ସହାୟତାରେ ୭୪ ରନକରି ପାକିସ୍ତାନ ହାତରୁ ମ୍ୟାଚ୍ ଛଡ଼ାଇ ଆଣିଥିଲେ। ଶୁବମନ ଗିଲ୍-ଶାହିନ ଶାହା ଆଫ୍ରିଦୀ ଏବଂ ଅଭିଷେକ ଶର୍ମା-ହାରିସ ରୌଫଙ୍କ ମଧ୍ୟରେ ବାକ୍ୟ ବିନିମୟ ମ୍ୟାଚରେ ଉଷ୍ମତା ଭରିଥିଲା। ଓମାନ ବିପକ୍ଷ ମ୍ୟାଚରେ ଅର୍ଦ୍ଧଶତକ ହାସଲକାରୀ ସଞ୍ଜୁ ସାମସନ ଏଠାରେ ବିଫଳ ହୋଇ ମାତ୍ର ୧୩ ରନରେ ଆଉଟ ହୋଇଥିଲେ। ତେବେ ତିଲକ ବର୍ମା ୩୦ (୧୯ ବଲ, ୨ ଚୌକା, ୨ ଛକା) ଓ ହାର୍ଦ୍ଦିକ ପାଣ୍ଡ୍ୟା ୭ ରନରେ ଅପରାଜିତ ରହି ମ୍ୟାଚ ଶେଷ କରିଥିଲେ। ପାକିସ୍ତାନ ପକ୍ଷରୁ ହାରିସ ରୌଫ ୨ଟି ଏବଂ ଆବ୍ରାର ଅହମଦ ଓ ଫହିମ ଅଶ୍ରଫ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

ଟସ୍ ଜିତି ଫିଲ୍ଡିଂ ନେଇଥିଲା ଭାରତ। ପୂର୍ବ ମ୍ୟାଚ ଭଳି ଏଥର ମଧ୍ୟ ଅଧିନାୟକ ସୂର୍ଯ୍ୟକୁମାର ଯାଦବ ପାକିସ୍ତାନ ଅଧିନାୟକ ସଲମାନ ଆଘାଙ୍କ ସହ କରମର୍ଦ୍ଦନ କରି ନ ଥିଲେ। ପାକିସ୍ତାନ ପକ୍ଷରୁ ଶାଇବଜାଦା ଫରହାନ ଓ ଫଖର ଜମନ ଇନିଂସ ଓପନ କରିଥିଲେ। ଜମନ ୯ ବଲ୍‌ରୁ ୧୫ ରନ କରିଥିବାବେଳେ ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ବଲ୍‌ରେ ଉଇକେଟ କିପର ସଞ୍ଜୁ ସାମସନଙ୍କୁ ଏକ ଲୋ କ୍ୟାଚ ଦେଇ ପ୍ୟାଭିଲିୟନ ଫେରିଥିଲେ। ଏଥିରେ ଜମନ ସନ୍ତୁଷ୍ଟ ନ ଥିଲେ ହେଁ ରିପ୍ଲେରେ ସାମସନଙ୍କ ଗ୍ଲୋଭ୍ସ ଗ୍ରାଉଣ୍ଡ ଉପରେ ରହିଥିବା ସ୍ପଷ୍ଟ ହୋଇଥିଲା। ଅନ୍ୟପକ୍ଷରେ ପାୱାରପ୍ଲେରେ ଭାରତୀୟ ବୋଲିଂ ଏବଂ ଫିଲ୍ଡିଂ ଫିକା ରହିଥିଲା। ଶାହିବଜାଦା ଖାତା ଖୋଲି ନ ଥିବାବେଳେ ହାର୍ଦ୍ଦିକଙ୍କ ବଲ୍‌ରେ ଅଭିଷେକ ତାଙ୍କ କ୍ୟାଚ ଡ୍ରପ୍ କରିଥିଲେ। ସେହିପରି ଆୟୁବ ୪ ରନ କରିଥିବାବେଳେ ବରୁଣ ଚକ୍ରବର୍ତ୍ତୀଙ୍କ ବୋଲିଂରେ ତାଙ୍କର ଏକ କ୍ୟାଚକୁ କୁଲଦୀପ ଯାଦବ ହାତଛଡ଼ା କରିଥିଲେ। ପାକିସ୍ତାନ ପାୱାରପ୍ଲେରେ ୧ ଉଇକେଟ ହରାଇ ୫୫ ରନ ସଂଗ୍ରହ କରି ନେଇଥିଲା। ଭାରତ ବିପକ୍ଷ ୧୫ଟି ଟି୨୦ ଅନ୍ତର୍ଜାତୀୟରେ ପାକିସ୍ତାନର ଏହା ସର୍ବାଧିକ ପାୱାରପ୍ଲେ ସ୍କୋର। ଦ୍ୱିତୀୟ ଉଇକେଟରେ ୪୯ ବଲ୍‌ରୁ ୭୨ ରନର ଭାଗୀଦାରି ପରେ ଭାରତକୁ ବ୍ରେକ୍ ଥ୍ରୁ ଦେଇଥିଲେ ଶିବମ ଦୁବେ। ସେ ନିଜ ପ୍ରଥମ ଓଭରର ୩ୟ ବଲ୍‌ରେ ସଇମ ଆୟୁବଙ୍କୁ ଅଭିଷେକ ଶର୍ମାଙ୍କ ହାତରେ କ୍ୟାଚ କରାଇ ଯୋଡ଼ି ଭାଙ୍ଗିଥିଲେ। ଏହାପରେ ମ୍ୟାଚର ମୋଡ଼ ବୁଲିଥିଲା। ଶାହିବଜାଦା ଫରହାନ ୪୫ ବଲ୍‌ରୁ ୫୮ (୫ ଚୌକା, ୩ ଛକା) ରନ କରିଥିବାବେଳେ ଶିବମ୍ ଦୁବେଙ୍କ ବଲ୍‌ରେ ଆଉଟ ହୋଇଥିଲେ। ଶେଷ ଭାଗରେ ମହମ୍ମଦ ନୱାଜ ୨୧, ଅଧିନାୟକ ସଲମାନ ଆଘା ୧୭* ଓ ଫହିମ ଅଶ୍ରଫ ୮ ବଲ୍‌ରୁ ୨୦* ରନ କରିବାରୁ ପାକିସ୍ତାନ ସମ୍ମାନଜନକ ସ୍କୋରରେ ପହଞ୍ଚି ପାରିଥିଲା। ଭାରତ ପକ୍ଷରୁ ଶିବମ୍ ଦୁବେ ୨ଟି ଏବଂ ହାର୍ଦ୍ଦିକ ପାଣ୍ଡ୍ୟା ଓ କୁଲଦୀପ ଯାଦବ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ଯଶପ୍ରୀତ୍ ବୁମ୍ରା ୪ ଓଭରରେ ୪୫ ରନ ବ୍ୟୟ କରିଥିଲେ।

**ସଂକ୍ଷିପ୍ତ ସ୍କୋର**

ପାକିସ୍ତାନ ୨୦ ଓଭରରେ ୧୭୧/୫ (ଶାହିବଜାଦା ଫରହାନ-୫୮, ସାଇମ ଆୟୁବ-୨୧, ମହମ୍ମଦ ନୱାଜ-୨୧, ଶିବମ୍ ଦୁବେ-୨/୩୩, ହାର୍ଦ୍ଦିକ ପାଣ୍ଡ୍ୟା-୧/୨୯, କୁଲଦୀପ ଯାଦବ-୧/୩୧)। ଭାରତ ୧୮.୫ ଓଭରରେ ୧୭୪/୪ (ଅଭିଷେକ ଶର୍ମା-୭୪, ଶୁବମନ ଗିଲ୍-୪୭, ତିଲକ ବର୍ମା-୩୦*, ହାରିସ ରୌଫ-୨/୨୬, ଆବ୍ରାର ଅହମଦ-୧/୪୨, ଫହିମ ଅଶ୍ରଫ-୧/୩୧)।



ଶତକୀୟ ଓପନିଂ ଭାଗୀଦାରି ଅବସରରେ ଶୁବମନ ଗିଲ୍ ଓ ଅଭିଷେକ ଶର୍ମା।

# ପ୍ରମୋଦଙ୍କ ସ୍ୱର୍ଣ୍ଣିମ ପ୍ରତ୍ୟାବର୍ତ୍ତନ

**ଭୁବନେଶ୍ୱର, ୨୧।୯ (ତପନ ସ୍ୱାଇଁ)**

ଭାରତ ଏବଂ ଓଡ଼ିଶାର ତାରକା ପାରା ବ୍ୟାଡ୍‌ମିଣ୍ଟନ ଖେଳାଳି ପ୍ରମୋଦ ଭଗତ ବ୍ୟାଡ୍‌ମିଣ୍ଟନ କୋର୍ଟକୁ ସଫଳ ପ୍ରତ୍ୟାବର୍ତ୍ତନ କରିଛନ୍ତି। ଦୀର୍ଘ ୧୮ ମାସର ଅନୁପସ୍ଥିତି ପରେ ସେ ଚାଇନା ଅନ୍ତର୍ଜାତୀୟ ପାରା ବ୍ୟାଡ୍‌ମିଣ୍ଟନର ଏସ୍‌ଏଲ୍‌୩ ବର୍ଗରେ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ଇଣ୍ଡୋନେସିଆର ମୁହ ଅଲ୍ ଇମରାନଙ୍କ ବିପକ୍ଷ ଫାଇନାଲରେ ସେ ପ୍ରଥମ ସେଟ୍‌ରେ ୧୫-୨୧ରେ ପରାଜିତ ହୋଇଥିଲେ ହେଁ ନାଟକୀୟ ଭାବେ ପରବର୍ତ୍ତୀ ୨ ସେଟ୍‌କୁ ୨୧-୧୯ ଓ ୨୧-୧୬ରେ ଜିତି ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। 'ଥ୍ରୀ ହୋୟାରଏବାଉଟ୍ ଫେଲ୍ୟୁର୍ସ' ଯୋଗୁ ପ୍ରମୋଦ ବାସନ୍ଦ ହୋଇଥିବାରୁ ପ୍ୟାରିସ ପାରାଲିମ୍ପିକ୍ସରେ ଅଂଶଗ୍ରହଣ କରିପାରି ନ ଥିଲେ। ଏବେ ସ୍ୱର୍ଣ୍ଣିମ ପ୍ରତ୍ୟାବର୍ତ୍ତନ ତାଙ୍କୁ ଅତ୍ୟନ୍ତ ଭାବପ୍ରବଣ କରିଛି। କେବଳ ସ୍ୱର୍ଣ୍ଣ ନୁହେଁ, ସେ ଡବଲ୍ସରେ ମଧ୍ୟ ରୌପ୍ୟ ପଦକ ହାସଲ କରିଛନ୍ତି। ସୁକାନ୍ତ କଦମ ଏବଂ ପ୍ରମୋଦଙ୍କ ଯୋଡ଼ି ଫାଇନାଲରେ ଅନ୍ୟତମ ଭାରତୀୟ ଯୋଡ଼ି ନଭୀନ ଶିବକୁମାର ଓ ଜଗଦୀଶ ଦିଲିଙ୍କଠାରୁ ୧୮-୨୧, ୨୨-୨୦, ୧୮-୨୧ରେ ହାରି ଯାଇଛନ୍ତି। ସ୍ୱର୍ଣ୍ଣ ଓ ରୌପ୍ୟ ବିଜୟ ପାଇଁ ପ୍ରମୋଦଙ୍କୁ କୋଚ୍ ଶିବ ପ୍ରସାଦ ଦାସ, ପାରା ସ୍ପୋର୍ଟ୍ସ ଆସୋସିଏଶନ ଅଫ୍ ଓଡ଼ିଶା ସଭାପତି କମଳାକାନ୍ତ ରଥ, ସମ୍ପାଦକ ସୁନୀଲ ପ୍ରଧାନ ପ୍ରମୁଖ ଅଭିନନ୍ଦନ ଜଣାଇଛନ୍ତି।

**ଏହି ସ୍ୱର୍ଣ୍ଣ ମୋ ପାଇଁ ସ୍ୱତନ୍ତ୍ର**

"ଏହି ସ୍ୱର୍ଣ୍ଣ ପଦକ ମୋ ପାଇଁ ସମ୍ପୂର୍ଣ୍ଣ ସ୍ୱତନ୍ତ୍ର। ଦୀର୍ଘ ୧୮ ମାସର ଅନୁପସ୍ଥିତି ପରେ ନିଜକୁ ପ୍ରମାଣିତ କରିବା ସହଜ ନ ଥିଲା। ତେଣୁ ଏହା ଭିନ୍ନ ଅନୁଭବ ଆଣିଛି। ଏଥିପାଇଁ ମୋ କୋଚ୍, ସମର୍ଥକ ଏବଂ ମୋ ଉପରେ ବିଶ୍ୱାସ ରଖିଥିବା ସମସ୍ତ ଶୁଭେଚ୍ଛୁଙ୍କୁ ଧନ୍ୟବାଦ ଜଣାଉଛି। ପ୍ରତ୍ୟାବର୍ତ୍ତନରେ ଏହା ମୋ ପାଇଁ କେବଳ ଏକ ଆରମ୍ଭ ମାତ୍ର" ବୋଲି ପ୍ରମୋଦ ପ୍ରକାଶ କରିଛନ୍ତି।


ସ୍ୱର୍ଣ୍ଣ ଓ ରୌପ୍ୟ ପଦକ ସହ ପ୍ରମୋଦ ଭଗତ।

# ଭର୍ଷ୍ଟାପେନ୍ ଜିତିଲେ ଆଜରବୈଜାନ ଗ୍ରାଁ ପ୍ରି




**ବାକୁ (ଆଜରବୈଜାନ), ୨୧।୯ (ଏପି)**

ରେଡବୁଲ୍‌ର ମାକ୍ସ ଭର୍ଷ୍ଟାପେନ୍ ଆଜରବୈଜାନ ଫର୍ମୁଲା ୱାନ ଗ୍ରାଁ ପ୍ରି ମୋଟର ରେସ୍ ଜିତିଥିବା ବେଳେ ପ୍ରଥମ ଲାପ୍‌ରେ ଚାମ୍ପିୟନଶିପ୍ ଲିଡର ଓସ୍କାର ପିଆଷ୍ଟ୍ରିଙ୍କ ଦୁର୍ଘଟଣା ଯୋଗୁ ଲାଣ୍ଡୋ ନୋରିସ ତାଙ୍କ ପଏଣ୍ଟ ବ୍ୟବଧାନକୁ ହ୍ରାସ କରିବାରେ ସମର୍ଥ ହୋଇଛନ୍ତି। ଶନିବାର ସଂଘର୍ଷପୂର୍ଣ୍ଣ କ୍ୱାଲିଫାଇଙ୍ଗ ସେସନରେ ପୋଲ୍ ପୋଜିଶନ ହାସଲ କରି ଭର୍ଷ୍ଟାପେନ୍ ରବିବାର ରେସ୍‌ରେ ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ନିୟନ୍ତ୍ରଣରେ ଥିଲେ। ମର୍ସିଡିଜର ଜର୍ଜ ରସେଲ ଦ୍ୱିତୀୟ ହୋଇଥିବା ବେଳେ ୱିଲିୟମ୍ସର କାର୍ଲୋସ ସେଞ୍ଜ ଜୁନିୟର ୪ବର୍ଷରେ ପ୍ରଥମ ଥର ପୋଡିୟମ ଫିନିଶ କରିବାରେ ସମର୍ଥ ହୋଇଛନ୍ତି। ପିଆଷ୍ଟ୍ରିଙ୍କ ତ୍ରୁଟିରୁ ନୋରିସ ସମ୍ପୂର୍ଣ୍ଣ ଫାଇଦା ଉଠାଇ ପାରି ନ ଥିଲେ। ସେ କେବଳ ଫର୍ମୁଲା-୧ ଟାଇଟଲ ଲଢେଇରେ ଅଷ୍ଟ୍ରେଲୀୟ ଡ୍ରାଇଭରଙ୍କ ଅଗ୍ରଣୀ ବ୍ୟବଧାନ ୨୫କୁ ହ୍ରାସ କରିପାରିଛନ୍ତି। ଚଳିତ ସିଜନର ଆଉ ୭ଟି ରେସ୍ ବାକି ରହିଛି। ଚତୁର୍ଥରୁ ଦଶମ ସ୍ଥାନ ଅଧିକାର କରିଥିବା ଅନ୍ୟ ଡ୍ରାଇଭରମାନେ ହେଲେ କିମି ଆଣ୍ଟୋନେଲି (ମର୍ସିଡିଜ୍), ଲିଆମ ଲସନ (ଆର୍‌ବି), ୟୁକି ଟିସୁନୋଡା (ରେଡ୍‌ବୁଲ୍), ଲାଣ୍ଡୋ ନୋରିସ (ମ୍ୟାକଲରେନ), ଲୁଇସ୍ ହାମିଲଟନ(ଫେରାରି), ଚାର୍ଲ୍ସ ଲେକ୍‌ଲେରକ୍ (ଫେରାରି) ଓ ଇସାକ୍ ହାଜାର (ଆର୍‌ବି)।

# ରାଜ୍ୟ ଓପନ ଚେସ୍: ଜ୍ଞାନରଞ୍ଜନ ଚାମ୍ପିୟନ



କୃତୀ ପ୍ରତିଯୋଗୀମାନେ ଅତିଥିଙ୍କ ଗହଣରେ।

**ଭୁବନେଶ୍ୱର, ୨୧।୯ (ତପନ ସ୍ୱାଇଁ)**

ଓଡ଼ିଶା ରାଜ୍ୟ ଚେସ୍ ଆସୋସିଏଶନ ଆନୁକୂଲ୍ୟରେ ରବିବାର ବଡ଼ଗଡ଼ସ୍ଥିତ ଓମ୍ ଗୁରୁକୁଳ ପବ୍ଲିକ୍ ସ୍କୁଲରେ ଅନୁଷ୍ଠିତ ଓପନ ଚେସ୍‌ରେ ଜ୍ଞାନ ରଞ୍ଜନ ସେଠୀ ଚାମ୍ପିୟନ ହୋଇଛନ୍ତି। ୫ ରାଉଣ୍ଡ ବିଶିଷ୍ଟ ପ୍ରତିଯୋଗିତାରେ ଜ୍ଞାନ ଓ ଫିଡେ ମାଷ୍ଟର ସୌମ୍ୟ ରଞ୍ଜନ ମିଶ୍ର ୪.୫ ପଏଣ୍ଟ ଲେଖାଏ ପାଇ ପ୍ରଥମ ଦୁଇସ୍ଥାନ ଅଧିକାର କରିଛନ୍ତି। ଆଦିତ୍ୟ ରଞ୍ଜନ ଦାସ, ସତ୍ୟଜିତ ପଟ୍ଟନାୟକ, ସଞ୍ଜୀବନ ନାୟକ, ହର ପ୍ରସାଦ ଚାଟାର୍ଜୀ, ଦେବାଶିଷ ଦାସ ଓ ସୁଜିତ କୁମାର ଚମ୍ପତି ପରିବର୍ତ୍ତୀ ୬ ସ୍ଥାନ ଅଧିକାର କରିଛନ୍ତି। ବିଭିନ୍ନ ବୟସ ବର୍ଗ ଏବଂ ବାଳିକା ବର୍ଗର ଶ୍ରେଷ୍ଠ ଖେଳାଳିଙ୍କୁ ଏଜ୍ ଗ୍ରୁପ୍ ଏବଂ ୮ ଚେସ୍ ପ୍ରତିଭାଙ୍କୁ ସ୍ୱତନ୍ତ୍ର ପୁରସ୍କାରରେ ସମ୍ମାନିତ କରାଯାଇଛି। ସ୍କୁଲର ପରିଚାଳନା ନିର୍ଦ୍ଦେଶକ ଲକ୍ଷ୍ମୀଧର ବେହେରା ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ଏକ୍ସଆଇଏମ୍ ୟୁନିଭର୍ସିଟି ପ୍ରଫେସର ଶୁଭ୍ର ପଟ୍ଟନାୟକ, ପାରାଦୀପ ପୋର୍ଟ ଟ୍ରଷ୍ଟର ମୁଖ୍ୟ ଇଞ୍ଜିନିୟର ସୁନୀଲ କୁମାର ପଟ୍ଟନାୟକ, ସ୍କୁଲ ପ୍ରିନ୍ସିପାଲ ମନୋରଞ୍ଜନ ବିଶ୍ୱାଳ, ଆୟୋଜକ ଆସୋସିଏଶନ ନିର୍ଦ୍ଦେଶକ ଦେବାଶିଷ ପାଣିଗ୍ରାହୀ ଓ ଟୁର୍ନାମେଣ୍ଟ ନିର୍ଦ୍ଦେଶକ କନୋଜ ବେହୁରା ପ୍ରମୁଖ ଉପସ୍ଥିତ ରହି କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରିଥିଲେ।

# ମାଳବିକା ଟେକ୍ନିକାଲ ଅଫିସିଆଲ

**ଭୁବନେଶ୍ୱର, ୨୧।୯ (ଅନାଦି କର)**

ଆସନ୍ତା ୨୫ରୁ ଅକ୍ଟୋବର ୫ ତାରିଖ ପର୍ଯ୍ୟନ୍ତ ଦିଲ୍ଲୀର ଜବାହରଲାଲ ନେହେରୁ ଷ୍ଟାଡିୟମରେ ପାରାଲିମ୍ପିକ୍ସ କମିଟି ଅଫ୍ ଇଣ୍ଡିଆ (ପିସିଆଇ) ପକ୍ଷରୁ ୱାର୍ଲ୍ଡ ପାରା ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍ ଆୟୋଜନ କରାଯିବ। ଦେଶରେ ପ୍ରଥମ ଥର ଲାଗି ଆୟୋଜିତ ହେବାକୁ ଯାଉଥିବା ଏହି ପ୍ରତିଯୋଗିତାରେ ୧୮୬ଟି ଇଭେଣ୍ଟ ହେବ, ଯେଉଁଥିରେ ୧୦୦ରୁ ଅଧିକ ଦେଶର ୧,୭୦୦ରୁ ଊର୍ଦ୍ଧ୍ୱ ଅନ୍ତର୍ଜାତୀୟ ପାରାଆଥ୍‌ଲେଟ୍ସ ଭାଗନେବେ। ଏଥିନେଇ କ୍ରୀଡ଼ା ଓ ଯୁବସେବା ମନ୍ତ୍ରଣାଳୟ ଓ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟଠାରୁ ଅନୁମତି ମିଳିଛି। ଏହି ସମ୍ମାନଜନକ ପ୍ରତିଯୋଗିତା ଲାଗି ଓଡ଼ିଶାରୁ ୯ ଜଣଙ୍କୁ ନ୍ୟାଶନାଲ ଟେକ୍ନିକାଲ ଅଫିସିଆଲ ଭାବେ ମନୋନୀତ କରାଯାଇଛି। ସେମାନଙ୍କ ମଧ୍ୟରେ ମାଳବିକା ମିଶ୍ର ଅନ୍ୟତମ। ସେ ଜଣେ ପୂର୍ବତନ ଜାତୀୟ ପଦକଧାରୀ ହେବା ସହ ଏବେ ପାରା ଆଥ୍‌ଲେଟିକ୍ସ ଜିଲା କୋଚ୍ ଭାବେ କାର୍ଯ୍ୟରତ ଅଛନ୍ତି।

ସେ ନିଜର ଏହି ସଫଳତା ସମ୍ପର୍କରେ କହିଛନ୍ତି, ମୁଁ ଭଗବାନ, ମୋ ପରିବାର ଓ ମୋତେ ସମର୍ଥନ କରିଥିବା ପ୍ରତ୍ୟେକଙ୍କୁ କୃତଜ୍ଞତା ଜଣାଉଛି। ମୁଁ ମୋ କ୍ରୀଡ଼ାବିତ୍ କ୍ୟାରିୟରରେ ଜାତୀୟ ସ୍ୱର୍ଣ୍ଣ ପଦକ ଜିତିଛି। ପାରା ସ୍ପୋର୍ଟ୍ସ

**ୱାର୍ଲ୍ଡ ପାରା ଆଥ୍‌ଲେଟିକ୍ସ**

ମୋତେ ଖୁବ୍ ସ୍ୱତନ୍ତ୍ର ଅନୁଭୂତି ଦେଇଛି। ପୂର୍ବରୁ ମୋତେ ଉଭୟ ରାଜ୍ୟ ଓ ଜାତୀୟ ସ୍ତରରେ ପାରା ସ୍ପୋର୍ଟ୍ସରେ କାମ କରିବାକୁ ସୁଯୋଗ ମିଳିଥିଲା। ଆଜି ୱାର୍ଲ୍ଡ ପାରା ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍ ଲାଗି ଜାତୀୟ ଟେକ୍ନିକାଲ ଅଫିସିଆଲ ଭାବେ ଚୟନ କରାଯାଇଥିବାରୁ ମୁଁ ଗର୍ବିତ ଅନୁଭବ କରୁଛି। ଏହି ସଫଳତା ପାଇଁ ମୁଁ ରାଜ୍ୟ ପାରା ଆଥ୍‌ଲେଟିକ୍ ଆସୋସିଏଶନ ସଭାପତି କମଳାକାନ୍ତ ପତି, ସମ୍ପାଦକ ସୁନୀଲ ପ୍ରଧାନ ଓ ଅନ୍ୟ ପଦାଧିକାରୀଙ୍କୁ ଧନ୍ୟବାଦ ଦେଉଛି।

# ସାତ୍ୱିକ-ଚିରାଗ ରନର ଅପ୍

**ଶେନ୍‌ଝେନ୍, ୨୧।୯ (ପି.ଟି.):** ଭାରତର ଟପ୍ ପୁରୁଷ ଡବଲ୍ସ ଯୋଡ଼ି ସାତ୍ୱିକସାଇରାଜ ରାଙ୍କିରେଡ୍ଡୀ ଓ ଚିରାଗ ଶେଟ୍ଟି ଏଠାରେ ଚାଲିଥିବା ଚାଇନା ମାଷ୍ଟର୍ସ ସୁପର ୭୫୦ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟରେ ରନରଅପ୍ ହୋଇଛନ୍ତି। ରବିବାର ଅନୁଷ୍ଠିତ ଫାଇନାଲରେ ସେମାନେ ବିଶ୍ୱର ନମ୍ବର ୱାନ କିମ୍ ଓନ୍ ହୋ ଓ ସିଓ ସେଅଙ୍ଗ୍ ଜାଇଙ୍କଠାରୁ ୧୯-୨୧, ୧୫-୨୧ରେ ହାରିଯାଇଛନ୍ତି। ଏହି ମ୍ୟାଚ ୪୫ ମିନିଟରେ ଶେଷ ହୋଇଥିଲା। ସାତ୍ୱିକ-ଚିରାଗଙ୍କର ଏହା ଥିଲା କ୍ରମାଗତ ଦ୍ୱିତୀୟ ଫାଇନାଲ। ଚଳିତ ସିଜନରେ ପୂର୍ବରୁ ସେ ବିଶ୍ୱ ଚାମ୍ପିୟନଶିପ୍‌ରେ ତାଙ୍କର ଦ୍ୱିତୀୟ ବ୍ରୋଞ୍ଜ ଜିତିବା ପରେ ହଂକଂ ଓପନରେ ରନରଅପ୍ ହୋଇଥିଲେ। ଅନ୍ୟପକ୍ଷରେ ୨୦୧୫ରେ କିମ୍ ଓ ସିଓଙ୍କର ଏହାଥିଲା ୯ମ ଫାଇନାଲ।

# କେନ୍ଦୁଝର ମାଇନର୍ସ ବିଜୟୀ

**ଭୁବନେଶ୍ୱର, ୨୧।୯ (ବିଜୟ ରଣା)**

କଟକ ବାରବାଟୀ ଷ୍ଟାଡିୟମରେ ରବିବାର ଖେଳାଯାଇଥିବା ଓଡ଼ିଶା ପ୍ରୋ ଟି୨୦ ଲିଗ୍ ୨୦୨୫ର ଏକ ମ୍ୟାଚରେ କେନ୍ଦୁଝର ମାଇନର୍ସ ୪ ଉଇକେଟରେ ରାଉରକେଲା ଷ୍ଟିଲର୍ସକୁ ହରାଇ ଦେଇଛି। ବର୍ଷା କାରଣରୁ ମ୍ୟାଚକୁ ୧୫ ଓଭର

**ଓଡ଼ିଶା ପ୍ରୋ ଟି୨୦ ଲିଗ୍**

ବିଶିଷ୍ଟ କରାଯାଇଥିଲା। ଏଥିରେ ଟସ୍ ହାରି ପ୍ରଥମେ ବ୍ୟାଟିଂ କରିଥିବା ରାଉରକେଲା ଷ୍ଟିଲର୍ସ ନିର୍ଦ୍ଧାରିତ ୧୫ ଓଭରରେ ୬ ଉଇକେଟ ବିନିମୟରେ ୧୨୬ ରନ କରିଥିଲା। ଜବାବରେ କେନ୍ଦୁଝର ମାଇନର୍ସ ୧୪.୫ ଓଭରରେ ୬ ଉଇକେଟ ହରାଇ ୧୩୧ ରନ କରି ମ୍ୟାଚ ଜିତି ନେଇଥିଲା। ଏଥିରେ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିବା ଓମ୍ ଟି. ମୁଣ୍ଡେଙ୍କୁ କଟକ ପୋଲିସ ଡିସିପି ଖିଲାରୀ ରିଷିକେଶ ଧ୍ୟାନଦେଓ ପୁରସ୍କୃତ କରିଥିଲେ।

**ସଂକ୍ଷିପ୍ତ ସ୍କୋର**

ରାଉରକେଲା ଷ୍ଟିଲର୍ସ: ୧୫ ଓଭରରେ ୧୨୬/୬ (ଆଶୀର୍ବାଦ ସ୍ୱାଇଁ-୬୫*, ଶାଶ୍ୱତ ମହାନ୍ତି-୨୫; ପପୁ ରୟ-୩/୧୪, ପ୍ରଦୀପ ପ୍ରଧାନ-୩/୨୮)। କେନ୍ଦୁଝର ମାଇନର୍ସ: ୧୪.୫ ଓଭରରେ ୧୩୧/୬ (ଓମ୍. ଟି ମୁଣ୍ଡେ-୬୪, ଗୋବିନ୍ଦ ପୋଦ୍ଦାର-୩୩, ଜମଲା ବି. ମହାପାତ୍ର-୩/୧୦, ପ୍ରଦୀପ ପ୍ରଧାନ-୩/୨୮)।

# କବାଡ଼ି ମ୍ୟାଚ୍ ବେଳେ ଦୁର୍ଘଟଣା, ୩ ମୃତ

**ରାୟପୁର, ୨୧।୯**

ଏକ କବାଡି ମ୍ୟାଚ୍ ଚାଲିଥିବା ବେଳେ ବିଦ୍ୟୁତ ଆଘାତରେ ୩ ଜଣ ପ୍ରାଣ ହରାଇଛନ୍ତି। ଏହି ଘଟଣାରେ ଅନ୍ୟ ୩ ଜଣ ଆହତ ହୋଇଛନ୍ତି। ଛତିଶଗଡ଼ର କୋଣ୍ଡାଗାଓଁ ଜିଲାର ରାବାସ୍ୱାହି ଗ୍ରାମରେ ଏଭଳି ଘଟଣା ଘଟିଛି। ଶନିବାର ରାତିରେ କବାଡ଼ି ମ୍ୟାଚ୍ ଚାଲୁଥିବା ବେଳେ ହଠାତ ଝଡ଼ କାରଣରୁ ୧୧-କେଭି ତାର ମ୍ୟାଚ୍ ଲାଗି ବନ୍ଧାଯାଇଥିବା ଟେଣ୍ଟର ଲୁହା ରଡ଼ରେ ବାଜିଥିଲା। ଫଳରେ ଅନେକଙ୍କୁ ବିଦ୍ୟୁତ ଆଘାତ ଲାଗିଥିଲା। ସ୍ଥାନୀୟ ଗ୍ରାମବାସୀ ୬ ଜଣଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଇଥିଲେ। କିନ୍ତୁ ସେମାନଙ୍କ ମଧ୍ୟରୁ ୩ ଜଣଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ମୃତକଙ୍କ ମଧ୍ୟରେ ସତିଶ ନେତାମ ନାମକ ଜଣେ କବାଡ଼ି ଖେଳାଳି ଥିଲେ, ଯିଏକି ଦର୍ଶକଙ୍କ ମଧ୍ୟରେ ବସିଥିଲେ। ଘଟଣାର ତଦନ୍ତ ନିର୍ଦ୍ଦେଶ ଦିଆଯାଇଛି।

# ଜେଏମ୍ ସ୍ପୋର୍ଟ୍ସର ଦିବ୍ୟାଂଶଙ୍କୁ ବ୍ରୋଞ୍ଜ

**ଭୁବନେଶ୍ୱର, ୨୧।୯ (ତପନ ସ୍ୱାଇଁ)**

ମହାରାଷ୍ଟ୍ର ଶିରିଡ଼ିଠାରେ ସାଧଭି ପ୍ରୀତିସୁଧାଜୀ ଇଣ୍ଟରନ୍ୟାଶନାଲ ସ୍କୁଲରେ ରବିବାର ଶେଷ ହୋଇଥିବା ସିବିଏସି ନ୍ୟାଶନାଲ ଜିମ୍ନାଷ୍ଟିକ୍ ଚାମ୍ପିୟନଶିପ୍‌ରେ ଜେଏମ୍ ସ୍ପୋର୍ଟ୍ସ ଏକାଡେମୀ ପ୍ରତିଯୋଗୀ ସଫଳତା ହାସଲ କରିଛନ୍ତି। ଏକାଡେମୀରୁ ମୋଟ ୨ ଜଣ ଜିମ୍ନାଷ୍ଟ ଭାଗ ନେଇଥିଲେ। ସେମାନଙ୍କ ମଧ୍ୟରୁ ୧୧ବର୍ଷରୁ କମ ବାଳକ ବର୍ଗରେ ୮ ବର୍ଷୀୟ ଦିବ୍ୟାଂଶ

**ସିବିଏସି ନ୍ୟାଶନାଲ ଜିମ୍ନାଷ୍ଟିକ୍ସ**

ପାଣିଗ୍ରାହୀ ୪ଟି ଆପାରେଟ୍ସ ଯଥା ଫ୍ଲୋର ଏକ୍ସରସାଇଜ, ଭଲ୍ଟିଂ ଟେବୁଲ୍, ପାରାଲାଲ ବାର ଓ ପୋମେଲ ହର୍ସରେ ଭାଗ ନେଇଥିବାବେଳେ ପୋମେଲ୍ ହର୍ସରେ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ୧୧ ବର୍ଷରୁ କମ ବାଳକ ବର୍ଗରେ ମୋଟ ୪୫୦ ପ୍ରତିଯୋଗୀ ଅଂଶ ଗ୍ରହଣ କରିଥିବା ବେଳେ ଦିଭ୍ୟାନ୍ସ ନିଜ ପ୍ରତିଭା ପ୍ରଦର୍ଶନ ପୋଡିୟମ ମଣ୍ଡନ କରି ଏକାଡେମୀ ଏବଂ ଓଡ଼ିଶାକୁ ଗର୍ବିତ କରିଛନ୍ତି। ସେହିପରି ୧୧ ବର୍ଷରୁ କମ ବାଳିକା ବର୍ଗରେ ୭ ବର୍ଷୀୟା ଦିବ୍ୟାଞ୍ଜଳି ମହନ୍ତ ୪ଟି ଆପାରଟସ ଯଥା ଫ୍ଲୋର ଏକ୍ସରସାଇଜ, ଭଲ୍ଟିଂ ଟେବୁଲ୍, ଅନଇଭେନ୍ ବାର ଓ ବାଲାନ୍ସିଂ ବିମ୍‌ରେ ଭାଗ ନେଇଥିଲେ। ଏଥିରେ ଅଂଶଗ୍ରହଣ କରିଥିବା ମୋଟ ୭୬୦ ପ୍ରତିଯୋଗୀଙ୍କ ମଧ୍ୟରେ ଦିବ୍ୟାଞ୍ଜଳି ଭଲ୍ଟିଂ ଟେବୁଲରେ ୫ମ ସ୍ଥାନ ଅଧିକାର କରି ନିଜ ପ୍ରତିଭା ଦେଖାଇଛନ୍ତି। ପ୍ରକାଶଯୋଗ୍ୟ, ଚକେଇସିଆଣିସ୍ଥିତ ଜେଏମ ସ୍ପୋର୍ଟ୍ସ ଏକାଡେମୀ ଓଡ଼ିଶାର ଏକ ମାତ୍ର ଘରୋଇ ଏକାଡେମୀ, ଯେଉଁଠାରେ ଗତ ୧୩ ବର୍ଷ ହେଲା ତୃଣମୂଳ ସ୍ତରରେ ଜିମ୍ନାଷ୍ଟିକ୍ ପ୍ରଶିକ୍ଷଣ ଦିଆଯାଇ ଆସୁଛି। ଏକାଡେମୀ ଏବଂ ରାଜ୍ୟକୁ ଗୌରବାନ୍ୱିତ କରିଥିବା ଏହି ୨ ଜଣ ଶିଶୁ ଜିମ୍ନାଷ୍ଟଙ୍କୁ ଏକାଡେମୀର ଅଧକ୍ଷା ମୀରାରାଣୀ ଦାସ ଅଭିନନ୍ଦନ ଜଣାଇଛନ୍ତି। ଏଥିସହିତ ଏକାଡେମୀର ସମ୍ପାଦକ ଯଶୋବନ୍ତ ଦାସ, ଆଇନ ପରାମର୍ଶଦାତା ସୁବ୍ରତ କୁମାର ମହାପାତ୍ର, ମୁଖ୍ୟ ପୃଷ୍ଠପୋଷକ ଅତିସ କୁମାର ରାଉତ, ସମସ୍ତ କର୍ମକର୍ତ୍ତାବୃନ୍ଦ ଓ ଅଭିଭାବକମାନେ ସେମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି। ଭୁବନେଶ୍ୱର ଜିମ୍ନାଷ୍ଟିକ ଆସୋସିଏଶନ୍ ତରଫରୁ ସଭାପତି ସୁରେଶ କୁମାର ରାଉତରାୟ, ସମ୍ପାଦକ ନରେନ୍ଦ୍ର କୁମାର ସେଠୀ, ଯୁଗ୍ମ ସମ୍ପାଦକ ଗୁରୁପ୍ରସାଦ ପଟ୍ଟନାୟକ ଓ ଅନ୍ୟ ସଦସ୍ୟମାନେ ମଧ୍ୟ ଅଭିନନ୍ଦନ ଜଣାଇଛନ୍ତି।


ପଦକ ସହ ଦିବ୍ୟାଂଶ ପାଣିଗ୍ରାହୀ।




4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ